R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୩୩୧
ତିଥି : ଦ୍ୱିତୀୟା
୦୯ ସେପ୍ଟେମ୍ବର ୨୦୨୫, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 332
09 Sept 2025, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ଆଜି ଉପରାଷ୍ଟ୍ରପତି ନିର୍ବାଚନ

## ଏନ୍‌ଡିଏ ପ୍ରାର୍ଥୀ ସିପି ରାଧାକୃଷ୍ଣନ ଓ ଇଣ୍ଡି ମେଣ୍ଟର ଜଷ୍ଟିସ ସୁଦର୍ଶନ ରେଡ୍ଡୀଙ୍କ ମଧ୍ୟରେ ମୁକାବିଲା





ନୂଆଦିଲ୍ଲୀ,୮।୯: ଆସନ୍ତାକାଲି ମଙ୍ଗଳବାର ଦେଶରେ ହେବ ଉପ ରାଷ୍ଟ୍ରପତି ନିର୍ବାଚନ । ଏଥିପାଇଁ ସବୁ ପ୍ରକାରର ପ୍ରସ୍ତୁତି ଶେଷ ହୋଇଛି । ଉଭୟ ଶାସକ ଓ ବିରୋଧୀ ନିଜର ରଣନୀତି ପ୍ରସ୍ତୁତ କରି ସାରିଛନ୍ତି । ମଙ୍ଗଳବାର ହେବାକୁ ଥିବା ଉପ ରାଷ୍ଟ୍ରପତି ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନଡିଏ ପ୍ରାର୍ଥୀ ବିଜୟୀ ହେବା ଏକ ପ୍ରକାର ନିଶ୍ଚିତ । ହେଲେ ପୂର୍ବ ନିର୍ବାଚନ ଗୁଡ଼ିକ ଭଳି ଏଥର ବିଜୟ ବ୍ୟବଧାନ ଯଥେଷ୍ଟ କମ ରହିବ ବୋଲି ସ୍ପଷ୍ଟ ହୋଇଛି । ଖାସ ଏହି କାରଣ ପାଇଁ ଏନଡିଏ ପକ୍ଷରୁ ମେଣ୍ଟର ପ୍ରତିଟି ଭୋଟକୁ ଟ୍ରାକ କରାଯାଉଛି । ଗୋଟିଏ ହେଲେ ବି ଭୋଟ ମେଣ୍ଟ ହରାଇବାକୁ ଚାହୁଁନାହିଁ । ଉପ ରାଷ୍ଟ୍ରପତିଙ୍କୁ ସଂସଦର ସଦସ୍ୟମାନେ ସିକ୍ରେଟ ବାଲଟ ଦ୍ୱାରା ନିର୍ବାଚିତ କରନ୍ତି । ଏହାର ଅର୍ଥ ସାଂସଦମାନେ ନିଜ ଇଚ୍ଛାରେ ଭୋଟ ଦେଇପାରିବେ । ତଥାପି ଦେଶରେ ହେଉଥିବା ଉପ ରାଷ୍ଟ୍ରପତି ନିର୍ବାଚନରେ ସାଂସଦମାନେ ଦଳ କଥାରେ ଭୋଟ ଦିଅନ୍ତି । ନିର୍ବାଚନରେ କ୍ରସ ଭୋଟିଂ ମଧ୍ୟ ହୋଇଥାଏ । ଏନଡିରେ ନ ରହି ମଧ୍ୟ ଆନ୍ଧ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନ ରେଡ୍ଡୀଙ୍କ ୱାଇଏସଆର କଂଗ୍ରେସ ଓ ବିଆରଏସ୍ ସାଂସଦମାନେ ବିଜେପିକୁ ସମର୍ଥନ କରିଛନ୍ତି । ବିଜେପିର ସଂଖ୍ୟା ବର୍ତ୍ତମାନ ରାଜ୍ୟସଭାରେ ୨୩୯ ଓ ଲୋକସଭାରେ ୫୪୨ ଜଣ ସାଂସଦ ରହିଛନ୍ତି । ଏମାନେ ସମସ୍ତେ ଆସନ୍ତାକାଲି ଉପ ରାଷ୍ଟ୍ରପତି ନିର୍ବାଚନରେ ଭୋଟ ଦେଇପାରିବେ । ବିଜେପି ନେତୃତ୍ୱାଧୀନ ଏନଡିଏ ପାଖରେ ଏବେ ମୋଟ ୪୨୫ ଜଣ ସାଂସଦ ରହିଛନ୍ତି । ତେଣୁ ବିଜେପି ପ୍ରାର୍ଥୀ ତଥା ମହାରାଷ୍ଟ୍ର (୯ ପୃଷ୍ଠାରେ)

# ବାଣୀବିହାରରୁ ବିଦା ହେଲେ ଅଣଛାତ୍ର



ଭୁବନେଶ୍ୱର, ୮।୯ (ସବ୍ୟୁ) : ଦେଶ ତଥା ଓଡ଼ିଶାର ନାମକରା ବିଶ୍ୱବିଦ୍ୟାଳୟ ଉତ୍କଳ ବିଶ୍ୱବିଦ୍ୟାଳୟ (ବାଣୀବିହାର) । ଯେଉଁଠୁ ଅଧ୍ୟୟନ କରି ଦେଶ ବିଦେଶରେ ପ୍ରତିଷ୍ଠା ଅର୍ଜନ କରିଛନ୍ତି ଛାତ୍ରଛାତ୍ରୀ, ସେଠି ଦୀର୍ଘବର୍ଷ ହେଲା ଅଣଛାତ୍ରଙ୍କ ଦୌରାତ୍ମ୍ୟ ଲାଗି ରହିଥିଲା । ଜଣେ ଅଣଛାତ୍ରଙ୍କ

- **କ୍ୟାମ୍ପସରେ ଉତ୍ତେଜନା, ପୋଲିସ ପଇଁତରା**
- **ସିଲ୍ ହେଲା ଛାତ୍ରାବାସ, କ୍ୟାଣ୍ଟିନ୍**

ଡ୍ରାଇଭରଙ୍କ ମୃତ୍ୟୁ ହେବା ପରେ କର୍ତ୍ତୃପକ୍ଷଙ୍କ ଚେତା ପଶିଲା । ଅଣଛାତ୍ରଙ୍କୁ ବାଣୀବିହାର କ୍ୟାମ୍ପସ୍ ତଥା ହଷ୍ଟେଲ ଛାଡିବା ପାଇଁ ସେପେଟମ୍ବର ୪ ତାରିଖକୁ ନିର୍ଦ୍ଧାରିତ ତାରିଖ ଦିଆଯାଇଥିଲା । ଯଦି ହଷ୍ଟେଲ ଅଣଛାତ୍ରମାନେ ନଛାଡନ୍ତି ତେବେ ପୋଲିସ କାର୍ଯ୍ୟାନୁଷ୍ଠାନ ହେବ ବୋଲି ବାଣୀବିହାର କର୍ତ୍ତୃପକ୍ଷ କହିଥିଲେ । ଶେଷକୁ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ କର୍ତ୍ତୃପକ୍ଷ । ଅପରେସନ ବୁଷ୍ଟାର ମାଧ୍ୟମରେ ସୋମବାର ବାଣୀବିହାର ହଷ୍ଟେଲରୁ ଅଣଛାତ୍ରଙ୍କୁ ବିଦା କରିଦିଆଯାଇଛି ।

କ୍ୟାଣ୍ଟିନସିଲ୍ ହେବାପରେ ଗାୟତ୍ରୀ ଫୁଡ୍ସ ମାଲିକାଣି ଗାୟତ୍ରୀ ମିଶ୍ର ଟଙ୍କା ମାଗିବାରୁ ତାଙ୍କୁ ଦୁର୍ବ୍ୟବହାର ହୋଇଥିଲା । ତାଙ୍କ ପାଖରେ କାମ କରୁଥିବା ଜଣେ ଭିନ୍ନକ୍ଷମ ଛାତ୍ରଙ୍କୁ ମଧ ମାରଧର କରିଛନ୍ତି । (୯ ପୃଷ୍ଠାରେ)

# ଉପରାଷ୍ଟ୍ରପତି ନିର୍ବାଚନରୁ ବିରତ ରହିବ ବିଜେଡି

ଭୁବନେଶ୍ୱର, ୮।୯ (ସବ୍ୟୁ) : ଆସନ୍ତାକାଲି (ମଙ୍ଗଳବାର) ଉପରାଷ୍ଟ୍ରପତି ନିର୍ବାଚନରେ ଭୋଟ ଦାନରୁ ବିଜୁ ଜନତା ଦଳ(ବିଜେଡି) ବିରତ ରହିବ ବୋଲି ନିଷ୍ପତ୍ତି ନେଇଛି । ଦଳ ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିଷ୍ପତ୍ତିକୁ ସ୍ୱାଗତ ଜଣାଇ ଦଳର ପିଏସି ସଦସ୍ୟ ଓ ପୂର୍ବତନ ମନ୍ତ୍ରୀ ସଂଜୟ ଦାସବର୍ମା କହିଛନ୍ତି ।

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସବର୍ମା କହିଛନ୍ତି, ବିଜୁ ଜନତା ଦଳର ସଭାପତି ଶ୍ରୀ ପଟ୍ଟନାୟକ, ଦଳର ବରିଷ୍ଠ ନେତା, ପିଏସି ସଦସ୍ୟ ଓ ସାଂସଦମାନଙ୍କ ସହିତ ଆଲୋଚନା ପରେ ଏହି ନିଷ୍ପତ୍ତି ନେଇଛନ୍ତି । ଆଗାମୀ ଉପରାଷ୍ଟ୍ରପତି ନିର୍ବାଚନରେ ବିଜେଡି ଭୋଟ ଦାନରୁ ବିରତ ରହିବ । ବିଜେଡି ସବୁ ବେଳେ ପାଇଁ ସମଦୂରତା ନୀତିକୁ ଅବଲମ୍ବନ କରିଆସିଛି । ଚଳିତ ଉପରାଷ୍ଟ୍ରପତି ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନଡିଏ କିମ୍ବା କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡି ମେଣ୍ଟର ଉପରାଷ୍ଟ୍ରପତି ପ୍ରାର୍ଥୀଙ୍କୁ ସମର୍ଥନ ଦେବ ନାହିଁ ବିଜେଡି । ରାଜ୍ୟର ସ୍ୱାର୍ଥ ବିରୁଦ୍ଧରେ ବିଜେଡି କେବେ ହେଲେ ସାଲିସ କରିବ ନାହିଁ । ଭାରତ ବର୍ଷରେ ଓଡିଶାକୁ ଏକ ସଶକ୍ତ ରାଜ୍ୟରେ ପରିଣତ କରିବା ପାଇଁ ବିଜେଡି ସଭାପତି ଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱରେ ସର୍ବଦା କାମ କରି ଆସିଛ । ରାଜ୍ୟର ସାଢେ ୪ କୋଟି ଲୋକଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ଓଡିଶାର ବିକାଶ ଓ ପ୍ରଗତି ପାଇଁ ବିଜେଡି ନିଜ କାର୍ଯ୍ୟଧାରା ବଜାୟ ରଖିଛି ।

ସେହିପରି ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ୍ ମହାନ୍ତି କହିଥିଲେ, ବିଜେଡି ସଭାପତି ଶ୍ରୀ ପଟ୍ଟନାୟକ ଉପରାଷ୍ଟ୍ରପତି ନିର୍ବାଚନରେ ବିଜେଡି ଭୋଟ ଦାନରୁ ବିରତ ରହିବା ନିଷ୍ପତ୍ତି ଜଣାଇବା ପରେ ଦୁଇଟି ଜାତୀୟ ରାଜନୈତିକ ଦଳ ଦୋହଲି ଯାଇଛନ୍ତି । ବିଜେପି ପ୍ରତ୍ୟକ୍ଷ ଓ ପରୋକ୍ଷରେ ତାଙ୍କୁ ସମର୍ଥନ କଥା କହୁଥିଲା ବେଳେ କଂଗ୍ରେସର ମନ୍ତବ୍ୟ ଅତ୍ୟନ୍ତ ହାସ୍ୟାସ୍ପଦ । ବିଜେଡି ସମଗ୍ର ଭାରତବର୍ଷରେ ଏକ ସଫଳ ରାଜନୈତିକ ଦଳ ଭାବେ ନିଜର ପରିଚୟ ସୃଷ୍ଟି କରିଛି । ନବୀନଙ୍କ ନେତୃତ୍ୱରେ ବିଜେଡି ଆଜି ମଧ୍ୟ ରାଜ୍ୟର ଏକ ନମ୍ବର ଦଳ ଭାବେ ଲୋକଙ୍କ ସମର୍ଥନ ପାଇଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

# ସୋସିଆଲ ମିଡ଼ିଆ ନିଷିଦ୍ଧରୁ ହିଂସା, ୨୦ ମୃତ




କାଠମାଣ୍ଡୁ, ୮।୯: ନେପାଳରେ ସୋସିଆଲ ମିଡ଼ିଆ ଫେସବୁକ, ହ୍ୱାଟ୍ସଆପ ଓ ଏକ୍ସ ସମେତ ୨୬ଟି ସୋସିଆଲ ମିଡ଼ିଆ ସାଇଟ ବ୍ୟାନ ସରକାରଙ୍କୁ ମହଙ୍ଗା ପଡିଛି । ଏହାକୁ ବିରୋଧ କରି ରାସ୍ତାକୁ ଓହ୍ଲାଇଛନ୍ତି ନେପାଳର ଜେନ୍ ଜି ପି(୧୯୯୬ରୁ ୨୦୧୦ ମଧ୍ୟରେ ଜନ୍ମିତ ବ୍ୟକ୍ତି) । ସୋସିଆଲ ମିଡିଆ ଉପରେ ପ୍ରତିବନ୍ଧକ ଲଗାଯିବା ନେଇ ଘୋଷଣା କରିବା ପରେ ଏହାକୁ ବିରୋଧ କରି ଆଜି ସଂସଦରେ ନେପାଳର ଜେନ୍ ଜି ପ୍ରଦର୍ଶନକାରୀମାନେ ପ୍ରବେଶ କରିଥିଲେ । ନେପାଳରେ ଜେନ-ଜି ପ୍ରତିବାଦ ଆନ୍ଦୋଳନ ତୀବ୍ର ହୋଇଛି । ପ୍ରଦର୍ଶନକାରୀମାନେ ନିଷିଦ୍ଧ ଅଞ୍ଚଳଗୁଡ଼ିକରେ ଆକ୍ରମଣ କରିବା ସହ ସଂସଦ ନିକଟରେ ନିଆଁ ଲଗାଇଛନ୍ତି ଏବଂ ସୁରକ୍ଷା ବାହିନୀ ସହିତ ସଂଘର୍ଷ କରିଛନ୍ତି । ସାରା ଦେଶରେ ଅଶାନ୍ତି ବ୍ୟାପିବା ପରେ ସରକାର ସେନା ମୁତୟନ କରି କର୍ଫ୍ୟୁ ଜାରି କରିଥିବା ଜଣାଯାଇଛ । ଏପର୍ଯ୍ୟନ୍ତ ଏହି ଆନ୍ଦୋଳନରେ ୨୦ ଜଣଙ୍କର ମୃତ୍ୟୁ ହୋଇଥିବା ନେଇ ସୂଚନା ମିଳିଛ ।

ଗତ ଗୁରୁବାର ଅନୁଷ୍ଠିତ ବୈଠକରେ ଯୋଗାଯୋଗ ଏବଂ (୯ ପୃଷ୍ଠାରେ)

- **ଜଳୁଛି କାଠମାଣ୍ଡୁ, ସଂସଦକୁ ପଶିଲେ ବିଦ୍ରୋହୀ**
- **ପ୍ରଧାନମନ୍ତ୍ରୀଙ୍କ ଘର ଉପରକୁ ପଥର ମାଡ**
- **ନେପାଳ ଗୃହମନ୍ତ୍ରୀଙ୍କ ଇସ୍ତଫା**
- **କ୍ୟାବିନେଟ୍ ସଚିବ ଦେଲେ ଇସ୍ତଫା**

# ବିଧାୟକ ଢୋଲକିଆଙ୍କ ଦେହାନ୍ତ



ଭୁବନେଶ୍ୱର, ୮।୯ (ସବ୍ୟୁ): ନୂଆପଡ଼ା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ଦେହାନ୍ତ ହୋଇଛି । ଆଜି(ସୋମବାର) ଚେନ୍ନାଇର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ମୃତ୍ୟୁ ବେଳକୁ ସ୍ୱର୍ଗତଃ ଢୋଲକିଆଙ୍କୁ ୬୮ ବର୍ଷ ବୟସ ହୋଇଥିଲା । ତାଙ୍କର ମୃତ୍ୟୁ ଖବର ପାଇ ବିଭିନ୍ନ ରାଜନୈତିକ ଦଳର ନେତା ଓ କର୍ମୀଙ୍କ ମହଲରେ ଗଭୀର ଶୋକର ଲହରୀ ଖେଳିଯାଇଛି । ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୋକପ୍ରକାଶ କରିବା ସହ ଅମର ଆତ୍ମାର ସଦଗତି କାମନା କରିଛନ୍ତି ।

ସାମାଜିକ ଗଣମାଧ୍ୟମ “ଏକ୍ସ”ରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉଲ୍ଲେଖ କରିଛନ୍ତି ଯେ, ନୂଆପଡ଼ା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିୟାଙ୍କ ଦେହାନ୍ତ ବିଷୟରେ ଜାଣି ଅତ୍ୟନ୍ତ ଦୁଃଖିତ । ଶୋକସନ୍ତପ୍ତ ପରିବାର ପ୍ରତି ମୋର ସମବେଦନା ଜଣାଇବା (୯ ପୃଷ୍ଠାରେ)

# ଇସ୍ରାଏଲରେ ଆତଙ୍କବାଦୀ ଆକ୍ରମଣ, ୫ ମୃତ

ତେଲଆଭିଭ, ୮।୯ : ଇସ୍ରାଏଲର ଜେରୁଜେଲମରେ ଏକ ଆତଙ୍କବାଦୀ ଆକ୍ରମଣ ହୋଇଛି । ସହରର ରାମୋଟ୍ ଜଙ୍କସନରେ ଏକ ବସ୍ ଷ୍ଟପରେ ଗୁଳିକାଣ୍ଡ ହୋଇଥିଲା । ଏହି ଘଟଣାରେ ପାଞ୍ଚ ଜଣଙ୍କର ମୃତ୍ୟୁ ନିଶ୍ଚିତ ହୋଇଥିବା ବେଳେ ଅନ୍ୟ ୧୧ ଜଣ ଆହତ ହୋଇଛନ୍ତି । ୱାଇ ନେଟ୍ ରିପୋର୍ଟ ଅନୁଯାୟୀ, ଲାଇନ-୬୨ରେ ବସ୍ ଷ୍ଟପରେ ଗୁଳି ଚଳାଇଥିବା ଆକ୍ରମଣକାରୀମାନଙ୍କୁ ଆଇଡିଏଫ୍ ସୈନିକ ଏବଂ ଜଣେ ସଶସ୍ତ୍ର ନାଗରିକ ଗୁଳି କରି ମାରିଦେଇଥିଲେ । ଏହି ଘଟଣା ପଛରେ ହମାସ କିମ୍ବା ହୁତି ବିଦ୍ରୋହୀଙ୍କ ହାତ ଥିବା ସନ୍ଦେହ କରାଯାଉଛି । ଏହା ପରେ ଇସ୍ରାଏଲର ସାମରିକ କାର୍ଯ୍ୟାନୁଷ୍ଠାନ ଆହୁରି (୯ ପୃଷ୍ଠାରେ)

# ପୁଣି ଭାରତୀୟଙ୍କୁ ଟ୍ରମ୍ପଙ୍କ ଝଟ୍‌କା

ନୂଆଦିଲ୍ଲୀ, ୮।୯ : ଭାରତ ଉପରେ ଟାରିଫ ଲାଗୁ ପରେ ଆମେରିକା ଅଣ-ପ୍ରବାସୀ ଭିସା ନିୟମରେ ଏକ ବଡ଼ ପରିବର୍ତ୍ତନ କରିଛି । ଏବେ ସମସ୍ତ ଆବେଦନକାରୀଙ୍କୁ ସେମାନଙ୍କର ନାଗରିକତା ଦେଶ କିମ୍ବା ଆଇନଗତ ବାସସ୍ଥାନରେ ଭିସା ସାକ୍ଷାତକାର ଦେବାକୁ ପଡିବ । ଏହାର ଅର୍ଥ ହେଉଛି ଯେ ଭାରତୀୟ ନାଗରିକମାନେ ଶୀଘ୍ର ଯାତ୍ରା ପାଇଁ ବି-୧ (ବ୍ୟବସାୟ) କିମ୍ବା ବି-୨ (ପର୍ଯ୍ୟଟକ) ଭିସା ପାଇଁ ସାକ୍ଷାତକାର ଦେବା ପାଇଁ ଆଉ ଥାଇଲ୍ୟାଣ୍ଡ, ସିଙ୍ଗାପୁର କିମ୍ବା ଜର୍ମାନୀ ଭଳି ଦେଶକୁ ଯାଇପାରିବେ ନାହିଁ । କୋଭିଡ-୧୯ ମହାମାରୀ ସମୟରେ, ଭାରତରେ ଭିସା ସାକ୍ଷାତକାର ପାଇଁ ଅପେକ୍ଷା ବହୁତ ଲମ୍ବା ଥିଲା । ସେହି ସମୟରେ, ବହୁ ସଂଖ୍ୟକ ଭାରତୀୟ ଆବେଦନକାରୀ ସାକ୍ଷାତକାର ଦେବା ପାଇଁ ବିଦେଶକୁ ଯାଉଥିଲେ ।

ଟ୍ରାଭେଲ ଏଜେଣ୍ଟଙ୍କ ଅନୁସାରେ, ଲୋକମାନେ ବ୍ୟାଙ୍କକ, ସିଙ୍ଗାପୁର, ଫ୍ରାଙ୍କଫର୍ଟ, ଏପରିକି ବ୍ରାଜିଲ ଏବଂ ଥାଇଲ୍ୟାଣ୍ଡର ଚିଆଙ୍ଗ (୯ ପୃଷ୍ଠାରେ)

# ଏସିରେ ବିସ୍ଫୋରଣ : ପରିବାରର ୩ ମୃତ

ଫରିଦାବାଦ, ୮।୯: ଏସିର କମ୍ପ୍ରେସରରେ ଭୟଙ୍କର ବିସ୍ଫୋରଣ ହେବାରୁ ଗୋଟିଏ ପରିବାର ୩ ଜଣ ସଦସ୍ୟ ଓ ସେମାନଙ୍କ ପୋଷା କୁକୁରର ଜୀବନ ଯାଇଛି । ହରିୟାଣାର ଫରିଦାବାଦରୁ ଏପରି ଘଟଣା ସାମ୍ନାକୁ ଆସିଛି । ମୃତକ ହେଲେ ସଚିନ କପୁର, ତାଙ୍କ ପତ୍ନୀ ରିଙ୍କୁ କପୁର ଓ ସେମାନଙ୍କ ଛୋଟ ଝିଅ ସୁଜନ କପୁର । ତେବେ ସେମାନଙ୍କ ପୁଅ ଝରକା ପଟେ ତଳକୁ ଡେଇଁ ପଡ଼ିବାରୁ ଅଳ୍ପକେ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଛନ୍ତି । କିନ୍ତୁ ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ଫରିଦାବାଦର ଗୋଟିଏ ୪ ମହଲା ବିଶିଷ୍ଟ ବିଲଡିଂର ଦ୍ୱିତୀୟ ଫ୍ଲୋରରେ କପୁର ପରିବାର ରହୁଥିଲେ । ରାତି ପ୍ରାୟ ୧.୩୦ରେ ପ୍ରଥମ ମହଲାରେ ବିସ୍ଫୋରଣ ହୋଇଥିଲା । ଫଳରେ ମୋଟା କଳାଧୂଆଁ ଦ୍ୱିତୀୟ ମହଲାକୁ ପୂରା ଢାଙ୍କି ଦେଇଥିଲା । ଘଟଣା ବେଳେ ଦ୍ୱିତୀୟ ମହଲାରେ କପୁର ପରିବାର ନିଘୋଡ଼ ନିଦରେ ଶୋଇଥିଲେ । ବିସ୍ଫୋରଣ ସମୟରେ ପ୍ରଥମ ମହଲାରେ କେହି ବି ନଥିଲେ । କଳା ଧୂଆଁ ଘର ଭିତରେ (୯ ପୃଷ୍ଠାରେ)

# କଙ୍କଡା ଧରିବାକୁ ଯାଇ ବାଟବଣା

# ୬ ଦିନ ପରେ ଭିତରକନିକାରୁ ମା’-ପୁଅ ଉଦ୍ଧାର



ରାଜନଗରି, ୮।୯ (ସବ୍ୟୁ) : ଭିତରକନିକା ଜାତୀୟ ଉଦ୍ୟାନ ପରିସରରେ ଥିବା ଜଙ୍ଗଲ ମଧ୍ୟରେ ରେ ୬ ଦିନ ହେଲା ବାଟବଣା ହୋଇ ନିଖୋଜ ହୋଇଯାଇଥିବା ଦେବେନ୍ଦ୍ରନାରାୟଣପୁର ଗାଁର ମାଆ ପୁଅଙ୍କୁ ସୁରକ୍ଷିତ ଭାବେ ବନବିଭାଗ ପକ୍ଷରୁ ଉଦ୍ଧାର କରାଯାଇଛି । ବନବିଭାଗ ପକ୍ଷରୁ ୧୦ଟି ଟିମରେ ପ୍ରାୟ ୧୦୦ ଜଣ ସୋମବାର ସକାଳୁ ଖୋଜାଖୋଜି ପକ୍ରିୟା ଆରମ୍ଭ କରିଥିଲ । ନିଘଞ୍ଚ ଜଙ୍ଗଲ ମଧ୍ୟରେ ଥିବା ମାଆ ପୁଅଙ୍କୁ ବହୁ ସମୟ ଧରି ଖୋଜାଖୋଜି କରିବା ପରେ ଗୋଟିଏ ଟିମ ଠାବ କରିଥିଲା । ନିଘଞ୍ଚ ଜଙ୍ଗଲ ଓ ନାଳ ମଧ୍ୟରେ ଗାଁ ଠାରୁ ପ୍ରାୟ ୨୦ କିମି ଦୂରରେ ମାଆ ପୁଅଙ୍କୁ ଠାବ କରିବାରେ ବନବିଭାଗ ସଫଳ ହୋଇଛି । ଦୁଇ ଜଣଙ୍କୁ ଜଙ୍ଗଲ ମଧ୍ୟରୁ ଉଦ୍ଧାର କରି ବୋଟ ଯୋଗେ କୂଳକୁ ଅଣାଯାଇଛି ।

ସୂଚନା ଯୋଗ୍ୟ ରାଜନଗର ଥାନା ଗୁପ୍ତି ପଞ୍ଚାୟତ ଦେବେନ୍ଦ୍ରନାରାୟଣପୁର ଗାଁର ଦିଲ୍ଲୀପ ମିର୍ଦ୍ଧାଙ୍କ ପତ୍ନୀ ଅଞ୍ଜନା ମିର୍ଦ୍ଧା ଓ ତାଙ୍କ ପୁଅ ରତିକାନ୍ତ ମିର୍ଦ୍ଧାଙ୍କ ସହିତ ସେହି ଗାଁର ଅହଲ୍ୟ ମଣ୍ଡଳ ଓ ତାଙ୍କ ପୁଅ ଚନ୍ଦ୍ର ମଣ୍ଡଳ ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟକୁ ବେଆଇନ ଭାବେ କଙ୍କଡା ଧରିବାକୁ ବୁଧବାର ଦିନ ଯାଇଥିଲ । ସେମାନ ଦିନ ପାଇଁ ରାସନ ସାମଗ୍ରୀ, ଚାଉଳ ଓ ହାଣ୍ଡି କଢା ନେଇ ଜଙ୍ଗଲ ମଧ୍ୟକୁ ଯାଇଥିଲ । ଗାଁ ଠାରୁ ଜଙ୍ଗଲ ଭିତରକୁ ପ୍ରାୟ ୧୮ କିଲୋମିଟର ଦୂରରେ ଥିବା ହାବଳ ଫରେଷ୍ଟ ବ୍ଲକର ପିମ୍ପଳା ପୋଖରୀ ନିକଟରେ ୪ ଜଣ ପହଞ୍ଚିଥିଲ । ସେଠାରେ ରାସନ ସାମଗ୍ରୀ ରଖି ରୋଷେଇ କରି ଖାଇସାରି ଅଲଗା ଅଲଗା ହୋଇ ଭିନ୍ନ ଭିନ୍ନ ଦିଗରେ କଙ୍କଡା ଧରିବାକୁ ଯାଇଥିଲ । ମାତ୍ର ଜଙ୍ଗଲ ଭିତରେ ବାଟବଣା ହୋଇଯାଇଥିଲ । ଅଞ୍ଜନା ଓ ରତିକାନ୍ତଙ୍କୁ ଖୋଜାଖୋଜି କରି ନପାଇ ଗୁରୁବାର ଦିନ ଅହଲ୍ୟା ଓ ତାଙ୍କ ପୁଅ ଘରକୁ ଫେରି ଆସିଥିଲ । ଏ ବିଷୟରେ ପରିବାର ଲୋକଙ୍କୁ ଜଣାଇବା ପରେ ପରିବାର (୯ ପୃଷ୍ଠାରେ)

# ଅକ୍ଟୋବରରୁ ମାଓ ଦମନ ଅଭିଯାନ ତୀବ୍ର



ମାଲକାନଗିରି, ୮।୯ (ସବ୍ୟୁ) : ରାଜ୍ୟ ସରକାର ମାନଙ୍କ ସହଯୋଗରେ କେନ୍ଦ୍ର ସରକାର ୨୦୨୬ ଡିସେମ୍ବର ଶେଷ ସୁଦ୍ଧା ଦେଶରୁ ମାଓବାଦୀ ମୂଳୋତ୍ପାଟନ କରିବାକୁ ଲକ୍ଷ୍ୟ ରଖିଛନ୍ତି । ଆତ୍ମସମର୍ପଣ କରୁଥିବା ମାଓବାଦୀଙ୍କୁ ପ୍ରୋତ୍ସାହନ ଦେଉଛନ୍ତି । ଅମାନିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି । ଏଥି ପାଇଁ ମାଓ ଅଧ୍ୟୁଷିତ ରାଜ୍ୟ ତଥା ଓଡ଼ିଶା, ଛତିଶଗଡ଼, ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନା ସୀମା, ଛତିଶଗଡ଼, ମହାରାଷ୍ଟ୍ର ଓ ତେଲେଙ୍ଗାନା ସୀମା ବ୍ୟତୀତ, ଓଡ଼ିଶା, ଛତିଶଗଡ଼ ଓ ଝାଡ଼ଖଣ୍ଡ ସୀମାରେ ସୁରକ୍ଷାବାହିନୀର ଯବାନମାନେ ମୁତୟନ ରହିବା ସହିତ ସର୍ଚ୍ଚ ଅପରେସନ ଜାରି ରଖିଛନ୍ତି । ଦୁର୍ଗମ ଅଞ୍ଚଳରେ ମାଓବାଦୀମାନେ ଯଦିଓ ବିପୁଳ କ୍ଷୟକ୍ଷତି ଜାରି ରଖିଛନ୍ତି, ଆଗାମୀ ଦିନରେ ନିଜେ ନିପାତ ହୋଇଯିବାର ସମ୍ଭାବନା ଅଧିକ ଦେଖାଯାଉଛି । ଏହାର କାରଣ ହେଲା ମାଓ ଅଧ୍ୟୁଷିତ ଅଞ୍ଚଳରେ ରାଜ୍ୟ ପୁଲିସ, ବିସଏସ୍‌ଏଫ୍, ସିଆରପିଏଫ୍ ଓ ଆଇଟିବିପିର ଯବାନମାନେ ମୁତୟନ ଅଛନ୍ତି । ସୁରକ୍ଷାକର୍ମୀମାନେ ଆସନ୍ତା ଅକ୍ଟୋବର ଠାରୁ ବଡ଼ଧରଣର ଅପରେସନରେ ବାହାରିବେ । ନୂତନ ପ୍ରଯୁକ୍ତିବିଦ୍ୟାକୁ ବ୍ୟବହାର କରି ଏହି ଅପରେସନ୍ ଆରମ୍ଭ କରିବେ, ଯେଉଁଥିରେ ମାଓବାଦୀମାନେ ବର୍ତ୍ତିବା କଠିନକର ହୋଇପାରେ ବୋଲି ପୂର୍ବାନୁମାନ କରାଯାଉଛି । (୯ ପୃଷ୍ଠାରେ)



## ହାହାଃ..ହାହାଃ..

ମନୋଜ – ବାପା, ଆପଣ ଅନ୍ଧାରକୁ ଡରନ୍ତି ?
ବାପା – ନାଁ, ଡରେ ନାହିଁ ?
ମନୋଜ – ବିଜୁଳି, ଘଡଘଡି, ବାଘ, ଭାଲୁ ?
ବାପା – ନାଁ ଡରେନି ।
ମନୋଜ – ତାହେଲେ ଆପଣ କେବଳ ବୋଉକୁ ଛାଡି ଆଉ କାହାକୁ ଡରନ୍ତି ନାହିଁ ।

# କୋଷ୍ଠକାଠିନ୍ୟ ପାଇଁ ଉପକାରୀ ଯୋଗ


ଆଜିକାଲିର ଲାଇଫ ଷ୍ଟାଇଲ ଆମ ପାଖରେ ବିଭିନ୍ନ ପ୍ରକାର ରୋଗ ସୃଷ୍ଟି କରୁଛି । ଏଭଳି ଅନେକ ସ୍ୱାସ୍ଥ୍ୟ ସମସ୍ୟା ରହୁଛି ଯାହା ଆମର ଖାଦ୍ୟପେୟ ଠିକ ନରହିବାକୁ ହେଉଛି । ସେହିଭଳି ଏକ ସମସ୍ୟା ହେଉଛି କୋଷ୍ଠକାଠିନ୍ୟ, ଯାହା ଅନେକ ଲୋକଙ୍କ ନିକଟରେ ଦେଖିବାକୁ ମିଳିଥାଏ । ଏଥିପାଇଁ ଡାକ୍ତରୀ ଚିକିତ୍ସା ନେବା ସହିତ ନିଜ ଲାଇଫ୍ ଷ୍ଟାଇଲରେ କିଛି ପରିବର୍ତ୍ତନ କରିପାରିଲେ ମଧ୍ୟ ଏଥିରୁ ମୁକ୍ତି ମିଳିବ । ସେଥିରେ ଖାଇବାଶୈଳୀ ସହିତ ଯୋଗର କିଛି ପୋଜ ରହିଛି, ଯାହା ସାହାଯ୍ୟରେ ଏହି ସ୍ୱାସ୍ଥ୍ୟ ସମସ୍ୟାରୁ ଉପଶମ ମିଳିବ । ଏହି ଯୋଗ ତାଲିକାରେ ଭୁଜଙ୍ଗାଶନ, ମାର୍ଜରୀଆସନ, ପଶ୍ଚିମୋତନାସନ, ବାଳାସନ, ବଜ୍ରାସନ ଭଳି ଆସନ ଆପଣଙ୍କୁ କୋଷ୍ଠକାଠିନ୍ୟ ଦୂରକରିବାରେ ସାହାଯ୍ୟ କରିବ । ବିଶେଷଭାବେ ଏହା ମଳତ୍ୟାଗ ସମୟରେ ସହାୟକ ହେବ । ଏହାଦ୍ୱାରା ଆମର ପେଟର ତଳଅଂଶରେ ପ୍ରଭାବ ପଡିଥାଏ ଯାହା କୋଷ୍ଠକାଠିନ୍ୟ ପାଇଁ ଭଲ ହୋଇଥାଏ । ତେଣୁ ଯଦି ଆପଣ କୋଷ୍ଠକାଠିନ୍ୟରେ ପୀଡିତ ତେବେ ଡାକ୍ତରୀ ଚିକିତ୍ସା ସହିତ ଏହି ସମସ୍ତ ଯୋଗର ସାହାଯ୍ୟ ନିଅନ୍ତୁ ।



୧୫୫୩– ବ୍ରିଟେନ୍‌ର ଲିଚ୍‌ଫିଲ୍ଡ ସହର ସ୍ଥାପିତ ।
୧୭୭୬– ୟୁନାଇଟେଡ୍ କଲୋନିଜ୍ ନାଁରୁ ପରିବର୍ତ୍ତିତ ହୋଇ ୟୁନାଇଟେଡ୍ ଷ୍ଟେଟ୍ସ ଆମେରିକା କରାଗଲା ।
୧୭୯୧– ଆମେରିକାର ରାଷ୍ଟ୍ରପତି ଜର୍ଜ ୱାଶିଙ୍ଗ୍‌ଟନ୍‌ଙ୍କ ନାମକ୍ରମେ ଆମେରିକାର ରାଜଧାନୀ (ୱାଶିଙ୍ଗ୍‌ଟନ୍)ର ନାମକରଣ କରାଗଲା ।
୧୮୨୮– ମହାନ ଋଷ ଔପନ୍ୟାସିକ ଲିଓ ଟଲଷ୍ଟୟଙ୍କ ଜନ୍ମ ।
୧୮୫୦– ଆମେରିକାର ୩୧ତମ ରାଜ୍ୟ ରୂପେ କାଲିଫର୍ଣ୍ଣିଆ ସ୍ୱତନ୍ତ୍ର ପରିଚିତି ହାସଲ କଲା ।
୧୮୫୦– ପ୍ରସିଦ୍ଧ ହିନ୍ଦୀ ଲେଖକ ଏବଂ ନାଟ୍ୟକାର ଭାରତେନ୍ଦୁ ହରିଶ୍ଚନ୍ଦ୍ରଙ୍କ ଜନ୍ମ ।
୧୮୭୪– ପ୍ରସିଦ୍ଧ ଓଡିଆ ସାହିତ୍ୟିକ ତଥା ଭାଷାବିଦ୍ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ଜନ୍ମ ।
୧୯୧୫– ପ୍ରସିଦ୍ଧ ଭାରତୀୟ କ୍ରାନ୍ତିକାରୀ ଜତିନ୍ଦ୍ରନାଥ ସାନ୍ୟାଲ ଏବଂ ଇଂରେଜଙ୍କ ମଧ୍ୟରେ ଓଡିଶାରେ ସଂଘର୍ଷ ।
୧୯୪୦– ଜର୍ଜ ଷ୍ଟିବିଜ୍‌ଙ୍କ ଦ୍ୱାରା କମ୍ପ୍ୟୁଟରର ପ୍ରଥମ ରିମୋଟ ଅପରେସନ୍ ଆରମ୍ଭ ।
୧୯୪୯– ହିନ୍ଦୀକୁ ରାଷ୍ଟ୍ରୀୟ ଭାଷା ରୂପେ ଭାରତୀୟ ସମ୍ବିଧାନର ସ୍ୱିକାର ।
୧୯୭୪– କାରଗିଲ ଯୁଦ୍ଧରେ ଶହିଦ ହୋଇଥିବା ଭାରତୀୟ ସୈନିକ ବିକ୍ରମ ବାତ୍ରାଙ୍କ ଜନ୍ମ ।

# ଭାରତର ପ୍ରଥମ କୋଟିପତି

ବର୍ତ୍ତମାନ ଭାତରେ ଅନେକ କୋଟିପତି ସାମିଲ ଅଛନ୍ତି । ଏମାନଙ୍କ ଭିତରୁ କିଛି ବିଶ୍ୱର ଶ୍ରେଷ୍ଠ ୧୦ ଜଣଙ୍କ ଭିତରେ ମଧ୍ୟ ସାମିଲ ହେଉଛନ୍ତି । ତେବେ ଭାରତର ପ୍ରଥମ କୋଟିପତିଙ୍କ ବିଷୟରେ ଖୁବ କମ ଲୋକ ଜାଣିଥିବେ । ସୂଚନା ଅନୁସାରେ ସ୍ୱାଧୀନ ଭାରତର ପ୍ରଥମ କୋଟିପତି ହେଉଛନ୍ତି ହାଇଦ୍ରାବାଦର ନିଜାମ ମିର୍ ଓସମାନ ଅଲି ଖାନ୍ । ୧୯୩୭ରେ ଟାଇମ୍ସ ମାଗାଜିନ ପକ୍ଷରୁ ତାଙ୍କୁ ପତ୍ରିକାର କଭର ପେଜ୍‌ରେ ସ୍ଥାନ ଦିଆଯାଇଥିଲା, ଯେଉଁଥିରେ ସେ ବିଶ୍ୱର ସବୁଠାରୁ ଧନୀ ବୋଲି ବର୍ଣ୍ଣନ କରାଯାଇଥିଲା । ସେ ହାଇଦ୍ରାବାଦର ସପ୍ତମ ନିଜାମ ଭାବେ ୧୯୧୧ ରୁ ୧୯୪୮ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ସେ ନିଜାମ ଥିବା ସମୟରେ ତାଙ୍କ ସମ୍ପତ୍ତି ୨୩୦ ବିଲିଅନ ଡଲାର ବା ୧୭.୪୭ ଲକ୍ଷ କୋଟି ରହିଥିଲା । ତାଙ୍କ ରାଜକୋଷରେ ୪୫,୦୦୦ କେଜିର ସୁନା, ୧,୮୧,୦୦୦ କେଜିର ଗହଣା ରହିଥିଲା । ଏହାସହ ତାଙ୍କ ସମୟରେ ହାଇଦ୍ରାବାଦରେ ଅନେକ ଦର୍ଶନୀୟ ସ୍ଥାନ ସାମିଲ ହୋଇଥିଲା ।



## ସୋସିଆଲ କୋଟ୍ସ



"ଗୋଟିଏ ଫିଲ୍ମ ଏଭଳି ରହିଛି, ଯାହାକୁ କରିବାକୁ ମୁଁ ଚାହୁଁନଥିଲି । ସେହି ସମୟରେ ମୋର ଅର୍ଥର ବହୁତ ଅଧିକ ଦରକାର ଥିଲା, ମୋତେ ଘର କିଣିବାର ଥିଲା, ସେଥିପାଇଁ ଏହି ଫିଲ୍ମଟିକୁ ମୁଁ କେବଳ ପଇସା ପାଇଁ କରିଥିଲି ।

**ଶାହରୁଖ ଖାନ୍, ଅଭିନେତା**



"ଦିନ ଥିଲା ମୋର ମଦ ପିଇବା ଏକ ଅଭ୍ୟାସରେ ପରିଣତ ହୋଇଯାଇଥିଲା । ଏହି ସମୟରେ ମୁଁ ଡିପ୍ରେସନର ଶିକାର ମଧ୍ୟ ହୋଇଥିଲି । କେବଳ ଡିପ୍ରେସନ ନୁହେଁ ମୋର ହାର୍ଟ ଆଟାକ୍ ମଧ୍ୟ ହୋଇଥିଲା, ଯାହା କଷ୍ଟଦାୟକ ଥିଲା ।

**ଅନୁରାଗ କଶ୍ୟପ, ଫିଲ୍ମମେକର**



"ମୁଁ ଯେତେବେଳେ 'ଆନିମଲ୍'ର ଷ୍ଟୋରୀ ପଢ଼ିଲି, ସେତେବେଳେ ଏହା ମୋତେ ବେଶ୍ ୟୁନିକ୍ ଲାଗିଲା । ତେଣୁ ଏହି ଫିଲ୍ମ କରିବାକୁ ମୁଁ ନିଷ୍ପତ୍ତି ନେଇଥିଲି ।

**ରଣବୀର କପୁର, ଅଭିନେତା**




# ଆଙ୍ଗଜାଇଟି ରୋଗ

ଆଙ୍ଗଜାଇଟି ଓ ଆଙ୍ଗଜାଇଟି ରୋଗ ବା ଡିଜଅର୍ଡର ଭିତରେ ଫରକ ରହିଛି । ପରୀକ୍ଷା ପୂର୍ବରୁ କିମ୍ବା କୌଣସି ଚାକିରିର ସାକ୍ଷାତ ପୂର୍ବରୁ ଅନୁଭବ ହେଉଥିବା ଡରକୁ ଆଙ୍ଗଜାଇଟି କୁହାଯାଇଥାଏ । ଏହି କିଛି ସମୟ ପାଇଁ ରହିଥାଏ ଏବଂ ଏହାପରେ ଦୂର ହୋଇଯାଇଥାଏ । ହେଲେ ଆଙ୍ଗଜାଇଟି ରୋଗ କହିଲେ ଏକ କ୍ରମାଗତ ଅନୁଭବ ଯାହା ଅନେକ ଦିନ ପର୍ଯ୍ୟନ୍ତ ଲାଗି ରହିଥାଏ । କାରଣ ନଥାଇ ମଧ୍ୟ ଆପଣଙ୍କୁ ଡର ଲାଗିଥାଏ । ଆପଣ କିଛି କାରଣ ନଥାଇ ଅଧିକ ଭାବପ୍ରବଣ ହୋଇଯାଆନ୍ତି ଏବଂ ବିନା କାରଣରେ କାନ୍ଦିବାକୁ ମଧ୍ୟ ଲାଗନ୍ତି । ଛୋଟଛୋଟ ଘଟଣା ଆପଣଙ୍କୁ ବେଶି କଷ୍ଟ ଦେବା ସହିତ ଚିନ୍ତାରେ ପକାଇଥାଏ । ଏଭଳି ଅନୋଭାବ ବେଶ୍ କିଛି ଦିନ ପର୍ଯ୍ୟନ୍ତ ଲାଗିରହିଥାଏ, କୌଣସି କଥା ଆପଣଙ୍କୁ ଖୁସି ଦେବାରେ ସକ୍ଷମ ହୋଇ ନଥାଏ । କିଛି ଲୋକଙ୍କ କ୍ଷେତ୍ରରେ ଏହା କିଛି ମାସ ଓ କେତେକଙ୍କ କ୍ଷେତ୍ରରେ ଏହା ବର୍ଷବର୍ଷ ଧରି ରହିଥାଏ । ତେଣୁ ସେହି ସମୟରେ ଡାକ୍ତରଙ୍କ ପରାମର୍ଶ ନେବା ବାଧ୍ୟତା ମୂଳକ ହୋଇଯାଇଥାଏ । ଆଙ୍ଗଜାଇଟି ଡିଜ୍ଅର୍ଡର ପ୍ରଭାବ ଆମର ବ୍ୟକ୍ତିଗତ ଜୀବନ, ଅଫିସ୍, ସ୍କୁଲ, କଲେଜ, ପାଠପଢା ସବୁ ଉପରେ ପଡିଥାଏ । ଏହାର ବିଶେଷ ନକାରାତ୍ମକ ପ୍ରଭାବନ ଆମର ମସ୍ତିଷ୍କ ଉପରେ ପଡିଥାଏ । ତେଣୁ ଏହାର ଚିକିତ୍ସା ତୁରନ୍ତ ଆବଶ୍ୟକ ହୋଇଥାଏ । ଏହାର ଲକ୍ଷଣ ଚିହ୍ନି ଏହାକୁ ତୁରନ୍ତ ଚିକିତ୍ସା କରାଇବା ଦରକାର ହୋଇଥାଏ ।

# ନୂଆ ଯୋଡି



ଭାରତୀୟ ଟିମ୍‌ର ପୂର୍ବରତନ କ୍ୟାପ୍ଟେନ ଏମ୍‌ଏସ ଧୋନି କେବଳ ପଡିଆ ନୁହେଁ ବର୍ତ୍ତମାନ ପରଦାରେ ମଧ୍ୟ ଦର୍ଶକଙ୍କ ହୃଦୟରେ ରାଜ କରିବେ । ସୂଚନା ଅନୁସାରେ ଖୁବଶୀଘ୍ର ଏମ୍‌ଏସ୍ ଧୋନି ଓ ଆର୍ ମାଧବନଙ୍କୁ ଏକାଠି ପରଦାରେ ଦେଖିବାକୁ ମିଳିବ । ଅଭିନେତା ଆର ମାଧବନ ନିଜ ସୋସିଆଲ ମିଡିଆରେ ଏକ ଟିଜର ରିଲିଜ କରିଛନ୍ତି । ଯେଉଁଥିରେ ଧୋନି ଏବଂ ସେ ବ୍ଲାକ୍ ଆଉଟଫିଟ୍‌ରେ ନଜର ଆସୁଛନ୍ତି । ଏଥିରେ ଉଭୟଙ୍କର ଆକସନ୍ ଦେଖିବାକୁ ମିଳୁଛି, ଉଭୟ ହାତରେ ଗନ୍ ଧରି ଫାୟାରିଂ କରୁଥିବା ଟିଜରରେ ଦେଖିବାକୁ ମିଳୁଛି । ତେବେ ଟିଜରରୁ ଏହା ଜଣାପଡୁ ନାହିଁ କି ଏହା ଏକ ଟିଜର କି ଫିଲ୍ମ କି ଏକ ବିଜ୍ଞାପନ । ହେଲେ ଉଭୟଙ୍କର ଆକସନ୍ ଭିଡିଓକୁ ସୋସିଆଲ ମିଡିଆରେ ଖୁବ ପ୍ରଶଂସା ମିଳୁଥିବା ଦେଖିବାକୁ ମିଳୁଛି । ପୂର୍ବରୁ ଧୋନିଙ୍କୁ ଅନେକ ବିଜ୍ଞାପନରେ ଦେଖିବାକୁ ମିଳିଛି । ଦର୍ଶକ ତାଙ୍କୁ ପରଦାରେ ମଧ୍ୟ ଖୁବ ଭଲପାଇବା ଦେଇଥାଆନ୍ତି । ସେହିଭଳି ଅଭିନେତା ମାଧବନଙ୍କୁ ଫିଲ୍ମ ଆପ ଜେସା କୋଇ ନେହିଁରେ ଦେଖିବାକୁ ମିଳିଥିଲା । ଏହା ବ୍ୟତିତ ଆଗକୁ ତାଙ୍କୁ ଫିଲ୍ମ ଧୁରନ୍ଦରରେ ମଧ୍ୟ ଦେଖିବାକୁ ମିଳିବ, ଯାହା ଡିସେମ୍ବର ୫ରେ ପରଦାକୁ ଆସିବ । ଏହି ଫିଲ୍ମରେ ରଣବୀର ସିଂ, ଅକ୍ଷୟ ଖନ୍ନା, ସଞ୍ଜୟ ଦତ୍ତ ପ୍ରମୁଖ ନଜର ଆସିବେ । ଏହାକୁ ଆଦିତ୍ୟ ଧର ନିର୍ଦ୍ଦେଶନା ଦେଇଛନ୍ତି ।



# ପତ୍ର କୋବି ପଲଉ



**ସାମଗ୍ରୀ–** ଏକ କପ ବାସୁମତି ଚାଉଳ, ଛୋଟ ଛୋଟ କଟା ହୋଇଥିବା ପତ୍ର କୋବି ଏକ କପ, କଟା ହୋଇଥିବା ପିଆଜ ଗୋଟିଏ, ଟମାଟୋ ଏକଟା, ଏକ ଚାମଚ ଅଦା ରସୁଣ ପେଷ୍ଟ, କଞ୍ଚା ଲଙ୍କା ୨ଟା, ଏକ ଚାମଚ ଜିରା, ଗୋଟା ମସଲା, ଧନିଆ ପତ୍ର ।

**ପ୍ରଣାଳୀ–** ପ୍ରଥମେ ଚାଉଳକୁ ବତୁରାଇ ନିଅନ୍ତୁ । ଏହାପରେ ପ୍ରେସର କୁକରରେ ଘିଅ କିମ୍ବା ତେଲ ପକାଇ ସେଥିରେ ଗୋଟା ଗରମ ମସଲା ପକାନ୍ତୁ । ଏହାପରେ ଏଥିରେ ପିଆଜ ଓ କଞ୍ଚା ଲଙ୍କା ପକାଇ ଭାଜନ୍ତୁ । ପରେ ଏଥିରେ ଅଦା ରସୁଣ ବଟା ପକାଇ କସନ୍ତୁ । ବର୍ତ୍ତମାନ ଏଥିରେ ଟମାଟୋ ପକାଇ ନରମ ହେବା ପର୍ଯ୍ୟନ୍ତ ଭାଜନ୍ତୁ । ଟମାଟୋ ଭାଜିହେବା ପରେ ଏଥିରେ କୋବି ପକାନ୍ତୁ । କୋବି ଅଳ୍ପ ନରମ ହେବା ପରେ ଏଥିରେ ବାସୁମତି ଚାଉଳକୁ ପକାନ୍ତୁ । ସମସ୍ତ ସାମଗ୍ରୀକୁ ଭଲକରି ମିଶାନ୍ତୁ । ବର୍ତ୍ତମାନ ଏଥିରେ ଆବଶ୍ୟକତା ଅନୁଯାୟୀ ପାଣି ଦେବାସହ ଗୁଣ୍ଡ ମସଲା ପକାନ୍ତୁ । ଏହାପରେ ପ୍ରେସର କୁକର୍‌କୁ ବନ୍ଦ କରି ନିଅନ୍ତୁ । ଗୋଟିଏ ହୁଇସିଲ୍ ଦେବା ପରେ ପ୍ରସ୍ତୁତ ହୋଇଯିବ ଆପଣଙ୍କର କୋବି ପଲଉ । ଏହାକୁ କାଟି ଧନିଆ ପତ୍ର ଓ ଦହି ଦେଇ ପରଷନ୍ତୁ ।

# ଖରିଫ ଫସଲ ୨୦୨୫-୨୬ ପାଇଁ ଆନ୍ତଃ ମନ୍ତ୍ରିସ୍ତରୀୟ କମିଟିର ବୈଠକ

ଭୁବନେଶ୍ୱର, (ସବ୍ୟୁ): ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଖରିଫ ୨୦୨୫-୨୬ ଋତୁରେ ଫସଲ କ୍ରୟ ନିମନ୍ତେ ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟିର ପ୍ରଥମ ବୈଠକ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ଅନୁଷ୍ଠିତ ବୈଠକରେ ଚାଷୀଙ୍କ ସୁବିଧାକୁ ପ୍ରାଥମିକତା ଦେବାକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ଏବେଠାରୁ ଆନ୍ତଃବିଭାଗୀୟ ସମନ୍ୱୟରେ ସ୍ଥାୟୀ ମଡେଲ ମଣ୍ଡି ପ୍ରସ୍ତୁତ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି । ଆସନ୍ତା ନଭେମ୍ବର ମାସ ଶେଷ ଆଡକୁ ଖରିଫ ଫସଲର ପ୍ରୋକ୍ୟୁରମେଣ୍ଟ କରିବାକୁ ସରକାର ଯୋଜନା କରିଛନ୍ତି । ତଦନୁଯାୟୀ,



ରୋଡ଼ମ୍ୟାପ ପ୍ରସ୍ତୁତି ଚାଲିଛି । ସରକାର ୩୧୦୦ ଟଙ୍କାରେ ଧାନ କିଣିବା କାରଣରୁ ବହୁ ଅଣଧାନ ଚାଷୀ ମଧ୍ୟ ଧାନ ଫସଲ ପାଇଁ ଆଗ୍ରହ ପ୍ରକାଶ କରି ଚଳିତ ବର୍ଷ ଧାନ ଚାଷ କରିଛନ୍ତି । ତେଣୁ ପୂର୍ବବର୍ଷ ତୁଳନାରେ ନୂଆ ଚାଷୀଙ୍କ ପଞ୍ଜୀକରଣରେ ୨୯ ପ୍ରତିଶତ ବୃଦ୍ଧି ଘଟିଛି ।

ଏହାବ୍ୟତୀତ, ଧାନ କ୍ରୟ ପରବର୍ତ୍ତୀ ପରିଚାଳନା ପାଇଁ ଅଧିକ ସଂଖ୍ୟକ ଗୋଦାମ ନିର୍ମାଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ଏସବୁ ଏଫ୍‌ସିଆଇ, ସମବାୟ ବିଭାଗ, ୱେର ହାଉସିଂ କର୍ପୋରେସନ ଦ୍ୱାରା କରାଯିବ । ସେହିଭଳି ଏଫ୍‌ସିଆଇ ଦ୍ୱାରା ନିର୍ଦ୍ଦିଷ୍ଟ ପରିମାଣର ଚାଉଳ ପ୍ରୋକ୍ୟୁରମେଣ୍ଟ କରାଯିବା ବାଦ ବଳକା ଚାଉଳର ସୁପରିଚାଳନା ପାଇଁ ସରକାରଙ୍କ ତରଫରୁ ଇଥାନଲ ପ୍ଲାଣ୍ଟକୁ ଯୋଗାଣ, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରକୁ ବିଭିନ୍ନ ଯୋଜନା ମାଧ୍ୟମରେ ମାଗଣାରେ ଚାଉଳ ବଣ୍ଟନ, ଅନ୍ୟଦେଶକୁ ରପ୍ତାନୀ ଭଳି ବିଭିନ୍ନ ଯୋଜନା ବିଷୟରେ ଆଲୋଚନା କରାଯାଇଛି । ଏବଂ ଅଧିକ ସଂଖ୍ୟକ ରାଇସ୍ ମିଲ ଖୋଲିବା, ପୂର୍ବରୁ ଥିବା ମିଲ ଗୁଡିକୁ ଅପଗ୍ରେଡ କରି ହାଇବ୍ରିଡ଼ ମିଲରେ ପରିଣତ କରିବା ଉପରେ ମଧ୍ୟ ଆଲୋଚନା କରାଯାଇଛି ।

ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସମବାୟ ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳ ସାମନ୍ତ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ କୁମାର ଶର୍ମା, ପ୍ରମୁଖ ଶାସନ ସଚିବ, ଅର୍ଥ ସଂଜୀବ କୁମାର ମିଶ୍ର, କୃଷି ଡ଼ ଅରବିନ୍ଦ କୁମାର ପାଢ଼ୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଶ୍ରୀ ସଞ୍ଜୟ କୁମାର ସିଂହ, କମିଶନର ତଥା ଶାସନ ସଚିବ, ସମବାୟ ରାଜେଶ ପ୍ରଭାକର ପାଟିଲ ପ୍ରମୁଖ ଉପସ୍ଥିତ ରହି ପ୍ରସ୍ତୁତି ବିଷୟରେ ନିଜର ସୁଚିନ୍ତିତ ମତାମତ ପୋଷଣ କରିଥିଲେ ।

# ୪୨ଗ୍ରାମ ବ୍ରାଉନସୁଗର ଜବତ : ୩ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ସୋମବାର ପୁଣି ଶିଳ୍ପାଂଚଳ ଥାନା ପୁଲିସ ସ୍ଥାନୀୟ ମଠସାହି ଜାଗେଶ୍ୱରୀ ମନ୍ଦିର ନିକଟରେ ଚଢଉ କରି ଜଣେ ବେପାରୀ ସମେତ ୩ଜଣଙ୍କୁ



ଗିରଫ କରିଛି। ଗିରଫ ବେପାରୀ ଶିଳ୍ପାଂଚଳ ଥାନା ଗଡହଳଦିଆ ର ମନୋଜ କୁମାର ବେହେରା (୨୮) ହୋଇଥିବାବେଳେ ଗ୍ରାହକ ହେଲେ ଜଟଣୀ ଥାନା ଖୁଦୁପୁର ର ବିଦ୍ୟାଧର ରାଉତରାୟ (୩୫) ଏବଂ ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ଠେଙ୍ଗାହାଟ ର ସିଦ୍ଧାନ୍ତ ବେହେରା (୨୦)। ସେମାନଙ୍କଠାରୁ ପୁଲିସ ୪୨.୨୧ଗ୍ରାମ ବ୍ରାଉନସୁଗର ସମେତ ନଗଦ ସାଢେ ୪ହଜାର ଟଙ୍କା, ଦୁଇଟି ମୋବାଇଲ ଫୋନ୍ ଏବଂ ଏକ ସ୍କୁଟି କୁ ପୁଲିସ ଜବତ କରିଛି। ଜବତ ବ୍ରାଉନସୁଗର ର ମୂଲ୍ୟ ୪ଲକ୍ଷ ୨୦ହଜାର ରୁ ଉଦ୍ଧ୍ୱର୍ ହେବ ବୋଲି ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ବିବେକାନନ୍ଦ ଶର୍ମା ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ମନୋଜ ତାର ସହଯୋଗୀ ଦୁଇଜଣଙ୍କ ସହ ଖୋର୍ଦ୍ଧାରେ କାରବାର କରିବାକୁ ଥିବା ପୁଲିସ ଖବର ପାଇଥିଲା। ସେମାନଙ୍କୁ ଧରିବା ଲାଗି ଏସପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ଭାରପ୍ରାପ୍ତ ଏସଡିପିଓ ଅନୀଲ ମହାନ୍ତି ଓ ଭାରପ୍ରାପ୍ତ ଥାନା ଅଧିକାରୀ ବାସୁଦେବ ଜୟସିଂଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା।ଏହି ଟିମ୍ ମଠସାହି ଜାଗେଶ୍ୱରୀ ମନ୍ଦିର ନିକଟରେ ମାଲ କାରବାରବେଳେ ଚଢଉ କରିଥିଲେ। ଚଢଉବେଳେ ୩ଜଣଙ୍କୁ କାବୁ କରିଥିଲା ପୁଲିସ। ସେମାନଙ୍କ ଠାରୁ ପୁଲିସ ୪୩ଗ୍ରାମ ଓଜନ ର ବ୍ରାଉନସୁଗର, ନଗଦ ଟଙ୍କା, ମୋବାଇଲ ଓ ସ୍କୁଟିକୁ ଜବତ କରିଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ଭାରପ୍ରାପ୍ତ ଏସଡିପିଓ ଅନୀଲ ମହାନ୍ତି, ଭାରପ୍ରାପ୍ତ ଥାନା ଅଧିକାରୀ ବାସୁଦେବ ଜୟସିଂ ପ୍ରମୁଖ ଉପସ୍ଥିତ ଥିଲେ।

### ଆଉଟସୋର୍ସିଂ ବ୍ୟବସ୍ଥାକୁ ହାଇକୋର୍ଟଙ୍କ ସମାଲୋଚନା

# ଝାଡୁଦାରଙ୍କୁ ନିୟମିତ କରିବା ପାଇଁ ଦେଲେ ନିର୍ଦ୍ଦେଶ

କଟକ,(ସବ୍ୟୁ) :ଆଉଟଶୋର୍ଷିଂ ବ୍ୟବସ୍ଥାକୁ ନେଇ ହାଇକୋର୍ଟ ସମାଲୋଚନା କରିଛନ୍ତି ଓଆଉଟଶୋର୍ଷିଂ ଶ୍ରମିକ ଶୋଷଣର ଆଉ ଏକ ବଡ଼ ଉଦାହରଣ । ଏଭଳି ବ୍ୟବସ୍ଥା ଆଇନରେ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ ମତ ଦେଇଛନ୍ତି । ଜଣେ କର୍ମଚାରୀ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ ଅଛନ୍ତି । କିନ୍ତୁ ହଠାତ୍ ଏହି କର୍ମଚାରୀଙ୍କୁ ବିଭାଗୀୟ ପ୍ରଶାସନ ଆଉଟ୍‌ସୋର୍ସିଂ କର୍ମଚାରୀ ପାହ୍ୟାକୁ ଖସାଇ ଦେଇଥାଏ। ତେଣୁ ଏଭଳି କାର୍ଯ୍ୟକୁ ଅଦାଲତ ଗ୍ରହଣ କରିପାରିବେ ନାହିଁ ବୋଲି ହାଇକୋର୍ଟ ମତଦେବା ସହ ସମ୍ବଲପୁର ଭିମ୍‌ସାର୍‌ରର ଜଣେ ଝାଡୁଦାରଙ୍କୁ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଯଦି ଏହି ପଦ ଖାଲିନଥାଏ ତାହେଲେ ଏକ ନୂତନ ପଦ ସୃଷ୍ଟିକରି ସେଥିରେ ନିଯୁକ୍ତି ଦେବାକୁ ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି। ଏହି ସମସ୍ତ ପ୍ରକ୍ରିୟା ତିନି ମାସ ମଧ୍ୟରେ ସାରିବାକୁ କୁହାଯାଇଛି। ସୁଶୀଲ କୁମାର ବେହେରାଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି ପରିପ୍ରେକ୍ଷୀରେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଶଶିକାନ୍ତ ମିଶ୍ର ଏହି ନିର୍ଦ୍ଦେଶ ଦେଇଛନ୍ତି। ମାମଲାରୁ ଜଣାଯାଇଛି ଯେ, ଆବେଦନକାରୀଙ୍କୁ ୨୦୦୦ ମସିହାରେ ଭିମ୍‌ସାର୍‌ରେ ତତ୍କାଳୀନ ଅଧ୍ୟକ୍ଷଙ୍କ ଦ୍ୱାରା ଆଡହକ୍ ତଥା ଦୈନିକ ମଜୁରୀରେ ନିଯୁକ୍ତି ମିଳିଥିଲା। ୨୦୦୬ ମସିହାରେ ଭିମ୍‌ସାର୍ ଅଧ୍ୟକ୍ଷ ଆବେଦନକାରୀଙ୍କୁ ଠିକାରେ ନିଯୁକ୍ତି ଦିଆଯିବା ଲାଗି ଶିକ୍ଷା ନିର୍ଦ୍ଦେଶକଙ୍କୁ ଚିଠି ଲେଖିଥିଲେ। ଏହି ଚିଠି ସତ୍ତ୍ୱେ ଆବେଦନକାରୀଙ୍କ ନିଯୁକ୍ତି କ୍ଷେତ୍ରରେ କୌଣସି ପଦକ୍ଷେପ ନିଆଯାଇନଥିଲା। ଫଳରେ ସେ ସ୍ୟାଟ୍‌କୁ ଆସିଥିଲେ। ସ୍ୟାଟ୍ ଆବେଦନକାରୀଙ୍କ ସ୍ମାରକପତ୍ର ଉପରେ ବିଚାର ଲାଗି ଭିମ୍‌ସାର୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଥାପି ଆବେଦନକାରୀଙ୍କ ନିଯୁକ୍ତି ଉପରେ କୌଣସି ନିଷ୍ପତ୍ତି ନିଆଯାଇନଥିଲା। ଆବେଦନକାରୀ ପୂର୍ବଭଳି ସେହି ପଦରେ କାର୍ଯ୍ୟ କରି ଆସୁଥିଲେ। ଆବେଦନକାରୀଙ୍କୁ ୨୦୧୬ ମସିହାରେ ଗୋଟେ ଆଉଟ୍‌ସୋର୍ସିଂ ସଂସ୍ଥା ଦ୍ୱାରା ଝାଡୁଦାର ଭାବେ କାର୍ଯ୍ୟ କରୁଛନ୍ତି ବୋଲି ଦର୍ଶାଯାଇ ୨୦୧୮ ରେ ରାଜ୍ୟ ସରକାର ତାଙ୍କ ସ୍ମାରକପତ୍ରକୁ ବାତିଲ୍ କରି ଦେଇଥିଲେ। ଦୀର୍ଘବର୍ଷ ଧରି ଜଣେ କର୍ମଚାରୀଙ୍କୁ ହଠାତ୍ ଆଉଟ୍‌ସୋର୍ସିଂ କହି ରାଜ୍ୟ ସରକାର ତାଙ୍କ ଦାୟିତ୍ୱରୁ ନିଜକୁ ଖସାଇ ପାରିବେ ନାହିଁ ବୋଲି ହାଇକୋର୍ଟ ମତଦେବା ସହ ତାଙ୍କୁ ନିୟମିତ କର୍ମଚାରୀ ଭାବେ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ଲୋକସେବା ଆୟୋଗକୁ ସୂଚନା କମିଶନଙ୍କ ନିର୍ଦ୍ଦେଶ

# ପ୍ରାର୍ଥୀଙ୍କ ସାକ୍ଷାତକାର ଫଳାଫଳ ଅଟକାଇ ପାରିବନି

ଭୁବନେଶ୍ୱର(ସବ୍ୟୁ): ରାଜ୍ୟ ମୁଖ୍ୟ ସୂଚନା କମିଶନର ଏକ ଐତିହାସିକ ନିର୍ଦ୍ଦେଶ ଦେଇଛନ୍ତି । ଏଥିରେ ୨୦୨୨ ମସିହାରେ ସହକାରୀ ଶିକ୍ଷକ ପଦବୀ ପାଇଁ ମନୋନୀତ ହୋଇନଥିବା ଜଣେ ପ୍ରାର୍ଥୀଙ୍କୁ ସାକ୍ଷାତକାର ମାର୍କ ପ୍ରଦାନ କରିବାକୁ ଓଡ଼ିଶା ଲୋକସେବା ଆୟୋଗକୁ ନିର୍ଦ୍ଦେଶ ଦିଆଯାଇଛି ।

ଭଦ୍ରକ ଜିଲ୍ଲାର ମିନତୀ ରାଣୀ ମହାପାତ୍ର ଇତିହାସ ବିଷୟ ପାଇଁ ସହକାରୀ ଶିକ୍ଷକ ପଦବୀ ନିମନ୍ତେ ଆବେଦନ କରିଥିଲେ । ବିଜ୍ଞାପନ ଅନୁଯାୟୀ କ୍ୟାରିୟର ମାର୍କ ଏବଂ ସାକ୍ଷାତକାର ମାର୍କ ଉପରେ ଆଧାରିତ ଥିଲା । ୨୦୨୨ ମସିହା ଜୁନ୍‌ରେ ଓଡ଼ିଶା ଲୋକସେବା କମିଶନ ଦ୍ୱାରା ପ୍ରକାଶିତ ମନୋନୀତ ପ୍ରାର୍ଥୀଙ୍କ ତାଲିକାରେ ସେ ତାଙ୍କ ନାମ ପାଇ ନଥିଲେ । ଫଳାଫଳରେ ଅସୁଷ୍ଟ ହୋଇ ସେ ଡିସେମ୍ବର ୨୦୨୨ ମସିହାରେ ଆରଟିଆଇରେ ଆବେଦନ ପୂର୍ବକ ଲୋକସେବା କମିଶନଙ୍କ ନିକଟରେ କ୍ୟାରିଅର ମୂଲ୍ୟାୟନ ଏବଂ ସାକ୍ଷାତକାରରେ ତାଙ୍କୁ ମିଳିଥିବା ମାର୍କର ବିବରଣୀ ମାଗିଥିଲେ । ଓଡିଶା ଲୋକସେବା ଆୟୋଗ ତାଙ୍କୁ କ୍ୟାରିଅରର ମାର୍କ ପ୍ରଦାନ କରିଥିଲା । କିନ୍ତୁ ଡିସେମ୍ବର ୨୦୨୨ରେ ପ୍ରାର୍ଥୀମାନଙ୍କୁ ସାକ୍ଷାତକାର ମାର୍କ ପ୍ରଦାନ ନକରିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ଆଧାରରେ ତାଙ୍କର ସାକ୍ଷାତକାର ମାର୍କ ପ୍ରଦାନ କରିବାକୁ ମନାକରି ଦେଇଥିଲା ।

ରାଜ୍ୟ ମୁଖ୍ୟ ସୂଚନା କମିଶନର ମନୋଜ ପରିଡା ତାଙ୍କ ଐତିହାସିକ ରାୟରେ କହିଛନ୍ତି ଯେ ଓଡ଼ିଶା ଲୋକସେବା ଆୟୋଗର ଏପରି ନିଷ୍ପତ୍ତି ସୂଚନା ଅଧିକାର ଆଇନର ବ୍ୟବସ୍ଥା ବିରୁଦ୍ଧ । ପ୍ରାର୍ଥୀଙ୍କର ସାକ୍ଷାତକାରରେ ପାଇଥିବା ମାର୍କ ଜାଣିବାର ପୂର୍ଣ୍ଣ ଅଧିକାର ରହିଛି । ଏହା ଦ୍ୱାରା ସେ ପରବର୍ତ୍ତୀ ପ୍ରୟାସରେ ତାଙ୍କର ପ୍ରଦର୍ଶନକୁ ଉନ୍ନତ କରିପାରିବେ । ପ୍ରତ୍ୟେକ ପ୍ରାର୍ଥୀ ବିଶେଷ କରି ପରୀକ୍ଷାରେ ବିଫଳ ହୋଇଥିବା ପ୍ରାର୍ଥୀଙ୍କର ଜାଣିବାର ଅଧିକାର ଅଛି ଯେ ସେମାନେ କେଉଁ ଆଧାରରେ ସଫଳ ହୋଇ ପାରିଲେ ନାହିଁ । ଏ ସମ୍ବନ୍ଧରେ ଓଡ଼ିଶା ଲୋକସେବା ଆୟୋଗ ପ୍ରାର୍ଥୀମାନଙ୍କୁ ଅନ୍ଧାରରେ ରଖି ପାରିବ ନାହିଁ । ତାଙ୍କ ଆଦେଶରେ ଶ୍ରୀ ପରିଡା କହିଛନ୍ତି ଯେ ସୂଚନା ଅଧିକାର ଆଇନ ୨୦୦୫ର ଧାରା ୨୨ ଆବେଦନକାରୀଙ୍କୁ ସୂଚନା ପ୍ରଦାନ କରିବାରେ ଅନ୍ୟ ସମସ୍ତ ଆଇନ ଏବଂ ନିୟମକୁ ସମର୍ଥନ ଦିଏ । ଓଡ଼ିଶା ଲୋକସେବା ଆୟୋଗକୁ ଏହାର ପ୍ରକ୍ରିୟା ପରିବର୍ତ୍ତନ କରିବାକୁ ଓ ପ୍ରାର୍ଥୀମାନଙ୍କୁ ମିଳିଥିବା ମାର୍କ ସମ୍ପର୍କରେ ବିବରଣୀ ପ୍ରଦାନ କରିବାକୁ ପରାମର୍ଶ ଦିଆଯାଇଛି ।

# ପାର୍ବଣରେ କଡାକଡି ହେବ ମଲ୍ଟି ହର୍ଣ୍ଣ ଓ ସାଇଲେନ୍ସର୍ ଯାଞ୍ଚ

କଟକ(ସବ୍ୟୁ): ପାର୍ବଣ ଋତୁରେ କଡ଼ାକଡ଼ି ହେବ ମଲ୍ଟିହର୍ଣ୍ଣ ଓ ସାଇଲେନ୍ସର୍ ଯାଞ୍ଚ ଅଭିଯାନ । ସହରରେ ଦିନକୁ ଦିନ ସହରରେ ଶବ୍ଦ ପ୍ରଦୂଷଣ ବଢ଼ିବାରେ ଲାଗିଛି । ବିଶେଷଃ କରି ଗାଡି ଗୁଡ଼ିକରେ ବ୍ୟବହୃତ ମଲ୍ଟି ହର୍ଣ୍ଣ ଓ ସାଇଲେନ୍ସରରୁ ବାହାରୁଥିବା ଶବ୍ଦ ଗୁଡ଼ିକ ସହରବାସୀଙ୍କୁ ଅତିଷ୍ଠ କରି ପକାଇଲାଣି । ପୁଲିସ କଟକଣା ଅନୁଯାୟୀ, ବାଇକରୁ ଆରମ୍ଭ କରି ବସ, ଟ୍ରକ ଯାଏ, କୌଣସି ଗାଡିରେ ମଲ୍ଟି ହର୍ଣ୍ଣ କିମ୍ବା ଶବ୍ଦ ପ୍ରଦୂଷଣକାରୀ ସାଇଲେନ୍ସର ଆଦୌ ଲାଗିପାରିବନାହିଁ । ଏହାକୁ ନମାନିଲେ ଜରିମାନା ସହ ଦରକାର ପଡିଲେ ଗାଡି ଅଟକ ରଖାଯିବ । ଏଭଳି କଠୋର ନିୟମ ଥାଇ ମଧ୍ୟ କିଛି ସୁଫଳ ମିଳୁନାହିଁ । ଏବେ ରାସ୍ତାରେ ମାଳମାଳ ଉଚ୍ଚଶବ୍ଦ ସୃଷ୍ଟିକାରୀ ମଲ୍ଟି ହର୍ଣ୍ଣ ଓ ସାଇଲେନ୍ସର ଲାଗିଥିବା ଗାଡି ଗଡୁଛି । ଏହି ସବୁ ଗାଡିର ପ୍ରଚଣ୍ଡ ଶବ୍ଦରେ ପଥଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ପୁଲିସ କିମ୍ବା ପରିବହନ ବିଭାଗ ଏ ଦିଗରେ ତତ୍ପରତା ଦେଖାଇଛି । ପାର୍ବଣରେ ସ୍ୱତନ୍ତ୍ର ଡ୍ରାଇଭ୍ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ସୂଚନା ମିଳିଛି ।

ଏମ୍‌ଭିଆଇ ଆକ୍ଟ ଅନୁଯାୟୀ ନିର୍ମାତା କମ୍ପାନୀ ଦ୍ୱାରା ଗାଡିରେ ଲାଗିଥିବା ଉପକରଣ ଗୁଡିକକୁ ଗ୍ରାହକ ତଥା ମାଲିକ ଅଦଳବଦଳ କରିପାରିବେ ନାହିଁ । ମୁଖ୍ୟତଃ ଗାଡିର ହର୍ଣ୍ଣ, ଲାଇଟ୍, ସାଇଲେନ୍ସର, ମିରର ଓ ନମ୍ବର ପ୍ଲେଟ ଅଦଳବଦଳ କରିବା ଦଣ୍ଡନୀୟ ଅପରାଧ । ଯଦି କୌଣସି କ୍ଷେତ୍ରରେ କେବଳ ହର୍ଣ୍ଣ ଓ ଲାଇଟ୍ ବଦଳାଯାଏ ତେବେ ଆଞ୍ଚଳିକ ପରିବହନ ଅଧିକାରୀ(ଆରଟିଓ)ଙ୍କ ଠାରୁ ସ୍ୱତନ୍ତ୍ର ଭାବେ ଅନୁମତି ନେବାକୁ ପଡିବ । କେବଳ ଆଖି ସମସ୍ୟା ଥିବା ଚାଳକଙ୍କ କ୍ଷେତ୍ରରେ ଗାଡିର ଲାଇଟ୍ ଅଦଳବଦଳ କରିବାକୁ ଅନୁମତି ମିଳିଥାଏ । କିନ୍ତୁ ଅଧିକାଂଶ ଗାଡି ମାଲିକ ଓ ଚାଳକ ଏହି ନିୟମକୁ ଉଲ୍ଲଙ୍ଘନ କରୁଛନ୍ତି । ବିଶେଷକରି ଯୁବପିଢି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଗାଡିର ମୂଳ ସାଇଲେନ୍ସର, ହର୍ଣ୍ଣ ଓ ହେଡଲାଇଟ କାଢିଦେଇ ଉଚ୍ଚ ଶବ୍ଦଯୁକ୍ତ ଉପକରଣ ଲଗାଉଛନ୍ତି । ଅଧିକାଂଶ ବୁଲେଟ ପରେ ପଲସର୍ ଭଳି ପିକଅପ ବାଇକ ଗୁଡିକୁ ସ୍ପୋର୍ଟ୍ସ ମଡେଲ ପାଇଁ ଏଭଳି କାରସାଦି କରାଯାଉଛି । ଏହିଭଳି କାର, ଟ୍ରାଭେଲ୍ସ ଗାଡି ସମେତ ବସ, ଟ୍ରାକ୍ଟର ଓ ଟ୍ରକରେ ବି କରାଯାଉଛି । ଉଚ୍ଚଶବ୍ଦ ବୟସ୍କ ଏବଂ କୋମଳମତି ଛାତ୍ରଛାତ୍ରୀଙ୍କ ଉପରେ ନକରାତ୍ମକ ପ୍ରଭାବ ପଡୁଛି । ଏମିତିକି ରାସ୍ତାରେ ଯାଉଥିବା ହୃଦରୋଗୀଙ୍କ ପାଇଁ ଏହା ବଡ ବିପଦ ସୃଷ୍ଟି କରୁଛି । ସେହିପରି ରାତି ସମୟରେ ବଡ ଗାଡିର ଅତ୍ୟାଧୁନିକ ଲାଇଟ ରାସ୍ତାର ବିପରୀତରେ ଆସୁଥିବା ଚାଳକଙ୍କୁ କ୍ଷତି ପହଞ୍ଚାଇଥାଏ ।

### ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଯୋଜନାର ପ୍ରସ୍ତୁତି ବୈଠକ

# ୧୦ରୁ ଭୁବନେଶ୍ୱରରୁ ବାହାରିବେ ଅଯୋଧ୍ୟା, ବାରଣାସୀ ତୀର୍ଥଯାତ୍ରୀ

ଭୁବନେଶ୍ୱର(ସବ୍ୟୁ): ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଯୋଜନା ଅନ୍ତର୍ଗତ ଚଳିତ ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟରେ ତୀର୍ଥଯାତ୍ରୀମାନେ ଭୁବନେଶ୍ୱରରୁ ଅଯୋଧ୍ୟା ଓ ବାରଣାସୀ ବୁଲି



ଦେଖିବାର କାର୍ଯ୍ୟକ୍ରମ ରହିଛି । ଏଥି ନିମନ୍ତେ ଖୋର୍ଦ୍ଧା ଜିଲ୍ଲାପାଳ ଅମୃତ ଋତୁରାଜଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରସ୍ଥିତ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଏହି ଯୋଜନାରେ କଟକ, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ଢେଙ୍କାନାଳର ୭୭୫ ଜଣ ତୀର୍ଥଯାତ୍ରୀଙ୍କୁ ସହଯୋଗ କରିବାକୁ ୨୫ ଜଣ ଅଧିକାରୀ ଏହି ପ୍ରଥମ ପର୍ଯ୍ୟାୟରେ ସାମିଲ ହେବେ । ଚଳିତମାସ ୧୦ ତାରିଖରୁ ତୀର୍ଥଯାତ୍ରୀମାନେ ଭୁବନେଶ୍ୱର ଷ୍ଟେସନରୁ ବାହାରି ଅଯୋଧ୍ୟା ଓ ବାରଣାସୀ ଦର୍ଶନ କରି ୧୫ ତାରିଖରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ ।

ଏହି ବୈଠକରେ ତୀର୍ଥଯାତ୍ରାରେ ସାମିଲ ହେଉଥିବା ବରିଷ୍ଠ ନାଗରିକମାନଙ୍କର ସୁରକ୍ଷା, ଖାଦ୍ୟପେୟ, ସ୍ୱାସ୍ଥ୍ୟ ଆଦି ସଂପର୍କରେ ବିଶଦ ଭାବେ ଆଲୋଚନା କରାଯାଇଥିଲା । ସଂପୃକ୍ତ ତୀର୍ଥଯାତ୍ରୀମାନେ ଆସନ୍ତାକାଲି(ମଙ୍ଗଳବାର) ସେମାନଙ୍କ ଜିଲ୍ଲାରୁ ବାହାରି ଭୁବନେଶ୍ୱରରେ ପହଞ୍ଚିବେ । ସେମାନଙ୍କ ନିମନ୍ତେ ଭୁବନେଶ୍ୱରର ୫ଟି ବିଭିନ୍ନ ସରକାରୀ ଅନୁଷ୍ଠାନରେ ଅସ୍ଥାୟୀ ରହଣିର ବ୍ୟବସ୍ଥା କରାଯାଇଛି । ସେମାନଙ୍କ ପାଇଁ କ୍ୟାପିଟାଲ ହାଇସ୍କୁଲ,ୟୁନିଟ ୯ ବାଳିକା ଏବଂ ବାଳକ ଉଚ୍ଚ ବିଦ୍ୟାଳୟ, ଭାରତ ସ୍କାଉଟ୍ସ ଓ ଗାଇଡ୍ସ, ଭୀମ ଭୋଇ ଦୃଷ୍ଟିହୀନ ସରକାରୀ ଉଚ୍ଚ ବିଦ୍ୟାଳୟରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଏତଦବ୍ୟତୀତ ପ୍ରତ୍ୟେକ କେନ୍ଦ୍ରରେ ସନ୍ଧ୍ୟା ସମୟରେ ପ୍ରବଚନ କାର୍ଯ୍ୟକ୍ରମର ମଧ୍ୟ ବ୍ୟବସ୍ଥା କରାଯାଇଛି । ଏଥି ନିମନ୍ତେ ସୂଚାରୁରୂପେ ନିଜ କର୍ତ୍ତବ୍ୟ ପାଳନ କରିବାକୁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ବୈଠକରେ ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ନାରାୟଣ ମହାନ୍ତି, ଭୁବନେଶ୍ୱର ଉପଜିଲ୍ଲାପାଳ ଡ. ମନୋରଞ୍ଜନ ସାହୁ, ପର୍ଯ୍ୟଟନ ସହନିର୍ଦ୍ଦେଶକ ଅଞ୍ଜନ କୁମାର ବାରିକ, ଖୋର୍ଦ୍ଧା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ମୀରା ବେହେରା, ପୁଲିସ, ଅଗ୍ନିଶମ ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

DSPL-244



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ମ୍ୟାଲେରିଆ ଓ ଡେଙ୍ଗୁ ନିରାକରଣ ସଚେତନତା ଅଭିଯାନ
୧ ଅଗଷ୍ଟ - ୩୦ ସେପ୍ଟେମ୍ବର ୨୦୨୫

ବର୍ଷା ଋତୁରେ ମଶା ବଂଶ ବୃଦ୍ଧି ପାଇବା ଏବଂ ମ୍ୟାଲେରିଆ ଓ ଡ଼େଙ୍ଗୁ ରୋଗ ବ୍ୟାପିବାର ଆଶଙ୍କା ଅଧିକ ଥାଏ। ଏଥିରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ନିମ୍ନଲିଖିତ ଉପାୟ ଆପଣାନ୍ତୁ।

- ଘର ପାଖ ପରିବେଶ ସଫା-ସୁତୁରା ରଖନ୍ତୁ
- ଘର ପାଖରେ ଜମୁଥିବା ପାଣିକୁ ସପ୍ତାହରେ ଅନ୍ତତଃ ଥରେ ନିଷ୍କାସନ କରିଦିଅନ୍ତୁ
- ଘରେ କିମ୍ବା ଘର ପାଖରେ ଥିବା ଫୁଲ କୁଣ୍ଡ, ପାଣି ଟାଙ୍କି, କୁଲର, ଫ୍ରିଜ୍‌ର ପଛପଟେ ଥିବା ଡିଫ୍ରଷ୍ଟ ୱାଟର ଚାମ୍ବର ଆଦିକୁ ସପ୍ତାହକୁ ଥରେ ପାଣି ବାହାର କରି ପରିଷ୍କାର କରନ୍ତୁ
- ଘର ପାଖରେ ଥିବା ଭଙ୍ଗା ଡବା, ବୋତଲ, ପୁରୁଣା/ ଛିଣ୍ଡା ଟାୟାର, କଟା ପଇଡ଼, ନଡ଼ିଆ ଖଢ଼େଇ, କୁଡୁଆ, ବାଉଁଶ ଗଛର କଟା ଯାଇଥିବା ମୂଳ ଅଂଶ ଆଦି ସବୁକୁ ନଷ୍ଟ କରିଦିଅନ୍ତୁ
- ଦିନ ହେଉ ବା ରାତି, ଶୋଇବା ବେଳେ ମଶାରି ନିଶ୍ଚୟ ବ୍ୟବହାର କରନ୍ତୁ, ମଶା ଦାଉରୁ ସୁରକ୍ଷିତ ରହିବା ପାଇଁ ଘରର ଝରକାରେ ସରୁ ଜାଲି ଲଗାନ୍ତୁ
- ଶରୀରକୁ ପୁରା ଘୋଡାଇଲା ଭଳି ପୋଷାକ ପିନ୍ଧନ୍ତୁ
- ଆବଶ୍ୟକ ସ୍ଥଳେ ମଶା ନିବାରକ ବ୍ୟବହାର କରନ୍ତୁ
- ଜ୍ୱର, କମ୍ପ, ଆଣ୍ଠୁ-ଗଣ୍ଠି, ଆଖି ଓ ମାଂସପେଶୀରେ ଯନ୍ତ୍ରଣା ହେଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ପରୀକ୍ଷା କରି ଚିକିତ୍ସିତ ହୁଅନ୍ତୁ

ଉପଯୁକ୍ତ ସଚେତନତା ସହିତ ସମୟୋଚିତ ପଦକ୍ଷେପ ସୁସ୍ଥ ଜୀବନର ମୂଳମନ୍ତ୍ର

ରାଜ୍ୟ ସ୍ୱାସ୍ଥ୍ୟସେବା ହେଲ୍ପ ଲାଇନ୍: ୧୦୪

OIPR: 10003/13/0261/2526

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
http://www.health.odisha.gov.in/
@HFWOdisha

### ବିଜେଡିର ନବନିଯୁକ୍ତ ଯୁବ, ଛାତ୍ର ସଭାପତିଙ୍କ ଦାୟିତ୍ୱ ଗ୍ରହଣ

# ଶୋଭାଯାତ୍ରାରେ ଆସି ସରକାରଙ୍କ ବିରୋଧରେ ଦେଲେ ରଣହୁଙ୍କାର

ଭୁବନେଶ୍ୱର, (ସବ୍ୟୁ): ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଦ୍ୱାରା ନିକଟରେ ମନୋନୀତ ହୋଇଥିବା ଯୁବ ସଭାପତି ଚିନ୍ମୟ ସାହୁ ଓ ଛାତ୍ର ସଭାପତି ଇପ୍ସିତା ସାହୁ ଶତାଧିକ ଯୁବ ଛାତ୍ର କର୍ମୀଙ୍କ ସହ ଏକ ପଟୁଆରରେ ଆସି ଶଙ୍ଖ ଭବନରେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ଶଙ୍ଖ ଭବନରେ ଦୁଇ ନେତାଙ୍କୁ ସ୍ୱାଗତ କରିବା ପାଇଁ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସ୍ୱାଗତ କାର୍ଯ୍ୟକ୍ରମରେ, ଦଳର ବରିଷ୍ଠ ଓ ଯୁବ ନେତାମାନେ ଉପସ୍ଥିତ ଥିଲେ।

ସୋମବାର ସକାଳେ ବିଜୁ ଯୁବ ଜନତା ଦଳ ଓ ବିଜୁ ଛାତ୍ର ଜନତା ଦଳର ହଜାର ହଜାର କର୍ମୀ ମାନେ ଏୟାରପୋର୍ଟ ଛକରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ଏକାଠି ହୋଇଥିଲେ। ଉପସ୍ଥିତ ନେତୃମଣ୍ଡଳୀଙ୍କ ଦ୍ୱାରା ବିଜୁ



ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏୟାରପୋର୍ଟ ଛକରୁ ନେତା ଓ କର୍ମୀମାନେ ଶୋଭାଯାତ୍ରାରେ ଆସି ଶଙ୍ଖ ଭବନରେ ପହଞ୍ଚିଥିଲେ। ସେଠାରେ, ଯୁବ ସଭାପତି ଚିନ୍ମୟ ସାହୁ ଓ ଛାତ୍ର ସଭାନେତ୍ରୀ ଇପ୍ସିତା ସାହୁଙ୍କୁ ସ୍ୱାଗତ କରାଯାଇଥିଲା। ଚିନ୍ମୟ ସାହୁ କହିଥିଲେ, ରାଜ୍ୟରେ ବେକାରୀଙ୍କ ସଂଖ୍ୟା ବୃଦ୍ଧି ପାଉଛି, ରାଜ୍ୟର ଶାସନ ବ୍ୟବସ୍ଥା ଭୁଶୁଡ଼ି ପଡିଛି। ବିଜୁ ଯୁବ ଜନତା ଦଳ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ ସ୍ୱର ଉଠାଇବ। ନବୀନ ବାବୁଙ୍କୁ ଆଉ ଥରେ ମୁଖ୍ୟମନ୍ତ୍ରୀ କରିବା ପର୍ଯ୍ୟନ୍ତ ବିଜୁ ଯୁବ ଜନତା ଦଳ ନିରନ୍ତର ସଂଗ୍ରାମ ଜାରି ରଖିବ। ସେହିପରି ଇପ୍ସିତା ସାହୁ ନିଜ ବକ୍ତବ୍ୟରେ, ରାଜ୍ୟରେ ଛାତ୍ର ଛାତ୍ରୀ ମାନଙ୍କ ସ୍ୱାର୍ଥ ପ୍ରତି ସରକାର ଧ୍ୟାନ ଦେଉ ନାହାନ୍ତି ବୋଲି କହିବା ସହିତ ଛାତ୍ରୀ ମାନେ ଅସୁରକ୍ଷିତ ହୋଇ ପଡିଛନ୍ତି ବୋଲି କହିଥିଲେ। ରାଜ୍ୟରେ ମୋହନ ସରକାର ନୁହେଁ ଦହନ ସରକାର ଚାଲିଛି ବୋଲି କହିଥିଲେ। ରାଜ୍ୟରେ ଗୋଟିଏ ପରେ ଗୋଟିଏ ଛାତ୍ରୀ ଦହନର ଶିକାର ହେଉଛନ୍ତି, କିନ୍ତୁ ରାଜ୍ୟ ସରକାର ଏହାର ପ୍ରତିକାର ପାଇଁ କୌଣସି ପଦକ୍ଷେପ ନେଉ ନାହାନ୍ତି। ତେଣୁ, ବିଜୁ ଛାତ୍ର ଜନତା ଦଳ ରାଜ୍ୟର ଛାତ୍ର ଛାତ୍ରୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ଜୋରଦାର ଲଢେଇ କରିବ। ଏହି କାର୍ଯ୍ୟକ୍ରମରେ, ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ପ୍ରଣବ ପ୍ରକାଶ ଦାସ, ସଞ୍ଜୟ ଦାସବର୍ମା, ପ୍ରତାପ ଜେନା, ପ୍ରମିଳା ମଲ୍ଲିକ, ଅତନୁ ସବ୍ୟସାଚୀ ନାୟକ, ଡ଼ ଅମର ପଟ୍ଟନାୟକ, ପ୍ରଣବ ବଳବନ୍ତରାୟ, ପ୍ରୀତିରଂଜନ ଘଡେଇ, ସ୍ନେହାଙ୍ଗୀନ ଛୁରୀଆ, ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା, ସୁଲୋଚନା ଦାସ, ମନ୍ମଥ ରାଉତରାୟ, ବିଜୟ ନାୟକ, ବ୍ୟୋମକେଶ ରାୟ, ଦେବୀ ରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ, ରାଜେନ୍ଦ୍ର ସାହୁ, ଅମରେଶ ପତ୍ରୀ, ଭୃଗୁ ବକ୍ସିପାତ୍ର, ଶର୍ମିଷ୍ଠା ସେଠୀ, ରାଜଶ୍ରୀ ମଲ୍ଲିକ, ସୁମିତ୍ରା ଜେନା, କସ୍ତୁରୀ ମହାପାତ୍ର, ଲୋପାମୁଦ୍ରା ବକ୍ସିପାତ୍ର ଏବଂ ବହୁ ଯୁବ ଓ ଛାତ୍ର ନେତା ଉପସ୍ଥିତ ଥିଲେ।

# ପଞ୍ଜାବ ଆଣ୍ଡ ସିନ୍ଧ୍ ବ୍ୟାଙ୍କ ଏମ୍‌ଡିଙ୍କ ଓଡ଼ିଶା ଗସ୍ତ

### ମୁଖ୍ୟମନ୍ତ୍ରୀ, ଖାଦ୍ୟ ମନ୍ତ୍ରୀ ଏବଂ ଗ୍ରାହକଙ୍କୁ ସାକ୍ଷାତ

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟରେ ବ୍ୟାଙ୍କିଙ୍ଗ୍ ସେବାର ପ୍ରସାରକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ପଞ୍ଜାବ ଆଣ୍ଡ ସିନ୍ଧ୍ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱରୁପ କୁମାର ସାହା ଓଡ଼ିଶା ଗସ୍ତରେ ଆସି ପହଞ୍ଚିଛନ୍ତି। ଶ୍ରୀ ସାହା ତାଙ୍କର ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ସହ ଉଚ୍ଚସ୍ତରୀୟ ବୈଠକରେ ଯୋଗ ଦେଇଥିଲେ। ଏହି ବୈଠକରେ ଆର୍ଥିକ ଅନ୍ତର୍ଭୁକ୍ତିକରଣ, କୃଷି ଭିତ୍ତିକ ଶିଳ୍ପକୁ ସମର୍ଥନ ଏବଂ ଓଡିଶାର ଗ୍ରାମୀଣ ଓ ଆଦିବାସୀ ପ୍ରବଣ ଅଞ୍ଚଳରେ ବ୍ୟାଙ୍କିଙ୍ଗ୍ ସେବାର ବୃଦ୍ଧି ଉପରେ ପ୍ରାଧାନ୍ୟ ଦିଆଯାଇଥିଲା। ଶ୍ରୀ ସାହା ମଧ୍ୟ ବ୍ୟାଙ୍କର ଆଞ୍ଚଳିକ କାର୍ଯ୍ୟଦକ୍ଷତାକୁ ସମୀକ୍ଷା କରିଥିଲେ ଏବଂ ସ୍ଥାନୀୟ କର୍ମଚାରୀ ଓ



ଅଂଶୀଦାରମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଉପଯୁକ୍ତ ଆର୍ଥିକ ସମାଧାନ ଓ ରଣନୈତିକ ସହଭାଗିତା ମାଧ୍ୟମରେ ଓଡିଶାର ସାମାଜିକ-ଅର୍ଥନୈତିକ ବିକାଶରେ ଯୋଗଦାନ କରିବା ପାଇଁ ପଞ୍ଜାବ ଆଣ୍ଡ ସିନ୍ଧ୍ ବ୍ୟାଙ୍କର ପ୍ରତିବଦ୍ଧତାକୁ ଶ୍ରୀ ସାହାଙ୍କ ଗସ୍ତ ସ୍ପଷ୍ଟ କରିଛି। ତାଙ୍କର ଏହି ଗସ୍ତ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ବ୍ୟାଙ୍କର ପ୍ରୟାସରେ ଏକ ନୂତନ ଅଧ୍ୟାୟକୁ ସୃଷ୍ଟି କରିବ ବୋଲି ଆଶା କରାଯାଉଛି।

### ଭଦ୍ରକ ରେଲୱେ ମେଲ୍ ସର୍ଭିସ୍ କୁ ବାଲେଶ୍ୱର ରେଲୱେ ସର୍ଭିସ୍ ସହ ମିଶ୍ରଣକୁ ବିରୋଧ

# କେନ୍ଦ୍ର ସରକାରଙ୍କୁ ହାଇକୋର୍ଟଙ୍କ ନୋଟିସ୍

କଟକ, (ସବ୍ୟୁ) : ଭଦ୍ରକ ରେଲୱେ ମେଲ୍ ସର୍ଭିସ୍ ( ଆ ର ଏ ମ ଏ ସ ) କୁ ବାଲେଶ୍ୱର ରେଲୱେ ସର୍ଭିସ୍ ସହ ମିଶ୍ରଣ ପାଇଁ ଦିଆଯାଇଥିବା ପ୍ରସ୍ତାବକୁ ବିରୋଧ କରି ରୁଜୁ ମାମଲାରେ "ହାଇକୋର୍ଟ ଆଜି କେନ୍ଦ୍ର ସରକାରଙ୍କୁ ଜବାବ ଦାଖଲ ଲାଗି ନୋଟିସ୍ ଜାରି କରିଛନ୍ତି । ଭଦ୍ରକ ଆରଏମ ଏସ ଜଣେ ଅବସରପ୍ରାପ୍ତ କର୍ମଚାରୀ ମାଧବାନନ୍ଦ ଓଝାଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ପିଟିସନ୍‌ରେ ଦର୍ଶାଇଛନ୍ତି ଯେ, ପ୍ରତ୍ୟେକ ଆରଏମ୍‌ଏସ୍‌ରେ ବିଭିନ୍ନ ଡାକରୁ ଆସୁଥିବା ଚିଠିପତ୍ରର ସର୍ଟ କରାଯାଇଥାଏ। ଚିଠିପତ୍ର ସର୍ଟିଂ ପରେ ସେହିସବୁ ଚିଠିକୁ ଗନ୍ତବ୍ୟସ୍ଥଳକୁ ପଠାଯିବାର କାର୍ଯ୍ୟ କରାଯାଇଥାଏ । ଭଦ୍ରକ ଜିଲ୍ଲାରେ ୬୪୦ଟି ଡାକଘର ଥିଲାବେଳେ ୫୫ଟି ପୋଷ୍ଟାଲ ସବ୍ ଡିଭିଜନ୍ ରହିଛି । ଏସବୁରୁ ଡାକ, ପାର୍ସଲ ଆଦି ଏହି ଆରଏମ୍‌ଏସ୍‌କୁ ଆସିଥାଏ । କେନ୍ଦ୍ର ସରକାର ଯେଉଁସବୁ ପୋଷ୍ଟ ଅଫିସ୍‌ରେ ଅଧିକ କାମ ନାହିଁ ସେସବୁକୁ ବନ୍ଦ କରି ଅବା ପାଖ କୌଣସି ପୋଷ୍ଟ ଅଫିସ୍‌ରେ ମିଶାଇ ଦେବାକୁ ଏକ ଡ୍ରାଫ୍ଟ ପ୍ରସ୍ତୁତ କରିଥିଲେ । ଏହା ଉପରେ ପ୍ରତ୍ୟେକ ରାଜ୍ୟରେ ଥିବା ଚିଫ୍ ପୋଷ୍ଟ ମାଷ୍ଟର ଜେନେରାଲଙ୍କୁ ଚିଠି ଲେଖାଯାଇଥିଲା। ଭୁବନେଶ୍ୱର ଚିଫ୍ ପୋଷ୍ଟ ମାଷ୍ଟର ଜେନେରାଲଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ଏକ ପ୍ରସ୍ତାବ ଦେଇଛନ୍ତି । ଯେଉଁଥିରେ ଭଦ୍ରକ ଆରଏମ୍‌ଏସ୍‌କୁ ବାଲେଶ୍ୱର ଆରଏମଏସ ରେ ମିଶାଇ ଦେବାକୁ ପ୍ରସ୍ତାବ ଦିଆଯାଇଛି।

ଯଦି ଭଦ୍ରକ ଆରଏମ୍‌ଏସ୍, ବାଲେଶ୍ୱର ଆରଏମଏସ ସହିତ ମିଶିଯାଏ ତାହେଲେ ଅନେକ ଗୁଡ଼ିଏ ସମସ୍ୟା ଦେଖାଯିବ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ପ୍ରଥମେ ଭଦ୍ରକରୁ ବାଲେଶ୍ୱର ପ୍ରାୟ ୬୫ କିମି। ପୋଷ୍ଟାଲରେ ସଂଗ୍ରହ ହେଉଥିବା ଡାକ ବା ପାର୍ସଲ ଆଦି ସମସ୍ତ ଜିନିଷ ଭଦ୍ରକରୁ ଗାଡ଼ି ଯୋଗେ ବାଲେଶ୍ୱରକୁ ପଠାଯିବ। ଏଥିପାଇଁ କର୍ମଚାରୀଙ୍କୁ ମଧ୍ୟ ନିୟୋଜିତ କରିବାକୁ ପଡ଼ିବ। ଗାଡ଼ି ଭଡ଼ାରେ ନେବାକୁ ପଡ଼ିବ। ଏଥିପାଇଁ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ । ତେଣୁ ଏଭଳି ସ୍ଥିତିରେ ଭଦ୍ରକକୁ ବାଲେଶ୍ୱର ଆର୍‌ଏମଏସ ସହ ମିଶ୍ରଣ ପ୍ରସ୍ତାବ ଉଚିତ୍ ନୁହେଁ ବୋଲି ଆବେଦନକାରୀ କହିଛନ୍ତି। ଏହି ପ୍ରସ୍ତାବକୁ ବାତିଲ୍ ପାଇଁ ଅଦାଲତ ନିର୍ଦ୍ଦେଶ ଦେବାକୁ ସେ ପ୍ରାର୍ଥନା କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଶିବଶଙ୍କର ମହାନ୍ତି ମାମଲା ପରିଚାଳନା କରୁଛନ୍ତି ।

### ୨୧ରେ "ମୋଦୀ ଯୁବା ମାରାଥନ"କରିବ ବିଜେପି ଯୁବ ମୋର୍ଚ୍ଚା

# ସାମିଲ ହେବେ ୧୦ ହଜାରରୁ ଊର୍ଦ୍ଧ୍ୱ ଯୁବକ

ଭୁବନେଶ୍ୱର, (ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ଯୁବାବର୍ଗର ଉନ୍ନତି ପାଇଁ ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ଯୁବକମାନଙ୍କ ଦକ୍ଷତା ବୃଦ୍ଧି ସହ ସେମାନଙ୍କୁ ଆତ୍ମନିର୍ଭର କରିବା ପାଇଁ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ତାଙ୍କ ପ୍ରୟାସ ଯୋଗୁ ସାରା ବିଶ୍ୱରେ ଭାରତର ଯୁବବର୍ଗ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। କେବଳ ଯୁବବର୍ଗ ନୁହେଁ ସମାଜ ପ୍ରତ୍ୟେକ କ୍ଷେତ୍ରରେ ମୋଦିଜୀଙ୍କ ଉଲ୍ଲେଖନୀୟ ଅବଦାନ ରହିଛି। ସମାଜର ଗରିବ ଓ ଶୋଷିତ ବର୍ଗର ଉତ୍‌ଥାନ ପାଇଁ କାର୍ଯ୍ୟକରି ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ସମସ୍ତେ ମୋଦିଜୀଙ୍କ ଭଳି ସାମାଜିକ କାର୍ଯ୍ୟରେ ନିଜକୁ ସାମିଲ କରିବା ପାଇଁ ମୋଦିଜୀଙ୍କ ଜନ୍ମଦିନକୁ ସେବା ଦିବସ ଭାବେ ପାଳନ କରନ୍ତି। ତାଙ୍କ ଜନ୍ମଦିନ ସେପ୍ଟେମ୍ବର ୧୭ ରୁ ଅକ୍ଟୋବର ୨ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପର୍ଯ୍ୟନ୍ତ ସେବା ପକ୍ଷ ଭାବେ ପାଳନ କରାଯାଏ। ଚଳିତ ବର୍ଷ ମୋଦିଜୀଙ୍କ ୭୫ ତମ ଜନ୍ମଦିବସ




ପଡୁଥିବାରୁ ଏହାକୁ ସ୍ମରଣୀୟ ରଖିବା ଉଦ୍ଦେଶ୍ୟରେ ବୃକ୍ଷଚାରା ରୋପଣଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ଶିବିର, ରକ୍ତଦାନ ଶିବିର ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ବିଜେପି, ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ଆୟୋଜନ କରାଯିବ। ଏହି ପରିପ୍ରେକ୍ଷୀରେ ସେପ୍ଟେମ୍ବର ୨୧ରେ ଭାରତୀୟ ଜନତା ଯୁବମୋର୍ଚ୍ଚା ତରଫରୁ ସବୁଠାରୁ ଆକର୍ଷଣୀୟ କାର୍ଯ୍ୟକ୍ରମ "ମୋଦୀ ଯୁବା ମାରାଥନ" ଆୟୋଜନ କରାଯିବ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା ସୂଚନା ଦେଇଛନ୍ତି।

ଶ୍ରୀ ପଣ୍ଡା କହିଛନ୍ତି ଯେ, ଆଜିର ବହୁ ଯୁବବର୍ଗ ନିଶାରେ କବଳିତ ହୋଇ ଦିଗହରା ହେବାରେ ଲାଗିଛନ୍ତି। ସେମାନଙ୍କୁ ସେବା ପକ୍ଷରେ ସଚେତନ କରି ନିଶାମୁକ୍ତ ଭାରତ ଗଠନ ପାଇଁ ଆହ୍ୱାନ ଦେବା ସହ ଅନିୟମିତ ଜୀବନ ଶୈଳୀ ନିୟନ୍ତ୍ରିତ କରିବା ଉଦ୍ଦେଶ୍ୟରେ ସାରା ଭାରତର ୭୫ ସ୍ଥାନରେ ମୋଦି ଯୁବ ମାରାଥନ ଆୟୋଜନ କରାଯିବ। ଏହି ପରିପ୍ରେକ୍ଷୀରେ ସେପ୍ଟେମ୍ବର୨୧ ତାରିଖରେ ସକାଳ ୬ଟା୧୫ରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରୁ ଜନତା ମଇଦାନ ପର୍ଯ୍ୟନ୍ତ ଗଣଦୌଡ଼ ଅନୁଷ୍ଠିତ ହେବ। ଏଥିରେ ସାରା ରାଜ୍ୟରେ ୧୦ହଜାରରୁ ଊର୍ଦ୍ଧ୍ୱ ଯୁବବର୍ଗ ସାମିଲ ହେବେ। ଏନେଇ ୭ ସେପ୍ଟେମ୍ବରରୁ ସାରା ଦେଶରେ କ୍ୟାମ୍ପେନ ଆରମ୍ଭ ହୋଇଛି। ଏହି ମାରାଥନକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଭାଗିତା ଜରୁରୀ ବୋଲି ପଣ୍ଡା କହିଛନ୍ତି।

## ପ୍ରଫେସର ଅନୀଲ ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳୀ ସଭା

ଭୁବନେଶ୍ୱର (ସବ୍ୟୁ): ଓୟୁଏଟିସ୍ଥ କୃଷି କଲେଜର ମାଇକୋଲୋଜି ବିଭାଗ୍ୟ ମୁଖ୍ୟ ପ୍ରଫେସର ଏକାଦଶାହ ଲୁମ୍ବିନୀ କନଭେନ୍‌ସନ ହଲରେ ଶୋକ ସଭାରେ




ଅନେକ ବନ୍ଧୁ ବର୍ଗଙ୍କ ଗହଣରେ କୁଳପତି ପ୍ରଫେସର ପ୍ରଭାତ ରାଉଳ, ପ୍ରଫେସର ବୁଦ୍ଧଦେବ ମିଶ୍ର, ଡିନ୍ ନିରୋଦ କୁମାର ଧଳ ସମେତ ଶତାଧିକ ପ୍ରଫେସରମାନେ ଯୋଗ ଦେଇ ତାଙ୍କ ଫଟୋରେ ପୁଷ୍ପାର୍ଘ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ । ସେମାନେ ତାଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ ।

## ଜମି ଦେବାକୁ କହି ୧୭.୫ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଜମି ଦେବା ପ୍ରତିଶ୍ରୁତିରେ ୧୭.୫ଲକ୍ଷ ଟଙ୍କା ନେବା ପରେ ଜମି ମିଳିଲା ନାହିଁ । କ୍ୟାପିଟାଲ ଥାନାରେ ପୀଡିତ ନାଗାର୍ଜୁନ ସେଠୀ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତ କାଳିଆ ଓରଫ ସୁବ୍ରତ କୁମାର ସାହୁକୁ ଗିରଫ କରିଛି । ଅଭିଯୁକ୍ତ ଦାସ୍ କନ୍‌ଷ୍ଟ୍ରକ୍‌ସନ ଓ ଭଗବତ କନ୍‌ଷ୍ଟ୍ରକ୍‌ସନ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ । ୨୦୧୦ ମସିହାରେ ପଳାଶୁଣୀ ସପ୍ତସତୀ ମନ୍ଦିର ପାଖରେ ଥିବା ୩୮୦୦ ବର୍ଗଫୁଟ୍ ପରିମାଣର ଜମି ଯୋଗାଇ ଦେବା ଉଦ୍ଦେଶ୍ୟରେ ଅଭିଯୋଗକାରୀଙ୍କ ନିକଟରୁ ଅଭିଯୁକ୍ତ ୩ଟି ଚେକ୍ ଜରିଆରେ ମୋଟ ୧୭ଲକ୍ଷ ଟଙ୍କା ନେଇଥିଲା । ଏହାପରେ ଜମି ପଞ୍ଜୀକରଣ ନିମନ୍ତେ ଆବଶ୍ୟକ ହେଉଥିବା ଷ୍ଟାମ୍ପ ପେପର କିଣିବା ବାବଦକୁ ଅଭିଯୋଗକାରିଣୀ ନିକଟରୁ ସେ ଆହୁରି ଅଧିକ ୫୦ ହଜାର ଟଙ୍କା ନେଇଥିଲା । ଦୀର୍ଘ ୧୫ବର୍ଷ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତ ଅଭିଯୋଗକାରୀଙ୍କ ନାମରେ ଜମି ପଞ୍ଜୀକରଣ କରିନଥିଲେ । ତାଙ୍କ ନିକଟରୁ ନେଇଥିବା ଟଙ୍କା ମଧ୍ୟ ଫେରସ୍ତ ଦେଇନଥିଲେ । ଏନେଇ ଅଭିଯୁକ୍ତଙ୍କୁ ଯୋଗାଯୋଗ କରିବାରୁ ସେ ଦିନ ପରେ ଦିନ ଗଡାଇ ଚାଲିଥିଲେ । ତାଙ୍କ ଫୋନ୍ ସୁଇଚ୍ ଅଫ୍ କରିଥିବା ଅଭିଯୋଗକାରୀ ଜାଣିବାକୁ ପାଇବା ପରେ ଏନେଇ ଥାନାର ଦ୍ୱାରସ୍ଥ ହୋଇଥିଲେ । ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ କାଳିଆ ଓରଫ ସୁବ୍ରତ କୁମାର ସାହୁକୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି । କାଳିଆ ନାଁରେ ପୂର୍ବରୁ ଭୁବନେଶ୍ୱରର ବିଭିନ୍ନ ଥାନାରେ ୫ଟି ଅପରାଧିକ ମାମଲା ଥିବା ପୋଲିସ କହିଛି । ଏହି ମାମଲାର ଅଧିକ ତଦନ୍ତ ଜାରି ରହିଥିବା ସୂଚନା ମିଳିଛି ।

## ବିଶିଷ୍ଟ ହୋମିଓପାଥିକ୍ ଚିକିତ୍ସକ ଡାକ୍ତର ଭାବଗ୍ରାହୀ ପତ୍ରୀଙ୍କର ପରଲୋକ

କଟକ, (ସବ୍ୟୁ): ଓଡ଼ିଶାର ଲୋକପ୍ରିୟ ହୋମିଓପାଥି ଚିକିତ୍ସକ ଡାକ୍ତର ଭାବଗ୍ରାହୀ ପତ୍ରୀଙ୍କର ୬୨ବର୍ଷ ବୟସରେ ୭ତାରିଖ ରବିବାର ଇନ୍ଦୁପୂର୍ଣ୍ଣିମା ଦିନ କଟକ ସିଡ଼ିଏ ସ୍ଥିତ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁଶର୍ଯ୍ୟା ନିକଟରେ ତାଙ୍କର ସହଧର୍ମୀଣୀ ଡାକ୍ତର ସୁମନ କୁମାରୀ ପଣ୍ଡା, ଦୁଇ ପୁଅ ଓମ୍ ପତ୍ରୀ ଓ ଜ୍ୟୋତି ପ୍ରସାଦ ପତ୍ରୀଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ । ତାଙ୍କ ମରଶରୀରକୁ ନିଜ ଗ୍ରାମ ଅବଳେଶ୍ୱରକୁ ନିଆଯିବା ପରେ ସେଠାରୁ ପୁରୀ ନିଆଯାଇ ସ୍ୱର୍ଗଦ୍ୱାର ଠାରେ ଅନ୍ତିମ ସଂସ୍କାର କରାଯାଇଛି ।



ସ୍ୱର୍ଗତଃ ପତ୍ରୀ ଦୀର୍ଘ ୩୭ବର୍ଷ ଧରି ସରକାରୀ ଓ ବେସରକାରୀ ଚିକିତ୍ସକ ଭାବେ ଚୌଦ୍ୱାର, କଟକ, ଭୁବନେଶ୍ୱର, ଖୁର୍ଣ୍ଣି ଓ ମୂଳବସନ୍ତରେ ଲୋକପ୍ରିୟତା ଅର୍ଜନ କରିଥିଲେ । ହୋମିଓପାଥି ଚିକିତ୍ସା ଦ୍ୱାରା ସେ ବହୁ ଦୂରାରୋଗର ନିରାକରଣ କରୁଥିଲେ । ସେ ଜଣେ ସମାଜସେବୀ ଓ ପରପୋକାରୀ ଚିକିତ୍ସକ ଥିଲେ । ୧୯୧୫ରୁ ୧୯୧୮ ମସିହା ପର୍ଯ୍ୟନ୍ତ ଲାୟନ୍ସ କ୍ଲବର ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଭାବେ ବହୁ କଲ୍ୟାଣମୂଳକ କାର୍ଯ୍ୟ କରିଥିଲେ । ତାଙ୍କ ବିୟୋଗରେ ଓଡ଼ିଶାର ବହୁ ବୁଦ୍ଧିଜୀବୀ ଶୋକ ପ୍ରକାଶ କରିଛନ୍ତି।

### ଓଡ଼ିଆ ସମ୍ବାଦପତ୍ର ପାଇଁ ସ୍ୱତନ୍ତ୍ର ବିଜ୍ଞାପନ ନୀତି ପ୍ରଣୟନ ଦାବିରେ

## ଓଡ଼ିଶା କ୍ଷୁଦ୍ର, ମଧ୍ୟମ ସମ୍ବାଦପତ୍ର ସଂଗଠନର ସାଧାରଣ ପରିଷଦ ବୈଠକ ୧୫ରେ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସଂଗଠନର ଆଗାମୀ ବୈଠକ ଆସନ୍ତା ସେପ୍ଟେମ୍ବର ୧୫, ୨୦୨୫ ତାରିଖ ଦିନ ଦିବା ୧୦ ଘଟିକା ସମୟରେ କୋରାପୁଟ ସହରର ଜଗନ୍ନାଥ ମନ୍ଦିର ପରିଚାଳିତ ଅତିଥି ଭବନ ସଭା କକ୍ଷଠାରେ ଅନୁଷ୍ଠିତ ହେବ । ଏହି ସଭାରେ ଯୋଗଦେବା ନିମନ୍ତେ ଆସୁଥିବା ସମ୍ପାଦକ ଓ ପ୍ରକାଶକମାନଙ୍କ ରହଣି ନିମନ୍ତେ ପ୍ରସ୍ତୁତି କମିଟି ପକ୍ଷରୁ ୧୫ ତାରିଖ ପାଇଁ ସଭା କକ୍ଷ ନିକଟସ୍ଥ ମୈତ୍ରୀ ପରିସରରେ କେ.ବି.କେ. ସମାଚାରର ସମ୍ପାଦକ ତଥା ଓଡିଶା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସଂଗଠନର ମୁଖ୍ୟ ଉପଦେଷ୍ଟା ବିନୋଦ ମହାପାତ୍ରଙ୍କ ନେତୃତ୍ୱରେ ଗଠିତ ଅଭ୍ୟର୍ଥନା କମିଟି ସମସ୍ତ ଆୟୋଜନ କରୁଅଛନ୍ତି । ଏ ସମ୍ପର୍କରେ ବୈଠକରେ ମୁଖ୍ୟତଃ ଓଡ଼ିଆ ସମ୍ବାଦପତ୍ର ପାଇଁ ସରକାର ସ୍ୱତନ୍ତ୍ର ବିଜ୍ଞାପନ ନୀତି ପ୍ରଣୟନ କରନ୍ତୁ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସମ୍ବାଦପତ୍ର ପାଇଁ ନୀତି ନିର୍ଦ୍ଧାରଣ କରାଯାଉ, ସମ୍ବାଦପତ୍ର ସମ୍ପାଦକ ଓ ମାଲିକମାନଙ୍କୁ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମିଲ କରାଯିବା । ସରକାରୀ ସୀକୃତି ପାଇଁ ଆବେଦନ କରିଥିବା ସମସ୍ତ ଖବର କାଗଜଗୁଡ଼ିକର ସୀକୃତି ପ୍ରଦାନ ସମ୍ପର୍କରେ ତ୍ୱରିତ ନିଷ୍ପତି ଗ୍ରହଣ କରାଯିବା । ସାମ୍ବାଦିକ ଓ ସମ୍ପାଦକମାନଙ୍କ ପାଇଁ ସୁରକ୍ଷା ଆଇନ କାର୍ଯ୍ୟକାରୀ କରାଯିବା । ସମ୍ପାଦକମାନଙ୍କୁ ଟୋଲ ଗେଟମାନଙ୍କରେ ନିଃଶୁଳ୍କ ଯାତାୟାତର ବ୍ୟବସ୍ଥା କରାଯିବା ସହ ସାଙ୍ଗଠନିକ ଅଭିବୃଦ୍ଧି ଏବଂ ଅନ୍ୟାନ୍ୟ ବିଷୟରେ ଆଲୋଚନା କରାଯିବ ବୋଲି ସଂଗଠନର ଅଧ୍ୟକ୍ଷ ରବି ରଥ ସୂଚନା ଦେଇଛନ୍ତି ।

# ସମ୍ ହସ୍ପିଟାଲ୍‌ରେ ଚତୁର୍ଥ ଥର ପାଇଁ ଅଙ୍ଗଦାନ ପ୍ରକ୍ରିୟା ସମ୍ପନ୍ନ

ଭୁବନେଶ୍ୱର, (ସବ୍ୟୁ): ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍‌ରେ ସୋମବାର ଜଣେ ୫୨ ବର୍ଷୀୟ ବ୍ରେନ୍ ଡେଡ୍ ବ୍ୟକ୍ତିଙ୍କ ଠାରୁ ଯକୃତ ବାହାର କରାଯାଇ ଭୁବନେଶ୍ୱରର ଅନ୍ୟ ଏକ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଥିବା ରୋଗୀଙ୍କ ଶରୀରରେ ପ୍ରତ୍ୟାରୋପଣ ନିମନ୍ତେ ପ୍ରେରଣ କରାଯାଇଛି। ଗତ ଅଗଷ୍ଟ ୩୧ରେ ଏକ ସଡ଼କ ଦୁର୍ଘଟଣାରେ ଗଭୀର ଆଘାତ ପାଇଥିବା ଜଣେ ସୁରକ୍ଷାକର୍ମୀଙ୍କୁ ଚିକିତ୍ସା ନିମନ୍ତେ ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲକୁ ଅଣାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କୁ ରବିବାର ବ୍ରେନ୍ ଡେଡ୍ ଘୋଷଣା କରାଯାଇଥିଲା।

ଭୁବନେଶ୍ୱର ଉପକଣ୍ଠ ଛତାବରରେ ଏକ ଅନୁଷ୍ଠାନରେ ସିକ୍ୟୁରିଟି ଗାର୍ଡ ଥିବା ହୁଲାସ ଦିହୁଡି ରାସ୍ତାରେ ଚାଲି ଚାଲି ଯାଉଥିବା ବେଳେ ତାଙ୍କୁ ଏକ



ବାଇକ ଚାଳକ ଧକ୍କା ଦେବା ଫଳରେ ତାଙ୍କ ମସ୍ତିଷ୍କରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ତୁରନ୍ତ ସମ ହସ୍ପିଟାଲ୍‌ରେ ଭର୍ତ୍ତି କରାଯିବା ପରେ ସେ ଭେଂଟିଲେଟର ସାହାଯ୍ୟରେ ଚିକିତ୍ସାଧୀନ ଥିଲେ। ସେ ଟ୍ରମାଟିକ୍ ବ୍ରେନ୍ ଇଞ୍ଜୁରିର ଶିକାର ହୋଇଥିଲେ ଏବଂ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସି ନଥିଲା। ଅନେକ ଚିକିତ୍ସା ସତ୍ତ୍ୱେ ତାଙ୍କୁ ବ୍ରେନ୍ ଡେଡ ବୋଲି ପରିବାର ସଦସ୍ୟଙ୍କୁ ଜଣାଇ ଦିଆଯାଇଥିଲା ବୋଲି ସମ୍ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ସୂଚନା ଦେଇଛନ୍ତି।

ଏହାପରେ ପରିବାର ସଦସ୍ୟମାନେ ଅନ୍ୟର ଜୀବନ ବଂଚାଇବା ପାଇଁ ତାଙ୍କର ଅଙ୍ଗଦାନ କରିବା ନିମନ୍ତେ ନିଷ୍ପତି ନେଇଥିଲେ। ହସ୍ପିଟାଲ୍ କର୍ତ୍ତୃପକ୍ଷ ଷ୍ଟେଟ୍ ଅର୍ଗାନ୍ ଆଣ୍ଡ ଟିସ୍ୟୁ ଟ୍ରାନ୍ସପ୍ଲାଂଟ ଅର୍ଗାନାଇଜେସନ୍ (ସୋଟୋ) ଏବଂ ନ୍ୟାସନାଲ ଅର୍ଗାନ୍ ଆଣ୍ଡ ଟିସ୍ୟୁ ଟ୍ରାନ୍ସପ୍ଲାଂଟ ଅର୍ଗାନାଇଜେସନ୍ (ନୋଟୋ) ସହ ଯୋଗାଯୋଗ କରି ଅଙ୍ଗ ବାହାର କରି ପ୍ରତ୍ୟାରୋପଣ ପ୍ରକ୍ରିୟାର ପ୍ରସ୍ତୁତି କରିଥିଲେ। ଏହାକୁ ମିଶାଇ ସମ୍ ହସ୍ପିଟାଲରେ ୪ର୍ଥ ଥର ପାଇଁ ବ୍ରେନ୍ ଡେଡ୍ ବ୍ୟକ୍ତିଙ୍କ ଶରୀରରୁ ଅଙ୍ଗ ବାହାର କରାଯାଇ ଅନ୍ୟ ରୋଗୀଙ୍କ ଶରୀରରେ ପ୍ରତ୍ୟାରୋପଣ କରିବା ପ୍ରକ୍ରିୟା ସମ୍ପନ୍ନ କରାଯାଇଥିବା ପ୍ରଫେସର ସାମନ୍ତସିଂହାର କହିଥିଲେ।

## ୮୦ଲିଟରରୁ ଊର୍ଦ୍ଧ୍ୱ ବିଦେଶୀ ମଦ ଜବତ

ଚୌଦ୍ୱାର, (ସ.ବ୍ୟୁ.) : ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅନ୍ତର୍ଗତ ସଫା ପଂଚାୟତରେ ବେଆଇନ୍ ଭାବେ ମଦ ବ୍ୟବସାୟ ନେଇ ଅଭିଯୋଗ ହୋଇଆସୁଥିବା ବେଳେ ଟାଙ୍ଗୀ ଥାନା ଭାରପ୍ରାପ୍ତ ଅଧିକାରୀ ଶିବପ୍ରସାଦ ଭଦ୍ରଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ହେମନ୍ତ ସାମଲ ସଫା ଗ୍ରାମରେ ଚଢ଼ାଉ କରି ୮୨.୭୧ଲିଟର ବିଦେଶୀ ମଦ ଜବତ କରିଥିବା ବେଳେ ଏହି ମଦକୁ ଚୋରାରେ ବ୍ୟବସାୟ କରୁଥିବା ଉକ୍ତ ଗ୍ରାମର ପରୀକ୍ଷିତ ପାଣ୍ଡବଙ୍କୁ ଗିରଫ୍ କରି କୋର୍ଟଚାଲାଣ କରିଛି ।

# ପିସ୍ତଲ ଦେଖାଇ ଟଙ୍କା ଲୁଟ୍ : ଦୁଇ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ପିସ୍ତଲ ଦେଖାଇ ୨୫ ହଜାର ଟଙ୍କା ଲୁଟିନେଇଥିବା ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୋଲିସ । ଗିରଫ ଅଭିଯୁକ୍ତଙ୍କ ପାଖରୁ ୫ ହଜାର ଟଙ୍କା, ଦେଶୀ ପିସ୍ତଲ, ମୋବାଇଲ ଓ ବାଇକ୍ ଜବତ ହୋଇଥିବା ପୋଲିସ କହିଛି । ଭୁବନେଶ୍ୱର କୁମାର ମହାନ୍ତ ଏବଂ ଆଜାଦ୍ ଶବର କଟକରୋଡ୍ ଥିବା ହୋଟେଲ ଜୋସ୍ନାରେ ଚାକିରି କରନ୍ତି । ଗତ ୧ ତାରିଖ ରାତିରେ ଉଭୟ ହୋଟେଲରୁ କାମ ସାରି ଘରକୁ ଫେରୁଥିବା ବେଳେ ଗିରଫ ଦୁଇ ଅଭିଯୁକ୍ତ ତାଙ୍କୁ ପିଛା କରି ଆସିଥିଲେ । ବର୍ମିଖାଲ କେନାଲ ରୋଡ୍ ନିକଟରେ ଉଭୟଙ୍କୁ ଜୋର୍‌ଜବରଦସ୍ତ ଅଟକାଇଲେ । ଜଣେ ଅଭିଯୁକ୍ତ ବନ୍ଧୁକ ଦେଖାଇ ଭୟଭୀତ କରିବା ସହ ଉଭୟଙ୍କ ପାଖରେ ଥିବା ଟଙ୍କା ମାଗିଥିଲେ । ସେମାନେ ଟଙ୍କା ଦେବାକୁ ମନା କରିବାରୁ ଜଣେ ଅଭିଯୁକ୍ତ ବନ୍ଧୁକ ପଛ ପାଖରେ ଉଭୟଙ୍କୁ ଆଘାତ କରିଥିଲା । ଦୁହିଁଙ୍କ ନିକଟରୁ ୨୫ ହଜାର ଟଙ୍କା



ନେଇଯାଇଥିଲେ । ମାସିକ ୩୦ ହଜାର ଟଙ୍କା ଲେଖାଏଁ ଦାଦାବଟି ଦେବା ପାଇଁ ଧମକାଇ କହିଥିଲେ । ଟଙ୍କା ପଠାଇବା ପାଇଁ ଏକ ମୋବାଇଲ ନମ୍ବର ମଧ୍ୟ ଦୁଇ ଅଭିଯୁକ୍ତ ପୀଡିତଙ୍କୁ ଦେଇଥିଲେ । ଘଟଣା ସମ୍ପର୍କରେ ଅଭିଯୋଗକାରୀ ହୋଟେଲ ମାଲିକଙ୍କୁ ଜଣାଇବା ସହ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଝାରପଡା କଂସେଇଖାନା ଅଞ୍ଚଳରେ ଚଢାଉ କରି ନିଲୁ ସାମଲ (୨୪) ଓ ମୁନା ରତନ ଓରଫ ଅଙ୍କିତ (୧୯)କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ଦୁହିଁଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ନାବାଳକଙ୍କୁ ଆକ୍ରମଣ : ୩ ଯୁବକ ଗିରଫ

ବ୍ରହ୍ମପୁର,(ସବ୍ୟୁ): ଜଣେ ନାବାଳକଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ଟାଉନ ଥାନା ପୋଲିସ ୩ ଜଣ ଯୁବକଙ୍କୁ ବାନ୍ଧିଛି । ଗିରଫ ଅଭିଯୁକ୍ତମାନେ ହେଲେ ଖାଜା ସାହିର ଏସଏମ ସାହୀଦ ଅଲ୍ଲୀ(୨୫),ଏସଏମ ଶାବାଜ ଅଲ୍ଲୀ(୨୩) ଓରଫ ଗୋଲୁ ଓ ସେକ ଜୀବ୍ରାହିମ(୧୯) ।ଅଭିଯୁକ୍ତଙ୍କ ଠାରୁ ପିଲିସ ୪ଟି ଖଣ୍ଡା ଓ ଗୋଟିଏ କ୍ରିକେଟ ଖେଳରେ ବ୍ୟବହୃତ ହେଉଥିବା ଓ୍ୱିକେଟ ଜବତ କରିଛି । ସାହୀଦ ଓ ଶାବାଜ ନାଁ ରେ ଏକାଧିକ ମାମଲା ରହିଛି ବୋଲି ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି । ମାମଲା ନଂ ୩୭୯/୨୫ ରେ ଉକ୍ତ ତିନି ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ ଯେ, ସୋମନାଥ ନଗର ଅଞ୍ଚଳର ୧୭ ବର୍ଷର ନାବାଳକ ରବିବାର ଅପରାହ୍ନରେ କୌଣସି କାମରେ ସ୍ଥାନୀୟ ଭିମାରାଓ ପେଟା ପାର୍କ ନିକଟକୁ ଯାଇଥିଲେ ।ସେଠାରେ ଶାବାଜ ସମ୍ପୃକ୍ତ ନାବାଳକକୁ ଧମା ମାରିଥିଲା । ସେଠାରୁ ନାବାଳକ ଜଣକ ଘରକୁ ଫେରିବା ବେଳେ ସୋମନାଥ ନଗର ଛକ ଠାରେ ସାହୀଦ ଓ ତାର ଭାଇ ଗୋଲୁ, ଜୀବ୍ରାହିମ ସମ୍ପୃକ୍ତ ନାବାଳକକୁ ମାରପିଟ କରିଥିଲେ ।ପରେ ଖଣ୍ଡାରେ ଆକ୍ରମଣ ମଧ୍ୟ କରିଥିଲେ ।ଯାହାଫଳରେ ସେ ଆହତ



ହୋଇଥିଲେ । ପରେ ଘଟଣାକୁ ନେଇ ସେ ଥାନାରେ ଅଭିଯୋଗ କରିଥିଲେ । ପିଲିସ ଏସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା । ଉକ୍ତ ଅଭିଯୁକ୍ତ ମାନଙ୍କୁ କାବୁ କରିବା ସହ ସେମାନଙ୍କ ନିକଟରୁ ବିଭିନ୍ନ ମାରଣାସ୍ତ୍ର ଜବତ କରିଥିଲା ।

# କର୍ମଯୋଗୀ ବସନ୍ତ ବିଶ୍ୱାଳ ସ୍ମୃତି ଦିବସ ପାଳିତ



ଭବାନୀପାଟଣା, (ସବ୍ୟୁ): ସ୍ଥାନୀୟ ଏସ୍.କେ. ହିଲ୍ ଭିୟୁ ଠାରେ କର୍ମଯୋଗୀ ବସନ୍ତ ବିଶ୍ୱାଳଙ୍କ ସ୍ମୃତି ଦିବସ ପାଳିତ ହୋଇଯାଇଛି । ବସନ୍ତ ବିଶ୍ୱାଳ ସ୍ମୃତି କମିଟି ଏବଂ କଳାହାଣ୍ଡି ଜିଲ୍ଲା ଭାରତ ସ୍କାଉଟ୍ସ ଓ ଗାଇଡ୍ସ ମିଳିତ ସହଯୋଗରେ ସ୍କାଉଟ୍ ଓ ଗାଇଡ୍ସ ଅଧ୍ୟକ୍ଷ ଶାନ୍ତନୁ କୁମାର ବେହେରାଙ୍କ ସଭାପତିତ୍ୱରେ ବସନ୍ତ ବିଶ୍ୱାଳ ସ୍ମୃତି ଦିବସ ପାଳିତ ହୋଇଯାଇଛି । ଉକ୍ତ ସଭାରେ ପବିତ୍ର ମୋହନ ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହେମସାଗର ମହାନନ୍ଦ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶାରଳା ସମ୍ମାନ ପ୍ରାପ୍ତ ଜୟନ୍ତ କୁମାର ବେହେରା, ଅବସରପ୍ରାପ୍ତ ଟ୍ରେଜେରି ଅଫିସର ମହମଦ ବୁର୍ହାନ, ମହାବୀର ସାଂସ୍କୃତିକ ଅନୁଷ୍ଠାନର ସଂପାଦକ ସତ୍ୟନାରାୟଣ ସିଂ, ଜିଲ୍ଲା କମିସନର ସ୍କାଉଟ୍ ମହେନ୍ଦ୍ର କୁମାର ପଣ୍ଡା ଜିଲ୍ଲା କମିସନର ଗାଇଡ୍ ବିଷ୍ଣୁପ୍ରିୟା ନାଏକ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ତଥା ସ୍କାଉଟ୍ ଗାଇଡ ସଂପାଦକ ରୂପସିଂ ରାଉତ ଯୋଗଦେଇ ସ୍ୱର୍ଗତ ବସନ୍ତ ବିଶ୍ୱାଳଙ୍କ ଜୀବନୀ ଓ ତାଙ୍କର ଓଡିଶା ରାଜ୍ୟ ପାଇଁ ଅବଦାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ ।

ସ୍ୱର୍ଗତ ବସନ୍ତ ବିଶ୍ୱାଳଙ୍କ ଅବଦାନ ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରି ସ୍ମୃତି ଚାରଣ କରିଥିଲେ । ବସନ୍ତ ବାବୁ ତାଙ୍କ ମନ୍ତ୍ରୀତ୍ୱ ସମୟରେ କଳାହାଣ୍ଡି ତଥା ପଶ୍ଚିମ ଓଡିଶାରେ ସବୁଜ ବିପ୍ଳବ ଆଣିଥିଲେ ବୋଲି ପ୍ରଶଂସା କରିଥିଲେ । ଏହି ଅବସରରେ ବେଷ୍ଟ ସ୍କାଉଟ୍ ମାଷ୍ଟର ଭାବରେ ଭବାନୀ ଲହଜଲ, ବାଲଗୋପାଲ ସେବା ନିକେତନ, ବେଷ୍ଟ ଗାଇଡ ଭାବରେ ଚିନ୍ମୟୀ ସା, ବାପୁଜୀ ଉଚ୍ଚ ବିଦ୍ୟାଳୟ କିକିଆ ଓ ବେଷ୍ଟ ସ୍କାଉଟ୍ ଭାବରେ ଅତୁଲ ମହାରଣା, ମୁନ୍ସିପାଲ ପି.ଏମ୍. ଶ୍ରୀ ଉଚ୍ଚ ବିଦ୍ୟାଳୟ ଭବାନୀପାଟଣାଙ୍କୁ ସାର୍ଟିଫିକେଟ୍ ଓ ଟ୍ରଫି ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ସରକାରୀ ଚାକିରୀରୁ ଅବସର ନେଇଥିବା ସ୍କାଉଟ୍ ମାଷ୍ଟର ତଥା ଲିଡର ଟ୍ରେନର ଧୀରେନ୍ଦ୍ର କୁମାର ପଣ୍ଡା ଓ ପବିତ୍ର ମୋହନ ପାଶାଙ୍କୁ ମଧ୍ୟ ଏହି ଅବସରରେ ମାନପତ୍ର ଓ ଉପଢୌକନ ଦେଇ ଅତିଥିମାନଙ୍କ ଦ୍ୱାରା ସମ୍ମାନୀତ କରାଯାଇଥିଲା । ସକାଳୁ ମଧ୍ୟାହ୍ନ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ରିଷିଗାଁ ଡଙ୍ଗରିପଡା ଠାରେ ଗ୍ରାମ ସଫେଇ ଓ ପରିବେଷ ସୁରକ୍ଷା ସଚେତନତା କରାଯାଇ ବୃକ୍ଷରୋପଣ କରାଯାଇଥିଲା । ଉପସ୍ଥିତ ଥିବା ଅତିଥି ସ୍କାଉଟ୍, ଗାଇଡ୍, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କୁ ସ୍ମୃତି କମିଟି ପକ୍ଷରୁ ସ୍କାଉଟ୍ ମାଷ୍ଟର ସନ୍ତୋଷ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିବା ବେଳେ ବରିଷ୍ଠ ସ୍କାଉଟ୍ ଶିକ୍ଷକ ତଥା ଯୁଗ୍ମ ସଂପାଦକ ସନାତନ ସାହୁ ମଞ୍ଚ ପରିଚଚାଳନା କରିଥିଲେ ।

# ନିର୍ମାଣଧିନ ରାସ୍ତାଘାଟର ସମୀକ୍ଷା କଲେ ମନ୍ତ୍ରୀ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡାଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସମୀକ୍ଷା ବୈଠକରେ ଜିଲ୍ଲାପାଳ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକଙ୍କ ସମେତ ରଜନୀ କାନ୍ତ ବିଶ୍ୱାଳ ପ୍ରମୁଖ ଯୋଗଦାନ କରିଥିଲେ । ଉକ୍ତ ବୈଠକରେ ମୁଖ୍ୟତଃ ଜିଲ୍ଲାରେ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଏନଏଚଏଆଇ ଅଧୀନରେ ନିର୍ମାଣଧିନ ରାସ୍ତାଘାଟର ନିର୍ମାଣ କାର୍ଯ୍ୟ ସହିତ ଏହାର ରକ୍ଷଣା ବେକ୍ଷଣ ଉପରେ ସମୀକ୍ଷା କରିବା ସହିତ ପୂର୍ତ୍ତ,ଗ୍ରାମ୍ୟ ଉନ୍ନୟନ, ଆଇଟିଡିଏ ଅଧୀନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ତଥା ଭବିଷ୍ୟତରେ ହେବାକୁଥିବା ପ୍ରସ୍ତାବିତ ଜନ କଲ୍ୟାଣକାରୀ ପ୍ରକଳ୍ପ ଗୁଡିକର ରୋଡମେପ ଓ କାର୍ଯ୍ୟ ଖସଡ଼ା ସମ୍ପର୍କରେ ସମ୍ପୃକ୍ତ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଥିଲେ । ସମୀକ୍ଷା ସମୟରେ ବିଶେଷ କରି ଗମନାଗମନ ପାଇଁ ଲୋକ ମାନେ ନାହିଁ ନଥିବା ଅସୁବିଧା ସମ୍ମୁଖୀନ ହେଉଥିବାରୁ ରାସ୍ତାଘାଟ ନିର୍ମାଣ କାର୍ଯ୍ୟରେ ମନ୍ଥର ଗତିର କାରଣ ପଚାରି ଥିଲେ । ନିର୍ମାଣଧିନ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାରେ ଦେଖାଦେଉଥିବା ଅନ୍ତରାୟ ଓ ପ୍ରତିବନ୍ଧକ ଗୁଡିକର କିପରି ସମାଧାନ ହେବ ସେ ବିଷୟରେ ବିଭାଗୀୟ ଅଧିକାରୀଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ତତ୍‌ସହିତ ବିଭିନ୍ନ ବିଭାଗର ସମନ୍ୱୟରେ କିପରି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇ ଧାର୍ଯ୍ୟ ଅବଧି ମଧ୍ୟରେ ସୁଚାରୁ ରୂପେ ସମ୍ପୂର୍ଣ୍ଣ ହେବ ସେ ବିଷୟରେ ସମୀକ୍ଷା କରିଥିଲେ । ଲଗାଣ ବର୍ଷା ହେତୁ ବର୍ତ୍ତମାନ ରାସ୍ତାଘାଟର ସ୍ଥିତି, ଲୋକମାନଙ୍କ ପାଇଁ ଯାତାୟାତ ସମସ୍ୟା ଏକ ମୌଳିକ ସମସ୍ୟା ଦେଖା ଦେଇଛି । ତେଣୁ ଗୁରୁତର ଭାବେ ନଷ୍ଟ ହୋଇଥିବା ରାସ୍ତା ଗୁଡିକର ନିର୍ମାଣ କାର୍ଯ୍ୟ ଅଗ୍ରାଧିକାର ଭିତ୍ତିରେ ଦୁର୍ଗା ପୂଜା ପୂର୍ବରୁ ସମ୍ପୂର୍ଣ୍ଣ କରିବା ପାଇଁ ବିଭାଗୀୟ ଅଧିକାରୀ ମାନଂକୁ ନିର୍ଦ୍ଦେଶ ଦେଇଛନ୍ତି । ଏତଦ୍‌ବ୍ୟତୀତ ନିର୍ମାଣ କାର୍ଯ୍ୟର ଉତ୍ତମ ମାନର ହେବା ଉଚିତ । ଏଥିରେ କୌଣସି ପ୍ରକାର ସାଲିସ କରାଯିବ ନାହିଁ ବୋଲି ସ୍ପଷ୍ଟୋକ୍ତି କରିଥିବା ବେଳେ ଯେଉଁ ଠିକାଦାର ସଂସ୍ଥା ମାନେ ଧାର୍ଯ୍ୟ ଅବଧି ମଧ୍ୟରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଦିଗରେ ଅବହେଳା ପ୍ରଦର୍ଶନ କରୁଛନ୍ତି ସେମାନଙ୍କୁ କଳା ତାଲିକା ଭୁକ୍ତ କରିବା ପାଇଁ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଜିର ଅନୁଷ୍ଠିତ ସମୀକ୍ଷା ବୈଠକରେ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ ଉପଖଣ୍ଡ ସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ୍ ବିଭାଗର ଅଧିକାରୀମାନଙ୍କ ସହ ବରିଷ୍ଠ ବିଜେପି ନେତା କାହ୍ନା ସୋରେନ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଗାଈ ପେଟରୁ ବାହାରିଲା ୫୦ କିଲୋ ଜରି

ବ୍ରହ୍ମପୁର, (ସବ୍ୟୁ): ରାଜ୍ୟରେ ପଲିଥିନ ବ୍ୟାଗ ଓ ପ୍ଲାଷ୍ଟିକ ବ୍ୟବହାରକୁ ସରକାରଙ୍କ ପକ୍ଷରୁ ନିଷିଦ୍ଧ କରାଯାଇଛି । କିନ୍ତୁ ତାହା କେବଳ କାଗଜକଲମରେ ସୀମିତ ରହିଛି । କିଛିଦିନ ଧରପଗଡ ପରେ ସରକାରୀ କଳ ଶୋଇପଡ଼ିଛି ।ଆଜି ଛୋଟରୁ ବଡବଡ ଦୋକାନରେ କିଣାକିଣି ବେଳେ ପଲିଥିନ ବ୍ୟବହାର ହେଉଛି । ସହରକୁ ଆବର୍ଜନା ମୁକ୍ତ କରିବା ତଥା ସଠିକ ପରିଚାଳନା ପାଇଁ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ କୋଟି କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ କରାଯାଉଥିଲେ ମଧ୍ୟ ଆବର୍ଜନା ହଟୁନଥିବା ଦେଖିବାକୁ ମିଳୁଛି । ଆଉ ଯାହାର ଭୟଙ୍କର ପରିଣାମ ଭୋଗୁଛନ୍ତି ନିରୀହ ପଶୁ । ଗତ ତିନି ଦିନ ତଳେ ଏକ ଗାଈ ହିଲପାଟଣା ବଡ଼ ସାହି ମୁଖ୍ୟ ରାସ୍ତାରେ ପଡ଼ି ଯନ୍ତ୍ରଣାରେ ଛଟପଟ ହେଉଥିବା ଦେଖି ଲୋକେ ପଶୁ ସହାୟତା ନମ୍ବର ୧୯୬୨କୁ ଯୋଗାଯୋଗ କରିଥିଲେ । ଫଳରେ ପଶୁ ଚିକିତ୍ସାଳୟ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଚିକିତ୍ସା ଜାରି ରଖିଥିଲେ ମଧ୍ୟ କୌଣସି ସୁଧାର ଆସିନଥିଲା । ବର୍ଷା କାକରରେ ଛଟପଟ ହେଉଥିବା ଉକ୍ତ ଗାଈକୁ ଦେଖି ପ୍ରଥମେ ସ୍ଥାନୀୟ କର୍ପୋରେଟର ସଂଜିତ ପାଣିଗ୍ରାହୀ ଓ ପରେ ପଶୁପ୍ରେମୀ ଲଲାଟେନ୍ଦୁ ଚୌଧୁରୀଙ୍କୁ ଜଣାଇଥିଲେ । ଶ୍ରୀ ଚୌଧୁରୀ ଘଟଣା ସ୍ଥଳରେ ପହଞ୍ଚି ତାର ଉତ୍ତମ ଚିକିତ୍ସା ପାଇଁ ଚିକିତ୍ସା ଅଧିକାରୀ ଅଞ୍ଜନ ଦାସଙ୍କୁ ଅନୁରୋଧ କରିଥିଲେ । ଉକ୍ତ ଗାଈକୁ ଘଟଣା ସ୍ଥଳରୁ ଉଦ୍ଧାର କରି ପଶୁ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା । ପେଟରେ ଯନ୍ତ୍ରଣା ହେଉଥିବା ଚିକିତ୍ସାରୁ ଜାଣି ପ୍ରଥମେ ପେଟର ଏକ ଛୋଟ ଅସ୍ତ୍ରୋପଚାର କରିବା ପରେ ଗାଈଟି ସୁସ୍ଥ ଅନୁଭବ କରୁଥିବା ଡାକ୍ତର ସତ୍ୟ ନାରାୟଣ କର ଦେଖି ସୋମବାର ଦିନ ଅସ୍ତ୍ରୋପଚାର କରିଥିଲେ । ହୋଇପାରିଥିଲା । ଫଳରେ ଗାଈଟି ବର୍ତ୍ତମାନ ସୁସ୍ଥ ଥିବା ଜଣାପଡିଛି ।

# ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀଙ୍କ ସଫଳତା

ବ୍ରହ୍ମପୁର, (ସବ୍ୟୁ): ବିଦ୍ୟାଭାରତୀ ଆନୁକୁଲ୍ୟରେ ଶିକ୍ଷା ବିକାଶ ସମିତିଙ୍କ ଦ୍ୱାରା ୫ ଓ ୬ ତାରିଖ ୨ଦିନ ଧରି କଟକର ଗତିରାଉତପାଟଣା (କେଶବଧାମ) ଠାରେ ରାଜ୍ୟସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଥିଲା । ସେଥିରେ ସ୍ଥାନୀୟ ସରସ୍ୱତୀ ଶିଶ ବିଦ୍ୟା ମନ୍ଦିର ୩ଜଣ ଛାତ୍ରୀ ଶୁଶ୍ରୀ ଶୁଭଶ୍ରୀ ନାହକ, ଶୁଶ୍ରୀ ଜେ.ଏସ୍.ରିଲଭି ରାଉତ ଓ ଶୁଶ୍ରୀ ଅଦ୍ୟାଶା ମହାନ୍ତି ବିଜ୍ଞାନ ପ୍ରଶ୍ନ ମଞ୍ଚରେ ପ୍ରଥମ ସ୍ଥାନ ଅଧିକାର କରି ଗୌରବ ଆଣିଦେଇଛନ୍ତି । ଏହି ଛାତ୍ରୀମାନେ କ୍ଷେତ୍ର ସ୍ତର ପାଇଁ ଆସନ୍ତା ଅକେଫାବର ମାସ ୮ ଓ ୯ ତାରିଖରେ ଦକ୍ଷିଣ ବଙ୍ଗ ଯିବେ ।ସେହିପରି ଗତ ୭ ତାରିଖ ରବିବାର ଦିନ ସରକାରୀ ସ୍ତରୀୟ ଜୋନାଲ୍ ଲେବେଲ ଖେଳକୁଦ ପ୍ରତିଯୋଗିତାରେ ୧୪ ବର୍ଷରୁ କମ୍ ଛାତ୍ର ପ୍ରୀୟାଂଶୁ ପ୍ରିୟଦର୍ଶୀ ୧୦୦ ମିଟର, ୬୦୦ ମିଟର ଓ ଲମ୍ବା ଡିଆଁରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ୧୭ ବର୍ଷରୁ କମ୍ ଭଉଣୀମାନଙ୍କ ମଧ୍ୟରେ ଆରାଧନା ସାହୁ ଲମ୍ବା ଡିଆଁରେ ପ୍ରଥମ ସ୍ଥାନ, ୧୭ ବର୍ଷରୁ କମ୍ ଭାଇମାନଙ୍କ ମଧ୍ୟରେ ଜ୍ୟୋତିହର ବେହେରା ଲମ୍ବା ଡିଆଁରେ ପ୍ରଥମ, ଥାଳିଆ ଫିଙ୍ଗାରେ ଦ୍ୱିତୀୟ ସ୍ଥାନ ଏବଂ



କେ. ପ୍ରେମ୍ ଗୁଳା ଫିଙ୍ଗାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଏହି ଛାତ୍ରଛାତ୍ରୀମାନେ ଆସନ୍ତା ୯ ଏବଂ ୧୦ ତାରିଖରେ ବ୍ଲକ ସ୍ତରୀୟ ଖେଳ କୁଦରେ ଅଂଶଗ୍ରହଣ କରିବାକୁ ମନୋନିତ ହୋଇଛନ୍ତି । ରବିବାର ଦିନ ପ୍ରଜ୍ଞା ପ୍ରଭା ତରଫରୁ ଆୟୋଜିତ ତର୍କ ପ୍ରତିଯୋଗିତାରେ ଆମ ବିଦ୍ୟାଳୟର ଶୁଶ୍ରୀ ଧାନଲଗ୍ନା ପାଣିଗ୍ରାହୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ।

## ସାଇବର ଠକ ନେଇଗଲେ ୩୩ ହଜାର

ବ୍ରହ୍ମପୁର,(ସବ୍ୟୁ): ଗୋଟିଏ ଏସିକିଣିଲେ ଆଉ ଗୋଟିଏ ମାଗଣା ମିଳିବ ବୋଲି କହି ଜଣେ ଯୁବକ ଠକେଇର ଶିକାର ହୋଇଛନ୍ତି ।ଗଞ୍ଜାମ ଜିଲାର ଜଣେ ଯୁବକଙ୍କ ଠାରୁ ସାଇବର ଠକମାନେ ଚଞ୍ଚକତା କରିଛନ୍ତି । ସୂଚନାପ୍ରକାରେ, ଗଞ୍ଜାମ ଜିଲାର ଜଣେ ଯୁବକ ଏକ ଏସି କିଣିବାକୁ ଯୋଜନା କରିଥିଲେ । ସେ ଗୁଗଲ ଓ୍ୱେବସାଇଟକୁ ଯାଇ ଅନଲାଇନରେ ବିଭିନ୍ନ କମ୍ପାନୀର ଏହି ସର୍ଚ୍ଚ କରିଥିଲେ । ଏହାର କିଛି ସମୟ ପରେ ତାଙ୍କୁ ଏକ ଅଜଣା ନମ୍ବରରୁ ଏକ ଫୋନ କଲ ଆସିଥିଲା । କଲ କରିଥିବା ବ୍ୟକ୍ତି ଜଣଙ୍କ ନୟାଗଡ ଜିଲାରୁ ଗୋଟିଏ ଏସି ଡିଷ୍ଟ୍ରିବ୍ୟୁଟର ବୋଲି ପରିଚୟ ଦେଇଥିଲା । ଏକ ଦାମୀ କମ୍ପାନୀର ୧.୫ ଟନ ବିଶିଷ୍ଟ ଏକ ଏସି କିଣିଲେ ଆଉ ଗୋଟିଏ ଏସି ମାଗଣାରେ ମିଳିବ ବୋଲି ସେ କହିଥିଲେ । ଗୋଟିଏ ଏସିର ଦାମ ୩୩ ହଜାର ଟଙ୍କା ବୋଲି ଫୋନ କରିଥିବା ବ୍ୟକ୍ତି ଜଣଙ୍କ କହିଥିଲେ । ଏପରିକି ୨ଟି ଏସି ତାଙ୍କ ଘରେ ଡେଲିଭେରି ହେବ ବୋଲି ଜଣାଇଥିଲେ । ୩୩ ହଜାର ଟଙ୍କା ଦେଲେ ୨ଟି ଏସି ମିଳିବ ବୋଲି ଭାବି ଗଞ୍ଜାମ ଜିଲାର ଯୁବକ ଜଣଙ୍କ ଲୋଭରେ ପଡି ଯାଇଥିଲେ । ଏପରିକି ସାଇବର ଠକ ଜଣଙ୍କ ଅଭିଯୋଗକାରୀଙ୍କ ମୋବାଇଲକୁ ବିଭିନ୍ନ କମ୍ପାନୀର ଏସିର ଫଟୋ ମଧ୍ୟ ପଠାଇଥିଲେ । ଏହା ଦେଖିବାକୁ ପରେ ତାଙ୍କ ଲୋଭ ବଢି ଯାଇଥିଲା । ଏହାପରେ ସେ ସଂପୃକ୍ତ ବ୍ୟକ୍ତିଙ୍କ ଫୋନ-ପେ କୁ ଅନଲାଇନରେ ୩୩ ହଜାର ଟଙ୍କା ପଠାଇଥିଲେ । ହେଲେ ଟଙ୍କା ପଠାଇବାର ଅନେକ ଦିନ ଯାଏଁ ୨ଟି ଏସି ଅଭିଯୋଗକାରୀଙ୍କ ଘରେ ପହଞ୍ଚିନଥିଲା । ସେ ସଂପୃକ୍ତ ବ୍ୟକ୍ତିଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ତାହା ସମ୍ଭବ ହୋଇନଥିଲା । ବିଭିନ୍ନ ଆଡୁ ଯାଞ୍ଚ କରିବା ପରେ ସେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ ।

## ପୋଖରୀରେ ବୁଡି ମୃତ

ଭଂଜନଗର,(ସବ୍ୟୁ): ଗାଧୋଇବାକୁ ଯାଇ ପୋଖରୀରେ ବୁଡି ଜଣଙ୍କର ମୃତ୍ୟୁ ହୋଇଛି । ମୃତକ ଜଣଙ୍କ ଗଂଜାମ ଜିଲ୍ଲା ଗାଲେରୀ ଫାଣ୍ଡି ଅନ୍ତର୍ଗତ ବ୍ରାହ୍ମଣପଦର ଗାଁ ନିକଟ ଭୁରୁଡୁପଲ୍ଲୀ ଗାଁର ପ୍ରକାଶଚନ୍ଦ୍ର ମିଶ୍ର ବୋଲି ଜଣା ପଡିଛି । ପୋଖରୀରେ ଭାସୁଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ । ଆମ୍ବୁଲାନ୍ସ ସହାୟତାରେ ଭଂଜନଗର ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ, ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଛି । ତେବେ ପୋଖରୀରେ ଗାଧୋଉଥିବା ବେଳେ, ଅସାବଧାନତା ବଶତଃ ପାଣିରେ ବୁଡି, ପ୍ରାଣ ହରାଇଥିବା କୁହାଯାଉଛି ।

## ଯୁବକଙ୍କୁ ବନ୍ଧୁକ ଦେଖାଇ ଧମକ, ଥାନାରେ ମାମଲା

ବ୍ରହ୍ମପୁର,(ସବ୍ୟୁ): ଜଣେ ଯୁବକଙ୍କୁ ଧବଳେଶ୍ୱର ଡାକି ନେଇ ସେଠାରେ ବନ୍ଧୁକ ଦେଖାଇ ଜୀବନରେ ମାରି ଦେବାକୁ ଧମକ ଦିଆଯାଇଛି । ଏ ନେଇ ବ୍ରହ୍ମପୁର ଟାଉନ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡିଛି । ସୂଚନାପ୍ରକାରେ, ପୁରୁଷୋତ୍ତମପୁର ଅଞ୍ଚଳର ସାଗର ମୁନି ଏକ କମ୍ପାନୀରେ କାମ କରୁଛନ୍ତି ।କିଛି ଦିନ ତଳେ ସତ୍ୟନାରାୟଣ ସିଲା ଓ କେଦାର ନାମକ ୨ ଜଣ ଯୁବକ ତାଙ୍କୁ ବିଜିପୁରକୁ ଡାକି ଥିଲେ । ସେଠାରୁ ସାର କଥା ହେବେ ବୋଲି କହି ଗୋପାଳପୁର ନିକଟ ଧବଳେଶ୍ୱରକୁ ଡାକି ନେଇଥିଲେ । ସେଠାରେ ଜ୍ଞାନରଞ୍ଜନ ସାହୁ ନାମକ ଜଣେ ଯୁବକ ତାଙ୍କ ସହ କଥା ହୋଇଥିଲେ । ସେଠାରେ ତାଙ୍କୁ ମଦ ପିଇବାକୁ ଦେଇଥିଲେ । ଏହାପରେ ସେମାନେ ଯେଉଁ କାମ କରୁଛନ୍ତି ସେ ବିଷୟରେ କମ୍ପାନୀକୁ ନଜଣାଇବାକୁ କହିଥିଲେ ।

# ଦୁର୍ଗାପୂଜା ପୂର୍ବରୁ ମରାମତି ପାଇଁ ପୂର୍ତ୍ତ ବିଭାଗକୁ ଦାବି ଜଣାଇଲେ ନଗରପାଳ

ବାରିପଦା, (ସବ୍ୟୁ): ବାରିପଦା ସହରର ରାସ୍ତା ଖାଲଖମାର ଭରି ବିର୍ପ୍ୟସ୍ତ ହୋଇପଡିଛି । ଯାହାର ମରାମତି କାର୍ଯ୍ୟ ନହେବାରୁ ବାରିପଦା ସହରବାସୀ ନାନାଦି ସମସ୍ୟାରେ ଧନ୍ଦି ହେଉଛନ୍ତି । ରକ୍ଷଣାବେକ୍ଷଣ ଅଭାବ ଯୋଗୁଁ ସହରର ସମସ୍ତ ରାସ୍ତା ନଷ୍ଟ ହୋଇଥିବାରୁ ଚଳପ୍ରଚଳ କରିବା ଯନ୍ତ୍ରଣା ଦାୟକ ସାଜିଛି । ତେବେ ଦୁର୍ଗାପୂଜା ପୂର୍ବରୁ ଉକ୍ତ ରାସ୍ତା ଗୁଡ଼ିକ ମରାମତି କାର୍ଯ୍ୟ ସମ୍ପର୍ଣ୍ଣ କରିବା ପାଇଁ ବାରିପଦା ପୌରପାଳିକା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଦାବି କରିଛନ୍ତି । ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ରୋହନ ଗୌରବ ରାୟଙ୍କୁ ନଗରପାଳ ଶ୍ରୀ ମହାନ୍ତି, ଉପନଗରପାଳ ସୀମା ଦାସ ଓ ବରିଷ୍ଠ କାଉନ୍‌ସିଲର ଅନନ୍ତ ଦାସ ପ୍ରମୁଖ ଭେଟି ସମସ୍ୟା ବାବଦ ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି । ବାରିପଦା ସହର ଜନଗହଳି ପୂର୍ଣ୍ଣ ମୁଖ୍ୟ ରାସ୍ତା ଗୁଡ଼ିକରେ ଦୁରାବସ୍ଥା ଦେଖିବାକୁ ମିଳୁଛି । ଗତ ୫ମାସ ଧରି ଲଗାଣ ବର୍ଷା ଯୋଗୁଁ ସହରର ରାସ୍ତା ଅବସ୍ଥା ବେହାଲ ହୋଇଛି । ରାସ୍ତାରୁ ପିଚୁ ଉଠି ଖାଲ ଖମାରରେ ଭର୍ତ୍ତି ହୋଇଯାଇଛି । ଏହାସହିତ ଉକ୍ତ ରାସ୍ତାରେ ପ୍ରଚୁର ମାତ୍ରାରେ ଧୂଳି ଉଡି ବାୟୁ ପ୍ରଦୂଷଣ ମଧ୍ୟ ହେଉଛି । ବର୍ତ୍ତମାନ ପରିସ୍ଥିତି ଏହିପରି ହୋଇଛି ଲୋକେ ଉକ୍ତ ରାସ୍ତାରେ ଗାଡି ମୋଟର ନେଇ ଯିବାକୁ ଭୟ କରୁଛନ୍ତି । ଅନେକ ସମୟରେ ଖାଲ ଖମାର ଯୋଗୁଁ ଦୁର୍ଘଟଣା ହୋଇ ଲୋକେ ଖଣ୍ଡିଆ ଖାବରା ହେବାର ମଧ୍ୟ ନଜିର ରହିଛି । ପାର୍ବଣ ସମୟ ଥିବା ବେଳେ ଆଗକୁ ଦୁର୍ଗା ପୂଜା ଅନୁଷ୍ଠିତ ହେବ । ମୟୂରଭଞ୍ଜ ଜିଲ୍ଲାର ମୁଖ୍ୟାଳୟ ବାରିପଦା ସହର ହୋଇଥବାରୁ ଅନେକ ଲୋକଙ୍କ ସମାଗମ ହେବ । କିନ୍ତୁ ରାସ୍ତା ଗୁଡିକର ବିପର୍ଯ୍ୟସ୍ତ ଅବସ୍ଥା ପାଇଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାର ଆଶଙ୍କା ରହିଛି । ସହରର ଅଧିକାଂଶ ରାସ୍ତା ଗୁଡ଼ିକ ପୂର୍ତ୍ତ ବିଭାଗ (ରାସ୍ତା ଓ ଗୃହ ନିର୍ମାଣ) ଅଧିନରେ ରହିଥିବା ବେଳେ ଶୋଚନୀୟ ପରିସ୍ଥିତି ସୃଷ୍ଟି ହୋଇଛି । ଗତ ୫ମାସ ମଧ୍ୟରେ ରାସ୍ତା ରକ୍ଷଣାବେକ୍ଷଣ ହୋଇନଥିବାରୁ ରାସ୍ତା ନଷ୍ଟ ହୋଇ ଅତ୍ୟନ୍ତ ଯନ୍ତ୍ରଣା ଦାୟକ ହୋଇଛି । ଉକ୍ତ ରାସ୍ତାର ଖାଲ ଖମାର ଦିନକୁ ଦିନ ବଢ଼ିବାରେ ଲାଗିଥିବା ବେଳେ ଦୀର୍ଘଦିନ ଧରି ଏମିତି ଯନ୍ତ୍ରଣାଦାୟକ ଯାତାୟାତ ସ୍ଥାନୀୟ ଲୋକମାନେ କରୁଛନ୍ତି । । ତେଣୁକରି ବାରିପଦା ସହର ୮ ଟି ମୁଖ୍ୟ ରାସ୍ତାର ତୁରନ୍ତ ମରାମତି କାର୍ଯ୍ୟ କରିବାକୁ ଦାବି କରିଛନ୍ତି । ସେଗୁଡିକ ହେଲା ମୁର୍ଗାବାଡ଼ିରୁ ପାଲବଣି, ମଧୁସୂଦନ ଗୋଲେଇରୁ ହସ୍ପିଟାଲ, ସତ୍ୟସାଇ ଛକରୁ ଦାରୋଗାଡାହି, ମଧୁସୂଦନ ଗୋଲେଇରୁ ବେଲଗଡ଼ିଆ, ଦାରୋଗାଡାହି ଗୋଲେଇରୁ ରଘୁନାଥପୁର, କୃଷ୍ଣଚନ୍ଦ୍ର ଗୋଲେଇରୁ ସୁନାମୁହିଁ, ଆଶୀର୍ବାଦ ଛକରୁ କରତବସା ଏବଂ ଜୁବଲୀ ଲାଇବ୍ରେରୀରୁ ତୁଳସୀଚୌରା ଦେଇ ଏମଏସସିବି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ଗୁଡ଼ିକ ମରାମତି କାର୍ଯ୍ୟ କରିବାକୁ ଦାବି କରିଛନ୍ତି । ଏହାସହିତ ବାରିପଦା ପୌରପାଳିକା ଅନ୍ତର୍ଗତ ରାସ୍ତା ଗୁଡ଼ିକର ତୁରନ୍ତ ମରାମତି କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ନଗରପାଳ ଶ୍ରୀ ମହାନ୍ତି ସମସ୍ତ ପୌର ଯନ୍ତ୍ରୀଙ୍କ ସହ ବୈଠକ କରି ଖରାପ ରାସ୍ତା ଗୁଡ଼ିକର ମରାମତି କରିବା ପାଇଁ ଅର୍ଥ ଆକଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# ବିଜେପିର ଜିଲ୍ଲାସ୍ତରୀୟ କର୍ମଶାଳା

ବାରିପଦା,(ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ଜୟନ୍ତୀ ଅବସରରେ ୧୭ ସେପେଫମ୍ବର ଠାରୁ ଆରମ୍ଭ କରି ୨ ଅକେଫାବର ପର୍ଯ୍ୟନ୍ତ ଦୁଇ ସପ୍ତାହ ଧରି ସେବାପକ୍ଷ ପାଳନ ଅବସରରେ ବିଜେପି ମୟୂରଭଞ୍ଜ(ପୂର୍ବ) ସାଙ୍ଗଠନିକ ଜିଲ୍ଲା ବାରିପଦା ପକ୍ଷରୁ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ବାରିପଦା ସ୍ଥିତ ଷ୍ଟାଡିୟମ ସମ୍ମିଳନୀ କକ୍ଷ ପରିସରରେ ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦୀଙ୍କ ଅଧ୍ୟକ୍ଷତାରେ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଅନ୍ୟତମ ଅତିଥି ଭାବେ ଉଦଳା ବିଧାୟକ ଭାସ୍କର ମଢେଇ, ବଡସାହି ବିଧାୟକ ସନାତନ ବିଜୁଳୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଇଂ ବିଶ୍ୱେଶ୍ୱର ଟୁଡୁ, ପୂର୍ବତନ ବିଧାୟକ କାହ୍ନା ସୋରେନ୍, ଡାଃ ବୁଢାନ୍ ମୁର୍ମୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜୀବନ କୁମାର ସାହୁ, ଉଦଳା ଏନ୍ଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା ଓ ରାଜ୍ୟ ପ୍ରବକ୍ତା କବିବିଷ୍ଣୁ ଶତପଥି ପ୍ରମୁଖ ଉପସ୍ଥିତ ରହି ଦୁଇସପ୍ତାହ ବ୍ୟାପି ହେବାକୁ ଥିବା ସେବାପକ୍ଷ ପାଳନ ଅବସରରେ ସ୍ୱଚ୍ଛତା ଅଭିଯାନ, ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ସିବିର, ପ୍ରଧାନମନ୍ତ୍ରୀ ମୋଦୀଙ୍କ ଜୀବନୀ ଉପରେ ଆଧାରିତ ପ୍ରଦର୍ଶନୀ, ବିକଶିତ ଭାରତ ଚିତ୍ରାଙ୍କନ ପ୍ରତିଯୋଗିତା, ପ୍ରବୁଦ୍ଧବର୍ଗ ସମ୍ବାଦ, ପ୍ରଧାନମନ୍ତ୍ରୀଙ୍କ ଜୀବନ ଉପରେ ଡକୁଯମେଣ୍ଟାରୀ ଫିଲ୍ମ ପ୍ରଦର୍ଶନୀ, ପ୍ରଧାନମନ୍ତ୍ରୀଙ୍କ ଉପରେ ଚୟନିତ ପୁସ୍ତକ ବଣ୍ଟନ, ୨୦ ସେପେଫମ୍ବରରେ ଜାତୀୟ ଉପକୂଳ ଦିବସ ପାଳନ ମୋଦି ବିକାଶ ମାରାଥନ, ୨୫ ସେପେଫମ୍ବର ପଣ୍ଡିତ ଦୀନଦୟାଲ ଜୟନ୍ତୀ ପାଳନ, ୨୦ ସେପେଫମ୍ବର ରୁ ୨୭ ସେପେଫମ୍ବର ପର୍ଯ୍ୟନ୍ତ ଭୋକାଲ ଫର ଲୋକାର ପ୍ରଚାର, ଦିବ୍ୟାଙ୍ଗଜନ ଏବଂ ଅନ୍ୟାନ୍ୟ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ସମ୍ମାନିତ କରିବା, ସାଂସଦ କ୍ରୀଡା ପ୍ରତିଯୋଗିତା ଓ ୨ ଅକେଫାବର ଗାନ୍ଧୀ ଜୟନ୍ତୀ ଏବଂ ଶାସ୍ତ୍ରୀ ଜୟନ୍ତୀ ପାଳନ କରିବା ସହିତ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖି ଯୋଜନା ସମୂହକୁ ତୃଣମୂଳ ସ୍ତରରେ ପହଁଞ୍ଚାଇ ଜନସଚେତନତା ସୃଷ୍ଟି କରିବା ପାଇଁ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ସୁରେଇଡିହି ପଞ୍ଚାୟତର ପୂର୍ବତନ ବିଧାୟକ ସ୍ୱର୍ଗତ ନିରଞ୍ଜନ ହେମ୍ବ୍ରମ ଏବଂ ଦାନ୍ତିଆମୁହାଁ ମଣ୍ଡଳ ସଭାପତି ତଥା ପୂର୍ବତନ ସରପଞ୍ଚ ଲକ୍ଷ୍ମଣ ମୁର୍ମୁଙ୍କର ଅକାଳ ମୃତ୍ୟୁରେ ଜିଲ୍ଲା ଉପସଭାପତି ପ୍ରଦୀପ କୁମାର ମହାନ୍ତିଙ୍କ ଦ୍ୱାରା ବୈଠକରେ ଏକ ଶୋକ ପ୍ରସ୍ତାବ ଆଗତ କରାଯିବା ସହିତ ତାଙ୍କ ଅମରଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ସେବା ପକ୍ଷ ପାଳନକୁ ସୁଚାରୁ ରୂପେ ସମ୍ପାଦନ ନିମନ୍ତେ ଜିଲ୍ଲାସ୍ତରରେ ଗଠନ ହୋଇଥିବା ୫ଜଣିଆ ଟୋଲି ଏବଂ ମଣ୍ଡଳସ୍ତରରେ ଗଠନ ହୋଇଥିବା ୩ଜଣିଆ ଟୋଲିରେ ଥିବା କାର୍ଯ୍ୟକର୍ତ୍ତାଙ୍କ ନାମ ଜିଲ୍ଲା ସଭାପତି ଘୋଷଣା କରିଥିଲେ। ଶେଷରେ ଜିଲ୍ଲା ସାଧାରଣ ପ୍ରାଣକୃଷ୍ଣ ବେରା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟତମ ସାଧାରଣ ସମ୍ପାଦକ ପ୍ରବୀଣ କୁମାର ପାତ୍ର ଉପସ୍ଥିତ ରହି ପରିଚାଳନା କରିଥିଲେ ।

# ବାଇକ୍ ଉପରେ ଚଢ଼ିଗଲା ଟ୍ରେଲର

ବଅଁରପାଳ,(ସବ୍ୟୁ): ଅନୁଗୋଳ ଜିଲ୍ଲା ନାଲକୋ ନଗର ଥାନା ଅନ୍ତର୍ଗତ ସିପିପି ପ୍ଲାଣ୍ଟ ଗେଟ ସାମ୍ନାରେ ଦୁର୍ଘଟଣା । ବାଇକ ଉପରେ ଚଢ଼ିଗଲା ଟ୍ରେଲର। ସୂଚନା ଅନୁଯାୟୀ ରାଜେନ୍ଦ୍ର ଖୁଣ୍ଟିଆ (ରାଜୁ) ସିପିପି ଛକରୁ ଘରକୁ ଯିବା ସମୟରେ ଏକ ଟ୍ରେଲର ଗାଡି ସିପିପି ପ୍ଲାଣ୍ଟ ଭିତରୁ ବାହାରୁଥିଲା । ଏହି ସମୟରେ ବାଇକ ଚାଳକ ରାଜେନ୍ଦ୍ର ଖୁଣ୍ଟିଆ ଟ୍ରେଲରକୁ ଦେଖି ଅଟକି ଯାଇଥିଲେ । ବାଇକି ରେ ବସିଥିବା ସମୟରେ ଟ୍ରେଲରଟି ବାଇକ ଉପରେ ବାଇକ୍ ଉପରେ ଚଢ଼ି ଯାଇଥିଲା । ବାଇକ ଚାଳକ ଗାଡିରୁ ଡେଇଁ ପଡିଥିବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ । ଦୁର୍ଘଟଣା ପରେ ଟ୍ରେଲର ଚାଳକ ପଳାଇ ଯାଉଥିବା ବେଳେ ଲେକେ କାବୁ କରି ଉତ୍ତମ ମଧ୍ୟମ ଦେଇ ଥିଲେ । କିଛି ସମୟ ପାଇଁ ଉତ୍ତେଜନା ଦେଖା ଯାଇଥିଲା । ଖବର ପାଇ ନାଲକୋ ସୁରକ୍ଷା କର୍ମୀ ଓ ନାଲକୋ ନଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝା ସୁଝା କରି ବାଇକ ଚାଳକଙ୍କୁ କ୍ଷତିପୂରଣ ଦେବାକୁ ଟ୍ରେଲର ମାଲିକ ରାଜି ହେବା ପରେ ନାଲକୋକୁ କୋଇଲା ପରିବହନ ସ୍ୱାଭାବିକ ହୋଇଥିଲା । ପ୍ରକାଶ ଥାଉକି ଆଜି ସକାଳ ସମୟରେ ଏହି ସ୍ଥାନରେ ୩ଟି ଲଗାତାର ଦୁର୍ଘଟଣା ହୋଇଥିବା ଜଣାପଡ଼ିଛି । ଏଠାରେ ପ୍ରକାଶ ଛେଣ୍ଡିପଦାରୁ ସିପିପି ପ୍ଲାଣ୍ଟ କୁ କୋଇଲା ପରିବହନ କରୁଥିବା ମୈତ୍ରୀ କମ୍ପାନୀର ଟ୍ରଲର ଗୁଡିକ ବେପରୁଆ ଭାବେ ଗାଡ଼ି ଚଳାଉଥିବାରୁ ବାରମ୍ବାର ଜାତୀୟ ରାଜପଥରେ ଦୁର୍ଘଟଣା ହେଉଛି । ଏହି ଭାରି ଯାନ ଗୁଡିକ ବାଇପାସ୍ ରାସ୍ତାରେ ନଯାଇ ସହର ମଧ୍ୟରେ ଯାଉଥିବାରୁ ପ୍ରତିଦିନ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି । ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ବାଇକ ଜବତ ଜଣେ ଗିରଫ

ଠାକୁରଗଡ଼,(ସବ୍ୟୁ) :ଠାକୁରଗଡ଼ ପୋଲିସ ରବିବାର ଦିନ ବିଭିନ୍ନ ସ୍ଥାନ ରେ ଗାଡି ମଟର ଯାଞ୍ଚ କରିଛି । ଆସୁଥିବା ସମସ୍ତ ବାଇକ ଗୁଡିକ କୁ ଅଟକାଇ ଯାଞ୍ଚ କରାଯାଇଥିଲା । ଏହି ସମୟ ରେ ମଦ୍ୟପାନ କରି ବାଇକ ଚଳାଉଥିବା ଅଭିଯୋଗରେ ପାଇକସାହି ଗ୍ରାମର କରୁଣା କର ନାୟକ ଙ୍କୁ ଗିରଫ କରାଯାଇଛି । ଏଥିସହ ତାଙ୍କ ବାଇକ (ଓଡି ୧୯ କିୟୁ ୪୮୨୪) କୁ ଜବତ କରା ଯାଇଛି । ଏ ନେଇ ଏକ ମାମଲା ରୁଜୁ କରାଯାଇଛି ।

# ରିଲିଆନ୍ସ ବାଇଓ ଏନର୍ଜି ଲିମିଟେଡ୍ ପ୍ରଜାଙ୍କ ଧାରଣା
## ୫୭ଜଣଙ୍କୁ ଉଠାଇନେଲା ପୋଲିସ: ଗର୍ଭବତୀ ମହିଳା ଓ ଶିଶୁଙ୍କୁ ବି ଛାଡିଲେନି

ଢେଙ୍କାନାଳ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ସଦର ଥାନା ଝାରଗାଡିଆ ଫାଣ୍ଡି ଅନ୍ତର୍ଗତ ଝାରଗାଡିଆ ଠାରେ ଥିବା ରିଲାଏନ୍ସ ବାଇଓ ଏନର୍ଜି କାରଖାନା ସମ୍ମୁଖରେ ନିଜର ହକ ପାଇଁ କ୍ଷତିଗ୍ରସ୍ତ ପ୍ରଜାମାନେ ୪ଦିନ ଧରି ଆନ୍ଦୋଳନ ଚଳାଇଥିବା ବେଳେ ପୋଲିସ ସୋମବାର ୧୬୩ ଧାରା ଜାରି କରିବା ସହିତ ୫୭ଜଣଙ୍କୁ ଉଠାଇନେଇଛି। ଏପରିକି ଗର୍ଭବତୀ ମହିଳା,ବରିଷ୍ଠ ନାଗରିକ ଏବଂ ଶିଶୁଙ୍କୁ ବି ପୋଲିସ ଛାଡିନଥିବାର ଅଭିଯୋଗ ହୋଇଛି। ଗତ ୧୯୮୪ ମସିହାରେ ଓଡାପଡା ବ୍ଲକ ବଉଳପୁର ଝାରଗାଡିଆ ଠାରେ ଓଡିଶା ସିନ୍ଥେଟିକ୍ସ ନାମରେ ଏକ ପଲିଫାଇବର କାରଖାନା ଗଢିଉଠିଥିଲା। ପ୍ରାୟ ୩ଶହ ଏକର ଜମିରେ ଏହି କାରଖାନା କାର୍ଯ୍ୟକରୁଥିବା ବେଳେ ସ୍ଥାନୀୟ ଲୋକଙ୍କର ଜମି ନେଇ କାରଖାନା ନିର୍ମାଣ ହୋଇଥିଲା। କ୍ଷତି ଦର୍ଶାଇ ଓଡିଶା ସିନ୍ଥେଟିକସ କାରଖାନାକୁ ରିଲାଏନ୍ସ କାରଖାନା ୯୯ ବର୍ଷ ପାଇଁକିଣି ନେଇଥିଲା। ଗତ ୨୦୨୨ରେ ରିଲାଏନ୍ସ କାରଖାନା ପୂର୍ବ ଚୁକ୍ତିନାମା ଏବଂ ନିତୀ ନିୟମ ସହିତ କାରଖାନାର ଲିଜ ପାଇବା ପରେ ସେଠାରେଏକ ବାଇଓ ଏନର୍ଜି କାରଖାନା ସ୍ଥାପନ ପାଇଁ ଯୋଜନା କରିଥିଲା। ରିଲାଏନ୍ସ ପଲିଫାଇବର କାରଖାନା ଆନ୍ତର୍ଜାତିକ ବଜାରରେ ପଲିମରର ମୂଲ୍ୟହ୍ରାସ ପାଇବାରୁ ୨୦୦୯ରେ କାରଖାନା ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇଯାଇଥିଲା। ଦିର୍ଘ ୧୪ ବର୍ଷ ପରେ ପୁଣି ଥରେ କାରଖାନାକୁ କାର୍ଯ୍ୟକ୍ଷମ କରିବା ପାଇଁ ରିଲାଏନ୍ସ ଯୋଜନାକରି କାର୍ଯ୍ୟକ୍ଷମ କରିଥିଲା। କାରଖାନା କାର୍ଯ୍ୟକ୍ଷମ ହେବା ପରେ କାରଖାନାକୁ ଜମି ଦେଇ ସର୍ବହରା ହୋଇଥିବା ପ୍ରଜାମାନେ ନିଜର ହକ ପାଇଁ ଏବଂ କ୍ଷତିପୂରଣ ପାଇଁ ବାରମ୍ବାର ଦାବୀ କରିବା ପରେ ନିରାଶ ହୋଇ ଗତ ୪ ଦିନ ହେବ ଧାରଣାରେ ବସିଥିଲେ। ସୋମବାର ସକାଳୁ ହଠାତ ପୋଲିସ ଧାରଣା ସ୍ଥଳରୁ ଟେଣ୍ଟ ଭାଙ୍ଗିଦେବା ସହିତ ୧୬୩ ଜାରି ହୋଇଥିବାର କହି ରାତିରେ ଥିବା ୪ ଜଣକୁ ଉଠାଇ ନେଇଥିଲା। ସକାଳ ୯ ଟା ସମୟରେ ସଦାସଶିପୁର ସରପଞ୍ଚ ଧରିତ୍ରୀ ମଲ୍ଲିକ ଓ ପ୍ରଜାସଙ୍ଘର ସଭାପତି ଅରୁଣ କୁମାରସାହୁଙ୍କ ସହିତ ଧାରଣା ସ୍ଥଳକୁ ଯାଉଥିବା ବେଳେ ୫୩ଜଣକୁ ପୋଲିସ ଗାଡିରେ ଭର୍ତ୍ତି କରି ଗୋବିନ୍ଦପୁର ଫାଣ୍ଡିକୁ ନେଇଯାଇଥିଲା। ଏହାକୁ ନେଇ ତିବ୍ର ପ୍ରତିକ୍ରୀୟା ପ୍ରକାଶ ପାଇବା ସହିତ ସଭାପତି ଅରୁଣ କୁମାର ସାହୁ କହିଛନ୍ତି ଯେ,କମ୍ପାନୀକୁ ସୁରକ୍ଷାଦେବାକୁ ଯାଇ ପ୍ରଶାସନ ଏଭଳି ଦମନଲୀଳା ଚଳାଇଛି। ଆମର ହକ ପାଇଁ ଆମେ ଲଢୁଛି ଦରକାର ହେଲେ ସାମୁହିକ ଆତ୍ମାହୁତି ଦେବୁ ବୋଲି କହିଛନ୍ତି। ସେହିପରି ଘଟଣାକୁ ନେଇ ସରପଞ୍ଚ ଧରାତ୍ରୀ ମଲ୍ଲିକ କହିଛନ୍ତି ଯେ, ଏ ଜମି ଆମ ବାପାର ଜମି,ସରକାର କମ୍ପାନୀକୁ ଦେଇନାହାଁନ୍ତି। ପୋଲିସର ଏଭଳି ଜୁଲମକୁ ନିନ୍ଦା କରିବା ସହିତ ବର୍ତ୍ତମାନ ୧୨୦ଟି ପରିବାର ନିଜର ହକ ପାଇଁ ଲଢୁଛନ୍ତି।୨୦୧୫ ମସିହାରେ ନିଜର ହକ ପାଇଁ ଲଢେଇ ଚାଲିଥିବା ବେଳେ କମ୍ପାନୀ କ୍ଷତିଗ୍ରସ୍ତ ପ୍ରଜାଙ୍କୁ ନିଯୁକ୍ତି ନଦେଇ ବାହାରଲୋକଙ୍କୁ ନିଯୁକ୍ତି ଦେଉଛି। କୌଣସି ସୂଚନା ନଥାଇ ଧାରଣା ସ୍ଥଳକୁ ଯାଉଥିବା ଗର୍ଭବତୀ ମହିଳା,ବରିଷ୍ଠ ନାଗରିକ ମାନଙ୍କୁ ପୋଲିସ ଉଠାଇ ନେଇଛି। ସେମାନଙ୍କ ମଧ୍ୟରେ ୧୧ ଜଣ ମହିଳା ଥିବା ବେଳେ ୨ଜଣ ଗୁରୁତର ହୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ପ୍ରଶାସନର ଏଭଳି ନିତୀକୁ ନିନ୍ଦା କରିବାସହିତ ହକ ପାଇଁ ଲଢେଇ ଜାରି ରହିବ ବୋଲି କହିଛନ୍ତି। ପୋଲିସ ସମସ୍ତଙ୍କୁ ଗୋବିନ୍ଦପୁର ଫାଣ୍ଡି ରେ ଅଟକ ରଖିବାସହିତ ପୁଣି ସେମାନଙ୍କୁ ନଜ ଘରେ ଛାଡି ଦେଇଥିବାର ଜଣାପଡିଛି।



# ଆଲୁମିନିୟମ ପାର୍କ ପାଲଟିଛି ନିଶା ବେପାରୀଙ୍କ ପେଣ୍ଠସ୍ଥଳୀ

ବଅଁରପାଳ ,(ସବ୍ୟୁ) :ଅନୁଗୋଳ ଜିଲ୍ଲା ବଅଁରପାଳ ଥାନା ଅନ୍ତର୍ଗତ ଆଲୁମିନିୟମ ପାର୍କ ଅଞ୍ଚଳର ଏବେ ବ୍ରାଉନସୁଗର, ଗଞ୍ଜେଇ, ଦେଶୀ, ବିଦେଶୀ ମଦ ବେପାରୀ ଓ ଦେହଜିବି, ମାଟି,ବାଲି ମାଫିଆଙ୍କ ପେଣ୍ଠସ୍ଥଳୀ ପାଲଟିଥିବା ଅଭିଯୋଗ ହୋଇଛି । ଦିନରେ ନିଶା ବେପାରୀ ସନ୍ଧ୍ୟାରେ ଦେହଜିବିଙ୍କ ସୁରକ୍ଷା ସ୍ଥାନ । ପ୍ରତି ମାସରେ ଆଲୁମିନିୟମ ପାର୍କ ଅଞ୍ଚଳରୁ ଚାରି ପାଞ୍ଚ ଜଣ ବ୍ରାଉନସୁଗର ବେପାରୀଙ୍କୁ ପୋଲିସ ଗିରଫ କରୁଛି । ଏହା ପରେ ମଧ୍ୟ ନିଶା କାରବାର ମାଷ୍ଟରମାଇଣ୍ଡକୁ ଧରିବାରେ ସଫଳ ହେଉନାହିଁ । ଘଟଣାରୁ ପ୍ରକାଶ ଆଲୁମିନିୟମ ପାର୍କ ଅଞ୍ଚଳରେ ବ୍ରାଉନସୁଗର ବିକ୍ରି କରିବାକୁ ଗ୍ରାହକ ଅପେକ୍ଷାରେ ଥିବା ବେଳେ ବଅଁରପାଳ ଥାନା ପୋଲିସ ବିଶେଷ ସୂତ୍ରରୁ ଖବର ପାଇଁ ତିନି ଜଣ ଯୁବକଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ୨୫ ଗ୍ରାମର ବ୍ରାଉନସୁଗର ଜବତ ହୋଇଛି ଯାହାର ଅନୁମାନିକ ମୂଲ୍ୟ ପାଞ୍ଚ ଲକ୍ଷରୁ ଅଧିକ ହେବ ବୋଲି ସୂଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତ ମାନେ ହେଲେ ଅନୁଗୋଳ କରଡାଗାଡିଆ ଗ୍ରାମର ଯଜ୍ଞ ପାତ୍ର (୨୨) ,ହେମସରପଡାର ବିଭୁ ବେହେରା (୨୯) ଓ ରଞ୍ଜନ ପ୍ରଧାନ(୩୦) । ସୋମବାର ଦିନ ସମସ୍ତ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରିଛି ବଅଁରପାଳ ପୋଲିସ ଛ ସେହିପରି ବଅଁରପାଳ ଓ ନାଲକୋ ନଗର ଥାନା ଅଞ୍ଚଳରେ ଥିବା ଢାବା, ହୋଟେଲ ଓ ରେଷ୍ଟୁରାଣ୍ଟ ଗୁଡିକରେ ମଦ ବିକ୍ରି କରିବା ସହ ମଦ୍ୟପାନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି ବୋଲି 'ସମୟ' ଖବରକାଗଜରେ ଗତ ସପ୍ତାହରେ ପ୍ରକାଶ ପାଇଥିଲା । ଏହାର ପ୍ରଭାବରେ ଅନୁଗୋଳ ସ୍ପେଶାଲ ସ୍କ୍ୱାର୍ଡ଼ ବିଭିନ୍ନ ଢାବା ହୋଟେଲ ଗୁଡିକୁ ଚଢ଼ାଉ କରି ୫୫ନଂ ଜାତୀୟ ରାଜପଥ ବନ୍ଧା ଠାରେ କୁଲାଡ ଗ୍ରାମର ଜଣେ ଅବସରପ୍ରାପ୍ତ ପୋଲିସ କର୍ମଚାରୀ ଙ୍କ ଫେମିଲି ହୋଟେଲରେ ଚଢ଼ାଉ କରି ୧୫ ଲିଟରରୁ ଉର୍ଦ୍ଧ୍ୱ ବିଦେଶୀ ମଦ ଜବତ କରିବା ସହ ଜଣେ ଯୁବକକୁ ଅଟକ ରଖି ତଦନ୍ତ କରୁଛନ୍ତି ।

# କାମାକ୍ଷାନଗରରେ ଦଶହରା ପାଇଁ ପ୍ରସ୍ତୁତି ବୈଠକ

ଢେଙ୍କାନାଳ,(ସବ୍ୟୁ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ପ୍ରଶାସନ ପକ୍ଷରୁ ବ୍ଲକ ସଭା ଗୃହରେ ଚଳିତ ବର୍ଷ ଦଶହରା ପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।କାମାକ୍ଷାନଗର ଉପଜିଲ୍ଲାପାଳ ଦିନମଣି ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକ ଚଳିତ ବର୍ଷ କିପରି ଶାନ୍ତି ଶୃଙ୍ଖଳାରେ ଦଶହରା ପୂଜା ଅନୁଷ୍ଠିତ ହେବ ସେ ବିଷୟରେ ଆଲୋଚନା କରାଯାଇଥିଲା ।ଚଳିତ ବର୍ଷ ମୋଟ୍ ୧୯ ଗୋଟି ମେଢ଼ ହେବାପାଇଁ ସ୍ଥିର କରାଯାଇଛି। ଯେଉଁ ଯେଉଁ ବଜାର ରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ରାତ୍ର ୧୦ ଘଟିକା ମଧ୍ୟରେ ଶେଷ କରାଯିବ। ତାସହ କୌଣସି ବ୍ୟକ୍ତି ପୂଜାରେ ଅପ୍ରତିକର ପରିସ୍ଥିତି ସୃଷ୍ଟି କଲେ ପୋଲିସ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କାମାକ୍ଷାନଗରରେ ସେପ୍ଟେମ୍ବର ୨୭ ତାରିଖରୁ ପୂଜା ଆରମ୍ଭ ହୋଇ ଅକ୍ଟୋବର ମାସ ୩ ତାରିଖରେ ଭସାଣୀ କରାଯିବ। ଭସାଣୀରେ ପ୍ରଥମେ ମୁଣ୍ଡିଦେଉଳି, ଜଗନ୍ନାଥ ବଜାର, ତରୁଣ ବଜାର, ଲକ୍ଷ୍ମୀ ବଜାର ଏହି ଭଳି ମୋଟ୍ ୧୯ଟି ଯାକ ମେଢ଼ ନିଜ ନିଜ ପୂଜା ମଣ୍ଡପରୁ ନିର୍ଦ୍ଧାରିତ ସମୟରୁ ବାହାରି ହନୁମାନ ବଜାର ଠାରେ ଦିବା ୧.୩୦ ସମୟ ଭିତରେ ଏକତ୍ରିତ ହୋଇ ଗୋଟେ ଲାଇନରେ ପ୍ରସେସନ୍‌ରେ ବାହାରି ମେଲଣ ପଡିଆକୁ ଯିବୋସେଠାରେ କାମାକ୍ଷାନଗର ଥାନା ଆଇ.ଆଇ.ସି ସମସ୍ତ ମେଢ଼କୁ ପୂଜା କଲା ପରେ ରାବଣ ପୋଡ଼ି ଅନୁଷ୍ଠିତ ହେବ ଏବଂ ତାପରେ ସମସ୍ତ ମେଢ଼ ରାମିଆଳ ନଦୀରେ ବିସର୍ଜନ କରିବେ । ଆଜିର ଏହି ବୈଠକରେ କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷ ଧର୍ମାନନ୍ଦ ପରିଡ଼ା, ନିର୍ବାହୀ ଅଧିକାରୀ ପ୍ରଦୋତ୍ ସାହୁ, ଏସ୍.ଡି. ପି.ଓ ରଜନୀକାନ୍ତ ସାମଲ,ଆଇ.ଆଇ.ସି ଆଶିଷ କୁମାର ଜେନା,ତହସିଲଦାର ଶୁଭଙ୍କର ମହାନ୍ତି ,ଏଲେକ୍ଟ୍ରି ବିଭାଗ, ଅବକାରୀ ବିଭାଗ, ପି.ଡ.ବ୍ଲୁ. ଏସ.ଡି.ଓ ବିଜୟ କୁମାର ସେଠୀ, ଓକିଲ ସଂଘ ସଭାପତି ରଞ୍ଜନ କୁମାର ରାଉତ ଓ ସମସ୍ତ ୧୯ ଟି ବଜାରର ସଭାପତି ସମ୍ପାଦକ ଯୋଗ ଦେଇଥିଲେ।

# ଶ୍ରେଣୀଗୃହ ଅଭାବ, ପାଠ ପଢାରେ ବ୍ୟାଘାତ
## ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ଗ୍ରାମବାସୀ

ଠାକୁରଗଡ଼,(ସବ୍ୟୁ) : ଶିକ୍ଷାର ବିକାଶ ପାଇ ରାଜ୍ୟ ସରକାର ଅନେକ ଯୋଜନା ହାତକୁ ନେଇଛନ୍ତି । ଏ ପରିକି ନୂତନ ଶ୍ରେଣୀଗୃହ ନିର୍ମାଣ ସହ ଆବଶ୍ୟକ ଶିକ୍ଷକ ପଦପି ପୂରଣ କରୁଛନ୍ତି । ହେଲେ ଅନେକ ଜଙ୍ଗଲ ଅଧୁଷିତ ଅଞ୍ଚଳରେ ଥିବା ପୁରାତନ ବିଦ୍ୟାଳୟ ଗୁଡିକ ଅବହେଳିତ ହୋଇ ରହିଛି । ପୁରାତନ ଶିକ୍ଷାନୁଷ୍ଠାନ ଗୁଡିକର ବିକାଶ କରା ଯାଉ ନଥିବା ଯୋଗୁଁ ପାଠ ପଢାରେ ଅନେକ ସମସ୍ୟା ସୃଷ୍ଟି ହେଉଛି । ଯାହା ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା କୁରୁମଟାପ ପଞ୍ଚାୟତର ନୁଆଁ ବରପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି । ଏହି ବିଦ୍ୟାଳୟ ରେ ଅନେକ ସମସ୍ୟା ଥିବା ବେଳେ ସମାଧାନ କରା ଯାଉ ନଥିବା ଯୋଗୁଁ ସୋମବାର ଦିନ ବରପାଲି ଗ୍ରାମବାସୀ ମାନେ ଅନୁଗୋଳ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି । ଏ ହାର ଏକ ନକଲ ରାଜ୍ୟ ଶିକ୍ଷ । ମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି । ଗ୍ରାମବାସୀ ତାଙ୍କ ଅଭିଯୋଗପତ୍ରରେ ଉଲେଖ କରିଛନ୍ତି ଜେ ଏହି ଅଞ୍ଚଳର ଶିକ୍ଷାର ବିକାଶ ପାଇ ତା ୧/୯/୧୯୮୬ ମସିହାରେ ଏହି ବିଦ୍ୟାଳୟ ସ୍ଥାପନ ହୋଇଥିଲା । ଏହି ବିଦ୍ୟାଳୟ ରେ ପ୍ରଥମ ରୁ ପଞ୍ଚମ ଶ୍ରେଣୀ ପର୍ଯନ୍ତ ଥିବା ବେଳେ ୨୮ ଜଣ ଛାତ୍ରୀ ଛାତ୍ର ପାଠ ପଢିଛନ୍ତି । ହେଲେ ସେମାନ ଙ୍କ ପାଇ ଆବଶ୍ୟକ ଶ୍ରେଣୀ ଗୃହ ନାହିଁ । ସମୁଦାୟ ୪ ଟି ଶ୍ରେଣୀ ଗୃହ ଥିବା ବେଳେ ୨ ଟି ଶ୍ରେଣୀ ଗୃହ ବିପଦ ସଂକୁଳ ଅବସ୍ଥା ରେ ରହିଛି । ଅନ୍ୟ ଦୁଇଟି ଶ୍ରେଣୀ ଗୃହ ରେ ଗୋଟିଏ ଶ୍ରେଣୀ ଗୃହରେ ଅଧା ସ୍ଥାନ ରେ କାର୍ଯାଳୟ ସହ ୨ ଟି ଶ୍ରେଣୀ ଗୃହ ର ଛାତ୍ରୀ ଛାତ୍ର ବସି ପାଠ ପଢୁଥିବା ବେଳେ ଅନ୍ୟ ଗୋଟିଏ ଶ୍ରେଣୀ ଗୃହ ରେ ୩ ଟି ବିଦ୍ୟାଳୟର ଛାତ୍ରୀ ଛାତ୍ର ବସି ପାଠ ପଢୁଛନ୍ତି । ବିଶେଷ କରି ଶ୍ରେଣୀ ଗୃହ ନଥିବା ବେଳେ ଛାତ୍ରୀ ଛାତ୍ର ମାନେ ବହୁ ଅସୁବିଧା ସମ୍ମୁଖୀନ ହେଉଛନ୍ତି । ଏ ପରିକି ଛାତ୍ରୀ ଛାତ୍ର ଙ୍କ ପାଇ ଥିବା ଶୋଚାଳୟ ଗୁଡିକର ପ୍ୟାନ ଭାଙ୍ଗି ଯିବା ସହ ପାଇଖାନା ଟାଙ୍କି ମଧ ଭୁଶୁଡି ପଡିଛି । ଫଳରେ ଅନୁପଯୋଗୀ ହୋଇ ପଡ଼ିଥିବା ବେଳେଛାତ୍ରୀ ଛାତ୍ର ମାନେ ପରିସ୍ରା କରିବା ପାଇ ଖୋଲା ପଡିଆ ଓ ନିକଟରେ ଥିବା ଏକ ନାଳ ଉପରେ ଭରସା କରୁଛନ୍ତି । ଏ ନେଇ ଶିକ୍ଷା କମିଟି ପକ୍ଷରୁ ବହୁ ବାର ବ୍ଲକ ଶିକ୍ଷା ବିଭାଗ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁ ନାହିଁ । ଫଳରେ ବିପଦସଂକୁଳ ଅବସ୍ଥାରେ ଥିବା ଶ୍ରେଣୀଗୃହଗୁଡିକରେ ଛାତ୍ରୀ ଛାତ୍ର ମାନେ ନିର୍ଭର କରୁଛନ୍ତି । ତୁରନ୍ତ ଏଥି ପ୍ରତି ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅର୍ଜୁନ ସାମଲ, ଗ୍ରାମ ସଭାପତି ନାରାୟଣ ନାୟକ, ବିରଞ୍ଚି ରାଉଳ, ଧରଣୀଧର ଦାସ, ମନୋଜ ଦାସ, ଚକ୍ର ଧର ରାଉଳ, କ୍ଷମା ସାଗର ଦେହୁରୀ ପ୍ରମୁଖ ଦାବି କରିଛନ୍ତି । ଏ ନେଇ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ଶୁଭାସିନ ନାୟକ କୁହନ୍ତି –ବିଦ୍ୟାଳୟର ସମସ୍ତ ସମସ୍ୟା ସମ୍ପର୍କ ରେ ଉଚ୍ଚ ପଦାଧିକାରୀଙ୍କୁ ଲିଖିତ ଭାବରେ ଅବଗତ କରାଯାଇଛି । ଏ ନେଇ ବ୍ଲକ ଶିକ୍ଷା ଅତିରିକ୍ତ ଗୋଷ୍ଠୀ ଅଧିକାରୀ କୈବଲ୍ୟ କଅଁର କୁହନ୍ତି ଉକ୍ତ ବିଦ୍ୟାଳୟ ର ସମସ୍ୟା ସମ୍ପର୍କରେ ଜିଲ୍ଲା ଶିକ୍ଷା ବିଭାଗକୁ ଅବଗତ କରାଯିବ ।



# ବଜ୍ରକୋଟରେ ସାର କଳାବଜାରୀ

ରେଙ୍ଗାଳି,(ସବ୍ୟୁ) :କଣିହାଁ ବ୍ଲକ ବଜ୍ରକୋଟ ପଞ୍ଚାୟତରେ ସାରର କଳାବଜାରୀ ସହ ଚଢା ଦରରେ ସାର ବିକ୍ରି ହେଉଥିବା ଚାଷୀଙ୍କ ପକ୍ଷରୁ ଅଭିଯୋଗ ହେଉଛି । କୃଷି ବିଭାଗ ପକ୍ଷରୁ ସାର ବିକ୍ରି ପାଇଁ ସ୍ୱତନ୍ତ୍ର ଦର ଓ ନିୟମ ପାଳନ କରିବାର ବିଧି ବ୍ୟବସ୍ଥା ଥିଲେ ମଧ ରେଙ୍ଗାଳି ଓ ବଜ୍ରକୋଟ ପଞ୍ଚାୟତରେ ଲାଇସେନ୍ସପ୍ରାପ୍ତ ଡିଲରମାନେ ଏହାକୁ ପାଳନ କରୁନାହାଁନ୍ତି । ଇଛା ଅନୁସାରେ ରେଟ୍ କରୁଥିବା ଯୋଗୁଁ ଚାଷୀ ହନ୍ତସନ୍ତ ହେଉଥିବାର ଦେଖିବାକୁ ମିଳିଛି । ସାର ବିକ୍ରି ବେଳେ ପିଓଏସ୍ ମେସିନ ବ୍ୟବହାର କରିବା ସହିତ ଦୋକାନ ସାମନାରେ ଡିସପ୍ଲେ ବୋର୍ଡରେ ଦର ଓ ଗଚ୍ଛିତ ଥିବା ସାର ବିଷୟରେ ଦର୍ଶାଇବାକୁ ନିୟମ ଅଛି ମାତ୍ର ଏଠାରେ ଏସବୁ ଦେଖିବାକୁ ମିଳେନାହିଁ । ବାରମ୍ବାର ଅଭିଯୋଗ ପରେ ମଧ୍ୟ ଜିଲ୍ଲା କୃଷି ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଚାଷୀମାନଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି । ବର୍ତ୍ତମାନ ଚାଷୀ ବେଉଷଣ ସାରି ଥିବାରୁ ସାର ଓ ଔଷଧର ଆବଶ୍ୟକତା ରହିଥିବା ଦୃଷ୍ଟିରୁ ସାର କଳାବଜାର ଚାଷୀଙ୍କ ପାଇଁ ବୋଝ ଉପରେ ନଳିତା ବିଡା ସଦୃଶ ହୋଇଛି । ବଜ୍ରକୋଟର ଡମଜୁରି ରେ ଥିବା ଅଭିମନ୍ୟୁ ସାହୁଙ୍କ ସାର ଦୋକାନରେ ୟୁରିଆ ସାର କୁ ଗଛିତ ରଖି କିଲୋପ୍ରତି କୋଡିଏ ଟଙ୍କା ଦରରେ ସାର ବିକ୍ରି ହେଉଥିବା ଦେଖାଯାଇଛି । କଳାବଜାର ବିଷୟରେ ଆମେ ସହକାରୀ କୃଷି ଅଧିକାରୀ ଅବିନାଶ ନାହାକ ଙ୍କୁ ଯୋଗାଯୋଗ କରିବାରୁ, ସେ ଏହାର ତଦନ୍ତ କରି ସମ୍ପୃକ୍ତ ଡିଲର୍ ଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ । ବାରମ୍ବାର ଅଭିଯୋଗ ସତ୍ତ୍ୱେ ଡିଲର୍ ମାନେ ଏଭଳି କଳାବଜାରୀ କଲେ ତାଙ୍କ ଲାଇସେନ୍ସ ରଦ୍ଦ କରିବା ପାଇଁ ଉଚ୍ଚପଦାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସେ ପ୍ରକାଶ କରିଛନ୍ତି । ସରକାରଙ୍କ ନିୟମ ଅନୁସାରେ ଚାଷୀଙ୍କୁ କିପରି ସାର ସୁଲଭ ଦରରେ ମିଳିପାରିବ ସେ ବିଷୟରେ ବିଭାଗ ଯନ୍‌ବାନ ଥିବା ସେ ପ୍ରକାଶ କରିଛନ୍ତି ।

## ଗ୍ରାମର ସମସ୍ୟା ନେଇ ସମାଜସେବୀଙ୍କ ଦାବିପତ୍ର

ଆଠମଲ୍ଲିକ ,(ସବ୍ୟୁ) : ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ କିଆକଟା ଗ୍ରାମପଞ୍ଚାୟତ କୁମ୍ଭୀଆ ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ଏକ ଶୌଚାଳୟ ନିର୍ମାଣ ଓ କିଆକଟା ଛକରେ ବନ୍ଦ ହୋଇ ପଡି ରହିଥିବା ଶୌଚାଳୟ ପୁନଃଚାଲୁ କରିବାକୁ ଦାବୀ କରି ସମାଜସେବୀ ଚିନ୍ମୟ କର୍ଣ୍ଣ ସ୍ଥାନୀୟ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହାଙ୍କ ନିକଟରେ ଦାବିପତ୍ର ଦେଇଥିବା ଜଣାପଡିଛି । ସୂଚନା ଥାଉ କି କୁମ୍ଭୀଆ ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ର ରେ ଶୌଚାଳୟ ନଥିବାରୁ ଶିଶୁ ମାନେ ଓ ଗର୍ଭବତୀ ମା ମାନେ ନାନା ଅସୁବିଧର ସମ୍ମୁଖୀନ ହେଉଛନ୍ତି । ତେଣୁ ଅତି ଶୀଘ୍ର ଅଙ୍ଗନୱାଡି କେନ୍ଦ୍ର ରେ ଶୌଚାଳୟ ନିର୍ମାଣ ଓ କିଆକଟା ଛକରେ ଥିବା ଶୌଚାଳୟକୁ ଯାତ୍ରୀ ମାନଙ୍କ ସୁବିଧା ନିମନ୍ତେ ପୁନଃଚାଲୁ କରିବାକୁ ଦାବୀ କରାଯାଇଛି । ଦାବୀପତ୍ର ଦେବା ସମୟ ରେ ଶ୍ରୀ କର୍ଣ୍ଣ ଙ୍କ ସହିତ ଶାନ୍ତନୁ କର୍ଣ୍ଣ ଉପସ୍ଥିତ ଥିଲେ ।

## ଜଏରାଟ ପଞ୍ଚାୟତରେ ଜନ ଶୁଣାଣି

ଠାକୁରଗଡ଼,(ସବ୍ୟୁ) :ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଜଏରାଟ ପଞ୍ଚାୟତ ସଭା ଗୃହ ପରିସରରେ ସୋମବାର ଦିନ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ କିଶୋରନଗର ବିଡ଼ିଓ ସୁବ୍ରତ କୁମାର ବେହେରା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କିପରି ସମସ୍ତ ସମସ୍ୟା ଗୁଡିକ ଶୀଘ୍ର ସମାଧାନ ହେବ ସେ ନେଇ ଆଲୋଚନା କରିବା ସହ ୬୦ ଟି ଅଭିଯୋଗ ଶୁଣାଣି କରି ଶୀଘ୍ର ସମସ୍ୟା ଗୁଡିକ ସମାଧାନ କରିବା ପାଇ ନିର୍ଦ୍ଦେଶ ଦେଇଥିଲେ ।

# କାରଖାନାକୁ ଜମି ଦେଇ ପ୍ରଜା ସର୍ବସ୍ୱାନ୍ତ
## କ୍ଷତିପୂରଣ ଦେଉ ନାହାନ୍ତି ଜମିଅଧିଗ୍ରହଣ ଅଧିକାରୀ, ଫିକ୍ସ ଡିପୋଜିଟରେ ଲାଗିଛି ଟଙ୍କା

ଢେଙ୍କାନାଳ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲାରେ କଳକାରଖାନା ପାଇଁ ପ୍ରଜାମାନେ ଜମି ଦେଇ ସର୍ବସ୍ୱାନ୍ତ ହୋଇପଡୁଛନ୍ତି। କାରଖାନା ହେବା ପରେ ନା ମିଳୁଛି ନିଯୁକ୍ତି ନା ମିଳୁଛି ଉପଯୁକ୍ତ କ୍ଷତିପୂରଣ। କାରଖାନା ହେବା ପରେ ପ୍ରଶାସନ କାରଖାନାକୁ ସୁରକ୍ଷାଦେଇ ଜମିହରା ପ୍ରଜାଙ୍କ ଦୁଃଖ ଯାତନାକୁ ଭୁଲିଯାଉଛି। କ୍ଷତିଗ୍ରସ୍ତ ପ୍ରଜାଙ୍କ ପାଇଁ ଆସିଥିବା ଟଙ୍କା ପ୍ରଜାଙ୍କୁ ଦେବା ତ ଦୂରର କଥା ଜମି ଅଧିଗ୍ରହଣ ଅଧିକାରୀ ଫିକ୍ସ ଡିପୋଜିଟରେ ରଖିବା କଥା ଅଡିଟ ରିପୋର୍ଟ ଜଣାପଡିଛି। ଜିଲ୍ଲାରେ ୨୦୧୧ ଜନସଂଖ୍ୟା ଅନୁସାରେ ୧୧ଲକ୍ଷ ୯୨ ହଜାର୮୮୧ ଲୋକ ବସବାର କରୁଥିବାର ଜଣାପଡିଛି। ଜିଲ୍ଲାରେ ମୋଟ ୮ଟି ବ୍ଲକ ରହିଥିବା ବେଳେ ୨୧୨ଟି ଗ୍ରାମ ପଞ୍ଚାୟତ ରହିଛି। ଜିଲ୍ଲାରେ ୫ଟି ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ ରହିଛି। ବିଭିନ୍ନ ସ୍ଥାନରେ କାରଖାନା ସ୍ଥାପନ ହେବା ସହିତ ବିଆରଜି, ରୁଙ୍ଗଟା, ଏମଜିଏମ, ଜିଏମଆର,ଲାନେକା ବାବନ୍ଧ ଭଳି କାରଖାନା ଗଢିଉଠିଛି।ଏହି କାରଖାନକୁ ଜମି ଦେଇ ନିଯୁକ୍ତି,ଥଇଥାନ,ଆରପିଡିଏସି ମାଧ୍ୟରେ ସମସ୍ତ ପ୍ରକାରର ସେବା ସୁବିଧା ପାଇବା ପାଇଁ କ୍ଷତିଗ୍ରସ୍ତ ପ୍ରଜାମାନେ ଚାହିଁ ରହିଥାନ୍ତି। କିନ୍ତୁ ଜମି ଅଧିଗ୍ରହଣ କରୁଥବି ଜମି ଅଧିଗ୍ରହଣ ଅଧିକାରୀ ବା ତହସିଲଦାର ପ୍ରଜାଙ୍କ ଟଙ୍କାରେ କିଭଳି ନିଜର ମନମୁଖୀ ଶାସନ କରିବାସହିତ କାର୍ଯ୍ୟ କରିଛନ୍ତି ତାହା ଅଡିଟ ରପୋର୍ଟରେ ଜଣାପଡିଛି। ଜିଲ୍ଲାରେ ଘରୋଇ ଜମି ଅଧିଗ୍ରହଣ କରାଯାଇ ପ୍ରାୟ ୧୧.୪୩କୋଟି ଟଙ୍କା ପ୍ରଜାଙ୍କୁ ପ୍ରଦାନ କରାନଯାଇ ପଡି ରହିଥିବାର ଜଣାପଡିଛି। ଜମି ଅଧିଗ୍ରହଣ ଆଇନ ୧୮୯୪ ଧାରା ୩୧ ଅନୁସାରେ ଜିଲ୍ଲାପାଳ ଏହି ଟଙ୍କାକୁ ପ୍ରଦାନ କରିବା ସହିତ ଯଦି ନହୁଏ ତେବେ ଏହାକୁ ଅଦାଲତରେ ଜମା କରିବାର ନିୟମ ରହିଛି। ଜଣାପଡିଛି ଯେ,ଓଡାପଡା ତହସିଲଦାର ଭୁଷଣ, ବିଆରଜି, ରୁଙ୍ଗଟା, ଜିଏମଆର, ଏମଜିଏମ, ଲାନକୋ ଭଳି କାରଖାନା ପାଇଁ ହମି ଦେଇଥିବା ପ୍ରଜାମାନଙ୍କୁ ୨୦୨୩ ମସିହା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ପ୍ରାୟ ୧୧କୋଟି ୪୨ଲକ୍ଷ ୬୮ ହଜାର ୫୨୬ଟଙ୍କା ପ୍ରଦାନ କରାଯାଇନାହିଁ। ଗତ ୨୦୦୪ ମସିହାରୁ ୨୦୧୨ ଜିଲ୍ଲାପାଳଙ୍କ ଦ୍ୱାରା ଚିହ୍ନଟ କରାଯାଇଥିବା ପ୍ରଜାଙ୍କୁ ପ୍ରଦାନ କରାଯାଇନାହିଁ। ଜଣାପଡିଛି,ଯେ ଜମି ଅଧିଗ୍ରହଣକାରୀ ଅଧିକାରୀ ଏହି ଟଙ୍କାକୁ ସରକାରଙ୍କ ନିୟମ ଅନୁସାରେ ଅଦାଲତରେ ଡିପୋଜିଟ କରାଯାଇନାହିଁ।ଫଳରେ ଜମି ହରା ପ୍ରଜା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି କାମାକ୍ଷାନଗର ଓପିଟିସିଏଲ ତରଫରୁ ଜମିହରା ପ୍ରଜାଙ୍କୁ ୧୮୪କୋଟି ୫୧ଲକ୍ଷ ୪ ହଜାର ୭୬୩ ଟଙ୍କା ପ ପ୍ରଦାନ କରାଯାଇଥିବା ବେଳେ କାମାକ୍ଷାନଗର ତହସିଲଦାର ୧୭୮କୋଟି ଟଙ୍କା ଗ୍ରହଣ କରିଛନ୍ତି। ସେଥି ମଧ୍ୟରୁ ୨୦ପ୍ରତିଶତ ଚାର୍ଜ କାଟି ରଖିବା ପରେ ୭ଟି ଗ୍ରାମର ପ୍ରଜାଙ୍କୁ ୧୨୩କୋଟି ୧୫ଲକ୍ଷ ୭୩ ହଜାର ୨୬୬ଟଙ୍କା ପ୍ରଦାନ କରାଯାଇଥିବା ବେଳେ ୩୩କୋଟି ୯ଲକ୍ଷ ୩୦ ହଜାର ସିଭିଲ ଡିପୋଜିଟ ଲାପ୍ସ ହୋଇଯାଇଛି। ଜଣାପଡିଛି ଯେ,ଏଲଏଲ୍ ୨ଲକ୍ଷ୯୮ ଲକ୍ଷ ୯ ଜହାର ୬୧ଟଙ୍କା ବିଲ୍‌ନଂ ୩୦ ଏବଂ ୭୬/୨୦୧୭ରେ ଉଠାଇ ତାହାକୁ ୬ଟି ଫିକ୍ସଡ୍ ଡିପୋଜିଟ ମାଧ୍ୟମରେ ଆଇସିଆଇସିଆଇ ବ୍ୟାଙ୍କରେ ଜମା ରଖିଛନ୍ତି। ଯାହା ସମ୍ପୂର୍ଣ୍ଣ ଭାବରେ ଆଇନ ବିରୁଦ୍ଧ ବୋଲି ଜଣାପଡିଛି। ଜମି ଅଧିଗ୍ରହଣ ଅଧିକାରୀଙ୍କ ଏଭଳି ନିତୀଯୋଗୁ ଟଙ୍କା ବଣ୍ଟା ନହୋଇ ପଡିରହିଛି। ଫଳରେ ଜମିହରା ପ୍ରଜାମାନେ ବିଭିନ୍ନ କ୍ଷେତ୍ରରୁ ବଞ୍ଚିତ ହେଉଥବାର ଜଣାପଡିଛି। ଏହାର ତଦନ୍ତ ସହିତ ପଦକ୍ଷେପ ନେବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇ ପଡିରହିଛି।

## ଶିକ୍ଷକ ବିମଳ ଚନ୍ଦ୍ର ବେହେରାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଆଠମଲ୍ଲିକ,(ସବ୍ୟୁ) : ସ୍ଥାନୀୟ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ରେ ଦୀର୍ଘ ଦିନ ଧରି ଶିକ୍ଷକତା କରିଥିବା ବିମଳ ଚନ୍ଦ୍ର ବେହେରା ଠାକୁରଗଡ଼ ଉଚ୍ଚ ବିଦ୍ୟାଳୟ କୁ ବଦଳି ହୋଇ ଯାଇଥିବାରୁ ଶୁକ୍ରବାର ଏକ ସ୍ୱତନ୍ତ୍ର ଉତ୍ସବ ଆୟୋଜନ କରି ତାଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆ ଯାଇଥିଲା । ଏହି ସମ୍ବର୍ଦ୍ଧନା ଉତ୍ସବ ରେ ପ୍ରଧାନ ଶିକ୍ଷକ ସୁନିଲ କୁମାର ପ୍ରଧାନ, ଶିକ୍ଷୟତ୍ରୀ ବିନୋଦିନୀ ପ୍ରଧାନ, ଶିକ୍ଷୟତ୍ରୀ ଜ୍ୟୋତ୍ସ୍ନା ରାଣୀ ତରିଆ, ଶିକ୍ଷକ ରଜତ କୁମାର ସାହୁ, ପରିଚାଳନା କମିଟି ଉପସଭାପତି ସନ୍ଧ୍ୟା ରାଣୀ ସାହୁ, ପରିଚାଳନା କମିଟି ସଭ୍ୟା କୁମୁଦିନୀ ସାହୁ ସମେତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ରହି ତାଙ୍କ ର ଶିକ୍ଷକତା ସମୟ ରେ ଶୃଙ୍ଖଳିତ ଜୀବନ ଯାପନ କରି ଛାତ୍ର ଛାତ୍ରୀ ମାନଙ୍କୁ ଭଲ ଶିକ୍ଷା ଦାନ ଦେଇଥିବାରୁ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ତାଙ୍କୁ ସବୁଦିନ ପାଇଁ ମନେ ରଖିବ ବୋଲି ବକ୍ତବ୍ୟ ରଖିଥିଲେ । ବିଦାୟୀ ଶିକ୍ଷକ ଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧନା ଦିଆ ଯାଇଥିଲା । ଶେଷରେ ଶିକ୍ଷକ ଆଦିତ୍ୟ କୁମାର ସାହୁ ଧନ୍ୟବାଦ ଦେଇଥିଲେ ।

# ଏସ୍‌ଭି ନିରତାର ପକ୍ଷରୁ ବିଶ୍ୱ ଫିଜିଓଥେରାପି ଦିବସ
## ୧୫୦ ରୋଗୀଙ୍କୁ ଚିକିତ୍ସା ପ୍ରଦାନ




ଢେଙ୍କାନାଳ,(ସବ୍ୟୁ): ଢେଙ୍କାନାଳ ଗୋପବନ୍ଧୁ ଟାଉନ ହଲଠାରେ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ ବିଭାଗ ଅଧିନସ୍ଥ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନବର୍ରାସ ତାଲିମ ଏବଂ ଗବେଷଣ ପ୍ରତିଷ୍ଠାନ(ଏସ୍‌ଭି ନିରତାର) ପକ୍ଷରୁ ସୋମବାର ଫିଜିଓଥେରାପି ଦିବସ ଅନୁଷ୍ଠିତ ହୋଇଯାଇଛି । ଏହି ଦିବସ ଉପଲକ୍ଷେ ଏକ ମେଗା ଫିଜିଥେରାପି ଚିକିତ୍ସା ଶିବିର ଆୟୋଜିତ ହୋଇଥିଲା । ପ୍ରତିଷ୍ଠାନ ପକ୍ଷରୁ ନିଶୁଳ୍କ ଫିଜିଓଥେରାପି ସେବା ପ୍ରଦାନ କରାଯାଇଥିଲା । ଶିବିରରେ ଜିଲାର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ୧୫୦ ରୋଗୀଙ୍କୁ ଫିଜିଓଥେରାପି ଚିକିତ୍ସା ସେବା ପ୍ରଦାନ କରାଯାଇଥିଲା । ଏସ୍‌ଭି ନିରତାର ନିର୍ଦ୍ଦେଶକ ଡା. ପିପି ମହାନ୍ତି ଓ ଫିଜିଓଥେରାପି ବିଭାଗ ମୁଖ୍ୟ ମୋନାଲିସା ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ଚିକିତ୍ସା ଶିବିର ଆୟୋଜିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଫିଜିଓଥେରାପିଷ୍ଟ ଅଶ୍ୱେତରାଣୀ ଟୁଡୁ ଓ ବିଶ୍ୱଜିତ ଶତପଥୀଙ୍କ ସମେତ ଶୁଭେନ୍ଦୁ ଦାସ, ରିଶିରାଜ ବରୁଆ, ଆୟୁଷ ଶତପଥୀ, ଦେବୋପ୍ରିୟ ଦାସ, ଅନୁଷ୍କା ରାଜ ଓ ସାମନ୍ତ ଆଫ୍ରୁଜ୍ ପ୍ରମୁଖ ଫିଜିଓଥେରାପି ବିଦ୍ୟାର୍ଥୀ ମାନେ ଯୋଗ ଦେଇ ସେବା ପ୍ରଦାନ କରିଥିଲେ ।

# ଗୁଣ୍ଡିଚାଘାଗୀ ଜଳସ୍ରୋତରେ ଭାସିଗଲେ ଯୁବକ



କେନ୍ଦୁଝର (ସବ୍ୟୁ): କେନ୍ଦୁଝର ଜିଲ୍ଲାର ଅନ୍ୟତମ ତଥା ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଘଟଗାଁ ବ୍ଲକ ଅନ୍ତର୍ଗତ ଗୁଣ୍ଡିଚାଘାଗୀ ଜଳପ୍ରପାତରେ ସୋମବାର ଦିନ ଜଣେ ଯୁବକ ଭାସିଯାଇ ନିଖୋଜ ଅଛନ୍ତି । ବାଲେଶ୍ୱର ଜିଲ୍ଲା କୁପାରୀ ନିକଟବର୍ତ୍ତୀ ବଡଗଣ ଗ୍ରାମର କିଛି ଯୁବକ ସୋମବାର ଦିନ ଘଟଗାଁ ମା ତାରିଣୀ ଙ୍କ ଦର୍ଶନକରି ଗୁଣ୍ଡିଚାଘାଗୀ ବୁଲିବାକୁ ଯାଇଥିଲେ । ସେଠାରେ ମୋବାଇଲରେ ଫଟୋ ଉଠାଇ ମଜ୍ଜା କରୁଥିବା ବେଳେ ଦେବେଶ କୁମାର ବେହେରା ନାମକ ଯୁବକ ଅସାବଧାନତା ଯୋଗୁଁ ଗଭୀର ଜଳ ସ୍ରୋତରେ ଭାସି ଯାଇଥିଲେ । ତାଙ୍କୁ ଅନ୍ୟମାନେ ଉଦ୍ଧାର କରିବାକୁ ଯାଇ ବିଫଳ ହୋଇଥିଲେ । ଖବରପାଇ ଅଗ୍ନିଶମ ବାହିନୀ ଖୋଜାଖୋଜି କଲେବି କିଛି ସୁରାକ ପାଇନାହାନ୍ତି । ଏନେଇ ନିଖୋଜ ଯୁବକର ସାଙ୍ଗମାନେ ଭୟରେ ଘଟଣାସ୍ଥଳରୁ ଚାଲିଯାଇଛନ୍ତି।

# ହର୍ଷପୁର ପାଇଁ ଅଭିଶାପ ପାଲଟିଛି ଡାଏରୀ ଫାର୍ମ

କେନ୍ଦୁଝର, (ସବ୍ୟୁ) : କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ଗୋପାନାଥପୁର ପଞ୍ଚାୟତ ହର୍ଷପୁର ଗ୍ରାମର କିରଣବାଳା ସାହୁ ଡାଏରୀ ଫାର୍ମ କରି ଲାଭବାନ ହେଉଥିବା ବେଳେ ସର୍ବସାଧାରଣ ରାସ୍ତାରେ ଗୋମୂତ୍ର ଓ ଗୋବର ପାଣି ଛାଡୁଥିବାର ଅଭିଯୋଗ ହୋଇଛି। ଗାଈ,ଗୋରୁଙ୍କ ଖାଦ୍ୟ,ମୂତ୍ର ଧୋଡାକରି ରାସ୍ତା ରେ ଛାଡିବା ଦ୍ୱାରା ଗ୍ରାମବାସୀ ଙ୍କ ସମେତ ଅଙ୍ଗନବାଡି ଶିଶୁ ଓ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ,ହର୍ଷପୁର,ଜଳଙ୍ଗ, ଖୁଣ୍ଟପଡ଼ା ଆଦି ଅଞ୍ଚଳର ଜନସାଧାରଣଙ୍କ ଯାତାୟତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ଏହି ସମସ୍ୟା ନେଇ ପୂର୍ବରୁ ଛାତ୍ର ଛାତ୍ରୀ ମାନେ ରାସ୍ତା ଅବରୋଧ କରିଥିଲେ । ପୋଲିସ ଓ ତହସିଲଦାର ଆସି ଯଥା ଶୀଘ୍ର ସମସ୍ୟା ର ସମାଧାନ କରାଯିବା ନେଇ ପ୍ରତିଶ୍ରୁତି ଦେଇ ଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସମାଧାନ ହୋଇ ପାରିନାହିଁ । ଏ ନେଇ ଜିଲା ପ୍ରଶାସନ ଙ୍କ ନିକଟରେ ଅନେକଥର ଅଭିଯୋଗ କରାଯାଇଥିଲେ ହେଁ କୌଣସି ପଦକ୍ଷେପ ନିଆ ଯାଉନଥିବାରୁ ଜନସାଧାରଣ ଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସର୍ବସାଧାରଣ ରାସ୍ତାକୁ ପ୍ରଦୂଷଣମୁକ୍ତ କରାଯିବାକୁ ନେଇ ସରପଞ୍ଚ ସରୋଜ ହେମ୍ବ୍ରମ,ସମିତି ସଭ୍ୟ ବସନ୍ତ ସାହୁ, ଭାସ୍କର ସାହୁ, ସୁଶୀଳା ସାହୁ, ନିରୂପମା ଓଝା, ପ୍ରହ୍ଲାଦ ଷଡଙ୍ଗୀ, ସୁଧାକର ଓଝା,ପରେଶ ମାହାଣ, ସୁରେନ୍ଦ୍ର ସାହୁ,ଧନେଶ୍ୱର ମାହାଣା ପ୍ରମୁଖ ଗ୍ରାମବାସୀ ସୋମବାର ଜିଲାପାଳଙ୍କୁ ମିଳିତ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ସମସ୍ତ ଅସୁବିଧା ବିଷୟରେ ଅବଗତ କରାଇବା ସହ ତୁରନ୍ତ ଏହାକୁ ବନ୍ଦ କରିବା ପାଇଁ ଦାବିପତ୍ର ପ୍ରଦାନ କରିବା ସହ ଏହାର ଆଶୁ ସମାଧାନ ନହେଲେ ଆନ୍ଦୋଳନ କରିବେ ବୋଲି କହିଛନ୍ତି । ଏ ବିଷୟରେ ଉପଜିଲାପାଳ ଜଗଦୀଶଙ୍କର ଦଳେଇଙ୍କୁ ପଚାରିବାରୁ ଏହା ଉଚ୍ଚ ନ୍ୟାୟାଳୟ ବିଚାରାଧୀନ ଅଛି। ଏ ବାବଦରେ ଉଚ୍ଚ ନ୍ୟାୟାଳୟ ସ୍ଥଗିତାଦେଶ ଦେଇଥିବାରୁ ସେ କୌଣସି ପଦକ୍ଷେପ ନେଇ ପାରୁନଥିବା କଥା କହିଛନ୍ତି। ତେବେ ବାରମ୍ବାର ଅଭିଯୋଗ ହେଉଥିବା ବିଷୟରେ ଉଚ୍ଚ ନ୍ୟାୟାଳୟ କୁ ଅବଗତ କରାଇ ତୁରନ୍ତ ଏହାର ସମାଧାନର ରାସ୍ତା ବାହାର କରାଯିବ ବୋଲି କହିଛନ୍ତି ଉପଜିଲାପାଳ ।

# ଜିଲ୍ଲା କଂଗ୍ରେସ ସଭାପତି ଚୟନ ପାଇଁ ଘମାସାନ

ବାଲେଶ୍ୱର, (ସବ୍ୟୁ) : ଏଆଇସିସି ପର୍ଯ୍ୟବେକ୍ଷକ ତଥା କର୍ଣ୍ଣଟକ ର ହାସନ ଲୋକ ସଭା ଆସନ ର ସାଂସଦ ଶ୍ରେୟାସ ଏମ ପଟେଲ ଓ ପିସିସି ର ପର୍ଯ୍ୟବେକ୍ଷକ ବିପ୍ଳବ ଚୌଧୁରୀ ପ୍ରମୁଖ ରାଜୀବ ଭବନ ରେ ପରବର୍ତ୍ତୀ ଜିଲ୍ଲା ସଭାପତି ଚୟନ ଉପରେ କର୍ମୀ ଓ ପି ଆର ଆଇ ସଦସ୍ୟ ମାନଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। କେଉଁ ନେତାଙ୍କୁ ଗୁରୁ ଦାୟିତ୍ୱ ଦେଲେ ଦଳ କୁ ସଫଳତା ମିଳିବ ସେ ସମ୍ପର୍କରେ କବାଟ କିଳା ଆଲୋଚନା କରିଥିଲେ। ଏହି ରୁଦ୍ଧ ଦ୍ୱାର ଆଲୋଚନା ବେଳେ ପି ସି ସି ର ପର୍ଯ୍ୟବେକ୍ଷକ ତଥା ପୂର୍ବତନ ବିଧାୟକ ରବୀନ୍ଦ୍ର ମଲ୍ଲିକ,ଦଳ ର ବିଧାୟିକା ପ୍ରାର୍ଥୀ ଡ଼ ମୋନାଲିଶା ସାମଲ, କାଉନସିଲର ପଦ୍ମ ଲୋଚନ ଲେଙ୍କା, ଅର୍ଚ୍ଚନା ନନ୍ଦୀ ପ୍ରମୁଖ ଉପସ୍ଥିତ ରହିଥିଲେ।ଟାଉନ ସଭାପତିଙ୍କ ସମେତ ଶ୍ରୀ ରାମ ପୁର, କସିପଡା, ହୁବୁଲା ଗଡି, ପରିଖୀ, ବୁଆଁଳ, ଚାନ୍ଦିପୁର, ପାତ୍ର ପଡା, ଶ୍ରୀକୋଣା, ବାହାବଳପୁରର କର୍ମୀ ପୂର୍ବତନ ସରପଞ୍ଚଙ୍କ ସହ ଆଲୋଚନା କରିଥିଲେ। ଗତ ୬ ଦିନ ଧରି ଶ୍ରୀ ପାଟିଲ ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀ ଗସ୍ତ କରି କଂଗ୍ରେସ କର୍ମୀ ଓ ନେତାଙ୍କ ମତ ନେଇ ଆଜି ଦିଲ୍ଲୀ ଫେରିଯାଇଛନ୍ତି ।

# ଜ୍ୟୋତିଙ୍କୁ ମିଳିଲା ବୁଥସ୍ତରୀୟ ଦଳୀୟ ଏଜେଣ୍ଟ ନିଯୁକ୍ତି ଦାୟିତ୍ୱ

ଖଇରା,(ସବ୍ୟୁ): ଆଉ ମାତ୍ର କିଛି ଦିନ ମଧ୍ୟରେ ଭୋଟର ସଂଶୋଧନ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଥିବା ବେଳେ ସିମୁଳିଆ ନିର୍ବାଚନ ମଣ୍ଡଳୀର ୨୭୧ ବୁଥରେ ବିଜେଡି ଏଜେଣ୍ଟ ନିଯୁକ୍ତି ପାଇଁ ଦଳ ପୂର୍ବତନ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରିଛି । ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର ଗତ ୪ତାରିଖରେ ଲିଖିତ ଭାବେ ଏହି ଦାୟିତ୍ୱ ଶ୍ରୀ ପାଣିଗ୍ରାହୀଙ୍କୁ ନ୍ୟସ୍ତ କରିଛନ୍ତି । ନିଯୁକ୍ତ ହେବାକୁ ଥିବା ଏହି ଏଜେଣ୍ଟ ମାନେ ଚୂଡାନ୍ତ ଭୋଟର ତାଲିକା କପି ଗ୍ରହଣ କରିବା ପରେ ତୃଟିବିଚ୍ୟୁତିକୁ ବୁଥସ୍ତରୀୟ ଅଧିକାରୀଙ୍କୁ ଅବଗତ କରାଇବେ । ଏହା ମଧ୍ୟରେ ପ୍ରାକ୍ତନ ବିଧାୟକ ଶ୍ରୀ ପାଣିଗ୍ରାହୀ ବୁଥସ୍ତରରେ ଦଳୀୟ କର୍ମୀଙ୍କର ବୈଠକ ଡାକି ଦାୟିତ୍ୱ ସମ୍ପର୍କ କର୍ମୀଙ୍କୁ ବିଏଲଏ ଏଜେଣ୍ଟ ଭାବେ ଚୟନ କରିବା ସହ ସେମାନଙ୍କ ଉପରେ ଥିବା ଗୁରୁ ଦାୟିତ୍ୱ ସମ୍ପର୍କରେ ଅବଗତ କରାଇଛନ୍ତି । ଏଜେଣ୍ଟ ତାଲିକା ପ୍ରସ୍ତୁତି ସରିଛି ଖୁବଶିଘ୍ର ଜିଲ୍ଲାସ୍ତରୀୟ ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରିବେ ବୋଲି ଶ୍ରୀପାଣିଗ୍ରାହୀ କହିଛନ୍ତି ।

# ସବୁଜ ରଥ ଉଦ୍‌ଘାଟିତ



ଠାକୁରମୁଣ୍ଡା,(ସବ୍ୟୁ): କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଠାକୁରମୁଣ୍ଡା ବନାଞ୍ଚଳରେ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ଆଧାରରେ ଗ୍ରାମପଞ୍ଚାୟତକୁ ଚାରା ବଣ୍ଟନ ପାଇଁ ସବୁଜ ରଥ ୮ ତାରିଖରେ ଉଦଘାଟିତ ହୋଇଯାଇଛି । ବନଖଣ୍ଡ ଅଧିକାରୀ ବୈଦ୍ୟନାଥ ମାଝୀଙ୍କ ସଭାପତିତ୍ୱରେ ଠାକୁରମୁଣ୍ଡା ନର୍ସରୀରେ ଆୟୋଜିତ ଉଦଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ଯୋଗଦେଇ ଏଭଳି କାର୍ଯ୍ୟକ୍ରମ ଯୁଗାନ୍ତକାରୀ ବୋଲି କହିଥିଲେ । ବନଖଣ୍ଡ ଅଧିକାରୀ ବୈଦ୍ୟନାଥ ମାଝୀ ଉଦବୋଧନ ଦେଇ ପ୍ରିୟ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ କରଞ୍ଜିଆ ବନଖଣ୍ଡରେ ୧,୧୦,୦୦୦ ଚାରା ଗଛ ଲଗାଇ ବୃକ୍ଷରୋପଣ ଆନ୍ଦୋଳନକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଆଇଏଏସ ( ପ୍ରୋବେସନ )ସୁଶ୍ରୀ କଶିଷ ବକ୍ସି, ଏସିଏଫ ପ୍ରଭାତ କୁମାର କୁଅଁର, ଠାକୁରମୁଣ୍ଡା ବ୍ଲକ ଅଧକ୍ଷା ସରୋଜିନୀ ମୁଣ୍ଡା, ଉପାଧକ୍ଷ ସନ୍ତୋଷ ମହାନ୍ତ,ବିଡ଼ିଓ ସପ୍ନେଶର ବେହେରା, ତହସିଲଦାର ସମ୍ବିତ କର, ସାଂସଦ ପ୍ରତିନିଧି ଆଶିଷ କୁମାର ମହାନ୍ତ, ତାରାକାନ୍ତ ପଟ୍ଟନାୟକ, ସମାଜସେବୀ ବସନ୍ତ କୁମାର ପଇଡର୍ତ୍ତୀ ପ୍ରମୁଖ ଯୋଗଦେଇଥିଲେ । ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରାଙ୍କ ନେତୃତ୍ୱରେ ବନପାଳ ବିଦ୍ୟାଧର ମହାନ୍ତ, ପ୍ରଦୀପ କୁମାର ହାଇବୁରୁ,ଚନ୍ଦ୍ରମୋହନ ମହାନ୍ତ,ନଳିନୀ ମହାନ୍ତ, ବନ୍ଦନା ମହାନ୍ତ, ବନରକ୍ଷୀ ପ୍ରମୋଦ ମହାନ୍ତ, ଗାୟତ୍ରୀ ମହାନ୍ତ, ବିକାଶ ମହାନ୍ତ, ଚିତ୍ତରଞ୍ଜନ ନାଏକ, କିଶୋର ପାତ୍ର, ଓଏଫଏସଡିପି କର୍ମକର୍ତ୍ତା ସୁକାନ୍ତ କୁମାର ସାହୁ, କୃତିବାସ ପରିଡା, ପ୍ରେମ ନାରାୟଣ ଦାସ, ପ୍ରସେନଜିତ ପାଢ଼ୀ, ସଂଜୀବ କୁମାର ମହାନ୍ତ ଓ ସୌମ୍ୟରଞ୍ଜନ ଦାସ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶରତ ତ୍ରିପାଠୀ ସଂଚାଳନ କରିଥିବା ବେଳେ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁଷ୍କର୍ମ ମାମଲା : ଆସାମୀଙ୍କୁ ୧୦ବର୍ଷ ଜେଲ ସହ ଅର୍ଥଦଣ୍ଡ

ବାଲେଶ୍ୱର,(ସବ୍ୟୁ): ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ଦୋଷୀକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି।ଦୋଷୀ ସାର୍ଥକ ସୀଙ୍କୁ ଦଣ୍ଡିତ କରିଛନ୍ତି ମାନ୍ୟବର ବାଲେଶ୍ୱର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଜର୍ଜ ଇନ୍ଦିରା ପ୍ରିୟଦର୍ଶିନୀ। ଏହି ମାମଲାରେ ୧୨ ଜଣ ସାକ୍ଷୀ ଓ ୧୭ ଟି ଦଲିଲ ଓ ଦସ୍ତାବିଜକୁ ଆଧାର କରି ରାୟ ଶୁଣାଇଛନ୍ତି ମାନ୍ୟବର କୋର୍ଟ । ଗତ ୫/୬/୧୩ ଜଣେ ରେ ନାବାଳିକାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଯୁବକ ଜଣକ ଅପହରଣ କରିଥିବା ସହ ଦୁଷ୍କର୍ମ କରିଥିବା ନେଇ ଜଳେଶ୍ୱର ଥାନାରେ ଅଭିଯୋଗ କରିଥିଲେ ନାବାଳିକା ଙ୍କ ପରିବାର । ଏହି ମାମଲା ରେ ସରକାରଙ୍କ ପକ୍ଷରୁ ମକଦ୍ଦମା ପରିଚାଳନା କରୁଥିଲେ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା।

# ବେଆଇନ ଗୋରୁ ଚାଲାଣ ମାମଲା : ୫ ଗିରଫ

ଅସୁରାଳି, (ସବ୍ୟୁ) : ନିକଟରେ ବେଆଇନ ଭାବେ ଗୋରୁ ଚାଲାଣ କରୁଥିବା ୫ଜଣ ଅଭିଯୁକ୍ତଙ୍କୁ ଧୂଷୁରୀ ପୁଲିସ ଗିରଫ କରିଛି। ଏମାନେ ହେଲେ ଧାମନଗର ବ୍ଲକ ଧୂଷୁରୀ ଥାନା ଅଧିନ ସାହସପୁର ପଂଚାୟତ ପନ୍ଦରବାଟିଆର କମରୁଦ୍ଦିନ ସାହାଜି,ମନୁଆ ଖାନ,ମହମ୍ମଦ ହନିଫ ସାହାଜି,ଜଗନ୍ନାଥସାହିର ମୋରାଦ ଖାନ ଏବଂ ଭଦ୍ରକ ପୁରୁଣା ବଜାର ଅଂଚଳର ଜମାଲୁଦ୍ଦିନ ଖାନ। ଚାରି ଦିନ ତଳେ ଗିରଫ ଅଭିଯୁକ୍ତମାନେ ଦୁଇଟି କାରରେ ଚୋରାରେ ଗୋରୁ ଚାଲାଣ କରିବା ପାଇଁ ପ୍ରସ୍ତୁତ ହେଉଥିବା ସମୟରେ କୌଣସି ସୂତ୍ରରୁ ଖବରପାଇ ଧୂଷୁରୀ ପୁଲିସ ଚଢ଼ାଉ କରି ଭଦ୍ରକ-ଆଖଣ୍ଡଳମଣି ରାଜ୍ୟ ରାଜପଥର ପନ୍ଦରବାଟିଆ ନିକଟରୁ ଦୁଇଟି ଗାଡ଼ି ଜବତ କରିଥିଲା। ଗାଡିରୁ ଚାଲାଣ ହେବାକୁ ଥିବା ଗୋରୁଙ୍କୁ ଉଦ୍ଧାର କରି ଅସୁରାଳି ଗିରି ଗୋବର୍ଦ୍ଧନ ଗୋଶାଳାରେ ଛଡା ଯାଇଥିଲା। ଏହି ଘଟଣାରେ ଧୂଷୁରୀ ଥାନାର କେସ ନଂ-୩୨୬/୨୫ କ୍ରମେ ୫ଅଭିଯୁକ୍ତଙ୍କୁ ଗିରଫ ସହ କୋର୍ଟ ଚାଲାଣ କରାଯାଇଛି।

# ବନ୍ଦାଳ ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନ

ଭଣ୍ଡାରିପୋଖରୀ, (ସବ୍ୟୁ) : ଶିକ୍ଷକ ଅଭାବ ସମସ୍ୟାକୁ ନେଇ ସୋମବାର ଦିନ ବନ୍ଦାଳ-ମଢ଼ିଆଳି ଉଚ୍ଚ ବିଦ୍ୟାଳୟ ଫାଟକରେ ତାଲା ପକାଇ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଧାରଣା ଦେଇଥିଲେ। ଏହି ବିଦ୍ୟାଳୟରେ ବାଲବିକାଶ ଠାରୁ ଆରମ୍ଭ କରି ଦଶମ ଶ୍ରେଣୀ ଯାଏ ଶିକ୍ଷା ଦାନ ବ୍ୟବସ୍ଥା ଥିବାବେଳେ ମାତ୍ର ୭ଜଣ ଶିକ୍ଷକ ନିଯୁକ୍ତ ଅଛନ୍ତି। ବାଲ ବିକାଶରେ ୧୦ଜଣ,ପ୍ରଥମରୁ ପଂଚମ ଯାଏ ୪୭ ଜଣ,ଷଷ୍ଠରୁ ଅଷ୍ଟମ ଶ୍ରେଣୀରେ ୮୭ ଜଣ ଓ ନବମ,ଦଶମ ଶ୍ରେଣୀରେ ୮୮ଜଣ ଛାତ୍ରଛାତ୍ରୀ ପଢୁଛନ୍ତି। ମାତ୍ର ଏହି ଛାତ୍ରଛାତ୍ରୀମାନଙ୍କ ପାଇଁ ଆବଶ୍ୟକ ଶିକ୍ଷକ ନଥିବା ଯୋଗୁ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି। ଗତ ଦଶ ବର୍ଷ ଧରି ହିନ୍ଦୀ ଶିକ୍ଷକ ପଦବୀ ଖାଲି ପଡ଼ିଛି। ସେହିପରି ବିଦ୍ୟାଳୟରେ କୌଣସି ପିଅନ ମଧ୍ୟ ନାହାନ୍ତି। ସେହିପରି ସଂସ୍କୃତ ଓ ଟିଜିଟି ଶିକ୍ଷକ ପଦବୀ ଗୋଟିଏ ଖାଲି ରହିଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ମାତ୍ର ଦୁଇଜଣ ଶିକ୍ଷକ ରହିଛନ୍ତି। ବିଦ୍ୟାଳୟରେ କିରାଣୀ ମଧ୍ୟ ନାହାନ୍ତି। ଏଥିପାଇଁ ଅଭିଭାବକମାନେ ବାରମ୍ବାର ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନଥିବାରୁ ବାଧ ହୋଇ ଆନ୍ଦୋଳନକୁ ଓହ୍ଲାଇଥିବା ଅଭିଭାବକମାନେ କହିଛନ୍ତି। ଖବରପାଇ ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଅକ୍ଷୟ କୁମାର ଜେନା ବିଦ୍ୟାଳୟରେ ପହଂଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଗୋଟିଏ ସପ୍ତାହ ମଧ୍ୟରେ ଶିକ୍ଷକ ନିଯୁକ୍ତି ପାଇବେ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି ବୋଲି ସୂଚନା ମିଳିଛି।

# ଟ୍ରକ୍ ପଛରୁ ପିଟିଲା କାର୍, ୩ ଗୁରୁତର

ସୋର, (ସବ୍ୟୁ) : ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଉତ୍ତରେଶ୍ୱର ନିକଟରେ ଟ୍ରକ ପଛରୁ ଏକ କାର ଧକା ଦେବା ଫଳରେ ୩ ଜଣ କାର ଯାତ୍ରୀ ଗୁରୁତର ଆହତ ହୋଇ ସୋର ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁସାରେ ବାଲେଶ୍ୱର ସୁନହଟ ଅଞ୍ଚଳର ସେକ ହମିଦ (୭୦), ସେକ ଅନଓ୍ୱାର (୪୫),ଏବଂ କଶୀଦା ବିବି (୪୦) ଓଡି ୧୧ ୮୫୪୭ ନମ୍ବର ବିଶିଷ୍ଟ କାର ଯୋଗେ ଭୁବନେଶ୍ୱର ମେଡିକାଲ କାମରେ ଯାଉଥିଲେ। ଏହି ସମୟରେ ଉତ୍ତରେଶ୍ୱର ନିକଟରେ ଆଗରେ ଯାଉଥିବା ଡବ୍ଲୁ ବି ୧୯ ଜେ ୪୩୨୨ ନମ୍ବର ବିଶିଷ୍ଟ ଟ୍ରକ ପଛରୁ ଭାରସାମ୍ୟ ହରାଇ ଧକ୍କା ଦେଇଥିଲା। ଫଳରେ କାରରେ ଥିବା ୩ ଜଣ ଯାକ କାର ଯାତ୍ରୀ ଗୁରୁତର ଆହତ ହୋଇଥିଲେ। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ସୋର ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ସମସ୍ତଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ପ୍ରାଥମିକ ଚିକିତ୍ସାପରେ ସମସ୍ତଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ପୁଲିସ ଉଭୟ ଟ୍ରକ ଏବଂ କାରକୁ ଜବତ କରି ସୋର ଥାନାରେ ରଖି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

# ରାସ୍ତାର ଦୂରବସ୍ଥାକୁ ନେଇ ଧାରଣା

ସୋର, (ସବ୍ୟୁ) : ସୋର ବାଗୁଡି ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଥିବାରୁ ଏହାକୁ ମରାମତି କାର୍ଯ୍ୟ ଚାଲୁଅଛି। ଯାହାକୁ ନେଇ ବାଲେଶ୍ୱର ଜିଲ୍ଲାପାଳ ଏକ ମାସ ପର୍ଯ୍ୟନ୍ତ ଏହି ରାସ୍ତାରେ ଭାରିଯାନ ଚଳାଚଳକୁ ନିଷେଧ କରିଥିଲେ। ମାତ୍ର ପଥର ମାଫିଆ ମାନେ ଜିଲ୍ଲାପଳଙ୍କ ନିର୍ଦ୍ଦେଶକୁ ଖାତିର ନକରି ଦିନ ରାତି ଅହରହ ପଥର ଗାଡି ଚଳାଉଛନ୍ତି। ଫଳରେ ରାସ୍ତାର ଅବସ୍ଥା ପୁର୍ବରୁ ଅଧିକ ଖରାପ ହେବାରୁ ଯାତାୟତ ସମ୍ଭବ ହୋଇପାରୁନାହିଁ। ଯାହାକୁ ନେଇ ସ୍ଥାନୀୟ ୧୦ରୁ ଉର୍ଦ୍ଧ୍ୱ ଗାଁର ଲୋକେ ଆଜି ଅପରାହ୍ଣ ୩ ଟାରେ ମାଣତ୍ରୀ ଛକ ନିକଟରେ ରାସ୍ତା ରୋକ କରିଥିଲେ। ଖବର ପାଇ ସୋର ତହସିଲଦାର ଦୈତାରୀ ମଲିକ ଘଟଣା ସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାସୂଝା କରିବା ସହିତ ଆସନ୍ତା କାଲି ଠାରୁ ରାସ୍ତାକାମ ହେବାର ପ୍ରତିଶୃତି ଦେବା ପରେ ଧାରଣାରୁ ଉଠିଥିଲେ। ଉକ୍ତ ରାସ୍ତାରେ ପଥର ବୋଝେଇ ଭାରିଜାନ ସମ୍ପୁର୍ଣ୍ଣ ଭାବେ ବନ୍ଦ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ପରିବହନ ବିଭାଗର ଚଢ଼ାଉ ୯୦ ହଜାର ଜରିମାନା ଆଦାୟ

ସୋର, (ସବ୍ୟୁ): ସୋର ବାଗୁଡି ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଥିବାରୁ ଏହାକୁ ମରାମତି କାର୍ଯ୍ୟ ଚାଲୁଅଛି। ଯାହକୁ ନେଇ ବାଲେଶ୍ୱର ଜିଲ୍ଲାପାଳ ଏକ ମାସ ପର୍ଯ୍ୟନ୍ତ ଏହି ରାସ୍ତାରେ ଭାରିଜାନ ଚଳାଚଳକୁ ନିଷେଧ କରିଥିଲେ। ମାତ୍ର ପଥର ମାଫିଆ ମାନେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଖାତିର ନକରି ଦିନ ରାତି ଅହରହ ପଥର ଗାଡି ଚଳାଉଛନ୍ତି। ଏନେଇ ଅଭିଯୋଗ ହେବା ପରେ ବାଲେଶ୍ୱର ପରିବହନ ବିଭାଗ ପକ୍ଷରୁ ଚାଉ କରାଯାଇ ତିନୋଟି ଭାରିଯାନରୁ ୯୦ ହଜାର ଟଙ୍କା ଫାଇନ ଆଦାୟ ହୋଇଥିବା ବେଳେ ଅନ୍ୟଗାଡି ଗୁଡିକ ଫେରାର ହୋଇଯାଇଥିଲେ। ଏହି ଚଢ଼ାଉରେ ସୋର ତହସିଲଦାର ଦୈତାରୀ ମଲିକ, ସୋର ଥାନାଧିକାରୀ ସୁଦିପ୍ତ ସାହୁଙ୍କ ସମେତ ବାଲେଶ୍ୱର ପରିବ ହନ ବିଭାଗର ଏସଆଇ ସମରେନ୍ଦ୍ର ମହାପାତ୍ର କନେଷ୍ଟବଳ ତପନ ସିଂ ଓ ଝରଣା ବଳ ପ୍ରମୁଖ ସାମିଲ ଥିଲେ। ଆଗାମୀ ଦିନରେ ଏହି ଚାଉ ଜାରି ରହିବା ସହିତ ବେଆଇନ ପାର୍କି କରୁଥିବା ଗାଡି ଗୁଡିକରୁ ମଧ୍ୟ ଫାଇନ ଆଦାୟ ହେବ ବୋଲି ପରିବହନ ବିଭାଗ ପକ୍ଷରୁ ସୂଚନା ମିଳିଛି ।

# ବ୍ରାଉନସୁଗର ଜବତ : ଜଣେ ଗିରଫ



ଧାମନଗର ,(ସବ୍ୟୁ): ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଧାମନଗର ଏନଏସି ଅନ୍ତର୍ଗତ ହବିବନଗର ଗ୍ରାମର ସେକ ସଦାମ ହୋସେନ ନାମକ ଜଣେ ଯୁବକ ଭଦ୍ରକ ଆଡୁ ଏକ ବାଇକରେ ଧାମନଗରକୁ ବ୍ରାଉନସୁଗାର ନେଇ ଆସୁଥିବାବେଳେ ଧାମନଗର ପୋଲିସ ହାତରେ ଧରା ପଡିଛି। ଶେଷ ସୁତ୍ରରୁ ଖବରପାଇ ଧାମନଗର ଥାନା ଏସଆଇ ରସ୍ମିତା ମଲ୍ଲିକ,ରାଜେଶ ସେଠୀ,ଏଏସଆଇ ପ୍ରତାପ ଚନ୍ଦ୍ର ରାଉତ ସଦଳବଳେ ଭଦ୍ରକ-ଧାମନଗର ରାସ୍ତାର ପଦ୍ମପୋଖରୀ ଛକ ନିକଟରୁ ସଦାମ ହୋସେନକୁ ଧରି ତଲାସି କରିଥିବାବେଳେ ତା'ନିକଟରୁ କିଛି ବ୍ରାଉନସୁଗାର ବାହାରିଥିଲା। ଘଟଣାସ୍ଥଳକୁ ଧାମନଗର ଅତିରିକ୍ତ ତହସିଲଦାର ସାଇ ସିଲୋନା ଯାଇଥିବାବେଳେ ତା'ଙ୍କ ଉପସ୍ଥିତରେ ୧୩ଗ୍ରାମ ବ୍ରାଉନସୁଗାର ସହ ଏକ ମୋଟର ସାଇକେଲ,ମୋବାଇଲ ଫୋନ ଓ ନଗଦ ୧୨୫୦ ଟଙ୍କା ଜବତ କରାଯାଇଥିଲା। ଏନେଇ ଧାମନଗର ଥାନାରେ ଏକ ମାମଲା ରୁଜୁ ହୋଇଥିବାବେଳେ ଅଭିଯୁକ୍ତ ସଦାମକୁ କୋର୍ଟ ଚାଲାଣ କରାଯାଇଛି ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି।

# ପୋଖରୀରୁ ନିଖୋଜ ଯୁବକଙ୍କ ଶବ ଉଦ୍ଧାର

ଆଗରପଡ଼ା, (ସବ୍ୟୁ) : ପ୍ରାୟ ୨୦ ଦିନ ଧରି ନିଖୋଜ ଥିବା ଜଣେ ଯୁବକଙ୍କ ଶବ ଏକ ପରିତ୍ୟକ୍ତ ପୋଖରୀରୁ ଆଗରପଡ଼ା ଅଗ୍ନିଶମ ବାହିନୀ ଉଦ୍ଧାର କରିଥିବାର ଜଣାପଡ଼ିଛି । କାଉପୁର ଅନ୍ତର୍ଗତ ରସୁଣପଦୀ ଗ୍ରାମର ଜନୈକ ଯୁବକ ପ୍ରାୟ ୨୦ଦିନ ତଳେ ହଠାତ ନିଖୋଜ ହୋଇ ଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ମଧ ତାଙ୍କ ପତ୍ତା ପାଇପାରି ନଥିଲେ। ସୋମବାର କିଛି ଲୋକ ପୋଖରୀରେ ଭାସୁଥିବା ଶବକୁ ଦେଖି ପୋଲିସକୁ ଖବର ଦେଇଥିଲେ । ପରେ ପୋଲିସ୍ ଅଗ୍ନିଶମ ବାହିନୀ ସହାୟତାରେ ଶବକୁ ଉଦ୍ଧାର କରି ପୋଷ୍ଟମର୍ଟମ ପାଇଁ ପଠାଇଛି। ଇତି ମଧ୍ୟରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

# ଗୁଟ୍‌ଖା ବୋଝେଇ ଅଟୋ ଜବତ

ବେତନଟୀ, (ସବ୍ୟୁ) : ମୟୂରଭଞ୍ଜ ପୁଲିସ ପକ୍ଷରୁ ଏସପି ବରୁଣ ଗୁଣ୍ଟୁପାଲ୍ଲୀଙ୍କ ନିର୍ଦ୍ଦେଶକ୍ରମେ ଆରମ୍ଭ କରାଯାଇଥିବା 'ଅପରେସନ ପ୍ରହାର'କୁ ନେଇ ଜିଲ୍ଲା ପୁଲିସ ଆକ୍ସନ ମୋଡକୁ ଆସିଥିବା ବେଳେ ଏହି ଅଭିଯାନ ପରିପେକ୍ଷୀରେ ବେତନଟୀ ପୁଲିସ ପକ୍ଷରୁ ରବିବାର ର ବେତନଟୀ ବଜାରର ବିଭିନ୍ନ ଦୋକାନରେ ବିକ୍ରି ହେଉଥିବା ତମ୍ବାଖୁ ଏବଂ ନିକୋଟିନ ମିଶ୍ରିତ ସାମଗ୍ରୀ ସମେତ ଏକ ଗୁଟଖା ବୋଝେଇ ଅଟୋକୁ ଜବତକରି ଥାନାକୁ ଅଣାଯାଇଛି । ସୂଚନା ମୁତାବକ ମୟୂରଭଞ୍ଜ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲୀଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାବ୍ୟାପୀ ଅପରେସନ ପ୍ରହାରକୁ ଜୋରଦାର କରାଯାଇଛି । ଏହି ଅଭିଯାନ ପରିପ୍ରେକ୍ଷୀରେ ସ୍କୁଲ, କଲେଜ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନ ଆଖପାଖ ଦୋକାନ ମାନଙ୍କରେ ବେଆଇନ ଭାବରେ ବିକି କରାଯାଉଥିବା ତମ୍ବାଖୁ ଏବଂ ଏବଂ ନିକୋଟିନ ଭଳି ମାଦକଦ୍ରବ୍ୟ ମିଶ୍ରିତ ସାମଗ୍ରୀ ଗୁଡିକୁ ଜବତ କରାଯିବା ସହିତ ଆବଶ୍ୟକସ୍ଥଳେ ଜରିମାନା ମଧ୍ୟ ଆଦାୟ କରାଯାଉଛି । ସେହିଭଳି ରବିବାର ସନ୍ଧ୍ୟାରେ ବେତନଟୀ ଥାନା ଆଇଆଇସି ସସ୍ମିତା ମହାନ୍ତଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ମଦନ ମୋହନ ପରିଡା ବେତନଟୀ ଅନାନ୍ଦବଜାର ଅଞ୍ଚଳରେ ସଦଳବଳେ ଚଢାଉ କରିଥିଲେ । ଚଢାଉ ସମୟରେ ଦୁଇଟି ଦୋକାନରୁ ତମ୍ବାଖୁ ଏବଂ ନିକୋଟିନ ମିଶ୍ରିତ ସିଗାରେଟ, ଗୁଟଖା, ଖଇନି ଭଳି ମାଦକଦ୍ରବ୍ୟ ଜବତ କରିଥିଲେ । ଏଥିସହିତ ହିତ ରାସ୍ତାରେ ଯାଉଥିବା ଓଡି-୦୧ଏଭି- ୪୦୯୪ ନମ୍ବର ବିଶିଷ୍ଟ ଗୁଟଖା ବୋଝେଇ ଅଟୋକୁ ଜବତକରି ଥାନାକୁ ଆଣିଛନ୍ତି ଛନ୍ତି । ଜବତ ଗୁଟଖା ବୋଝେଇ ଅଟୋକୁ ଜିଏସଟି ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ବେତନଟୀ ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି ।

# ବିସିଇଟିରେ ସିଭିଲ ଇଞ୍ଜିନିୟରିଂ ବିଭାଗରେ ତିନିଦିନିଆ କର୍ମଶାଳା

ବାଲେଶ୍ୱର,(ସବ୍ୟୁ): ସେରଗଡ଼ ସ୍ଥିତ ବାଲେଶ୍ୱର କଲେଜ ଅଫ୍ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲୋଜି (ବିସିଇଟି) ପରିସରରେ ସିଭିଲ ଇଞ୍ଜିନିୟରିଂ ବିଭାଗର ୩ଦିନ ବ୍ୟାପି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଡ. ରତିକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ 'ବି.ଆଇ.ଏମ୍' ବିଷୟ ଭିତିକ ଆଲୋଚନା ଚକ୍ରରେ ଇଂ. ସରୋଜ କୁମାର ପାଢ଼ୀ (ଡାଇରେକ୍ଟର ଇନ୍ ବି.ଆଇ. ଏମ୍. ଟିମ୍) ଇଂ. ତୁଷାର ପଟ୍ଟନାୟକ (ବିଆଇଏମ୍ ସ୍ପେଲିଷ୍ଟ ଏଣ୍ଡ ଅଟୋଡେସ୍କ), ଇଂ. ଅରପିତା ପଣ୍ଡା (ବିଆଇଏମ୍ ଇଞ୍ଜିନିୟର) ଅତିଥି ଭାବରେ ଯୋଗ ଦେଇଥିଲେ। ଇଂ. ପାଢ଼ୀ, ଇଂ ପଟ୍ଟନାୟକ, ଇଂ ପଣ୍ଡା ସିଭିଲ ଇଞ୍ଜିନିୟରିଂ ବିଭାଗର ଛାତ୍ର ଛାତ୍ରୀମାନଙ୍କୁ କିହିଥିଲେ ଯେ ଇନ୍‌ଫ୍ରାକ୍ଷ୍ଟ୍ରଚର କିଭଳି ଭାବରେ ବିକଶିତ ହେବ ଏବଂ ଥ୍ରିଡ଼ି ପ୍ଲାନିଂ ବିଷୟରେ ଛାତ୍ର ଛାତ୍ରୀମାନଙ୍କୁ ତିନିଦିନ ବ୍ୟାପି ପୃଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ। ଅନୁଷ୍ଠାନର ସିଭିଲ ଇଞ୍ଜିନିୟରିଂ ବିଭାଗୀୟ ମୁଖ୍ୟ ଇଂ ସଞ୍ଜିବ କୁମାର ଚୌଧୁରୀ, କଳ୍ପଶ୍ରୀ ବେହେରା, ଜ୍ୟୋତିଶଙ୍କର ରଥ, ରାଜଶ୍ରୀ ପୃଷ୍ଟି ସୁଚାରୁ ରୂପେ ଉକ୍ତ କର୍ମଶାଳାକୁ ପରିଚାଳନା କରିଥିଲେ। ଅଧକ୍ଷ ଡକ୍ଟର ଶିବେନ୍ଦ୍ର କୁମାର ଘରାଇ, ଉପାଧକ୍ଷ ପ୍ରଫେସର ଜେ୍ୟାତିରଞ୍ଜନ ରାଉତ, ଏକାଡ଼େମିକ୍ ଡିନ୍ ଇଂ. ସରୋଜ କୁମାର ପାତ୍ର, ଆଇ.କ୍ୟୁ.ଏସି. ମୁଖ୍ୟ ଡ. ଧିରେନ୍ଦ୍ର କୁମାର ଜେନା ପ୍ରମୁଖ ଯୋଗ ଦେଇ କର୍ମଶାଳାର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ତତ୍ ସହିତ ସବୁ ବିଭାଗର ଅଧାପକ ଅଧାପିକା ମାନେ କର୍ମଶଳାରେ ଯୋଗ ଦେଇଥିଲେ। ଶେଷରେ ସିଭିଲ ଇଞ୍ଜିନିୟରିଂ ବିଭାଗରେ ଏସିଷ୍ଟାଣ୍ଡ ପ୍ରଫେସର ଚନ୍ଦନ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପରିଚାଳନା ପରିଷଦର ସଭାପତି ଡ. ମନ୍ମଥ କୁମାର ବିଶ୍ୱାଳ, ସମ୍ପାଦିକା ଶ୍ରୀମତୀ ସୁବ୍ରତା ବିଶ୍ୱାଳ, ଉପସଭାପତି ଅଭିଷେକ ବିଶ୍ୱାଳ ଓ ସହ-ଉପସଭାପତି ଶ୍ରୀମତୀ ରାଜଶ୍ରୀ ସ୍ୱାଇଁ ଉକ୍ତ ଆଲୋଚନା ଚକ୍ରରେ ଉପସ୍ଥିତ ସମସ୍ତ ପ୍ରତିନିଧିମାନଙ୍କୁ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବାରୁ ଶୁଭେଚ୍ଛା ଜଣାଇଛନ୍ତି।


# କାର୍ଯ୍ୟାନୁଷ୍ଠାନ ଦାବିରେ ଆଶାକର୍ମୀ ଥାନାରେ

ଭଣ୍ଡାରିପୋଖରୀ,(ସବ୍ୟୁ) : ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆଶାକର୍ମୀଙ୍କ ବିରୋଧରେ ସାମାଜିକ ଗଣମାଧ୍ୟମରେ ମର୍ଯ୍ୟାଦାହାନୀ ମନ୍ତବ୍ୟ ଦେଇଥିବା ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବିରେ ସୋମବାର ଥାନାରେ ଆଶାକର୍ମୀମାନେ ସମାବେଶ କରିଥିବା ଜଣାଯାଇଛି। ଅଭିଯୋଗ ଅନୁଯାୟୀ ରାମଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ସଁପୋଇ ଗ୍ରାମର ଚନ୍ଦ୍ରଶେଖର ରାଉତ ନାମକ ବ୍ୟକ୍ତି ଗତ ୨ ତାରିଖରେ ନିଜ ଫେସବୁକ ଆକାଉଣ୍ଟରେ ସାମୁହିକ ଭାବେ ଆଶାକର୍ମୀମାନଙ୍କୁ 'ଅଯୋଗ୍ୟ' ବୋଲି ଆକ୍ଷେପ କରିବା ସହ ସେମାନଙ୍କ ପାଇଁ ରାଜକୋଷରୁ ଅର୍ଥ ବ୍ୟୟ ହେଉଥିବାରୁ ଛଟେଇ କରାଯାଉ ବୋଲି ମନ୍ତବ୍ୟ ଦେଇଥିଲେ। ଏହି ମନ୍ତବ୍ୟ ଆଶାକର୍ମୀମାନଙ୍କ ମର୍ଯ୍ୟାଦା ହାନୀ କରୁଥିବା ଦର୍ଶାଇ ଆଶାକର୍ମୀମାନେ ଗତ ୪ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା ପକ୍ଷରୁ ଏଥିପାଇଁ ସମୟ ଲୋଡାଯାଇଥିଲା। ସୋମବାର ଆଶାକର୍ମୀ ସଭାପତି ପଦ୍ମିନୀ ପଣ୍ଡା, ସମ୍ପାଦକ ପ୍ରତିମା ସାମଲଙ୍କ ନେତୃତ୍ୱରେ ପଚାଶ ରୁ ଅଧିକ ଆଶାକର୍ମୀମାନେ ଥାନାରେ ସମାବେଶ କରିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଅଡି ବସିଥିଲେ। ଥାନାଧିକାରୀ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଦର୍ଶାଇ ଆଶାକର୍ମୀମାନେ ଉପଖଣ୍ଡ ପୁଲିସ ଅଧିକାରୀଙ୍କୁ ଗୁହାରୀ କରିଥିବା ଜଣାଯାଇଛି। ମଙ୍ଗଳବାର ସୁଦ୍ଧା ପଦକ୍ଷେପ ଗ୍ରହଣ କରିବାକୁ ଉପଖଣ୍ଡ ପୁଲିସ ଅଧିକାରୀ ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।

# ସରିଲା ମାଟି ଅନୁକୂଳ କାର୍ଯ୍ୟକ୍ରମ

ଖଇରା,(ସବ୍ୟୁ): ଦିଲ୍ଲୀ ଏନସିଆର ଅନ୍ତର୍ଗତ ଗୁରୁଗ୍ରାମ ଠାରେ ପ୍ରବାସୀ ଓଡିଶାଙ୍କ ଦ୍ୱାରା ଗଠିତ କଳିଙ୍ଗ କଲଚୁରାଲ ଏଣ୍ଡ ଓ୍ୱେଲଫେୟାର ଆସୋସିଏସନ ପକ୍ଷରୁ ୧୬ତମ ଶାରଦୀୟ ଦୁର୍ଗା ପୂଜାକୁ ସୁନ୍ଦର ଓ ଆକର୍ଷଣୀୟ କରିବାକୁ ପ୍ରସ୍ତୁତି ଜୋରଦାର ଆରମ୍ଭ ହୋଇଛି । ପୂଜାର ଆଦ୍ୟପର୍ବ ମାଟି ଅନୁକୂଳ ରୀତିନୀତି ଅନୁଯାୟୀ ସମ୍ପର୍ଣ୍ଣ ହୋଇ ଯାଇଛି । କର୍ତ୍ତା ବିଭୂତି ଭୁଷଣ ସାହୁ ଏବଂ ତାଙ୍କ ପତ୍ନୀ ଅନିତା ସାହୁଙ୍କ ପୌରୋହିତ୍ୟରେ ଏହି ପବିତ୍ର କାର୍ଯ୍ୟକ୍ରମ ର ଆୟୋଜନ କରାଯାଇଥିଲା । ପଣ୍ଡିତ ଅଭୟ ପଣ୍ଡାଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ଶଙ୍ଖ ଘଣ୍ଟଘଣ୍ଟି ବାଦ୍ୟ ସାଙ୍ଗକୁ ମନ୍ତ୍ରଧ୍ୱନୀରେ ମୁର୍ତ୍ତିକାର ମାଟି ମିଶ୍ରଣ ପରେ ମା ଦୁର୍ଗାଙ୍କ ମାଟି ଅନୁକୂଳ ପୂଜାର୍ଚ୍ଚନା କରାଯାଇଥିଲା । ପରେ ସଙ୍ଗଠନର ସଭାପତି ଗୋବିନ୍ଦ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ପୂଜାରେ ସ୍ୱେଚ୍ଛାସେବୀ ନିୟୋଜନ କରାଯିବା ସହ ଅସାମାଜିକ କାର୍ଯ୍ୟକଳାପ ପ୍ରତି ତୀକ୍ଷଣ ନଜର ରଖାଯିବା ଉପରେ ବୈଠକରେ ଗୁରୁତ୍ୱ ଆରୋପ କରାଯାଇଥିଲା । ପୂଜା ପେଣ୍ଡାଲକୁ ନିଆରା ଢଙ୍ଗରେ ସଜାଇବା ସମ୍ପର୍କରେ ଉପଦେଷ୍ଟାଗଣ ମତବ୍ୟକ୍ତ କରିଥିଲେ । ଏହି ବୈଠକରେ ମୁଖ୍ୟ ଉପଦେଷ୍ଟା ହରେକୃଷ୍ଣ ମହାନ୍ତି,ମୋନାଲିଶା ମହାପାତ୍ର,ସମ୍ପାଦକ ଭୀମସେନ ସେଠୀ,ଉପସଭାପତି ରଞ୍ଜନ ସାହୁ,କୋଷାଧକ୍ଷ ବିନାୟକ ନାୟକ,ଯୁଗ୍ମ କୋଷାଧକ୍ଷ ଶେଷଦେବ ସାହୁ,ସଙ୍ଗଠନ ସଚୀବ କୃଷ୍ଣଚନ୍ଦ୍ର ସ୍ୱାଇଁ,ମିଡିଆ ପ୍ରଭାରୀ ପ୍ରଦ୍ୟୁମ୍ନ ରଥ,ପ୍ରଚାର ସଚୀବ ମାନସ ସାହୁ,ସଂଯୋଜକ ରାଜେନ୍ଦ୍ର ସାହୁ,ମଳୟ ରଞ୍ଜନ ,ବିରେନ ସାମଲ,ସଞ୍ଜୟ ଦଳେଇ,ଚରଣ ଜେନା,ମନୋଜ ସ୍ୱାଇଁ,ସଞ୍ଜୟ ସାହୁଙ୍କ ସମେତ ସମସ୍ତ ସଦସ୍ୟଉପସ୍ଥିତ ଥିଲେ ।

# ଭୋଗରାଇ କଲେଜରେ ଦୁଇଦିନିଆ ଜାତୀୟସ୍ତରୀୟ ସେମିନାର



ଭୋଗରାଇ,(ସବ୍ୟୁ): ବାଲେଶ୍ୱରଜିଲ୍ଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ପରିଚିତ ଭୋଗରାଇ ବ୍ଲକ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ (ଆରଆଇଏଚଏସ)ରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ପରିଷଦ ଓ ପଦାର୍ଥବିଜ୍ଞାନ ବିଭାଗ ମିଳିତ ଆନୁକୂଲ୍ୟରେ ଅଡିଟରିୟମ ହଲରେ ଦୁଇଦିନିଆ ଜାତୀୟସ୍ତରୀୟ ସେମିନାର ଉଦ୍‌ଯାପନ ହୋଇଛି । ଶୁକ୍ରବାର ଭୋଗରାଇ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ବିଜୟ କୁମାର ମିଶ୍ର ଏହି ସେମିନାରକୁ ଉଦ୍ଘାଟନ କରିଥିଲେ । ମହାବିଦ୍ୟାଳୟର ଅଧାପିକା ଶ୍ୱେତାପଦ୍ମାସିନୀ ପାତ୍ର ମଞ୍ଚ ଆହ୍ୱାନ କରିଥିବାବେଳେ ଅଧାପକ ଦେବାଶିଷ ପଣ୍ଡା ବେଦପାଠ କରିଥିଲେ । ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରଫେସର ଜଗଦୀଶ ଚନ୍ଦ୍ର ଗିରି ଓ ପଦାର୍ଥ ବିଜ୍ଞାନ ମୁଖ୍ୟ ପ୍ରଫେସର ଦିଲ୍ଲୀପ କୁମାର ଜେନା ସେମିନାରର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ଆଇଜର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ସୁଧାକର ପଣ୍ଡା, ମୁଖ୍ୟବକ୍ତା କଲିକତା ଆଇଜର ପ୍ରଫେସର ପ୍ରଶାନ୍ତ କୁମାର ପାଣିଗ୍ରାହୀ, ପଦାର୍ଥ ବିଜ୍ଞାନର ସାରଗର୍ଭକ ମିନି ପ୍ରୋଜେକ୍ଟ ମାଧ୍ୟମରେ ଛାତ୍ରୀ ଛାତ୍ରଙ୍କୁ ଅବଗତ କରିଥିଲେ । ଅପର ପକ୍ଷରେ ଶନିବାର ଉଦଯାପନୀ ଉତ୍ସବରେ ଏହି ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ବିଜୟ କୁମାର ମିଶ୍ର ପୌରୋହିତ୍ୟ କରିଥିଲେ । ସାମ୍ପ୍ରତିକ ସମୟରେ ପଦାର୍ଥ ବିଜ୍ଞାନର ଅଗ୍ରଗତି ଓ ଆହ୍ୱାନ ନାମିତ ଶୀର୍ଷକ ସେମିନାରରେ ମୁଖ୍ୟ ଅତିଥିଭାବେ ଫକୀରମୋହନ ବିଶ୍ୱ ବିଦ୍ୟାଳୟର କୁଳପତି ଡ଼ଃ ସନ୍ତୋଷ କୁମାର ତ୍ରିପାଠୀ ଛାତ୍ରୀଛାତ୍ରମାନେ ଖାତା କଲମରେ ନିଜ ବୁଦ୍ଧିମତା ଜ୍ଞାନକୁ ପରିବ୍ୟାପ୍ତ କରିବାସହିତ ଜଳବାୟୁ ପରିବର୍ତ୍ତନରେ ଚାରା ରୋପଣ ଓ ପ୍ଲାଷ୍ଟିକ ବର୍ଜନ ଉପରେ ଗୁରୁତ୍ୱ ଦେଇଥିଲେ । ମୁଖ୍ୟବ୍ୟକ୍ତା ଦୁର୍ଗାପୁର ଏନ ଆଇ ଟି ର ପ୍ରଫେସର ଶୁକଦେବ ସାହୁ ପଦାର୍ଥ ବିଜ୍ଞାନର ଉପାଦେୟତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଭାରତର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ପଦାର୍ଥ ବିଜ୍ଞାନ ବିଶାରଦ ମଧ୍ୟରେ ପ୍ରଫେସର ଭୁବନେଶ୍ୱର ଆଇଆଇଟି ବିଶ୍ୱଜିତ ପ୍ରଧାନ, ବୁର୍ଲା ଭିଏସଏସଇଉଟି ଏମ ପିକେ ସାହୁ, ଭୁବନେଶ୍ୱର ଏସ କେ ପାତ୍ର, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ଜ୍ଞାନରଞ୍ଜନ ସାହୁ, ପ୍ରମୁଖ ସେମାନଙ୍କର ସଂଦର୍ଭ ଉପସ୍ଥାପନ ସହ ଆଲୋଚନା ପର୍ଯ୍ୟାଲୋଚନା କରିଥିଲେ । ଅପରାହ୍ନ ଦ୍ୱିତୀୟ ଅଧିବେଶନରେ ବହୁ ଗବେଷଣାରତ ଛାତ୍ରଛାତ୍ରୀ ସେମାନଙ୍କର ସଂଦର୍ଭ ଉପସ୍ଥାପନ କରିଥିଲେ ।କାର୍ଯ୍ୟକ୍ରମରେ ଗବେଷକ ଉନ୍ନୟନ ସେଲର ନିର୍ଦ୍ଦେଶକ ଡ଼ଃ ଧୀରେନ୍ଦ୍ର କୁମାର ଜେନା ସଂଯୋଜନା କରିଥିବାବେଳେ ଧନ୍ୟବାଦ ଦେଇଥିଲେ ସଂଗଠନର ସମ୍ପାଦକ ପ୍ରଫେସର ତପନ କୁମାର ପଣ୍ଡା। ସନ୍ଧ୍ୟାରେମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# କଂଗ୍ରେସ କର୍ମୀଙ୍କୁ ଭେଟିଲେ ଏଆଇସିସି ପର୍ଯ୍ୟବେକ୍ଷକ



କେନ୍ଦୁଝର, (ଜିପ୍ର) : କେନ୍ଦୁଝର ଜିଲ୍ଲା ଘଷିପୁରା ଓ ଘଟଗାଁ ବ୍ଲକକୁ ନେଇ ଘଟଗାଁ ହୋଟେଲ ବୃନ୍ଦାବନ ଠାରେ ଏଆସିସିର ସଂଗଠନ ସୃଜନ କାର୍ଯ୍ୟକ୍ରମ ଉଦଯାପନ । ଏହି ଅବସରରେ ତାମିଲନାଡୁ ବିଧାୟକ ହାସନ ମୌଲାନାଙ୍କ ଉପସ୍ଥିତି କାର୍ଯ୍ୟକ୍ରମକୁ ବିଶେଷ ଗୌରବ ଦେଇଥିଲା। କେନ୍ଦୁଝର ଜିଲ୍ଲାର ବରିଷ୍ଠ କଂଗ୍ରେସ ନେତାମାନଙ୍କ ସହ ଆଲୋଚନା କରି, ସଙ୍ଗଠନର ଶକ୍ତିବୃଦ୍ଧି, ଯୁବପିଢ଼ିର ଭୂମିକା, ମହିଳାଙ୍କ ଭାଗିଦାରୀ ଓ ଲୋକସେବାର ପ୍ରତିବଦ୍ଧତାକୁ ନେଇ ଗୁରୁତ୍ୱପୂର୍ଣ୍ଣ ମତାମତ ପ୍ରକାଶ କରାଗଲା। ସମସ୍ତଙ୍କ ଏକତା, ପରିଶ୍ରମ ଓ ଦୃଢ ସଙ୍କଳ୍ପରେ ଆଗାମୀଦିନରେ ଦଳକୁ ଆହୁରି ମଜବୁତ କରିବାର ପ୍ରତିଜ୍ଞା ନିଆଗଲା। ଏହି ଅବସର ରେ ବିଭିନ୍ନ ବର୍ଗ ର ସାଧାରଣ ଲୋକ ମଧ୍ୟ ସାମିଲ ହୋଇଥିଲେ ୟ ଏଥିରେ ଘଟଗାଁ ଓ ଘଷିପୁରାର ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ସଂଯୋଜିକା ସଙ୍ଗୀତା ସିଂ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୋହନ ପରିଡା, ଘଷିପୁରାର ପୂର୍ବତନ ବିଧାୟକ ପ୍ରାର୍ଥୀ ସୁବ୍ରତ କୁମାର ଚକ୍ର, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାଏକ, ପୂର୍ବତନ ବିଧାୟକ ପ୍ରାର୍ଥୀ ବୃନ୍ଦାବନ ନାଏକ, ଜିଲ୍ଲା କଂଗ୍ରେସ ପଛୁଆ ବର୍ଗ ଅଧକ୍ଷ ଯଦୁମଣି ବାରିକ, ପୂର୍ବତନ ସାଂସଦ ବିନୋଦ ବିହାରୀ ନାଏକ, ଘଟଗାଁ ବ୍ଲକର କଂଗ୍ରେସ ନେତା ଦେବେନ୍ଦ୍ର ନାୟକ,ଅଲିଅହମଦ , ସୁରେନ୍ଦ୍ର ପଟ୍ଟନାୟକ, ରାମଚନ୍ଦ୍ର ମହାରଣା, ଚନ୍ଦ୍ରଶେଖର ସାହୁ,ବିଶୋନାଥ ବେଜ,ସେକ ଲୋକମାନେ, ହୃଦୟ ରଞ୍ଜନ ସିଂ, ଦୁର୍ଗାପ୍ରସାଦ ବେହେରା, ଚତୃଭୂଜ ନାୟକ, ତ୍ରିଲୋଚନ ପରିଡା ସମେତ ଘଷିପୁରା ଓ ଘଟଗାଁ ବ୍ଲକର ଶତାଧିକ କର୍ମକର୍ତ୍ତା ଯୋଗଦେଇଥିଲେ।

(ଶ୍ରୀମଦ୍ଭଗବଦ୍ ଗୀତା ୧୮/୩୫)
–ମୋକ୍ଷଯୋଗଃ–
(ଶ୍ରୀଭଗବାନୁବାଚ)

**ଯୟା ସ୍ୱପ୍ନଂ ଭୟଂ ଶୋକଂ ବିଷାଦଂ ମଦମେବ ଚ ।**
**ନ ବିମୁଞ୍ଚତି ଦୁର୍ମେଧାଃ ଧୃତିଃ ସା ପାର୍ଥ ! ତାମସୀ ॥ ୩୫ ॥**

(ତାମସୀଂ ଧୃତିଂ ଆହ)–ହେ ପାର୍ଥ ! ଦୁର୍ମେଧାଃ (ଦୁଷ୍ଟା ଅବିବେକବହୁଳା ମେଧା ଯସ୍ୟ ସଃ ଅବିବେକମତିଃ) (ପୁରୁଷଃ) ଯୟା (ଧୃତ୍ୟା) ସ୍ୱପ୍ନଂ, ଭୟଂ, କ୍ରୋଧଂ, ବିଷାଦଂ, ମଦଂ ଏବ ଚ ନ ବିମୁଞ୍ଚତି (ପୁନଃ ପୁନଃ ଆବର୍ତ୍ତୟତି), ସା ଧୃତିଃ ତାମସୀ ॥ ୩୫ ॥

# ଏକୋଇଶି ବର୍ଷ ତଳୁଁ ଏଯାଏଁ...

୧୯୩୬ ମସିହା ଜୁଲାଇ ୨୩ ତାରିଖରେ ଯେଉଁ ଶିଶୁ ପୁତ୍ରଟି ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ତୁଳଙ୍ଗ ଗ୍ରାମରେ ଭୂମିଷ୍ଠ ହୋଇଥିଲା, ସେ ଯେ ଜଣେ ବିକାଶ ପୁରୁଷ ଆଉ କର୍ମବୀର ଭାବେ ସୁନାମ ଅର୍ଜନ କରି ଏତେ ଶୀଘ୍ର ଏ ଧରାଧାମରୁ ବିଦାୟ ନେଇଯିବେ, ତାହା ସହଜରେ ବିଶ୍ୱାସ ହେଉ ନଥାଏ । କିନ୍ତୁ ବିଶ୍ୱାସ କରିବାକୁ ହେଲା । ରୋଗଗ୍ରସ୍ତ ହୋଇ ସେ ଆମମାନଙ୍କୁ ଛାଡ଼ି ଚାଲିଗଲେ ଏକୋଇଶି ବର୍ଷ ତଳେ ୨୦୦୩ ମସିହା ସେପ୍ଟେମ୍ବର ୭ ତାରିଖରେ । ଓଡ଼ିଶାବାସୀ ଦୁଃଖରେ ଭାଙ୍ଗି ପଡ଼ିଲେ । ସେ ଥିଲେ ବସନ୍ତ କୁମାର ବିଶ୍ୱାଳ । ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟରେ ପରିଣତ ହେବାର ପ୍ରାୟ ଚାରି ମାସ ପରେ ଜନ୍ମ ହୋଇଥିବା ବସନ୍ତ ବାବୁଙ୍କ ଜନ୍ମ ଶତବାର୍ଷିକ ପାଳନ ହେବ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଜନ୍ମ ଶତବାର୍ଷିକ ପାଳନ ହେଉଥିବା ବେଳେ, ଆଉ ପ୍ରାୟ ଦଶ ବର୍ଷ ପରେ । ଦଶ ବର୍ଷର ସମୟ ସୀମା ବଡ଼ କଥା ନୁହେଁ । ବଡ଼ କଥା ହେଲା ଆମମାନଙ୍କର ମାନସିକତା । ବରପୁତ୍ରମାନଙ୍କୁ ସେମାନଙ୍କ କୃତିତ୍ୱ ପାଇଁ ମନେ ପକାଇ ସେମାନଙ୍କ ପ୍ରଦର୍ଶିତ ମାର୍ଗରେ ଆମେମାନେ ନ ଚାଲିଲେ ଆମ ପରବର୍ତ୍ତୀ ପିଢ଼ି ଆମମାନଙ୍କୁ ଯେ ମାନି ଶୃଙ୍ଖଳିତ ଭାବେ ଠିକ୍ ମାର୍ଗରେ ଚାଲିବେ, ସେ ଗ୍ୟାରେଣ୍ଟି କେହି ଦେଇ ପାରିବେ ନାହିଁ । ତେଣୁ ଜୀବଶ୍ରେଷ୍ଠ ଓ ବୁଦ୍ଧିସମ୍ପନ୍ନ ମନୁଷ୍ୟ, ମହାଜନମାନେ ଯେଉଁ ମାର୍ଗରେ ଯାଇଥିବେ, ସେମାନଙ୍କ ପଦାଙ୍କ ଅନୁସରଣ କରି ଚାଲିବା ଆବଶ୍ୟକ । ମନୁଷ୍ୟର ବୁଦ୍ଧି ତେଣୁ ସଦ୍‌ବୁଦ୍ଧି ହେଉ ।

ଆଜି ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଯେଉଁ 'ସବ୍‌କା ସାଥ୍, ସବ୍‌କା ବିଶ୍ୱାସ ଓ ସବ୍‌କା ବିକାଶ' ଧ୍ୱନି ଦେଇ ଭାରତରେ ଚହଳ ପକାଇଛନ୍ତି, ତାହାହିଁ ସ୍ୱର୍ଗୀୟ ବସନ୍ତ କୁମାର ବିଶ୍ୱାଳ କରି ଆସିଥିଲେ, କିନ୍ତୁ ଏପରି ଧ୍ୱନି ସେତେବେଳେ କେହି ବି ଦେଇ ନଥିଲେ । ସ୍ୱର୍ଗୀୟ ବିଶ୍ୱାଳଙ୍କ ଜନପ୍ରିୟତାର କାରଣ ତାହାହିଁ ଥିଲା ବୋଲି ଏବେ ନିଶ୍ଚୟ ଆମେମାନେ ସ୍ୱୀକାର କରିବୁ । ବିଭିନ୍ନ ବିକାଶମୂଳକ କାର୍ଯ୍ୟଗୁଡ଼ିକ ସେ ହାତକୁ ନେଇ ଠିକ୍ ସମୟ ମଧ୍ୟରେ ବା ତା' ପୂର୍ବରୁ ଅତି ଅଦ୍ଭୁତ ଭାବରେ ସମ୍ପନ୍ନ କରାଇ ପାରୁଥିଲେ । ସେଥିପାଇଁ ସମ୍ଭବତଃ ତାଙ୍କୁ କେହି କେହି 'ବିକାଶ ପୁରୁଷ' ବା 'କଟକର ବାଇମୁଣ୍ଡି' ବୋଲି କହି ଆସୁଥିଲେ । ବିକାଶ କାର୍ଯ୍ୟରେ ସେ ନିଜ ଦଳର ଲୋକଙ୍କୁ ହେଉ ବା ବିରୋଧୀ ଦଳର ଲୋକଙ୍କୁ ହେଉ 'ନା' ବୋଲି କହୁ ନଥିଲେ । ସେମାନଙ୍କ କାମ କରି ଦେଉଥିଲେ । କଟକରେ ରିଂ ରୋଡ଼ ତ କରାଇଥିଲେ, ପୂର୍ବ ସରକାର କରାଇ ପାରି ନଥିବା କଟକର ଓ.ଏମ୍.ପି. ଛକଠାରୁ ମାଲଗୋଦାମ ବା କଲେଜ ଛକକୁ ସୁବିଧାରେ ଯିବା ଓ ଆସିବା ଲାଗି ଯେଉଁ ଓଭରବ୍ରିଜ କାମକୁ ସେ ବର୍ଷକ ମଧ୍ୟରେ ନୁହେଁ, ବର୍ଷକ ପୂର୍ବରୁ ଶେଷ କରାଇ ଦେଇ ପ୍ରକୃତରେ ସିଏ ଦୃଷ୍ଟାନ୍ତ ପାଲଟି ଯାଇଥିଲେ । ସେଥିପାଇଁ ସମ୍ଭବତଃ ସେ ଚାଲିଯିବାର ଏକୋଇଶି ବର୍ଷ ପରେ ମଧ୍ୟ ତାଙ୍କୁ ସବୁ ଦଳର ଲୋକେ ମନେ ପକାଉଛନ୍ତି । ସେ ମନ୍ତ୍ରୀ ଥିବାବେଳେ ବିଧାୟକ ଭାବେ କେହି ତାଙ୍କ ପାଖକୁ ନିଜ ଅଞ୍ଚଳର କିଛି କାର୍ଯ୍ୟ ପାଇଁ ଗଲେ, ତାଙ୍କୁ ସେ ନିରାଶ କରନ୍ତି ନାହିଁ । ଏ କଥା ଉଲ୍ଲେଖ କରିଛନ୍ତି ପୂର୍ବତନ ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ତାଙ୍କର ଏକ ଲେଖାରେ ।

ଗତ ସାତ ତାରିଖ ସକାଳେ ଜଗତସିଂହପୁର ସଂସ୍କୃତି ଭବନରେ ସ୍ୱର୍ଗୀୟ ବିଶ୍ୱାଳଙ୍କର ୨୨ତମ ସର୍ବଦଳୀୟ ଶ୍ରାଦ୍ଧ ସଭା ବସନ୍ତ କୁମାର ବିଶ୍ୱାଳ ସ୍ମୃତି ପରିଷଦ, ଜଗତସିଂହପୁରଙ୍କ ଆନୁକୂଲ୍ୟରେ ହୋଇଥିଲା । ଏ ଲେଖକ ସମେତ ବିଜୁ ଜନତା ଦଳର ଜିଲ୍ଲା ସଭାପତି ଓ ପୂର୍ବତନ ବିଜେଡ଼ି ସରକାରରେ ମୁଖ୍ୟ ସଚେତକ ଥିବା ଶ୍ରୀ ପ୍ରଶାନ୍ତ ମୁଦୁଲି, କଂଗ୍ରେସ ଦଳର ଶ୍ରୀ ନଟବର ବାରିକ ପ୍ରଭୃତି ପ୍ରାୟ ପନ୍ଦର ଜଣ ବିଶିଷ୍ଟ ବ୍ୟକ୍ତି ବସନ୍ତ ବାବୁଙ୍କ ଶ୍ରାଦ୍ଧ ସଭାରେ ସୁନ୍ଦର ଭାବେ ଉଦ୍‌ବୋଧନ ଦେଇଥିଲେ । ଉଲ୍ଲେଖନୀୟ ଯେ ସେହି ଅଞ୍ଚଳରୁ ନବକୃଷ୍ଣ ଚୌଧୁରୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ ଅତୀତରେ । ସେହି ଅଞ୍ଚଳରୁ ଯୁଧିଷ୍ଠିର ଦାସ ବି ବାଚସ୍ପତି ହୋଇଥିଲେ । ବସନ୍ତ ବାବୁ ମଧ୍ୟ ଉପମୁଖ୍ୟମନ୍ତ୍ରୀ ହୋଇପାରି ଥିଲେ । ତାଙ୍କୁ ସ୍ମରଣ କରିବା କଥା ବର୍ଷକରେ ଅନ୍ତତଃ ଥରେ ବା ଦୁଇଥର ଜୟନ୍ତୀରେ ନଚେତ୍ ଶ୍ରାଦ୍ଧରେ । ଏହି ପରମ୍ପରାରୁ ଆମେମାନେ ଶିକ୍ଷା ଲାଭ କରିବା ଉଚିତ ।

କର୍ମଯୋଗୀ ସ୍ୱର୍ଗୀୟ ବିଶ୍ୱାଳଙ୍କ ୨୨ତମ ଶ୍ରାଦ୍ଧ ଦିବସରେ ରାଜ୍ୟସ୍ତରୀୟ ସମାରୋହ ମଧ୍ୟ ଗତ ୭ ସେପ୍ଟେମ୍ବର (୨୦୨୫) ସନ୍ଧ୍ୟାରେ ଜୟଦେବ ଭବନରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସଭାପତିତ୍ୱ କରିଥିଲେ କରିଥିଲେ ସମାଜସେବୀ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର । ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତଚରଣ ଦାସ, ସମ୍ମାନିତ ଅତିଥି ଭାବେ ବିଜେଡିର ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ମୁଖ୍ୟବକ୍ତା, ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ଓ ସ୍ମୃତି କମିଟି ପକ୍ଷରୁ ମାନସ ଚୌଧୁରୀ, ନାରାୟଣ ଜେନା ପ୍ରଭୃତି ଯୋଗ ଦେଇଥିଲେ । 'ସମୟ'ର ମୁଖ୍ୟ ସମ୍ପାଦକ ଭାବେ ଏ ଲେଖକ ଏବଂ ପ୍ରକାଶକ ସତ୍ୟ ନାରାୟଣ ମହାନ୍ତି ମଧ୍ୟ ଯୋଗ ଦେଇଥିଲୁଁ । କିନ୍ତୁ ଦର୍ଶକମାନଙ୍କ ମଧ୍ୟରେ ପଛ ଧାଡ଼ିରେ ବସିଥିଲେ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ । ପୂର୍ବତନ ମନ୍ତ୍ରୀ ତଥା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମଧ୍ୟ ଏହି ସଭାରେ ଉପସ୍ଥିତ ଥିଲେ । ଯେଉଁ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଗଲା, ସେମାନଙ୍କ ମଧ୍ୟରେ ଶତାୟୁ ପୁରୁଷ ଓ ବିଶିଷ୍ଟ ଗାନ୍ଧିବାଦୀ ପଦ୍ମଚରଣ ନାୟକ ଅସୁସ୍ଥତାବଶତଃ ଆସି ପାରି ନଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଶିକ୍ଷାବିତ୍ ଓ ପୂର୍ବତନ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରସନ୍ନ କୁମାର ମିଶ୍ର, ପ୍ରଫେସର ଡଃ ମନୋରମା ବିଶ୍ୱାଳ ମହାପାତ୍ର, ରାଜ୍ୟ ସ୍କାଉଟ୍ ଓ ଗାଇଡ୍‌ର ସଚିବ ଶରତ କୁମାର ପାଇକରାୟ, ଯୁବ କ୍ରୀଡାବିତ୍ ଅମୀୟ ମଲ୍ଲିକ ପ୍ରଭୃତିଙ୍କୁ ସମ୍ମାନିତ କରାଯାଇଥିଲା । ସଭାଗୃହ ତ ଭରପୁର ଥିଲା । ସ୍ୱର୍ଗୀୟ ବିଶ୍ୱାଳଙ୍କ କନିଷ୍ଠ ପୁତ୍ର ତଥା ବିଶିଷ୍ଟ କ୍ରିକେଟ ଖେଳାଳି ଓ ପୂର୍ବତନ ସାଂସଦ ଶ୍ରୀ ରଞ୍ଜୀବ ବିଶ୍ୱାଳ ଓ 'ସମୟ'ର ପରିଚାଳନା ନିର୍ଦ୍ଦେଶିକା ଶ୍ରୀମତୀ ଅନିତା ମହାନ୍ତି ଓ 'ସମୟ'ର ଅନ୍ୟାନ୍ୟ ସାମ୍ବାଦିକ ଓ ପଦାଧିକାରୀମାନେ ଏହି ଉତ୍ସବରେ ଉପସ୍ଥିତ ଥିଲେ ।

ଏକୋଇଶ ବର୍ଷ ତଳେ ଆମ ଗହଣରେ ଚଳପ୍ରଚଳ କରୁଥିବା ଜଣେ ବିଶିଷ୍ଟ ବ୍ୟକ୍ତି, ପୂର୍ବତନ ଉପମୁଖ୍ୟମନ୍ତ୍ରୀ ବସନ୍ତ କୁମାର ବିଶ୍ୱାଳ ଯେ ଏବେ ବି ଆମ ଗହଣରେ ଅଛନ୍ତି, ସଭାଗୃହରେ କାହିଁକି କେଜାଣି ସେହିପରି ମନେ ହୋଇଥିଲା ।

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଗୁରୁ ସାକ୍ଷାତ୍ ପରଂବ୍ରହ୍ମ



ଡକ୍ଟର ବାସନ୍ତୀ ମହାନ୍ତି

ଏମିତି କଥାଟିଏ ଅଛି– 'ସ୍ୱର୍ଗଟିଏ ନିଶ୍ଚୟ ଅଛି, ସେଠି କେବଳ ସୁଖ ହିଁ ସୁଖ। ଦୁଃଖ, ଯନ୍ତ୍ରଣା, କଷଣ, ପୀଡ଼ନ ସେଠି ନାହିଁ । ନିତ୍ୟ ସୁଖ ସେ ସ୍ଥାନରେ ବିରାଜମାନ । ମଣିଷ ଥରେ ସେହି ସୁଖର ସନ୍ଧାନ ପାଇଗଲେ, ତାକୁ ଆଉ ସବୁ ସୁଖ ତୁଚ୍ଛ ଲାଗେ ।' କିଛି ମହାତ୍ମା ଆମକୁ ସେହି ସ୍ୱର୍ଗ ସମ୍ପର୍କରେ ଜ୍ଞାନ ଦେଉଥିବା ବେଳେ ଆଉ କେତେଜଣ ମହାତ୍ମା ସେହି ସ୍ୱର୍ଗର ଠିକଣା ମଧ୍ୟ ଦେଇପାରନ୍ତି କିନ୍ତୁ ଏକମାତ୍ର ଗୁରୁ ହିଁ ଅଙ୍ଗୁଳି ଧରି ସେହି ସ୍ୱର୍ଗ ପର୍ଯ୍ୟନ୍ତ ବାଟ କଢ଼େଇ ନିଅନ୍ତି । ଏହା କେବଳ ଚଳନ୍ତି କଥା ନୁହେଁ, ଗୁରୁମାନେ ସେତିକି ଦକ୍ଷତାର ଅଧିକାରୀ ଥିଲେ । ସେ ଦକ୍ଷତା ସେମାନେ ହାସଲ କରୁଥିଲେ ନିଜର ଗଭୀର ଚିନ୍ତନ, ମନନ, ଅଧ୍ୟୟନ ଓ ଅଧ୍ୟବସାୟରୁ । ସେମାନଙ୍କ ଜୀବନଚର୍ଯ୍ୟା ମଧ୍ୟ ସେହିପରି ତପଶ୍ଚରଣ ମଧ୍ୟରେ ହେଉଥିଲା । ସବୁ ମୋହମାୟା, ଆସକ୍ତି ଦୂର କରି ଶିଷ୍ୟ ସର୍ବସ୍ୱ ଚେତନା ଭିତରେ ସେମାନେ ବଞ୍ଚୁଥିଲେ । ଶିଷ୍ୟମାନେ ଥିଲେ ତାଙ୍କର ସର୍ବଶ୍ରେଷ୍ଠ ସମ୍ପତ୍ତି । ସେମାନଙ୍କର ରକ୍ଷଣାବେକ୍ଷଣ, ସେମାନଙ୍କର ଉନ୍ନତି ଉତ୍ତରଣ, ଭବିଷ୍ୟତ ନିର୍ମାଣ ଆଦି ସବୁ ଦାୟିତ୍ୱ ଥିଲା ଗୁରୁମାନଙ୍କର । କେବଳ ବିଦ୍ୟାଧ୍ୟୟନ କାଳରେ ନୁହେଁ, ଗୁରୁକୁଳ ତ୍ୟାଗ କରି ଗୃହସ୍ଥାଶ୍ରମରେ ପ୍ରବେଶ କଲେ ସୁଦ୍ଧା ସାଂସାରିକ ଜୀବନରେ କୌଣସି ସମସ୍ୟା ବା ସଂକଟ ଆସିଲେ, ସେମାନେ ଗୁରୁମାନଙ୍କୁ ଖୋଜି ଖୋଜି ଯାଆନ୍ତି ଓ ତାଙ୍କଠାରୁ ପରାମର୍ଶମାନ ଆଣି ନିଜ ସଂସାର ସଜାଡ଼ନ୍ତି । ସବୁପ୍ରକାର ସମସ୍ୟା ପାଇଁ ଗୁରୁମାନଙ୍କ ପାଖରେ ସମାଧାନର ସୂତ୍ର ଥାଏ । ପୂର୍ବରୁ ପରିବାରରେ ବାହା, ବ୍ରତ, ଘର ପ୍ରତିଷ୍ଠା, ନାମକରଣ ଉତ୍ସବ ଆଦି ଯେ କୌଣସି ଶୁଭକର୍ମ ଗୁରୁଙ୍କ ଉପସ୍ଥିତି ବିନା ହେଉ ନଥିଲା। ଗୁରୁମାନେ ମାର୍ଗଦର୍ଶକ ଓ ଶୁଭଚିନ୍ତକ / ତାଙ୍କୁ ଈଶ୍ୱର ତୁଲ୍ୟ ମାନ୍ୟତା ଦିଆଯାଉଥିଲା। କେବଳ ସାଧାରଣ ଜନତା ନୁହଁନ୍ତି ରାଜା ମହାରାଜାମାନେ ମଧ୍ୟ ଗୁରୁଙ୍କ ଆଶୀର୍ବାଦ ଓ ପରାମର୍ଶ ବିନା କୌଣସି ଶୁଭ କାର୍ଯ୍ୟ କରୁନଥିଲେ । ରାଜାମାନେ ଅନ୍ୟ କାହା ପାଦତଳେ ମୁଣ୍ଡ ନୁଆଁନ୍ତି ନାହିଁ । ତାଙ୍କୁ ସମସ୍ତେ ନମସ୍କାର କରନ୍ତି । କିନ୍ତୁ ଏକମାତ୍ର ଗୁରୁ ହିଁ ଏହି ନୀତି ନିୟମର ଊର୍ଦ୍ଧ୍ୱରେ ଥାଆନ୍ତି । ରାଜା ତାଙ୍କ ପାଦତଳେ ମସ୍ତକ ଅବନତ କରି ଆଶୀର୍ବାଦ ଭିକ୍ଷା କରନ୍ତି ।

ସମାଜରେ ଗୁରୁମାନଙ୍କ ପାଖରେ ଯେତେଦିନ ପର୍ଯ୍ୟନ୍ତ ଶିକ୍ଷାର୍ଥୀ ଏହିପରି ସମ୍ପୂର୍ଣ୍ଣ ସମର୍ପିତ ହୋଇ ରହୁଥିଲା, ସେ ପର୍ଯ୍ୟନ୍ତ ସାମାଜିକ ଶୃଙ୍ଖଳା ଓ ସଂସ୍କାର ଥିଲା । ଶିକ୍ଷାର ମର୍ଯ୍ୟାଦା ଥିଲା। ଶିକ୍ଷା ଅନୁଷ୍ଠାନ ଲାଭଜନକ ବ୍ୟବସାୟ ବୋଲି ଗ୍ରହଣ କରାଯାଉ ନଥିଲା । ଶିକ୍ଷା ବିକାକିଣା ହେଉ ନଥିଲା । ପଞ୍ଚତନ୍ତ୍ରର ଲେଖକ ବିଷ୍ଣୁଶର୍ମା, ଯିଏ ଥିଲେ ଓଡ଼ିଶାର ଜଣେ ବିଶିଷ୍ଟ ପଣ୍ଡିତ, ତାଙ୍କୁ 'ଅମର କଣ୍ଟକ'ର ରାଜା ତାଙ୍କର ବିଗିଡ଼ି ଯାଉଥିବା ପୁତ୍ରମାନଙ୍କୁ ଶିକ୍ଷାଦେବା ପାଇଁ ଅନୁରୋଧ କରିଥିଲେ ଏବଂ ପ୍ରତିଦାନରେ ସେ ଯାହା ଚାହିଁବେ, ତାହା ପାରିତୋଷିକ ରୂପେ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ବିଷ୍ଣୁଶର୍ମାଙ୍କର ସର୍ତ୍ତ ଥିଲା ବିଦ୍ୟା ବିକ୍ରି ହେବା ଦ୍ରବ୍ୟ ନୁହେଁ । ମୁଁ ରାଜକୁମାରମାନଙ୍କୁ ବିନା ପାରିଶ୍ରମିକରେ ଶିକ୍ଷା ଦେବି । ଏ ସର୍ତ୍ତରେ ଯଦି ଆପଣ ରାଜି ତା'ହେଲେ ମୁଁ ରାଜକୁମାରମାନଙ୍କର ଦାୟିତ୍ୱ ଏଇ ମୁହୂର୍ତ୍ତରୁ ନେଲି ।

ରାଜାଙ୍କର ଆଉ କିଛି କହିବାର ନଥିଲା । ସେ ସସମ୍ମାନେ ବିଷ୍ଣୁଶର୍ମାଙ୍କ ହସ୍ତରେ ରାଜକୁମାରମାନଙ୍କୁ ଶିକ୍ଷା ଦେବା ଦାୟିତ୍ୱ ଅର୍ପଣ କରିଥିଲେ । ସେହି ରାଜକୁମାରମାନଙ୍କୁ ଛୋଟ ଛୋଟ ଗଳ୍ପ ମାଧ୍ୟମରେ ସେ ଯାହା ଶିକ୍ଷା ଦେଇଥିଲେ ତାହା ହିଁ ହେଉଛି 'ପଞ୍ଚତନ୍ତ୍ର' ପୁସ୍ତକ । ବିଶ୍ୱର ପ୍ରଥମ ଶିଶୁ ବା କିଶୋର ସାହିତ୍ୟ । ପଞ୍ଚତନ୍ତ୍ର ପୁସ୍ତକର ଚର୍ଚ୍ଚା ଏବେ ସାରା ବିଶ୍ୱରେ । ବିଶ୍ୱର ବିଭିନ୍ନ ଭାଷାରେ ତାହା ଅନୁଦିତ ହୋଇଛି । ମୂଳ ଲେଖା ଥିଲା ସଂସ୍କୃତ ଭାଷାରେ । ଗୁରୁ ଯେଉଁପରି ଶିଷ୍ୟମାନଙ୍କୁ ଶିକ୍ଷା ଦେଉ ଦେଉ ବିଶ୍ୱକୁ ମହନ୍ ଗ୍ରନ୍ଥ ପ୍ରଦାନ କରିଥାନ୍ତି, ଶିଷ୍ୟମାନେ ମଧ୍ୟ ଗୁରୁଙ୍କ ଆଦେଶ ପାଳନ କରୁ କରୁ ବିଶ୍ୱକୁ ଅମୂଲ୍ୟ ଗ୍ରନ୍ଥ ଦେଇଥାନ୍ତି । ସେମାନଙ୍କ ଗବେଷଣା ଲବ୍ଧଜ୍ଞାନ ଦ୍ୱାରା ବିଶ୍ୱ କଲ୍ୟାଣ ସାଧନ ହେବାର ଦୃଷ୍ଟାନ୍ତ ରହିଛି । ଚରକଙ୍କୁ ତାଙ୍କ ଗୁରୁ ଆଦେଶ ଦେଇଥିଲେ, ଯାଅ ମୋତେ ଏମିତି ଗୋଟିଏ ଗଛର ପତ୍ର ଆଣିଦେବ, ଯାହାର ଆଦୌ ଔଷଧର ଗୁଣ ନଥିବ । ଚରକ ସଙ୍ଗେ ସଙ୍ଗେ ଗୁରୁଙ୍କ ଆଦେଶ ଶିରୋଧାର୍ଯ୍ୟ କରି ଜଙ୍ଗଲକୁ ଚାଲିଗଲେ ଓ ତାଙ୍କର ଗବେଷଣା କାର୍ଯ୍ୟ ଆରମ୍ଭ କରିଦେଲେ ।

ପ୍ରତ୍ୟେକ ଗଛର ତାଳପତ୍ର, ଚେର, ଫୁଲଫଳ, ମଞ୍ଜି, ଛାଲି ସବୁ ଗୋଟି ଗୋଟି କରି ସେ ପରୀକ୍ଷା କରୁଥିଲେ ଓ ଯେଉଁ ଅନୁଭବ ହାସଲ କରନ୍ତି ସେସବୁ ତାଳପତ୍ରରେ ଲେଖି ରଖୁଥିଲେ । ଏମିତି କେତେ ବର୍ଷ ସେ ଗବେଷଣା ଚଳଉଥିଲେ, ତାର ହିସାବ ନାହିଁ । ହଠାତ୍ ଦିନେ ଗୁରୁଙ୍କର ମନେ ପଡ଼ିଗଲା ସେ ଜଣେ ବାଳକକୁ ବଣକୁ ପଠାଇଥିଲେ ତାର ପରୀକ୍ଷା ପାଇଁ । ସେ ଏ ପର୍ଯ୍ୟନ୍ତ ଫେରି ନାହିଁ । ସେଇଠୁ ବ୍ୟସ୍ତ ବିବ୍ରତ ହୋଇ ସେ ବଣକୁ ଧାଇଁଲେ । ଅନେକ ଖୋଜା ଖୋଜି ପରେ ଗୋଟିଏ ଗୁମ୍ଫାରେ ଜଣେ ଦୀର୍ଘ ଶ୍ମଶ୍ରୁ ବହୁଳ ବୃଦ୍ଧଙ୍କୁ ଭେଟି ଶିଷ୍ୟ ଚରକଙ୍କ ସମ୍ବନ୍ଧରେ ପଚାରିଲେ ।

ସଙ୍ଗେ ସଙ୍ଗେ ବୃଦ୍ଧଜଣକ କହିଲେ, ମୁଁ ସେହି ହତଭାଗ୍ୟ ଛାତ୍ର । ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପାରିନାହିଁ । ପ୍ରତ୍ୟେକ ଗଛରେ ମୁଁ ଦେଖିଛି କିଛି ନା କିଛି ଔଷଧୀୟ ଗୁଣ । ଔଷଧୀୟ ଗୁଣ ନଥିବା ବୃକ୍ଷଟିଏ ଆଜି ପର୍ଯ୍ୟନ୍ତ ଖୋଜି ପାଇନାହିଁ । ମୋର ସବୁ ପରୀକ୍ଷା ନିରୀକ୍ଷାକୁ ମୁଁ ଲିପିବଦ୍ଧ କରି ରଖିଛି । ଗୁରୁ ଛାତ୍ରଙ୍କୁ ଆଦରରେ କୋଳାଗ୍ରତ କରି କହିଲେ, ତମର ବିଫଳତା ହିଁ ତମର ସବୁଠାରୁ ବଡ଼ ସଫଳତା । ତମର ଲିପିବଦ୍ଧ ହୋଇଥିବା ଏହି ଅନୁଭବ ହେବ ବିଶ୍ୱର ସର୍ବପ୍ରଥମ ଓ ସର୍ବଶ୍ରେଷ୍ଠ ଆୟୁର୍ବେଦ ଶାସ୍ତ୍ର 'ଚରକ ସଂହିତା' ଯାହା ନାମରେ ହେବ ଖ୍ୟାତ ।

'ପଞ୍ଚତନ୍ତ୍ର' ପୁସ୍ତକ ଓ 'ଚରକ ସଂହିତା' ଦୁଇଟି କେବଳ ଭାରତର ନୁହେଁ ବିଶ୍ୱର ଅଦ୍ୱିତୀୟ ଗ୍ରନ୍ଥ । ବିଶ୍ୱର ବିଭିନ୍ନ ଭାଷାରେ ଏହା ଅନୁଦିତ ହୋଇ ଅନେକ ପ୍ରସିଦ୍ଧି ମଧ୍ୟ ଅର୍ଜନ କରିଛି । ଧନ୍ୟ ସେ ଗୁରୁ ! ଧନ୍ୟ ସେ ଶିଷ୍ୟ । ଗୁରୁଶିଷ୍ୟଙ୍କ ମଧ୍ୟରେ ଏହିପରି ଶ୍ରଦ୍ଧା ଭକ୍ତି ନରହିଲେ, ମମତା ମର୍ଯ୍ୟାଦା ନହେଲେ ବିଦ୍ୟାଶିକ୍ଷା ସମ୍ପୂର୍ଣ୍ଣ ହେବ ନାହିଁ । ସମାଜରେ ମଙ୍ଗଳ ସାଧନ ହୋଇପାରିବ ନାହିଁ । ଶ୍ରଦ୍ଧାବାନ୍ ଲଭତେ ଜ୍ଞାନଂ।

ଥରେ ବିଶ୍ୱବିଜୟୀ ସମ୍ରାଟ ଆଲେକ୍‌ଜାଣ୍ଡାର୍ ଓ ତାଙ୍କ ଗୁରୁ ଆରିଷ୍ଟୋଟଲ୍ ଭ୍ରମଣରେ ଥିଲେ । ଆଗରେ ପଡ଼ିଲା ନଦୀଟିଏ । ପାର ହୋଇ ସେ ପଟକୁ ଯିବାକୁ ହେବ । ପାରିହେବା ପାଇଁ ନୌକା କିମ୍ବା ଆଉକିଛି ନଥିଲା । ଆରିଷ୍ଟଟଲ୍ ପ୍ରଥମେ କହିଲେ, ମୁଁ ଆଗରେ ଯାଉଛି, ତମେ ମତେ ଅନୁସରଣ କର । କାରଣ ତମେ ରାଜା । ତମର ଯଦି କିଛି ହେଇଯାଏ, ଦେଶର ବହୁତ ବଡ଼ କ୍ଷତି ହେବ କିନ୍ତୁ ଆଲେକ୍‌ଜାଣ୍ଡର ତାଙ୍କୁ ବାରଣ କରି କହିଲେ, ମୋର ଯଦି କିଛି ହେଇଯିବ ତାହା ବଡ଼ କଥା ନୁହେଁ । କାରଣ ଆପଣ ମୋପରି ଶହେଟି ଆଲେକ୍‌ଜାଣ୍ଡର ସୃଷ୍ଟି କରିପାରିବେ । କିନ୍ତୁ ଆପଣଙ୍କର ଯଦି କିଛି ହୋଇଯାଏ, ତେବେ ଶହେଟି ଆଲେକ୍‌ଜାଣ୍ଡାର ମିଶିଲେ ମଧ୍ୟ ଗୋଟିଏ ଆରିଷ୍ଟଟଲ୍ ସୃଷ୍ଟି କରିପାରିବେ ନାହିଁ । ଗୁରୁ ଆଉ କିଛି କହିବା ପୂର୍ବରୁ ଆଲେକ୍‌ଜାଣ୍ଡାର୍ ପାଣି ଭିତରେ ପଶି ସାରିଥିଲେ । ତାଙ୍କୁ ନୀରବରେ ଅନୁସରଣ କଲେ ଆରିଷ୍ଟଟଲ୍ ।

ସମଗ୍ର ବିଶ୍ୱରେ ଏହା ହିଁ ଥିଲା ଗୁରୁମାନଙ୍କର ସ୍ଥିତି । ଗୁରୁମାନେ ସରଳ ନିରାଡମ୍ବର ଜୀବନ ବଞ୍ଚୁଥିଲେ । ଅର୍ଥ ମୋହ ସେମାନଙ୍କର ନଥିଲା । ଶିଷ୍ୟମାନେ ଯାହା ଯେଉଠୁ ଆଣନ୍ତି ଗୁରୁମା' ସେଥିରେ ପରିବାର ଚଳାଇବା ସହ ଶିଷ୍ୟମାନଙ୍କ ପାଇଁ ମଧ୍ୟ ଖାଦ୍ୟ ପ୍ରସ୍ତୁତ କରୁଥିଲେ । ଦେଶରେ ଇଂରେଜୀ ଶିକ୍ଷା ପ୍ରଚଳନ ପର୍ଯ୍ୟନ୍ତ ଆମ ଦେଶରେ ଗୁରୁ ଶିଷ୍ୟଙ୍କ ମଧ୍ୟରେ ଏହିପରି ପବିତ୍ର ସମ୍ପର୍କ ଥିଲା ।

ଗୁରୁମାନେ 'ସାକ୍ଷାତ୍ ପରଂବ୍ରହ୍ମ' ସ୍ୱରୂପ ଥିଲେ । କିନ୍ତୁ ଧୀରେ ଗୁରୁମାନେ ଶିକ୍ଷକ ହେଲେ । ଶିଷ୍ୟମାନେ ହେଲେ ଛାତ୍ର । ବର୍ଷରେ ଗୋଟିଏ ଦିନ ସେମାନଙ୍କୁ ପରଂବ୍ରହ୍ମ ଆସନରେ ବସେଇ ଦିଆଯାଏ । ତାପରେ ସେମାନେ ମୁକ୍ତ । ଛାତ୍ରଛାତ୍ରୀମାନେ ମଧ୍ୟ ମୁକ୍ତ । ଗୁରୁମାନଙ୍କ ପ୍ରତି ସେମାନଙ୍କର ଶ୍ରଦ୍ଧା, ସମ୍ମାନ ଲୋପ ପାଇଯାଏ । ଗୁରୁମାନେ ମଧ୍ୟ ତାଙ୍କର ପଦ ମର୍ଯ୍ୟାଦା ଭୁଲି ଯାଆନ୍ତି । ବିଦ୍ୟା ବିକାକିଣା ହୁଏ । ବିଦ୍ୟା ବିଦ୍ୟାଳୟରୁ କୋଚିଂଆଳୟକୁ ଚାଲିଯାଏ । ପ୍ୟାକେଜ୍ ପଦ୍ଧତିରେ ପିଲା ପାଠ ପଢ଼ନ୍ତି । କେତେ ଟଙ୍କା ଦେଲେ, କେତେ ଦିନରେ ପାଠ୍ୟକ୍ରମ ଶେଷ ହେବ ତାର ହିସାବ ନିକାଶ ଚାଲେ । ଘରୋଇ ସ୍କୁଲ, କଲେଜ କଥା ତ କହିଲେ ନସରେ । ଶିକ୍ଷକ କିମ୍ବା ଶିକ୍ଷାବିତ୍ ଏହି ଅନୁଷ୍ଠାନମାନଙ୍କର ପରିଚାଳକ ନୁହଁନ୍ତି । ଶିକ୍ଷା ବ୍ୟବସାୟୀମାନେ ଏହି ଅନୁଷ୍ଠାନମାନ ଚଳାନ୍ତି । ବିଦ୍ୟା ଭଣ୍ଡାରରୁ ପଇସା ଦେଇ ବିଦ୍ୟା କିଣିବାକୁ ପଡ଼େ । ଅଧ୍ୟୟନ, ଅଧ୍ୟବସାୟ କିମ୍ବା ଦକ୍ଷତା ପ୍ରତିଭା ବଳରେ ନୁହେଁ ତ ପଇସା ବଳରେ ବ୍ୟକ୍ତି ବିଦ୍ୱାନ ବୋଲାଏ । କଥା ଏତିକିରେ ଥିଲା । କିନ୍ତୁ ଏବେ କେତେ ଦଶନ୍ଧି ହେଲା ଶିକ୍ଷା ଅନୁଷ୍ଠାନମାନଙ୍କରେ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ସମ୍ପର୍କ ରସାତଳଗାମୀ ହୋଇଯାଇଛି । କେତେକ ଚରିତ୍ରହୀନ ସ୍ୱାର୍ଥାନ୍ୱେଷୀ ଶିକ୍ଷକଙ୍କ ପାଇଁ ସମଗ୍ର ଶିକ୍ଷକ ସମାଜ ନିନ୍ଦିତ ହେଉଛନ୍ତି । ଛାତ୍ରୀମାନେ କଲେଜରେ ସହପାଠୀମାନଙ୍କ ଦ୍ୱାରା ଯେତିକି ପୀଡ଼ିତା ହେଉନାହାନ୍ତି ଶିକ୍ଷକମାନଙ୍କ ଦ୍ୱାରା ବେଶି ପୀଡ଼ିତା ହେଉଛନ୍ତି । ପାସ୍ ଫେଲ୍‌ର ଭୟ ଦେଖାଇ ଛାତ୍ରୀମାନଙ୍କ ମୁଖ ବନ୍ଦ କରି ଦିଆଯାଉଛି । ଶିକ୍ଷକ କୁଳକୁ କଳଙ୍କିତ କରୁଥିବା ଶିକ୍ଷକମାନେ ଉପଯୁକ୍ତ ଶାସ୍ତି ପାଉନାହାନ୍ତି । ପ୍ରଶ୍ନପତ୍ର ପ୍ରଘଟ, ପରୀକ୍ଷା ହଲ୍‌ରେ କପି ଯୋଗାଇଦେବା ପରି ସମ୍ବାଦମାନ ଗଣମାଧ୍ୟମରେ ନିତିଦିନିଆ ଖବର । ଗୋଟିଏ ଅନୁଷ୍ଠାନରେ ବିଭିନ୍ନ ପାହ୍ୟାର ଶିକ୍ଷକଙ୍କ ଦରମା ପରସ୍ପର ମଧ୍ୟରେ ସୌହାର୍ଦ୍ଦ୍ୟ ନଷ୍ଟ କରୁଛି । ଅଧିକ ଦରମା ପାଉଥିବା ଶିକ୍ଷକ କମ୍ କାମ କରୁଥିବା ବେଳେ କମ୍ ଦରମା ପାଉଥିବା ଶିକ୍ଷକଙ୍କୁ ବେଶି କାମ କରିବାକୁ ପଡୁଛି । କେବଳ ସେତିକି ନୁହେଁ, ପାଠପଢ଼ା ବ୍ୟତୀତ ସରକାରୀ ଘରର ଅନେକ କାମ ସେମାନଙ୍କୁ କରିବାକୁ ପଡୁଛି । ନିଜର ପେଟପାଟଣା ପାଇଁ ବର୍ଷର ଅଧିକାଂଶ ଦିନ ପି.ଏମ୍.ଜି. ଛକରେ ସରକାରଙ୍କ ନିକଟରେ ଦାବି ଜଣାଇବାରେ କଟୁଛି । ସରକାରୀ କଳର ଅଶୋଭନୀୟ ଆଚରଣ, ପୋଲିସ୍‌ର ଲାଠି, ସାମ୍ବାଦିକମାନଙ୍କର ଟାହିଟାପରା ସତ୍ତ୍ୱେ ସେମାନେ ସେମାନଙ୍କ ବଞ୍ଚିବାର ସଂଘର୍ଷ ଜାରି ରଖିଛନ୍ତି । ତଥାପି ସେମାନଙ୍କ ପ୍ରାପ୍ୟ ପାଉ ନାହାନ୍ତି ।

ଶିକ୍ଷକମାନଙ୍କ ହାତରେ ସମାଜ ଗଠନର ଦାୟିତ୍ୱ ନ୍ୟସ୍ତ ରହିଛି । ସେମାନେ ସମାଜର ମାର୍ଗ ଦର୍ଶକ, ସେମାନେ ହେଉଛନ୍ତି ମଣିଷ ଗଢ଼ା କାରିଗର । ସେମାନଙ୍କୁ ମାନସିକ ସ୍ତରରେ ଯେତେ ଚାପମୁକ୍ତ ରଖାଯିବ, ସେମାନଙ୍କ ଆଭିମୁଖ୍ୟକୁ ଅନୁକୂଳ ପରିବେଶ ଯୋଗାଇ ଦିଆଯିବ, ସେମାନେ ସମର୍ପିତ ହୋଇ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିବେ । ଏବେ ବେଳ ଆସୁଛି ଗୁରୁ ଶବ୍ଦ ଯେଉଁ ଗରିମା ବହନ କରେ ତାର ଉପଯୁକ୍ତ ମୂଲ୍ୟ ସମସ୍ତେ ହୃଦ୍‌ବୋଧ କରନ୍ତୁ ।

ସମାଜରେ ଅନ୍ୟବର୍ଗର ମଣିଷମାନେ ନୀତିଭ୍ରଷ୍ଟ ହେଲେ, ଲକ୍ଷ୍ୟଚ୍ୟୁତ ହେଲେ ସମାଜର ଯେତିକି କ୍ଷତି ହେବ ନାହିଁ, ଜଣେ ଗୁରୁ ଲକ୍ଷ୍ୟ ଭ୍ରଷ୍ଟ ହେଲେ ତାର ସହସ୍ର ସହସ୍ର ଗୁଣରେ କ୍ଷତିଗ୍ରସ୍ତ ହେବ । ଗୁରୁ ମୁଖରୁ ଗୋଟିଏ ବାକ୍ୟ କୋଟିଏ ଜୀବନ ପରିବର୍ତ୍ତନ କରିଦେବାର ସାମର୍ଥ୍ୟ ରଖେ । ସମ୍ପ୍ରତି ଆମ ଯୁବପିଢ଼ିଙ୍କ ମଧ୍ୟରେ ଯେଉଁ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଉଛି, ତାର ପ୍ରତିକାର ଗୁରୁମାନଙ୍କ ପାଖରେ ଅଛି । ସେମାନଙ୍କ ଭିତରେ ଗୁରୁମାନେ ଆତ୍ମବିଶ୍ୱାସ ଭରିଦେଇ ପାରିବେ ।

ଗୁରୁମାନଙ୍କର ଆଶୀର୍ବାଦରେ ଆମ ନୂଆପିଢ଼ି ଅଭିଷିକ୍ତ ହୁଅନ୍ତୁ । ଶିକ୍ଷାର ଉପଯୁକ୍ତ ମୂଲ୍ୟାଙ୍କନ ହେଉ । ଶିକ୍ଷା ମଣିଷକୁ ଯନ୍ତ୍ର ନ କରୁ । ମାନବିକତାର ମହାମନ୍ତ୍ରରେ ଆମ ନୂତନ ପିଢ଼ି ଦୀକ୍ଷିତ ହେଉ । ଗୁରୁମାନଙ୍କର ଆଶୀର୍ବାଦରେ ସମାଜର ଅଜ୍ଞାନତା, ଜଡ଼ତା ଦୂରୀଭୂତ ହୋଇ ଜ୍ଞାନଦୀପ୍ତିରେ ଉଦ୍‌ଭାସିତ ହେଉ । ଗୁରୁମାନେ ସେମାନଙ୍କର ଶକ୍ତି ସାମର୍ଥ୍ୟ ଉପଲବ୍ଧି କରନ୍ତୁ । ଅଜ୍ଞାନତା ରୂପକ ତିମିର ଧ୍ୱଂସ ହେଉ । ପୃଥିବୀ ପରଂବ୍ରହ୍ମମାନଙ୍କ ଆଶୀର୍ବାଦରେ ଅଭିଷିକ୍ତ ହେଉ ।

**(ଜଣେ ସୁଲେଖିକା ଓ ଗବେଷିକା ଭାବେ ଜଣାଶୁଣା)**
**ଦି ଏମେରାଲ୍ଡ୍ ଆପାର୍ଟମେଣ୍ଟ**
**ବ୍ଲକ୍ ସି, ୨୧୩, ଲକ୍ଷ୍ମୀସାଗର,**
**ଭୁବନେଶ୍ୱର–୬**
**ମୋ–୯୪୩୭୦୩୩୦୭୪**

# ଆମ ରୋଗ ପ୍ରତିରୋଧକ ଶକ୍ତି



ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର

ଦିନକୁ ଦିନ ଉଦ୍‌ବେଗଜନକ ଭାବେ ରୋଗ ପ୍ରତିରୋଧକ ଶକ୍ତି ଅନେକଙ୍କ ଭିତରେ କମିଯାଉଛି । କରୋନା ମହାମାରୀ ଏହି ରୋଗ ପ୍ରତିରୋଧକ ଶକ୍ତି ସମ୍ପର୍କରେ ଆମ ସମସ୍ତଙ୍କୁ ସୂଚୀତ କରିଦେଇ ଯାଇଛି । ସୁତରାଂ ନିତିଦିନିଆ ଜୀବନରେ ଆମକୁ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାକୁ ପଡ଼ିବ । ଏଥିପାଇଁ ଆଠଟି ଦିଗରେ ଆମେ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବା ଆବଶ୍ୟକ ।

ସର୍ବପ୍ରଥମେ ଖାଦ୍ୟ ସମ୍ପର୍କରେ ଜାଣିବା । ଇମ୍ୟୁନିଟି ବା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଆମେ ପ୍ରତିଦିନ ଦୁଇ ତିନି କୋଳା କଞ୍ଚା ରସୁଣ ଖାଇବା ଉଚିତ । ଏଥି ସହିତ ୨–୩ ଗ୍ରାମ ଅଦାକୁ ପାଣି ବା ଚା' ତିଆରିବେଳେ ସିଝାଇ ତାହା ପିଇବାକୁ ପଡ଼ିବ । ଗରମ କ୍ଷୀରରେ ୧–୨ଗ୍ରାମ ହଳଦୀ ପକାଇ ପିଇବା ଆବଶ୍ୟକ । ରାତିରେ ବତୁରା ହୋଇଥିବା ୩–୪ଟି ଆଲମଣ୍ଡ, ପିସ୍ତା ବାଦାମ ଖାଇବା ସହିତ ପ୍ରତିଦିନ କମଳା ଜୁସ ବା ଲେମ୍ବୁ ପାଣି ଏବଂ ଦୁଇ ତିନିଥର ଗ୍ରୀନ ଟି ପିଇଲେ ଇମ୍ୟୁନିଟି ବା ରୋଗ ପ୍ରତିଷେଧକ ଶକ୍ତି ବଢ଼ିବ । ଠିକ୍ ସେହିପରି ସୁନିଦ୍ରାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି । ଠିକ୍ ଭାବରେ ନିଦ ହେଲେ ରୋଗ ଆପେ ଚାଲିଯାଏ ବୋଲି କୁହାଯାଏ ।

ଏକଥା ମିଛ ନୁହେଁ । ତେବେ କିଭଳି ଭାବରେ ଶୋଇଲେ ତାହା ଆମ ପାଇଁ ଲାଭପ୍ରଦ ହେବ, ତାହା ସମସ୍ତେ ଜାଣିରଖିବା ଉଚିତ । ଶୋଇବାର ତିରିଶ ମିନିଟ ପୂର୍ବରୁ ଆମେ ଟିଭି ଦେଖିବା ଅନୁଚିତ । ଶୋଇବା ସମୟରେ ବହି ପଢ଼ିବା ଭଲ ଅଭ୍ୟାସ । ଧୀର ଶବ୍ଦରେ ଗୀତ ସଙ୍ଗୀତ ଶୁଣିଲେ ଆହୁରି ଭଲ । ମାନସିକ ଚାପ ଓ ବିବଶତା ନେଇ ଆମେ ଶୋଇବାକୁ ଘରକୁ ପଶିବା ଅନୁଚିତ । ଶୋଇବାବେଳେ ମୋବାଇଲ ଫୋନ କିମ୍ବା ଅନ୍ୟ ଇଲେକ୍ଟ୍ରୋନିକ୍ସ ଗେଜେଟ ପାଖରେ ରଖନ୍ତୁ ନାହିଁ । ଶୋଇବାର ଠିକ୍ ପୂର୍ବରୁ ଅଳ୍ପ ସମୟ ଧ୍ୟାନ କରିପାରିଲେ ବହୁତ ଭଲ ।

ନିତିଦିନିଆ ବ୍ୟାୟାମ ଆମପାଇଁ ଅତି ଉତ୍ତମ । ବ୍ୟାୟାମ କରିବା ଦ୍ୱାରା ଆମ ଶରୀରର ଜୀବକୋଷଗୁଡ଼ିକର ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି ପାଇଥାଏ । ଯୋଗ, ଷ୍ଟ୍ରେଚିଂ, ସ୍କିପିଂ, ପ୍ରତି ଅଧ ଘଣ୍ଟାରେ ଘର ଭିତରେ ଶହେ ପାଦ ଚାଲିବା, ବାହାରେ ସାଇକେଲ ଚଳାଇବା, ପାଦରେ ଚାଲିବା ଆଦି ସାଧାରଣ ବ୍ୟାୟାମ ଆମେ ସହଜରେ କରିପାରିବା । ଆସନ୍ତୁ, ସେହିଭଳି କିଛି ସୁଅଭ୍ୟାସ ସମ୍ପର୍କରେ ଜାଣିନେବା ।

ଆଜିର ସମୟରେ ପ୍ରାୟ ସମସ୍ତେ ନିଜ ନିଜ କାର୍ଯ୍ୟରେ ବ୍ୟସ୍ତ ରହୁଛୁଁ । ସେ ଭିତରେ ମଧ୍ୟ ଆମେ ସୁଅଭ୍ୟାସଗୁଡ଼ିକୁ ବଜାୟ ରଖିପାରିବା ଯାହା ଆମର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସହାୟକ ହୋଇଥାଏ । ଦିନବେଳା ବହୁବାର ସାବୁନରେ ହାତ ଧୋଇବା, ଅଧିକ ପରିମାଣରେ ଗରମ ପାଣି ପିଇବା, ପରିଷ୍କାର ପରିଚ୍ଛନ୍ନ ରହିବା, ଠିକ୍ ସମୟରେ ସୁଷମ ଖାଦ୍ୟ ଖାଇବା, ନିୟମିତ ଧ୍ୟାନ କରିବା ଇତ୍ୟାଦି ଅଭ୍ୟାସ କରିବା ଉଚିତ ।

ଆବେଗ ନିୟନ୍ତ୍ରଣ ଅତ୍ୟନ୍ତ ଜରୁରୀ । ଭୟ ଓ ଭାବପ୍ରବଣତା ନକରାତ୍ମକ ଦିଗକୁ ଟାଣି ନେଇଥାଏ । ଏହା ଚାପ, ଚିନ୍ତା, କ୍ରୋଧ, ଅନୁତାପ, ନିଜକୁ ଦୋଷୀ ବୋଲି ଭାବନାକୁ ବଢ଼ାଇଥାଏ । ଏହାଦ୍ୱାରା ମନ ଭିତରେ ଆହୁରି ଅଧିକ ଭୟ ସୃଷ୍ଟି ହୋଇଥାଏ ।

ଏହି ପ୍ରକ୍ରିୟା ଶାରୀରିକ ସୁସ୍ଥତା ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ ଏବଂ ଶେଷରେ ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇଯାଏ । ତେବେ ଆମେ ନକାରାତ୍ମକ ଆବେଗ ଓ ଭାବପ୍ରବଣତାକୁ ନିୟନ୍ତ୍ରଣ କରିବା କେମିତି? ଏହାର କେତେକ ସରଳ ଉପାୟ ହେଉଛି ପ୍ରାୟତଃ ଭବିଷ୍ୟତ କଥା ଚିନ୍ତା କରି ଆମେ ଭୟଭୀତ ହୋଇଥାଉ । ତେଣୁ ବର୍ତ୍ତମାନ ସମୟକୁ ନେଇ ବଞ୍ଚିଲେ ଭୟ କମିଯିବ ଭାବିବା ଯେ ଆମେ ଆଶୀର୍ବାଦପ୍ରାପ୍ତ । ଅତୀତର ଦୁଃଖ, ଶୋକ, ଅନୁତାପ ଏବଂ ଦୋଷକୁ ଭୁଲିଯିବା । ଆମେ ଦୟାଶୀଳ ହେବା । ଆମେ ଯେଉଁ କାମ କରୁଛୁ ତାହା ମନପ୍ରାଣ ଦେଇ କରିବା । ଭବିଷ୍ୟତ ହେଉଛି ଏକ କଳ୍ପନା, ତାହା ସମ୍ଭବ ହୋଇପାରେ ଅବା ହୋଇ ନପାରେ ଏହି ଭାବନା ନେଇ ଚଳିବା । ଆମେ ଗୋଟିଏ ବୃହତ ଯୋଜନାର ଅଂଶବିଶେଷ ବୋଲି ବିଶ୍ୱାସ ରଖିବା । ମନ ସର୍ବଦା ଶାନ୍ତ ରଖିବା ।

ଶ୍ୱାସକ୍ରିୟା ସମ୍ପର୍କରେ ସତର୍କତା ହେଉଛି ଶ୍ୱାସକ୍ରିୟା ସମୟରେ ଆମେ ଆଗକୁ ଦୃଷ୍ଟି ପକାଇବାର କୌଶଳ ଅବଲମ୍ବନ କରିବା । ଶ୍ୱାସକ୍ରିୟାରେ ନିରନ୍ତରତା, ସଂଯୋଗ ଓ ସଚେତ ରହିବା ଆବଶ୍ୟକ । ଏହି ଶୈଳୀରେ ଆଠଥର ପ୍ରଶ୍ୱାସ ନେବା ତା'ପରେ ଚାରିଟି ଛୋଟ ଓ ଗୋଟେ ଲମ୍ବା ପ୍ରଶ୍ୱାସ ନେବା । ଏହାକୁ ଚାରିଥର ଦୋହରାଇବା । ତା'ପରେ ସାଧାରଣ ଭାବରେ ଶ୍ୱାସପ୍ରଶ୍ୱାସ ନେବା । ଆଖି ବନ୍ଦ କରି ଅନୁଭବ କରିପାରିବା ଯେ ଆମ ମନକୁ କିଭଳି ଭଲ ଭାବନା ସବୁ ଆସୁଛି ।

ଧ୍ୟାନ ଏପରି ଏକ ସାଧନା, ଯାହା ଦ୍ୱାରା ଆମ ଶରୀର ଓ ମନ ପ୍ରଫୁଲ୍ଲିତ ହୋଇଥାଏ । ଦିନକୁ ଦୁଇଟି ପର୍ଯ୍ୟାୟରେ ଆମେ ଦଶରୁ ପନ୍ଦର ମିନିଟ ଲେଖାଏଁ ଧ୍ୟାନ କରିବା ଉଚିତ । ଆରାମରେ ବସି ଆଖି ବନ୍ଦ କରି ଆମେ ଲମ୍ବା ଶ୍ୱାସ ନେବା ।

ଅନୁଭବ କରିବା ଯେ ଆମେ ସକାରାତ୍ମକ ଶକ୍ତିଗୁଡ଼ିକୁ ଗ୍ରହଣ କରୁଛୁଁ ଏବଂ ଚାପ, କୁଭାବନା ଆଦି ନକାରାତ୍ମକ ଶକ୍ତିକୁ ନିର୍ଗତ କରୁଛୁଁ । ସେହିପରି ନିଜକୁ ଦୃଢ଼ ଭାବନାରେ ବାନ୍ଧି ରଖନ୍ତୁ । ଆମେ କେତେକ ଭଲ କଥା ସୁନିଶ୍ଚିତ ବୋଲି ମନେ କରିବା, ଯେମିତିକି ମୁଁ ସର୍ବଦା ନିରାପଦ ଏବଂ ସୁରକ୍ଷିତ, ମୁଁ ଈଶ୍ୱରୀୟ ସତ୍ତା ଦ୍ୱାରା ମାର୍ଗଦର୍ଶନ ପାଉଛି, ମୁଁ ଆଶିଷ ପାଇଛି, ମୁଁ ଯାହା ପାଇଛି ସେଥିପାଇଁ ମୁଁ କୃତଜ୍ଞ, ମୁଁ ସବୁ ଦୃଷ୍ଟିରୁ ପରିପୂର୍ଣ୍ଣ । ଚୁମ୍ବକ ସଦୃଶ ସମସ୍ତ ଭଲ କଥା ମୁଁ ଟାଣିଆଣେ, ଆଜି ହେଉଛି ମୋ ପାଇଁ ସବୁଠୁ ଖୁସିର ଦିନ ।

ନିଜ ଦୃଷ୍ଟିକୋଣ ପ୍ରତି ସତର୍କ ରୁହନ୍ତୁ । ଏହା ବୁଝିବାର କ୍ଷମତା ତଥା ଅନ୍ୟ ପ୍ରତି ନିଜର ଦୃଷ୍ଟିଭଙ୍ଗୀକୁ ହିଁ ବୁଝାଏ । ଜୀବନର ପ୍ରତ୍ୟେକ ଘଟଣା ପଛରେ କିଛି ନା କିଛି କାରଣ ରହିଥାଏ । ତେବେ ଆମେ ଜୀବନର ଆହ୍ୱାନ ପ୍ରତି ଆମର ଦୃଷ୍ଟିକୋଣରୁ ବ୍ୟାପକ କରିପାରିବା ଏବଂ ପରିବର୍ତ୍ତନକୁ ଗ୍ରହଣ କରିବା । ପଛକଥା ଆମେ ଭୁଲିଯାଇ ଆଗକୁ ବଢ଼ିବା, ଜଗତ ଉପରେ ବିଶ୍ୱାସ ରଖିବା ଓ ସଚେତନ ରହିବା ।

**ପ୍ରତିରଦ୍ୱିକ ଓ ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ,**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ**
**କଟକ, ମୋ– ୯୪୩୭୦୫୧୯୫୭**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଜି...

ରାଜ୍ୟପାଳ ସିପି ରାଧାକ୍ରିଷ୍ଣନ ଦେଶର ଉପରାଷ୍ଟ୍ରପତି ହେବା ନିଶ୍ଚିତ । ସିପି ରାଧାକ୍ରିଷ୍ଣନଙ୍କୁ କାଉଣ୍ଟର କରିବା ଲାଗି କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ମେଣ୍ଟ ଇଣ୍ଡିଆ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ବି ସୁଦର୍ଶନ ରେଡ୍ଡୀଙ୍କୁ ଚୟନ କରିଛି । ତେବେ ଉଭୟ ଗୃହରେ ବିରୋଧୀ ମେଣ୍ଟର ମୋଟ ସାଂସଦଙ୍କ ସଂଖ୍ୟା ୩୨୪ । ତେଣୁ ଚଳିତ ନିର୍ବାଚନରେ କଡ଼ା ଟକ୍କର ଦେଖିବାକୁ ମିଳିବ । କାରଣ ୨୦୨୨ ଅପେକ୍ଷା ଏଥର ବିରୋଧୀଙ୍କ ପାଖରେ ଅଧିକ ସାଂସଦ ରହିଛନ୍ତି । ହେଲେ ଏହା ବିଜୟ ପାଇଁ ଯଥେଷ୍ଟ ନୁହେଁ । ଯଦି ସମସ୍ତ ବିରୋଧୀ ସାଂସଦ ମଙ୍ଗଳବାର ଜଷ୍ଟିସ ରେଡ୍ଡୀଙ୍କ ସପକ୍ଷରେ ଭୋଟ କରିବେ, ତଥାପି ସେ ୧୦୦ରୁ ୧୩୫ ଭୋଟ ପଛରେ ରହିବେ ।

## ବାଣୀବିହାରରୁ...

ଏ ସମ୍ପର୍କରେ ଥାନାରେ ଏତଲା ହେବାସହ ଭିନରାଜ୍ୟ ଛାତ୍ରଙ୍କ ସମର୍ଥନରେ କିଛି ଛାତ୍ର ଥାନାକୁ ଯାଇ ହୋ ହଲ୍ଲା କରିଥିଲେ । କ୍ୟାମ୍ପସରେ ଉତ୍ତେଜନା ଲାଗି ରହିଥିବାରୁ ପୋଲିସ ପଇଁତରା ମାରୁଛି ।

ସୋମବାର ସକାଳେ ଭୁବନେଶ୍ୱର ଡିସିପିଙ୍କ ନିର୍ଦ୍ଦେଶରେ ଅତିରିକ୍ତ ପୋଲିସ ଅଫିସର, ୩ ପ୍ଲାଟୁନ୍ ଫୋର୍ସ ଓ ବାଣୀବିହାରର ବିଭିନ୍ନ ଅଫିସରମାନେ ଯୋଗ ଦେଇଥିଲେ । ସକାଳ ୯ଟା ବେଳେ କ୍ୟାମ୍ପସ୍‌ରେ ପହଞ୍ଚିଲେ ପୋଲିସ । ରୁଟିନ୍ ଅନୁଯାୟୀ ସେଠାରେ ବାଣୀବିହାର କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶରେ ଅଫିସରମାନେ ପ୍ରଶାସ୍ତ କରିଥିଲେ । ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂଙ୍କ ନିର୍ଦ୍ଦେଶ ଥିଲା ଯେ, କେଉଁ ପୋଲିସ ଅଫିସର କେଉଁଠାରେ ମୁତୟନ ରହିବେ । ମୁଖ୍ୟ ଫାଟକ ଠାରୁ ଆରମ୍ଭ କରି ବିଭିନ୍ନ ହଷ୍ଟେଲ ପାଖରେ ଅଫିସରଙ୍କ ପାଇଁ କାର୍ଯ୍ୟାଧୀନ ହୋଇଥିଲା । ପ୍ରଥମେ ୩ ନମ୍ବର ହଷ୍ଟେଲରେ ପହଞ୍ଚିଥିଲେ ଅପରେସନ ବୁଲ୍ଡୋଜରର କେତେକ କର୍ମକର୍ତ୍ତା । ୩ ନମ୍ବର ହଷ୍ଟେଲରେ ଥିବା ୨୧୦ଟି ରୁମ୍‌ରେ ତଡ଼ାଉ କରାଯାଇଥିଲା । ସେଥିରେ ଥିବା ପ୍ରାୟ ୬୦ଟି ରୁମ୍ ତାଲା ପଡ଼ିଥିଲା ।

ତାଲା ପଡ଼ିଥିବା ରୁମ୍‌ଗୁଡ଼ିକର ତାଲା କାଟି ଭିତରକୁ ପଶିଥିଲେ ବୁଲ୍ଡୋଜର କର୍ମକର୍ତ୍ତା । ରୁମ୍ ଭିତରେ ଥିବା ଆସବାବପତ୍ରକୁ ବାହାରକୁ ଫିଙ୍ଗି ଦିଆଯାଇଥିଲା । କେତେକ ରୁମ୍‌ର ଥାକରେ ବହି ରହିବା ପରିବର୍ତ୍ତେ ମଦ ବୋତଲ ଓ ଚିଗାମ ଦେଖିବାକୁ ମିଳିଥିଲା । ମଧ୍ୟାହ୍ନ ସୁଦ୍ଧା ୩ ନମ୍ବର ହଷ୍ଟେଲର ଅପରେସନ କାର୍ଯ୍ୟ ସାରି ତାକୁ ସିଲ୍ କରାଯାଇଥିଲା । ମଧ୍ୟାହ୍ନ ପରେ ୨ ନମ୍ବର ଓ ୧ ନମ୍ବର ହଷ୍ଟେଲ ଅପରେସନ କାର୍ଯ୍ୟ ଆରମ୍ଭ ହୋଇଥିଲା । ୨ ନମ୍ବର ହଷ୍ଟେଲର ୨୫ଟି ରୁମ୍ ଓ ୧ ନମ୍ବର ହଷ୍ଟେଲର ୧୯ଟି ରୁମ୍‌କୁ ସିଲ୍ କରାଯାଇଛି । ୩ ନମ୍ବର ହଷ୍ଟେଲକୁ ସମ୍ପୂର୍ଣ୍ଣ ସିଲ୍ କରାଯାଇଥିବା ବେଳେ ୨ ନମ୍ବର ଓ ୧ ନମ୍ବର ହଷ୍ଟେଲର ୪୪ଟି ରୁମ୍‌କୁ ସିଲ୍ କରାଯାଇଛି । ୧ ନମ୍ବର ହଷ୍ଟେଲ ପାଖରେ ଥିବା କ୍ୟାଣ୍ଟିନ ମଧ୍ୟ ସିଲ୍ କରାଗଲା । ଏହି କାର୍ଯ୍ୟ ସବୁ ହଷ୍ଟେଲରେ କରାଯିବା ପରେ ଅପରେସନ ବୁଲ୍ଡୋଜର ଅପରେସନ ଶେଷ ହୋଇଥିଲା । ବାଣୀବିହାର କର୍ତ୍ତୃପକ୍ଷଙ୍କ କହିବାନୁଯାୟୀ ହଷ୍ଟେଲ ଗୁଡ଼ିକ ମରାମତି କରାଯିବା ପରେ ଛାତ୍ରମାନଙ୍କୁ ଆଲର୍ଟ କରାଯିବ । ଏଣିକି ପୋଲିସ ଉପସ୍ଥିତ ରହି ଛାତ୍ରଙ୍କ ପରିଚୟପତ୍ର ଦେଖି ଭିତରକୁ ଛାଡ଼ିବେ । ଅପରେସନ ବୁଲ୍ଡୋଜର ଭୟରେ ହଷ୍ଟେଲରେ ରହୁଥିବା କେତେକ ଅଣଛାତ୍ର ରୁମ୍ ତାଲା ପକାଇ ଖସିଯାଇଥିଲେ ।

ଅଣଛାତ୍ରମାନେ ଛାତ୍ରମାନଙ୍କୁ ଭୟଭୀତ କରି ସେମାନଙ୍କ ରୁମ୍‌କୁ ଜୋର୍‌ଜବରଦସ୍ତ ଦଖଲ କରିଥିଲେ । କେତେକ କ୍ଷେତ୍ରରେ ରୁମ୍ ମଧ୍ୟ ଭଡ଼ା ଲାଗିଥିବା ପୂର୍ବରୁ ନଜରକୁ ଆସିଥିଲା । ବାଣୀବିହାର କର୍ତ୍ତୃପକ୍ଷଙ୍କ ଅଣଛାତ୍ରଙ୍କୁ ବିଦା କରିବା ପରିପ୍ରେକ୍ଷୀରେ ବିଜେପି ଯୁବମୋର୍ଚ୍ଚା ସଭାପତି କହିଛନ୍ତି, ଏହା ମୋହନ ସରକାରଙ୍କ ସର୍ଜିକାଲ ଷ୍ଟ୍ରାଇକ୍ । ସେହିପରି ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି, ଶିକ୍ଷାନୁଷ୍ଠାନରେ ଶୈକ୍ଷିକ ବାତାବରଣ ଫେରାଇ ଆଣିବା ପାଇଁ ଏହି ପଦକ୍ଷେପ ନିଆଯାଇଛି । ଯୁବ ବିଜେଡି ସଭାପତି କହିଛନ୍ତି ଯେ, ଅଣଛାତ୍ରମାନେ ବାଣୀବିହାର ହଷ୍ଟେଲରେ ଯେଉଁ ଅରାଜକତା କରୁଥିଲେ ତାହା ଶେଷ ହୋଇଛି । ବାଣୀବିହାର କର୍ତ୍ତୃପକ୍ଷଙ୍କ ଏହି ପଦକ୍ଷେପକୁ ଶିକ୍ଷାବିତ୍‌ମାନେ ସ୍ୱାଗତ କରିଛନ୍ତି ।

## ବିଧାୟକ...

ସହ ଦିବଂଗତ ଆତ୍ମାଙ୍କ ଶାନ୍ତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି । ଏହାସହ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ ସାମାଜିକ ଗଣମାଧ୍ୟମ "ଏକ୍ସ"ରେ ଉଲ୍ଲେଖ କରିଛନ୍ତି, ଦଳର ସଂଗଠନକୁ ମଜବୁତ କରିବାରେ ରାଜେନ୍ଦ୍ରଙ୍କ ବଡ଼ ଭୂମିକା ଥିଲା । ରାଜେନ୍ଦ୍ରଙ୍କ ବିୟୋଗ ଏକ ଅପୂରଣୀୟ କ୍ଷତି ସୃଷ୍ଟି କଲା । ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକ ସନ୍ତପ୍ତ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି ନବୀନ । ଏନେଇ ଶଙ୍ଖ ଭବନରେ ବିଜେଡି ପକ୍ଷରୁ ନିରବ ପ୍ରାର୍ଥନା କରାଯାଇଥିଲା ।

ସ୍ୱର୍ଗତଃ ଢୋଲକିଆଙ୍କ ପରଲୋକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ସେ କହିଛନ୍ତି, ରାଜେନ୍ଦ୍ର ଢୋଲକିଆ ନୂଆପଡ଼ା ନିର୍ବାଚନ ମଣ୍ଡଳୀରୁ ଚାରିଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ସ୍ୱର୍ଗତଃ ଢୋଲକିଆଙ୍କ ଅକାଳ ବିୟୋଗରେ ମୁଁ ଦୁଃଖିତ । ଶ୍ରୀଜଗନ୍ନାଥଙ୍କ ନିକଟରେ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରୁଛି ।

୧୯୫୬ ମସିହା ନଭେମ୍ବର ୨୦ରେ ଜନ୍ମଗ୍ରହଣ କରିଥିଲେ ସ୍ୱର୍ଗତଃ ଢୋଲକିଆ । ରାଜେନ୍ଦ୍ର ନୂଆପଡ଼ା ବିଧାନସଭା ଆସନରୁ ୨୦୦୪ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଥିଲେ । ୨୦୦୯ରେ ବିଜେଡି ପ୍ରାର୍ଥୀ ହୋଇ ପୁଣି ନିର୍ବାଚିତ ହୋଇଥିଲେ । ୨୦୧୪ରେ ତାଙ୍କ ବିଜୟଯାତ୍ରାରେ ବ୍ରେକ୍ ଲାଗିଥିଲା । ୨୦୧୪ରେ ରାଜେନ୍ଦ୍ର ଢୋଲକିଆଙ୍କୁ ପରାଜିତ କରି ବରିଷ୍ଠ ବିଜେପି ନେତା ବସନ୍ତ ପଣ୍ଡା ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ୨୦୧୯ରେ ଅବଶ୍ୟ ପୁଣି ବିଜେଡି ଟିକେଟରେ ନିର୍ବାଚିତ ହୋଇ ରାଜ୍ୟ ସରକାରଙ୍କ ଯୋଜନା ଓ ସଂଯୋଜନା ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ହୋଇଥିଲେ । ୨୦୨୪ରେ ସେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ତାଙ୍କ ବିୟୋଗରେ ନୂଆପଡ଼ାରେ ଶୋକର ଛାୟା ଖେଳିଯାଇଛି ।

## ପୁଣି...

ମାଇକୁ ଯାଉଥିଲେ । ସାକ୍ଷାତକାର ଦେବା ଏବଂ ସେମାନଙ୍କର ପାସପୋର୍ଟ ଫେରି ପାଇବା ପରେ ସେମାନେ ଭାରତ ଫେରିଯାଉଥିଲେ । ଏହି ପରିବର୍ତ୍ତନ ପର୍ଯ୍ୟଟକ, ବ୍ୟବସାୟ, ଛାତ୍ର, ଅସ୍ଥାୟୀ କର୍ମଚାରୀ ଏବଂ ଆମେରିକୀୟ ନାଗରିକଙ୍କୁ ବିବାହ କରିବା ପାଇଁ ଭିସା ନେଉଥିବା ଲୋକଙ୍କ ପାଇଁ ପ୍ରଯୁଜ୍ୟ ହେବ । ଆମେରିକାର ଷ୍ଟେଟ୍ ଡିପାର୍ଟମେଣ୍ଟ ୱେବସାଇଟ୍ ଅନୁଯାୟୀ, ଭାରତରେ ଏନଆଇଭି ସାକ୍ଷାତକାର ପାଇଁ ହାଇଦ୍ରାବାଦ ଏବଂ ମୁମ୍ବାଇ ପାଇଁ ୩.୫ ମାସ, ଦିଲ୍ଲୀରେ ୪.୫ ମାସ, କୋଲକାତାରେ ୫ ମାସ, ଚେନ୍ନାଇରେ ୯ ମାସ ଅପେକ୍ଷା କରିବାକୁ ପଡ଼ିଥାଏ ।

ବାସ୍ତବରେ ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳ ସମୟରେ ଭିସା ନିୟମକୁ କଠୋର କରାଯାଇଛି । ସେପ୍ଟେମ୍ବର ୨ ରୁ ଏକ ନୂତନ ନିୟମ କାର୍ଯ୍ୟକାରୀ ହୋଇଛି ଯାହା ଦ୍ୱାରା ବର୍ତ୍ତମାନ ସମସ୍ତ ଭିସା ଆବେଦନକାରୀ, ବୟସ ନିର୍ବିଶେଷରେ (୧୪ ବର୍ଷରୁ କମ୍ ଏବଂ ୭୯ ବର୍ଷରୁ ଅଧିକ ବୟସ୍କଙ୍କ ସମେତ), ସାଧାରଣତଃ ସିଧାସଳଖ କନସୁଲାର ସାକ୍ଷାତକାର ନେବାକୁ ପଡ଼ିବ ।

## ଏସିରେ...

ପଶି ଯିବାରୁ ଅଣନିଃଶ୍ୱାସୀ ହୋଇ ଘଟଣା ସ୍ଥଳରେ ହିଁ ସଚିନ, ରିଙ୍କୁ ଓ ସେମାନଙ୍କ ଝିଅ ସୁଜନ କପୁର ପ୍ରାଣ ହରାଇଥିଲେ । ପୋଷା କୁକୁର ମଧ୍ୟ କଳା ଧୂଆଁର ଶିକାର ହୋଇ ପ୍ରାଣ ହରାଇଛି । ଏତିକି ବେଳେ ଘରେ ଆଉ ଗୋଟିଏ ରୁମରେ ଶୋଇଥିବା ସେମାନଙ୍କ ପୁଅ ଜୀବନ ବଞ୍ଚାଇବାକୁ ଝରକା ପଟେ ଦ୍ୱିତୀୟ ମହଲାରୁ ତଳକୁ ଡେଇଁ ପଡ଼ିଥିଲେ । ତଳେ ପଡ଼ିବା ଯୋଗୁ ସେ ଗୁରୁତର ଆହତ ହୋଇଛନ୍ତି । ତାଙ୍କର ଚିକିତ୍ସା ଏବେ ନିକଟସ୍ଥ ହସ୍ପିଟାଲରେ ଚାଲିଛି ।

## ୬ ଦିନ...

ଲୋକେ ଜଙ୍ଗଲ ମଧ୍ୟକୁ ଯାଇ ଖୋଜାଖୋଜି କରିଥିଲେ । ସେମାନଙ୍କୁ ନପାଇବାରୁ ବନବିଭାଗକୁ ଜଣାଇଥିଲେ । ଶନିବାର ଦିନ ୨୦ ଜଣ ବନକର୍ମଚାରୀ ଜଙ୍ଗଲ ମଧ୍ୟକୁ ଯାଇ ଖୋଜାଖୋଜି କରିଥିଲେ ମଧ୍ୟ ପାଇନଥିଲେ । ଜଙ୍ଗଲ ଭିତରେ ନାଳରେ ପଶି ଯାଇଥିବାରୁ କୁମ୍ଭୀର ଆକ୍ରମଣ କିମ୍ବା ଜଙ୍ଗଲି ବାରହା ଓ ସାପ ଆକ୍ରମଣ କରିଥିବା ନେଇ ଆଶଙ୍କା ସୃଷ୍ଟି ହୋଇଥିଲା । ସୋମବାର ବନ ବିଭାଗର ୪ ଟି ବୋଟ ଓ ୬ଟି ଡଙ୍ଗା ମାଧ୍ୟମରେ ବନବିଭାଗର ୪୦ ଜଣ କର୍ମଚାରୀ ଓ ସ୍ଥାନୀୟ ଲୋକେ ୬୦ ଜଣ ଜଙ୍ଗଲ ମଧ୍ୟରେ ଖୋଜାଖୋଜି କରିଥିଲେ । ଦିନ ପ୍ରାୟ ୩ଟା ବେଳେ ମାଙ୍କୁଆ ନାଳ ନିକଟରେ ବୋଟ ଶବ୍ଦ ଶୁଣି ମାଆ ପୁଅ ଡାକ ପକାଇଥିଲେ । ଡାକଶୁଣି ବୋଟକୁ ନଦୀ ନିକଟରେ ରଖି ଜଙ୍ଗଲ ମଧ୍ୟକୁ ଯିବା ପରେ ନିଘଞ୍ଚ କଣ୍ଟା ଜଙ୍ଗଲ ମଧ୍ୟରେ ମାଆ ପୁଅ ଗୋଟିଏ ସ୍ଥାନରେ ଥିବା ଦେଖିଥିଲେ । ଦୁଇ ଜଣଙ୍କୁ ଉଦ୍ଧାର କରି ନଦୀ ମଧ୍ୟରେ କୁଳକୁ ଆଣିବାକୁ ୪ ଘଣ୍ଟା ସମୟ ଲାଗିଥିଲା । ବନବିଭାଗର ସଫଳ ଉଦ୍ୟମ ଯୋଗୁଁ ସେମାନଙ୍କୁ ଉଦ୍ଧାର କରିବା ପରେ ବୋଟରେ ତାଙ୍କୁ ଖାଇବାକୁ ଦିଆଯାଇଥିଲା । ସେମାନେ ୫ ଦିନ ଧରି କିଛି ଖାଇନଥିବାରୁ ଠିକ ସେ କଥା କହିପାରୁ ନାହାନ୍ତି । ସେମାନେ କୂଳରେ ପହଞ୍ଚିବାପରେ ତାଙ୍କୁ ପ୍ରଥମେ ଚିକିତ୍ସା ପାଇଁ ଗୁପ୍ତି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା ଓ ପରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିବା ଜଣାପଡିଛି । ବନବିଭାଗ ର ଏପରି କାର୍ଯ୍ୟକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି ।

## ଅକ୍ଟୋବରରୁ...

ଗୁଇନ୍ଦା ସୂତ୍ର ଆଧାରରେ ପୁଲିସକୁ ସୂଚନା ମିଳିଛି ଯେ, ଛତିଶଗଡ଼ର ବସ୍ତର ଅଞ୍ଚଳରେ କେବଳ ୧୫୦୦ରୁ ଊର୍ଦ୍ଧ୍ୱ ମାଓବାଦୀ ଅଛନ୍ତି । ଯଦି ସେମାନେ ପୁଲିସ ନିକଟରେ ଆତ୍ମସମର୍ପଣ ନକରନ୍ତି, ତାହେଲେ ପରିସ୍ଥିତିର ମୁକାବିଲା ହେବେ । ବୈଠକରେ ଲକ୍ଷ୍ୟ ହାସଲର ଠୋସ୍ କାର୍ଯ୍ୟକାରିତା ଉପରେ ଆଲୋଚନା ହୋଇଥିବା ସୂଚନା ସାମ୍ନାକୁ ଆସିଛି । ବୈଠକରେ ସିଆରପିଏଫ୍, ବିଏସ୍‌ଏଫ୍ ଏବଂ ଆଇଟିବିପିର ବରିଷ୍ଠ ଅଧିକାରୀମାନଙ୍କ ସହିତ ଛତିଶଗଡ଼, ମଧ୍ୟପ୍ରଦେଶ, ଓଡ଼ିଶା ଏବଂ ତେଲେଙ୍ଗାନାର ଉଚ୍ଚ ପୁଲିସ ଅଧିକାରୀମାନେ ଯୋଗ ଦେଇଥିଲେ । ସୂଚନା ବ୍ୟବସ୍ଥା ଏବଂ ସମନ୍ୱୟକୁ ପ୍ରଭାବଶାଳୀ କରାଯିବ, ଯାହା ଦ୍ୱାରା ମାଓବାଦୀଙ୍କ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରାଯାଇପାରିବ । ଛତିଶଗଡ଼ ପୁଲିସ ମହାନିର୍ଦ୍ଦେଶକ ଅରୁଣ ଦେବ ଗୌତମ କହିଛନ୍ତି ଯେ, ମାଓବାଦୀଙ୍କ ବିରୁଦ୍ଧରେ ଚାଲିଥିବା ଅଭିଯାନର ସମୀକ୍ଷା କରାଯାଇଥିଲା । ଗତ ସପ୍ତାହରେ ଦିଲ୍ଲୀରେ ଏକ ବୈଠକରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସ୍ପଷ୍ଟ କରିଥିଲେ ଯେ ସମସ୍ତ ମାଓବାଦୀ ଆତ୍ମସମର୍ପଣ ନ କରିବା ପର୍ଯ୍ୟନ୍ତ କେନ୍ଦ୍ର ସରକାର ବିଶ୍ରାମ ନେବେ ନାହିଁ । ଯେଉଁମାନେ ଆତ୍ମସମର୍ପଣ କରିବେ ନାହିଁ ସେମାନଙ୍କୁ ଗିରଫ କରାଯିବ କିମ୍ବା ନିପାତ କରାଯିବ । ଏହା ପୂର୍ବରୁ ମଧ୍ୟ ଅମିତ ଶାହ କହିଛନ୍ତି ଯେ, ୨୦୨୬ ସୁଦ୍ଧା ଦେଶକୁ ମାଓମୁକ୍ତ କରାଯିବାର ଲକ୍ଷ୍ୟ ରହିଛି ।

## ଇସ୍ରାଏଲରେ...

ତୀବ୍ର ହେବାର ସମ୍ଭାବନା ରହିଛି । ଏହି ଆତଙ୍କବାଦୀ କାଣ୍ଡକୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିନ୍ଦା କରିଛନ୍ତି ।

## ସୋସିଆଲ...

ସୂଚନା ପ୍ରଯୁକ୍ତି ମନ୍ତ୍ରୀ ପୃଥ୍ୱୀ ସୁବ୍ବା ଗୁରୁଙ୍ଗ, ମନ୍ତ୍ରାଳୟର ଅଧିକାରୀ, ନେପାଳ ଟେଲିକମ୍ୟୁନିକେସନ୍ କର୍ତ୍ତୃପକ୍ଷଙ୍କ ପ୍ରତିନିଧି, ଟେଲିକମ୍ ଅପରେଟର ଏବଂ ଇଣ୍ଟରନେଟ୍ ସେବା ପ୍ରଦାନକାରୀମାନେ ଉପସ୍ଥିତ ଥିଲେ । ଏହି ବୈଠକରେ ସମସ୍ତ ଅଣପଞ୍ଜିକୃତ ପ୍ଲାଟଫର୍ମଗୁଡ଼ିକୁ ତୁରନ୍ତ ପ୍ରଭାବରୁ ନିଷିଦ୍ଧ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା । ବର୍ତ୍ତମାନ, ନେପାଳରେ ୱାଇବର, ଟିକଟକ, ଭିଟକ ଏବଂ ନିମ୍ବୁଜ ଭଳି ପ୍ଲାଟଫର୍ମ ପଞ୍ଜିକୃତ ଅଛନ୍ତି । ଅନ୍ୟପଟେ ଫେସବୁକ, ହ୍ୱାଟ୍ସଆପ ଓ ଏକ୍ସ ଭଳି ଲୋକପ୍ରିୟ ପ୍ଲାଟଫର୍ମ ଏପର୍ଯ୍ୟନ୍ତ ପଞ୍ଜିକରଣ କରିନାହାନ୍ତି । ଯୋଗାଯୋଗ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରାଳୟ ସ୍ପଷ୍ଟ କରିଥିଲା ଯେ, ଏହି ନିଷେଧାଦେଶ ସାରା ଦେଶରେ ଲାଗୁ ହେବ । ଏହି ପ୍ରତିବନ୍ଧକ ଫେସବୁକ୍, ମେସେଞ୍ଜର, ଇନଷ୍ଟାଗ୍ରାମ,ୟୁଟ୍ୟୁବ୍, ହ୍ୱାଟସଆପ୍, ଟ୍ୱିଟର, ଲିଙ୍କଡିନ୍, ସ୍ନାପଚାଟ୍, ରେଡିଟ୍, ପିଣ୍ଟରେଷ୍ଟ, ସିଗନାଲ, ଥ୍ରେଡ୍ସ, ୱିଚାଟ୍, କ୍ୱାରା, ଟମ୍ବଲର ସମେତ ଅନ୍ୟାନ୍ୟ ପ୍ରମୁଖ ସୋସିଆଲ ମିଡିଆ ପାଇଁ ଲାଗୁ କରାଯାଇଥିଲା ।

ଅନଲାଇନରେ ଆରମ୍ଭ ହୋଇଥିବା ଏହି ବିଦ୍ରୋହ ସୋମବାର ରାସ୍ତା ଉପରକୁ ଆସିଛି । ପ୍ରଦର୍ଶନକାରୀମାନେ ସଂସଦ ନିକଟରେ ପୁଲିସ ସହିତ ସଂଘର୍ଷ କରିଥିଲେ । ସୁରକ୍ଷା ବାହିନୀ ଗୁଳି ଚଳାଇବାରୁ ଅତି କମରେ ଷୋହଳ ଜଣ ପ୍ରଦର୍ଶନକାରୀଙ୍କ ମୃତ୍ୟୁ ହୋଇଛି ଏବଂ ୧୦୦ ରୁ ଅଧିକ ଆହତ ହୋଇଛନ୍ତି । 'ଜେନ ଜେଡ ବିପ୍ଳବ' ନାମରେ ପରିଚିତ କାଠମାଣ୍ଡୁରେ ହଜାର ହଜାର ଯୁବ ପ୍ରଦର୍ଶନକାରୀ ପ୍ରବେଶ କରିଥିଲେ । ଅନେକ ପୁଲିସ ବ୍ୟାରିକେଡ ଭାଙ୍ଗି ନିଷିଦ୍ଧ ଅଞ୍ଚଳଗୁଡ଼ିକୁ ପ୍ରବେଶ କରିଥିଲେ । ସଂଘର୍ଷ ବୃଦ୍ଧି ପାଇବା ପରେ ପ୍ରତିରୋଧ ଭାବରେ ପୁଲିସ ବିଭିନ୍ନ ସ୍ଥାନରେ ଗୁଳି ଚାଳନା କରିଥିଲା । କେବଳ ସେତିକି ନୁହେଁ, କର୍ତ୍ତୃପକ୍ଷ ରାଜଧାନୀରେ କର୍ଫ୍ୟୁ ଜାରି କରିଥିଲେ ।

ଏହି ହିଂସା ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କ ଘରକୁ ପହଞ୍ଚିଛି । ବିକ୍ଷୋଭକାରୀମାନେ ଓଲିଙ୍କ ପୈତୃକ ବାସଭବନ ଉପରେ ପଥରମାଡ଼ କରିଛନ୍ତି । କାଠମାଣ୍ଡୁ ପୋଷ୍ଟ ରିପୋର୍ଟ ଅନୁଯାୟୀ, ପ୍ରଦର୍ଶନକାରୀମାନେ ଦମକରେ କେପି ଓଲିଙ୍କ ପୈତୃକ ଘର ଉପରେ ପଥର ମାଡ଼ କରିଛନ୍ତି । ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ଫାଙ୍କା ଗୁଳି ଚଳାଇଥିଲା । ପ୍ରଦର୍ଶନକାରୀମାନେ କ୍ୟାମ୍ପସ ଗେଟ୍ ଏବଂ ଚିଆ ଡୋକାନ୍ ମଧ୍ୟରେ ତିନୋଟି ସ୍ଥାନରେ ଟାୟାର ଜାଳି ପୂର୍ବ-ପଶ୍ଚିମ ରାଜପଥକୁ ମଧ୍ୟ ଅବରୋଧ କରିଥିଲେ, ଯାହା ଫଳରେ ପ୍ରାୟ ଅଧ ଘଣ୍ଟା ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା । ଏହା ପୂର୍ବରୁ ଆଜି ଦିନସମୟରେ ବିକ୍ଷୋଭକାରୀମାନେ ସଂସଦ ଭବନ ମଧ୍ୟକୁ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ । ଦେଶର ବିଭିନ୍ନ ସ୍ଥାନରେ ହୋଇଥିବା ହିଂସା ଓ ପୁଲିସ ଗୁଳିରେ ହୋଇଥିବା ମୃତ୍ୟୁସଂଖ୍ୟା ୧୯କୁ ପହଞ୍ଚିଛି ।

# ରେମୁଣା ବିଧାୟକଙ୍କ ବ୍ଲକସ୍ତରୀୟ ସମୀକ୍ଷା ବୈଠକ

ବାଲେଶ୍ୱର ,(ସବ୍ୟ): ରେମୁଣା ବିଧାୟକ ତଥା ସରକାରୀ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ଆବାହକତ୍ୱରେ ରେମୁଣା ବ୍ଲକ ସ୍ତରୀୟ ଏକ ବୈଠକ ରେମୁଣା ମନ୍ଦିର ଛକ ନିକଟସ୍ଥ ହନୁମାନ କଲ୍ୟାଣ ମଣ୍ଡପରେ ଆୟୋଜିତ ହୋଇଥିଲା । ରେମୁଣା ବିଡ଼ିଓ ଉତ୍ତମ କୁମାର ଜେନା, ଏବିଡ଼ିଓ ଶୁଭସ୍ମିତା ସାହୁ, ଜିପିଓ ସତ୍ୟନାରାୟଣ ବିଶ୍ୱାଳ, ଏଇଇ ମହେନ୍ଦ୍ର ସାମଲଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ବୈଠକରେ ରେମୁଣା ବ୍ଲକର ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯିବା ସହିତ ବିଭିନ୍ନ କାର୍ଯ୍ୟର ତଦାରଖ କରାଯାଇଥିଲା । ଏ ସରକାର ଲୋକଙ୍କ ସରକାର ଏବଂ ଲୋକଙ୍କ ହିତ ପାଇଁ ସର୍ବଦା କାମ କରୁଥିବା ସରକାର । ଗରିବ ଲୋକ ମାନଙ୍କ ପାଇଁ ସରକାର ବିଭିନ୍ନ ଯୋଜନା ମାନ କରୁଛନ୍ତି । ମୋ ନିର୍ବାଚନ ମଣ୍ଡଳୀର କୌଣସି ଯୋଗ୍ୟ ହିତାଧିକାରୀ ସରକାରଙ୍କ ଯୋଜନାରୁ ବଞ୍ଚିତ ନ ହୁଅନ୍ତୁ ବୋଲି ବିଧାୟକ ଶ୍ରୀ ଦାସ କହିଥିଲେ । ଏଥି ସହିତ ଅନ୍ତୋଦୟ ଯୋଜନା, ରାସନ୍ କାର୍ଡ, ଭତ୍ତା ଆଦି ଯୋଜନାରେ ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀ କେମିତି ଲାଭ ପାଇପାରିବେ ସେ ପ୍ରତି ବିଶେଷ ଧ୍ୟାନ ଦେବା ପାଇଁ ଅଧିକାରୀଙ୍କୁ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରେମୁଣା ବ୍ଲକର ସମସ୍ତ ପିଇଓ ଏବଂ ଏଡିବିଓ ମଧ୍ୟ ଏହି ବୈଠକରେ ଯୋଗ ଦେଇଥିଲେ ।

# ପ୍ରଦେଶ ସେବା ସଙ୍ଗଠନ ପକ୍ଷରୁ ମହିଳାଙ୍କୁ ବସ୍ତ୍ର ବଣ୍ଟନ

ତିହିଡି,ତା(ସବୁଯ):ତିହିଡି ବ୍ଲକ ଅନ୍ତର୍ଗତ ପୀରହାଟ ଅଞ୍ଚଳର ଦୁଃସ୍ଥ, ଅସହାୟ ଓ ଅବହେଳିତ ମଣିଷଙ୍କ ସାଥୀ ତଥା ଜଣେ ଦରଦୀ ଓ ହୃଦୟବାନ ମଣିଷ ଭାବେ ପରିଚିତ ସ୍ୱର୍ଗତ ବିଭୂତି ଭୂଷଣ ସେନାପତିଙ୍କ ସ୍ମୃତିରେ ଅଗ୍ରଣୀ ସାମାଜିକ ସେବା ସଙ୍ଗଠନ "ପ୍ରଦେଶ ସେବା ସଙ୍ଗଠନ' ପକ୍ଷରୁ ଅସହାୟ ମହିଳା ମାନଙ୍କୁ ବସ୍ତ୍ର ବଣ୍ଟନ କରାଯାଇଛି । ଏହି ଉପଲକ୍ଷେ ପୀରହାଟ ପାଢୀସାହି ଠାରେ ଆୟୋଜିତ କାଯର୍ଯ୍ୟକ୍ରମରେ ସଙ୍ଗଠନର ସଭାପତି ରଞ୍ଜନ ମିଶ୍ର ଅଧକ୍ଷତା କରିଥିବା ବେଳେ କୋଷାଧ୍ୟକ୍ଷ ଆର୍ତ୍ତବଲ୍ଲଭ ବାରିକ, ଅକ୍ଷୟ ରଣା, ପ୍ରହ୍ଲାଦ ପାଣିଗ୍ରାହୀ, ସମୀର ଓଝା. ବିଶ୍ୱଜିତ ସେନାପତି, ନରେନ୍ଦ୍ର ମହାନ୍ତି ଓ ଧୀରେନ୍ଦ ବାରିକ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ସେନାପତି କିଭଳି ଦୀନଦୁଃଖିଙ୍କ ସେବାରେ ନିଜକୁ ଉତ୍ସର୍ଗ କରିଥିଲେ ସେ ସମ୍ପର୍କରେ କହିବା ସହିତ ଏହି ମହାନ ବ୍ୟକ୍ତିଙ୍କ ସ୍ମୃତିକୁ ଉଜ୍ଜୀବିତ କରି ରଖିବା ଲାଗି ସଙ୍ଗଠନ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ଅୟୋଜିତ କରାଯାଇଛି ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ମୋଟ ୬୭ ଜଣ ଅସହାୟ ମହିଳାଙ୍କୁ ବସ୍ତ୍ର ବଣ୍ଟନ କରାଯାଇଥିଲା । ଶେଷରେ ସ୍ୱର୍ଗତ ସେନାପତିଙ୍କ ସାନପୁଅ ବ୍ରଜକିଶୋର ସେନାପତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ମହିଧରପଡା-ଗୋବିନ୍ଦପୁର ରାସ୍ତା କାର୍ଯ୍ୟ କରାଯିବାକୁ ଦାବି

ଫୁଲନଖରା,(ସବ୍ୟ): କଟକ ନୂଆବଜାର ସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗର ଡିଭିଜନ - ୨ ର ମହିଧରପଡ଼ା - ଗୋବିନ୍ଦପୁର ରାସ୍ତା ଉପରେ ସତନ୍ତ୍ର ଦୃଷ୍ଟି ଦେବାକୁ ଜନସାଧାରଣଙ୍କ ତରଫରୁ ଦାବି ହେଉଛି । ଖବର ଜଣାଯାଏ ଯେ ମହିଧରପଡା ତ୍ରିନାଥ ବଜାର ଠାରୁ ଗବବସ୍ତ, ହରିଅନ୍ତା , ନାହାଳପୁର ଦେଇ ୧୪ କି.ମି ରାସ୍ତା ଗୋବିନ୍ଦପୁର ଯାଇଅଛି । ଏହି ରାସ୍ତାଟି କଟକ ଗ୍ରାମ୍ୟ ଉନ୍ନୟନ ବିଭାଗ ଡିଭିଜନ - ୨ ଅଧିନରେ ରହିଥିଲା ।ଏହି ରାସ୍ତା ଆରମ୍ଭ ଅରଡିଆପଦା - ଅରିଲୋ - ସୁମାଣ୍ଡି- ଉଷୁମା ଦେଇ ରାସ୍ତାଟି ଶଙ୍ଖତ୍ରାସ ବଜାର ଦେଇ ନଈ ବନ୍ଧକୁ ଯାଇଅଛି ।ଏହା ସମ୍ପୂର୍ଣ୍ଣ ବାରଙ୍ଗ ବ୍ଲକର ନଗରୀ ଗ୍ରାମ ପଞ୍ଚାୟତ ଓ ଉଷୁମା ଗ୍ରାମପଞ୍ଚାୟତ ଏବଂ ନିଆଳୀ ନିର୍ବାଚନ ମଣ୍ଡଳୀ ପରିସୀମାଭୁକ୍ତ ଆସୁଅଛି ।ଏଣୁ ଡିଭିଜନ -୧ ପରିବର୍ତ୍ତେ ରାସ୍ତାଟି ବାରଙ୍ଗ ବ୍ଲକ ପରିସରଭୁକ୍ତ ହୋଇ ଡିଭିଜନ -୨ ରାସ୍ତା କାର୍ଯ୍ୟ ନିର୍ମାଣ କରିବାକୁ ସମ୍ପୂର୍ଣ୍ଣ ଭାବେ ଟ୍ରାନସଫର୍ କରାଯାଇଛି ।ବିଶେଷ କରି ମହିଧରପଡ଼ା ମେଡିକାଲ ଛକଠାରୁ ଡାକ୍ତରଖାନାକୁ ସଂଯୋଗ କରୁଥିବା ରାସ୍ତା ଉପରେ ପାଣି ଜମି ରହୁଛି । ଫଳରେ ଶହ ଶହ ରୋଗୀ ଯିବା ଆସିବା ସମୟରେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହିପରି ଚମାର ସାହି ପୋଲ ନିକଟରେ ପିଚୁ ତାଡି ହୋଇ ରାସ୍ତା ଉପରେ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇ ରାସ୍ତା ପାଣି ଜମି ରହୁଛି । ମହିଧରପଡ଼ା ହାଇସ୍କୁଲ ବଜାରଠାରେ ଅସରାଏ ବର୍ଷା ହେଲା ମାତ୍ରକେ ରାସ୍ତା ଉପରେ ପାଣି ଜମୁଛି , ଫଳରେ ଶହ ଶହ ଛାତ୍ରଛାତ୍ରୀ ସ୍କୁଲକୁ ଯିବା ଆସିବା ସମୟରେ ବଡ଼ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସାଧାରଣତଃ ଦୁଇଚକିଆ କିମ୍ବା ଚାରିଚକିଆ ଯାନ ଏହି ରାସ୍ତା ଉପରେ ଦେଇ ଗଲା ବେଳେ ପାଣି ଛିଟିକି ପଥଚାରୀ ଓଦା ହୋଇଯାଉଛନ୍ତି । ତୁରନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକ୍ଷଣ ଯନ୍ତ୍ରୀସତନ୍ତ୍ର ଦୃଷ୍ଟି ଦେବାକୁ ଓଡ଼ିଶା ସାମାଜିକ ଓ ସାଂସ୍କୃତିକ ପରିଷଦ ପକ୍ଷରୁ ପ୍ରକାଶ ନାୟକ, ଲଳିତ କୁମାର ଦାଶ,ଅମିତ କୁମାର ପରିଜା,ଅଶୋକ କୁମାର ରଥ,ସୁରେନ୍ଦ୍ରନାଥ ଛୋଟରାୟ, ଶଶିଭୂଷଣ ଦାଶ,ଧୀରେନ୍ଦ୍ର ସାହୁ,ଧରଣୀଧର ବେହେରା,ଦେବରଞ୍ଜନ ବୈଠାଲୁ,ଅଜୟ କୁମାର ବେଉରା,ଶୈଳଜାନନ୍ଦ ସାହୁ ପ୍ରମୁଖ ଦାବି କରି କହିଛନ୍ତି ।

# ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ନୀଳଗିରି,(ସବ୍ୟ): ଭାଲୁ ଆକ୍ରମଣରେ ଯୁବକ ଗୁରୁତର ହେବାରୁ ତାଙ୍କୁ ନୀଳଗିରି ଉପଖଣ୍ଡ ମେଡିକାଲରେ ଭର୍ତ୍ତି କରାଯାଇଛି । ସୂଚନା ଅନୁଯାୟୀ ରବିବାର ସକାଳେ ନୀଳଗିରି ଉପଖଣ୍ଡ ଅଧିନ ଶଯାମସୁନ୍ଦରପୁର ପଞ୍ଚାୟତ ଦ୍ୱାରିକା ଖୁମକୁଟ ଗାଁର ପଦ୍ମଲୋଚନ ସୋରେନ (୩୫) ନିଜ ଗାଁ ପାଖ ବିଲକୁ ଯାଉଥିବା ବେଳେ ଲୁଚି ରହିଥିବା ଏକ ଭାଲୁ ପଦ୍ମଲୋଚନଙ୍କୁ ଅତର୍କିତ ଭାବେ ଆକ୍ରମଣ କରିବା ଫଳରେ ପଦ୍ମଲୋଚନଙ୍କ ଶରୀର କ୍ଷତ ବିକ୍ଷତ ହୋଇଥିବା ବେଳେ ଗୋଡରେ ଗଭୀର ଆଘାତ ଲାଗିଥିଲା ।


**AFFIDAVIT**

I, Sibadarsan Kumar Hota, S/o - Late Benudhar Hota, resident of Pl.No-1037, Kunjapatana Sahi, Old Town, P.S.- Shree Lingaraj, Bhubaneswar, Dist- Khordha, Odisha, Pin- 751002, declare by this affidavit No.11 dtd.- 08/09/2025 that now onwards I shall be known as **SIBADARSHAN KUMAR HOTA** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Betnoti, dated 01,09, 2025 I, Mangal Charan Sing Address:- AT- Karanjia PO- Dantiamuhan, PS- Betnoti DIST- Mayurbhanj, PIN- 757029,Odisha declare that I have changed my daughter name from "JAMUNA SING to YAMUNA SING " Henceforth, I shall be known as " YAMUNA SING" for all purposes
**Sd/-(MANGAL CHARAN SING)**

**ଦ.ପୂ. ରେଳପଥ-ଟେଣ୍ଡର**

ଇ-ଟେଣ୍ଡର ନୋଟିସ ନଂ. : କେଜିପିଡବ୍ଲୁ-ସିଆଇଆର-ବିଟିପିଏଚ-୨୫-୨୬-୧-ଆର, ତାରିଖ : ୦୬.୦୯.୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ ଡେପୁଟି ଚିଫ୍ ମେକାନିକାଲ ଇଞ୍ଜିନିୟର (କ୍ୟାରେଜ୍ ୱାର୍କସ) ଖଡ଼ଗପୁର ୱାର୍କସପ୍, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ନିମ୍ନୋକ୍ତ କାର୍ଯ୍ୟ ନିମନ୍ତେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି : କାର୍ଯ୍ୟର ନାମ : ଖଡ଼ଗପୁର ୱାର୍କସପ୍, ଦକ୍ଷିଣ ପୂର୍ବ ରେଳପଥର କ୍ୟାରେଜ୍ ସପ୍ ଠାରେ ବାୟୋଟଏଲେଟ୍ ଟାଙ୍କି ସହିତ କୋଚ୍ ଗୁଡ଼ିକର ପିଓଏଚ୍ ଫିଟିଂ ସମୟରେ ଆଇଆର-ଡିଆରଡିଓ ବାୟୋ-ଟଏଲେଟ ଟାଙ୍କିଗୁଡ଼ିକର ହ୍ୟାଣ୍ଡଲିଂ ଏବଂ ପିଓଏଚ୍ । କାର୍ଯ୍ୟର ସ୍ଥାନ : ଖଡ଼ଗପୁର ୱାର୍କସପ୍, ଦକ୍ଷିଣ ପୂର୍ବ ରେଳପଥ, ପୋଷ୍ଟ-ଖଡ଼ଗପୁର, ଜିଲ୍ଲା-ପଶ୍ଚିମ ମେଦିନପୁର, ପିନ୍-୭୨୧୩୦୧, ପରିମାଣ : ଅନୁସୂଚୀ ଅନୁଯାୟୀ । ଟେଣ୍ଡର ମୂଲ୍ୟ : ଟ. ୯୯,୪୦,୧୯୩.୨୮/- । ଅମାନତ ଅର୍ଥ : ଟ. ୧,୯୮,୮୦୦/- । ଚୁକ୍ତି ଅବଧି : ଏଲ୍‌ଓଏ ଇସ୍ୟୁ ତାରିଖ ଠାରୁ ୨୪ ମାସ । ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ : ଶୂନ୍ୟ । ଟେଣ୍ଡର ବନ୍ଦ ତାରିଖ ଓ ସମୟ : ୦୮.୧୦.୨୦୨୫ ଅପରାହ୍ନ ୧୫.୦୦ ଘଟିକା । ବିଡିଂ ସିଷ୍ଟମ : ସିଙ୍ଗଲ୍ ପ୍ୟାକେଟ ସିଷ୍ଟମ । ଚୁକ୍ତି ଆକାର : ସ୍ୱାଭାବିକ ଖୋଲା କାର୍ଯ୍ୟ ଟେଣ୍ଡର । ଟେଣ୍ଡର ଆକାର : ଖୋଲା । ଟେଣ୍ଡର ନୋଟିସ୍ ଓ ଟେଣ୍ଡର ଡକ୍ୟୁମେଣ୍ଟର ସବିଶେଷ ବିବରଣୀ ଇ-ପୋର୍ଟାଲ ୱେବସାଇଟ୍ **http://www.ireps.gov.in** ରେ ଉପଲବ୍ଧ ଅଟେ । (PR-603)

**AFFIDAVIT**

By virtue of an affidavit sworn before the Executive Magistrate, Rairakhol dated 08.09.2025 I, Niranjan Mirdha, Son of Bairagi Mirdha, At- Paikmal, P.O.- Similipal, P.S.- Rairakhol, Dist- Sambalpur, Odisha, Pin-768106 declare that I have changed my name from Bairagi Mirdha to Niranjan Mirdha. Henceforth, I shall be known as Niranjan Mirdha for all purposes.
**Niranjan Mirdha (New Name)**

**AFFIDAVIT**

By virtue of an affidavit sworn before Executive Magistrate, Hindol, dated 3.9.2025. I, Rajakishore Garnaik, Village/Po-Fulapada, Ps- Banarpal, Dist-Angul, State-Odisha, Pin-759002 declare that I have changed my name from Raj Kishore Gadanayak to Rajakishore Garnaik. Henceforth I shall be known as Rajakishore Garnaik for all purposes.
**Rajakishore Garnaik (New Name)**

ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ
ଭାରତ ସରକାର
**ଜାତୀୟ ଯୁବ ପୁରସ୍କାର ୨୦୨୫**
ଏହି ପୁରସ୍କାର ପାଇଁ ୨୫ ଅଗଷ୍ଟ ୨୦୨୫ରେ ପ୍ରକାଶିତ ବିଜ୍ଞାପନ ରେ ଉଲ୍ଲିଖିତ ଆବେଦନପତ୍ର ଦାଖଲର ଶେଷ ତାରିଖକୁ ୩୦ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ।
ୱେବସାଇଟ୍ : https://awards.gov.in/
ବିଜ୍ଞାପନର ଅନ୍ୟ ସମସ୍ତ ବିବରଣୀ ଅପରିବର୍ତ୍ତିତ ରହିଛି ।
cbc47107/11/0010/2526

**AFFIDAVIT**

By virtue of an affidavit sworn before Executive Magistrate, Khaira, Balasore dated. 04.09.2025 I, Sasmita Parida, aged about 45 years. W/o- Gadadhar Parida of Vill-Sarat, Po- Guapal, Ps-Khaira, Dist- Balasore declare that in my Aadhar Card, Pan Card my name has been mentioned Sasmita Parida, D/o-Sambhunath Lenka, But in SBI Kupari Branch vide A/c. No. 30765668758 my name has been mentioned Sasmita Parida, W/o-Gadadhara Parida. In TC issued by Nahanga High School and RPLI vide Police No. R-OR-EA-545673 my name has been mentioned Aishorjya Rani Lenka, D/o-Sambhunath Lenka. Sasmita Parida, W/o- Gadadhar Parida and Aishorjay Rani Lenka, D/o-Sambhunath Lenka is one and same person.
**Sd/- Sasmita Parida**

E-Mail I.D.-eepwdcuttack@gmail.com
Tel./Fax NO. (0671)-2304128
**OFFICE OF THE SUPERINTENDING ENGINEER CUTTACK (R&B) DIVISION NO.I : CUTTACK**
**Cancellation Notice**
**B-498** : Tender for the work "Improvement of Junction by providing Mastic Asphalt to Road from Buxibazar Chhak to Chandi Chhak at Chainage 0/00Km (Buxi Bazar Chhak) for the year 2025-26 in the Dist. of Cuttack as invited vide of Bid Identification No. S.E.CTC (R&B)-29/2025-26. Tender ID. 2025_EICCL_117323_1 is hereby cancelled due to Administrative ground.
Sd/- (Er. Md. Shahabaz)
Superintending Engineer,
Cuttack (R&B) Division No.I, Cuttack
OIPR : 34091/11/0098/2526

E-mail - nacdharmagarh@gmail.com
**OFFICE OF THE NOTIFIED AREA COUNCIL, DHARAMGARH, (Dt.)- KALAHANDI**
No. 1355 / DMH — Dated. 04.09.2025
C-1022
**Quotation Call Notice**

| | | |
|---|---|---|
| Name of the work | : | Supply and Installation of 30 Mtrs. Flag Mast Post with Accessories. |
| No of works | : | 01 No. |
| Tender notice no. & Date | : | 1350/04.09.2025 |
| Agency | : | As per eligibility |
| Period of Tender | : | 2 Months. |
| Available of Documents | : | Dt. 08.09.2025 to Dt. 18.09.2025 (In Office Hours) at NAC Office Dharamgarh. |
| Tender Paper Cost | : | Rs. 5,000.00 |
| Last date of receipt of bid documents | : | Upto 01:00 PM of Dt. 18.09.2025 |
| Date of opening of Bid | : | 03:00 PM of Dt. 18.09.2025 |
| Name and address of the Officer inviting the notice | : | Executive Officer, NAC, Dharamgarh, Kalahandi |

Sd/- Executive Officer, NAC, Dharamgarh
OIPR : 13163/11/0013/2526

**World Skill Center**
Block B, Sector A, Tower, 2010, Mancheswar Industrial Estate, Bhubaneswar-751007 Country: India
Telephone/Fax: +91-674-2580079
Website: www.worldskillcenter.org, Email address: tenders@worldskillcenter.org
KK-219
**REQUEST FOR PROPOSAL (RFP) FOR HIRING OF BUILDING FOR HOSTEL ACCOMMODATION AT BHUBANESWAR FOR WORLD SKILL CENTER**
RFP No: WSC/95/ADMIN/2025-26/2227 — Date: 08.09.2025
World Skill Center, a Government of Odisha company, invites proposals for Hiring of Building for Hostel Accommodation on monthly per bed charges basis at Bhubaneswar, preferably within 25 KM from World Skill Center, Mancheswar Industrial Estate, Bhubaneswar
Eligible firms and agencies must submit their offer in the prescribed application form. The detailed terms & conditions, eligibility, etc. are in the RFP document, which can be downloaded from the tender section of the WSC website: www.worldskillcenter.org. Proposals duly filled in and complete in all respects should reach the office of the Chief Executive Officer, World Skill Center at Mancheswar Industrial Estate, Bhubaneswar-751007. Corrigendum/Addendum (if any) shall be published only on the official website of the World Skill Center.
**For any queries related to RFP, Please contact Mr. Chandan Kumar, GM-Procurement & Contracts World Skill Center, Bhubaneswar Contact No : +91 9650607819, Email : tenders@worldskillcenter.org.**

| | |
|---|---|
| Pre-bid Meeting | 15.09.2025 at 11:00 AM IST |
| Last date & Time for Submission of bids | 25.09.2025 at 02:00 PM IST |
| Date & Time of Opening of bids | 25.09.2025 at 04:30 PM IST |

OIPR : 44009/11/0070/2526 — Sd/- Chief Executive Officer

A - 599
**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, MINOR IRRIGATION DIVISION, KANDHAMAL.**
Telephone /Fax No-06842-253634, E-Mail : www.kmidplb@gmail.com
**BID IDENTIFICATION No - 05/2025-26/ 2356 Dt :- 02 / 9 / 2025**
The Superintending Engineer, Minor Irrigation Division, Kandhamal on behalf of Governor of Odisha invites Percentage rate bids in double cover system only in "ON LINE" mode for the Construction of works detailed in the table from"B" Class Contractors only registered with the State Government and contractors of equivalent Grade/Class registered with Central Government /M.E.S/ Railways for execution of civil works on production of definite proof from the appropriate authority. The bidders may submit bids for any or all the following works.

| | | | |
|---|---|---|---|
| 1. | Name of the works | : | Construction of Check Dams for the year 2025-26 under MATY. |
| 2. | Total No. of works. | : | 03 (three) Nos. |
| 3. | Estimated Cost. | : | Rs. 50.76 lakh to Rs. 78.05 lakh Approximately. |
| 4. | Class of Contractor | : | "B" Class only. |
| 5. | Period of completion | : | 180 (One Hundred eighty) days. |
| 6. | Date & time of Availability of Bid Document in the Portal for online bidding. | : | 10/9/2025 at 10 A.M. to 25/9/2025 up to 5.30 PM. |
| 7. | Last date/Time for receipt of Bid only in ONLINE. | : | 25/9/2025 up to 5.30 PM. |
| 8. | Date/Time of Opening of Technical Bid. | : | 26/09/2025 at 11.00 AM. at Office of the Superintending Engineer, M.I. Division, Kandhamal, Phulbani. |
| 9. | Date / Time of Opening of Financial Bid | : | **To be intimated through website after evaluation of Technical Bid.** |
| 10. | Name & Address of the Officer Inviting the Bid. | : | Office of the Superintending Engineer, M.I. Division, Kandhamal, At/PO: Phulbani, PS: Phulbani Town, Dist: Kandhamal, e-mail:- kmidplb@gmail.com. |
| 11. | Further details can be seen from the "e" Procurement Portal **https://tendersodisha.gov.in** | | |

Sd/- (Er. Surjya Narayana Panigrahi)
Superintending Engineer
M.I. Division, Kandhamal
OIPR : 32487/11/0017/2526



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।



ସଂସଦୀୟ କମିଟିର କାର୍ଯ୍ୟପ୍ରଣାଳୀ ଏବଂ ଏହାର ଗୁରୁତ୍ୱ ସଂପର୍କରେ ଆୟୋଜିତ କର୍ମଶାଳାକୁ ସମ୍ବୋଧିତ କରୁଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ । କର୍ମଶାଳାରେ ସଭାପତିତ୍ୱ କରୁଛନ୍ତି ବରିଷ୍ଠ ସାଂସଦ ଭର୍ତ୍ତୃହରି ମହତାବ ।

## ଶ୍ରୀକ୍ଷେତ୍ରରେ ପିତୃପକ୍ଷ ଆରମ୍ଭ, ବିଭିନ୍ନ ତୀର୍ଥପୁଷ୍କରିଣୀ ଏବଂ ମହୋଦଧିରେ ପିଣ୍ଡଦାନ

ପୁରୀ, (ସବ୍ୟୁ): ଶ୍ରୀକ୍ଷେତ୍ରରେ ସୋମବାର ଠୁ ପିତୃପକ୍ଷ ଆରମ୍ଭ ହୋଇଛି । ଆଶ୍ୱିନ ମାସ କୃଷ୍ଣପକ୍ଷ ପ୍ରତିପଦା ତିଥିରୁ ଆରମ୍ଭ ହୋଇଛି ପିତୃପକ୍ଷ । ସେଥିପାଇଁ ଶ୍ରୀକ୍ଷେତ୍ରରେ ଥିବା ବିଭିନ୍ନ ତୀର୍ଥ ପୁଷ୍କରିଣୀ ସମେତ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଓ ସମୁଦ୍ର ବେଳାଭୂମିରେ ଗହଳି ଦେଖିବାକୁ ମିଳିଛି । ବହୁ ଲୋକ ନିଜନିଜ ପିତୃ ପୁରୁଷଙ୍କ ଉଦେଶ୍ୟରେ ତର୍ପଣ ଓ ପିଣ୍ଡଦାନ କରିଛନ୍ତି । ଏନେଇ ସୋମବାର ସକାଳୁ ପୁରୀର ବିଭିନ୍ନ ତୀର୍ଥ ପୁଷ୍କରଣୀ ସମେତ ମହୋଦଧିରେ ଭିଡ଼ ଦେଖିବାକୁ ମିଳିଛି । ଶ୍ରଦ୍ଧାଳୁ ମାନେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରିବା ସହ ତର୍ପଣ କରୁଥିବା ଦେଖିବାକୁ ମିଳିଛି । ଦୀର୍ଘ ୧୫ ଧରି ପିତୃପୁରୁଷ ମାନଙ୍କ ଉଦ୍ଦେଶ୍ୟରେ ତର୍ପଣ କରାଯିବାର ବିଧି ରହିଥିବା ବେଳେ ଆସନ୍ତା ମହାଳୟା ଅମାବାସ୍ୟା ପର୍ଯ୍ୟନ୍ତ ପିତୃପକ୍ଷ ଚାଲୁରହିବ ।

## ହାଇଟେକ୍‌ରେ ବିଶ୍ୱ ଫିଜିଓଥେରାପି ଦିବସ

ଭୁବନେଶ୍ୱର (ସବ୍ୟୁ): ହାଇଟେକ୍ ଫିଜିଓଥେରାପି ମହାବିଦ୍ୟାଳୟରେ ବିଶ୍ୱ ଫିଜିଓଥେରାପି ଦିବସ ମହାସମାରୋହରେ ପାଳନ କରାଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଓଡିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ର ପରୀକ୍ଷା ନିୟନ୍ତ୍ରକ ପ୍ରଫେସର୍ ଡ. ୱାଇ. ରୋଜା ରମଣି, ସମ୍ମାନିତ ଅତିଥି ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡଃ ତିରୁପତି ପାଣିଗ୍ରାହୀ, ଟ୍ରଷ୍ଟି ତଥା ବିଧାୟକ ପାରଳାଖେମୁଣ୍ଡି ଇଂ ରୂପେଶ କୁମାର ପାଣିଗ୍ରାହୀ, ଟ୍ରଷ୍ଟି ଡ. ରାକେଶ କୁମାର ପାଣିଗ୍ରାହୀ, ଟ୍ରଷ୍ଟି ବିଶ୍ୱରାଜ୍ ପାଣିଗ୍ରାହୀ ଯୋଗଦାନ କରିଥିବାବେଳେ ମଞ୍ଚାସିନ ଅତିଥି ଭାବେ ହାଇଟେକ୍ କଲେଜ ଅଫ୍ ଫିଜିଓଥେରାପିର ଡିନ୍ ଏଣ୍ଡ ଡାଇରେକ୍ଟର ପ୍ରଫେସର୍ ଡ. ଅମଲେନ୍ଦୁ ଚୌଧୁରୀ, ପ୍ରିନ୍ସିପାଲ ପ୍ରଫେସର୍ ଡ. ଦୀପକ୍ ସାମନ୍ତରାୟ ଉପସ୍ଥିତ ଥିଲେ । ରୋଗୀର ଅସ୍ତ୍ରୋପଚାର ପରେ





ଫିଜିଓଥେରାପିର ଆବଶ୍ୟକ ପଡେ, ତେଣୁ ବିଭିନ୍ନ ବିଭାଗରେ ଫିଜିଓଥେରାପିକୁ ସାମିଲ କରି ରୋଗୀମାନଙ୍କୁ ଏହାର ଚିକିତ୍ସା ପ୍ରଦାନ କରାଗଲେ ରୋଗୀ କମ୍ ସମୟରେ ସୁସ୍ଥ ହୋଇପାରିବ ବୋଲି ପ୍ରତିଷ୍ଠାତା ଅଧ୍ୟକ୍ଷ ଡଃ ତିରୁପତି ପାଣିଗ୍ରାହୀ ଆହ୍ୱାନ ଦେଇଛନ୍ତି । ବୟସ୍କ ବ୍ୟକ୍ତିମାନଙ୍କ ଠାରେ ସାଧାରଣତଃ ଆଣ୍ଠୁ, ଗଣ୍ଠି ଓ ଅଣ୍ଟା ସମସ୍ୟା ଦେଖାଯାଏ । ଫିଜିଓଥେରାପି ଦ୍ୱାରା ଏ ସବୁ ସମସ୍ୟାକୁ ଦୂରେଇବା ସହ ସୁସ୍ଥ ଜୀବନ ବଞ୍ଚିପାରିବାବୋଲି ଟ୍ରଷ୍ଟି ତଥା ବିଧାୟକ ପାରଳାଖେମୁଣ୍ଡି ଇଂ ରୂପେଶ କୁମାର ପାଣିଗ୍ରାହୀ କହିଛନ୍ତି ।

### ଏମ୍ସ ଭୁବନେଶ୍ୱରରେ ମେଡିକାଲ ଅକ୍ସିଜେନ ପରିଚାଳନା ସମ୍ପର୍କିତ

# ପ୍ରଥମ ଜାତୀୟ ସାମର୍ଥ୍ୟ ବିକାଶ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ): ଯେକୌଣସି ଜରୁରୀକାଳୀନ ପରିସ୍ଥିତିରେ ମେଡିକାଲ୍ ଅକ୍ସିଜେନ୍ର ସଫଳ ପରିଚାଳନା ତଥା ରୋଗୀ ସେବାରେ ଏହାର ସଫଳ ପ୍ରୟୋଗକୁ ଉନ୍ନତ କରିବା ନିମନ୍ତେ, ଏମ୍ସ ଭୁବନେଶ୍ୱର, ହସ୍ପିଟାଲ ପ୍ରଶାସନ ବିଭାଗ ପକ୍ଷରୁ ମେଡିକାଲ ଅକ୍ସିଜେନ ପରିଚାଳନା ଉପରେ ଏକ ଜାତୀୟ ସାମର୍ଥ୍ୟ ବିକାଶ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ପ୍ରଶିକ୍ଷକମାନଙ୍କ ତାଲିମ ପରିଚାଳନା ନିମନ୍ତେ ଉଦ୍ଦିଷ୍ଟ ଏହି କାର୍ଯ୍ୟକ୍ରମ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟର ବିପର୍ଯ୍ୟୟ ପରିଚାଳନା ପ୍ରକୋଷ୍ଠ ଏବଂ ହସ୍ପିଟାଲ ପ୍ରଶାସନ ବିଭାଗ, ଏମ୍ସ ନୂଆଦିଲ୍ଲୀର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଛି । ସାରା ଦେଶରେ ମେଡିକାଲ ଅକ୍ସିଜେନ ପରିଚାଳନାକୁ ବ୍ୟବସ୍ଥିତ କରିବାରେ ଏହା ପ୍ରଥମ ପଦକ୍ଷେପ ଭାବେ ବିବେଚିତ ହେଉଛି ।

ଏହି କାର୍ଯ୍ୟକ୍ରମକୁ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଉଦ୍‌ଘାଟନ କରିଥିଲେ । କୋଭିଡ୍-୧୯ ମହାମାରୀରୁ ମିଳିଥିବା ଗୁରୁତ୍ୱପୂର୍ଣ୍ଣ ଶିକ୍ଷା





ଉପରେ ଆଲୋକପାତ କରିବା ସହିତ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ମେଡିକାଲ୍ ଗ୍ୟାସ୍ର ଗୁଣବତ୍ତା, ସୁରକ୍ଷା ଏବଂ ବ୍ୟବସ୍ଥିତ ଉପଯୋଗ ସୁନିଶ୍ଚିତ କରିବା ପାଇଁ ଅକ୍ସିଜେନ ପରିଚାଳନା ଏବଂ ବହୁମୁଖୀ ସେବାରେ ବ୍ୟାପକ ତାଲିମର ଜରୁରୀ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ, ଡ. ବିଶ୍ୱାସ । ଏହାକୁ ସୁନିଶ୍ଚିତ କରିବା ପାଇଁ ଅକ୍ସିଜେନ୍ ଷ୍ଟିୱାର୍ଡଶିପ ଏବଂ ମାନିଫୋଲ୍ଡ ସେବାରେ ବ୍ୟାପକ ତାଲିମର ଆବଶ୍ୟକତା ଉପରେ ସେ ଜୋର ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏମ୍ସ ଭୁବନେଶ୍ୱର ଡିନ୍ ଡ. ପି ଆର ମହାପାତ୍ର, ଡ. ସତ୍ୟଜିତ ମିଶ୍ର, ମେଡିକାଲ୍ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର, ଏମ୍ସ ନୂଆଦିଲ୍ଲୀ ମେଡିକାଲ୍ ଅଧୀକ୍ଷକ ଡ. ନିରୁପମ ମଦନ, ହସ୍ପିଟାଲ୍ ପ୍ରଶାସନ ବିଭାଗ ଅତିରିକ୍ତ ପ୍ରଫେସର ଡ. ବିଜୟଦୀପ ସିଦ୍ଧାର୍ଥ, ଏବଂ ପ୍ରୋଜେକ୍ଟ ଲିଡ୍ ତଥା ଏମ୍ସ ଭୁବନେଶ୍ୱର ହସ୍ପିଟାଲ୍ ପ୍ରଶାସନ ବିଭାଗୀୟ ମୁଖ୍ୟ ଡ. ଜବାହାର ଏସ୍.କେ. ପିଲ୍ଲାଇ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ । ସ୍ୱାସ୍ଥ୍ୟ ସୁରକ୍ଷା ବିଭାଗର ଅତିରିକ୍ତ ସଚିବ ଶ୍ରୀମତୀ ଭି. ହେକାଲି ଝିମୋମି ଭିଡିଓ ବାର୍ତ୍ତା ମାଧ୍ୟମରେ ସମାବେଶକୁ ସମ୍ବୋଧିତ କରି ଏହି କ୍ଷେତ୍ରରେ ଦକ୍ଷତା ବିକାଶର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଅକ୍ସିଜେନ ପିଏମୟୁ ସ୍ୱାସ୍ଥ୍ୟ ସୁରକ୍ଷା ମନ୍ତ୍ରଣାଳୟର ବୈଷୟିକ ବିଶେଷଜ୍ଞ ଭାରତ ଭୂଷଣ ଦାହିଆ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ ।

### ବିଭିନ୍ନ ରାଜ୍ୟର ପ୍ରତିନିଧିଙ୍କ ତାଲିମ ଗ୍ରହଣ

ଏହି ତାଲିମରେ ହସ୍ପିଟାଲ ଆଡମିନିଷ୍ଟ୍ରେସନ, ଶିଶୁ ଚିକିତ୍ସା, ନିଓନାଟୋଲୋଜି ଏବଂ ଟ୍ରମା ଓ ଜରୁରୀକାଳୀନ ଚିକିତ୍ସା କ୍ଷେତ୍ରର ବିଶେଷଜ୍ଞମାନେ ଅଂଶଗ୍ରହଣକାରୀଙ୍କୁ ମେଡିକାଲ ଗ୍ୟାସ ସିଷ୍ଟମର ଯୋଜନା ଓ ଡିଜାଇନ, ନିୟନ୍ତ୍ରଣ ଫ୍ରେମୱାର୍କ ଏବଂ ଅକ୍ସିଜେନ୍ ଇକୋସିଷ୍ଟମ ବିକାଶ ବିଷୟରେ ତାଲିମ ପ୍ରଦାନ କରିଥିଲେ । ଏହା ସହିତ ପ୍ରାକ୍ଟିକାଲ ସ୍କିଲ ଟ୍ରେନିଂରେ ବୟସ୍କ, ଶିଶୁ ଏବଂ ନବଜାତକଙ୍କ ପାଇଁ ଅକ୍ସିଜେନ୍ ପରିଚାଳନା ସହିତ ଭେଣ୍ଟିଲେଟର ବ୍ୟବହାର ଉପରେ ତାଲିମ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ବିହାର, ଆସାମ, ଆଣ୍ଡାମାନ ଓ ନିକୋବାର ଦ୍ୱୀପପୁଞ୍ଜର ବିଭିନ୍ନ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନ ସମେତ ଏମ୍ସ ଭୁବନେଶ୍ୱର, ଏମ୍ସ ଦେଓଘର, ଏମ୍ସ ରାୟପୁର, ଏମ୍ସ ପାଟଣା ଏବଂ ଏମ୍ସ ଗୌହାଟୀ ଆଦିରୁ ୭୪ ଜଣ ପ୍ରତିନିଧି ସାମିଲ ହୋଇଥିଲେ ।

## ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ଶକ୍ତିପ୍ରସାଦ ଦାସଙ୍କୁ ଅନ୍ତର୍ଜାତୀୟ ସମ୍ମାନ

କଟକ, (ସ୍ୱପ୍ର) : ରାଜ୍ୟର ଜଣାଶୁଣା ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ଶକ୍ତିପ୍ରସାଦ ଦାସଙ୍କୁ ଆନ୍ତର୍ଜାତିକ ସ୍ତରରେ ସମ୍ମାନିତ କରାଯାଇଛି । ବିଶ୍ୱର ସବୁଠାରୁ ବଡ ଅସ୍ଥିଶଲ୍ୟ ସଂଘ ସିକଟ୍‌ର ଅନ୍ତର୍ଜାତୀୟ ସମ୍ମିଳନୀରେ ତାଙ୍କୁ ଏହି ସମ୍ମାନ ମିଳିଛି । ଚଳିତ ବର୍ଷର ଆନ୍ତର୍ଜାତୀୟ ସମ୍ମିଳନୀ ସ୍ପେନ୍‌ର ରାଜଧାନୀ ମାଡ୍ରିଦ୍ ସହରରେ ଅନୁଷ୍ଠିତ ହୋଇଥିଲା । ଶିଶୁ ଅସ୍ଥିଶଲ୍ୟ କ୍ଷେତ୍ରରେ ଆୟୋଜିତ ଅନୁସନ୍ଧାନକାରୀ ସନ୍ଦର୍ଭ ଉପସ୍ଥାପନାରେ ଡାକ୍ତର



ଦାସ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟ ତଥା ଦେଶର ଗୌରବ ବୃଦ୍ଧି କରିଛନ୍ତି । ଉକ୍ତ ଉତ୍ସବରେ ସିକଟ୍‌ର ସଭାପତି ଇଂଲଣ୍ଡର ଡା. ବିକାଶ ଖଣ୍ଡୁଜା, ସମ୍ପାଦକ ମାର୍କ ପାଟରସନ୍‌ଙ୍କ ସମେତ ସିକଟର ସମସ୍ତ କାର୍ଯ୍ୟନିର୍ବାହୀ ସଦସ୍ୟମାନେ ଉପସ୍ଥିତ ଥିଲେ ।

### ଏଫ୍‌ଏଲ୍‌ଓ ବଜାର ପାଇଁ ଆଉ ମାତ୍ର ୪ ଦିନ ବାକି

## ମହିଳା ଏମ୍‌ଏସ୍‌ଏମ୍‌ଇ ସମ୍ମିଳନୀ ସହିତ ହସ୍ତତନ୍ତ ପ୍ରଦର୍ଶନୀ

ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱରରେ ଚଳିତମାସ ୧୨ ଓ ୧୩ ତାରିଖରେ ଏଫଏଲ୍‌ଓ ବଜାର ଆୟୋଜିତ ହେବାକୁ ଯାଉଛି ଏବଂ ଏହା ମେଫେୟାର କନ୍‌ଭେନସନ୍‌ରେ ପୂର୍ବାହ୍ନ ୧୦ଟାରୁ ଚାଲିବ । ବହୁ ପ୍ରତୀକ୍ଷିତ ଏହି କାର୍ଯ୍ୟକ୍ରମରେ ମହିଳା ଉଦ୍ୟୋଗୀମାନଙ୍କର ସୃଜନଶୀଳତା, ନବସୃଜନ ଏବଂ ମଜଭୁତପଣ ପ୍ରଦର୍ଶିତ ହେବ, ଯାହା କ୍ରେତାମାନଙ୍କୁ ଫାଶନ, ସୌନ୍ଦର୍ଯ୍ୟ, ଲାଇଫଷ୍ଟାଇଲ, ଗହଣା, ୱେଲ୍‌ନେସ୍ ଏବଂ ହୋମ୍ ଡେକୋର ଆଦି ବହୁବିଧ କ୍ଷେତ୍ରରେ ଅନନ୍ୟ ଉତ୍ପାଦଗୁଡିକ ଦେଖିବାକୁ ଏକ ସ୍ୱତନ୍ତ୍ର ମଞ୍ଚ ଯୋଗାଇଦେଉଛି । ଏଥିରେ ସ୍ଥାନ ପାଉଥିବା ଷ୍ଟଲଗୁଡିକ ମଧ୍ୟରେ ରହିଛି ଜିଭାଡା, ରୋଜ୍‌ନିଟ୍, କୁନ୍‌ସ୍, ଥ୍ରେଡ ସହିତା, ପିଙ୍କି ଥ୍ରେଡସ୍, ରିଲାଏନ୍ସ ଜୁଏଲସ୍, ଟାମିକନ୍, ସୋଲସ୍ପେଶ୍ କ୍ରିଏସନ, ଲିଲ୍‌ଗ୍ଲାମ୍, ସଂସ୍କୃତି, ଦି ଲୋକୋ କ୍ରିଏସନ, ଦୀପଶିଖା, କେସି କଲେକ୍ସନ, ନିୟୁ ନିଟିଂ, ହୁଲହୁଲିହୁଲି ଏବଂ ଆହୁରି ଅନେକ ।

## ଆଲୁମେକ୍ସ ଇଣ୍ଡିଆ ୨୦୨୫ ରେ ଶିଳ୍ପ ନେତୃତ୍ୱର ପ୍ରଦର୍ଶନ କରିବ ବେଦାନ୍ତ ଆଲୁମିନିୟମ୍

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ ଏବଂ ଡାଉନଷ୍ଟ୍ରିମ୍ ଶିଳ୍ପର ଏକ ପ୍ରମୁଖ ସମର୍ଥକ, ବେଦାନ୍ତ ଆଲୁମିନିୟମ୍, ଆଲୁମିନିୟମ୍ ଏକ୍ସଟ୍ରୁଜନ ଶିଳ୍ପ ପାଇଁ ଦେଶର ପ୍ରଥମ ଉତ୍ସର୍ଗୀକୃତ ପ୍ରଦର୍ଶନୀ ଏବଂ ସମ୍ମିଳନୀ ଆଲୁମେକ୍ସ ଇଣ୍ଡିଆ୨୦୨୫ରେ ଏକ ଷ୍ଟାର ଆକର୍ଷଣ ହେବ । ବେଦାନ୍ତ ଏହାର ବିଶ୍ୱସ୍ତରୀୟ ପ୍ରମାଣିତ, ପରବର୍ତ୍ତୀ ପିଢ଼ିର ଆଲୁମିନିୟମ୍ ମୂଲ୍ୟ-ଯୁକ୍ତ ଉତ୍ପାଦ ପ୍ରଦର୍ଶନ କରିବ, ବିଲେଟ୍ ଉପରେ ଏକ ବିଶେଷ ଧ୍ୟାନ ସହିତ, ଯାହା ପାଇଁ ଏହା ଭାରତର ଘରୋଇ ବଜାର ଅଂଶର ଅଧାରୁ ଅଧିକ ଧାରଣ କରେ । ଆଲୁମିନିୟମ୍ ଷ୍ଟିୱାର୍ଡସିପ୍ ଇନିସିଏଟିଭ୍ (ଏଏସଆଇ) ଏବଂ ବିଆଇଏସ ପ୍ରମାଣପତ୍ର ଦ୍ୱାରା ସମର୍ଥିତ, ବେଦାନ୍ତ ରାଷ୍ଟ୍ର ନିର୍ମାଣକୁ ଶକ୍ତି ପ୍ରଦାନ କରିବା ସହିତ ଶିଳ୍ପ ଉତ୍କର୍ଷତାକୁ ଚଳାଇବା ଏବଂ ଗୁଣବତା, ଦାୟିତ୍ୱ ଏବଂ ସ୍ଥାୟୀତ୍ୱରେ ନୂତନ ମାନଦଣ୍ଡ ସ୍ଥାପନ କରିବା ଜାରି ରଖିଛି ।

ଆଲୁମେକ୍ସ ଇଣ୍ଡିଆ୨୦୨୫ ଆଲୁମିନିୟମ୍ ଏକ୍ସଟ୍ରୁଜନ ମାନୁଫାକଚର୍ସ ଆସୋସିଏସନ୍ ଅଫ୍ ଇଣ୍ଡିଆ ଦ୍ୱାରା ଆୟୋଜିତ ହେଉଛି, ଯାହାର ବେଦାନ୍ତ ଆଲୁମିନିୟମ୍ ସଦସ୍ୟ । ଏଏଲଇଏମଏଆଇ ହେଉଛି ଭାରତର ଆଲୁମିନିୟମ ଏକ୍ସଟ୍ରୁଜନ ଶିଳ୍ପର ସ୍ୱାର୍ଥକୁ ପ୍ରତିନିଧିତ୍ୱ କରୁଥିବା ପ୍ରାଥମିକ ଶିଳ୍ପ ସଂଘ ଏବଂ ଆଲୁମିନିୟମ ଏକ୍ସଟ୍ରୁଜନ କ୍ଷେତ୍ରରେ ନବସୃଜନ, ସ୍ଥାୟୀତ୍ୱ ଏବଂ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧ । ଏଏଲଇଏମଏଆଇ ଭାରତୀୟ ଆଲୁମିନିୟମ ଏକ୍ସଟ୍ରୁଜନ ଶିଳ୍ପର ଘରୋଇ ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାକୁ ବୃଦ୍ଧି କରିବା ଦିଗରେ କାର୍ଯ୍ୟ କରେ ।

ଉଚ୍ଚ-ଗୁଣବତା ଆଲୁମିନିୟମ ବିଲେଟ୍ ଏବଂ ଅନ୍ୟାନ୍ୟ ଏକ୍ସଟ୍ରୁଜନ-ଗ୍ରେଡ୍ ଉତ୍ପାଦର ଏକ ଅଗ୍ରଣୀ ଯୋଗାଣକାରୀ ଭାବରେ, ବେଦାନ୍ତ ଆଲୁମିନିୟମ ଏହି କାର୍ଯ୍ୟକ୍ରମରେ ଏହାର ବ୍ୟାପକ ଉତ୍ପାଦ ପୋର୍ଟଫୋଲିଓ ଏବଂ ଶିଳ୍ପ-ପ୍ରଥମ ସ୍ଥାୟୀତ୍ୱ ପଦକ୍ଷେପଗୁଡ଼ିକୁ ଆଲୋକପାତ କରିବ । କମ୍ପାନୀର ଅଂଶଗ୍ରହଣ ଭାରତରେ ଏକ ଦୃଢ଼ ଏବଂ ସ୍ୱାବଲମ୍ବୀ ଆଲୁମିନିୟମ ଏକ୍ସଟ୍ରୁଜନ ଇକୋସିଷ୍ଟମ ବିକାଶ କରିବା ପ୍ରତି ଏହାର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରେ, ଯାହା ଅଟୋମୋଟିଭ୍, କୋଠା ଏବଂ ନିର୍ମାଣ, ଏବଂ ସୌର ଏବଂ ନବୀକରଣୀୟ ଶକ୍ତି ଭଳି କ୍ଷେତ୍ରଗୁଡ଼ିକୁ ସମର୍ଥନ କରେ ।

ଆଲୁମେକ୍ସ ଇଣ୍ଡିଆ୨୦୨୫ ବେଦାନ୍ତ ଆଲୁମିନିୟମକୁ ପ୍ରମୁଖ ଅଂଶୀଦାରମାନଙ୍କ ସହିତ ଜଡିତ ହେବା, ରଣନୈତିକ ସହଯୋଗକୁ ପ୍ରୋତ୍ସାହିତ କରିବା ଏବଂ ବିଭିନ୍ନ ପ୍ରୟୋଗରେ ସ୍ଥାୟୀ, ଉଚ୍ଚ-କାର୍ଯ୍ୟକ୍ଷମ ଆଲୁମିନିୟମ ସମାଧାନ ଗ୍ରହଣକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ପ୍ରଦାନ କରେ । ଆଲୁମେକ୍ସ ଇଣ୍ଡିଆ୨୦୨୫ ସେପ୍ଟେମ୍ବର ୧୦ ରୁ ୧୩, ୨୦୨୫ ପର୍ଯ୍ୟନ୍ତ ଭାରତ ମଣ୍ଡପମ, ପ୍ରଗତି ମୈଦାନ, ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ । ଚାରି ଦିନିଆ ପ୍ରଦର୍ଶନୀ ସମୟରେ ପରିଦର୍ଶକମାନେ ହଲ୍ ୬, ପି୪ ରେ ବେଦାନ୍ତ ଆଲୁମିନିୟମର ପ୍ରସ୍ତାବ ଏବଂ ନବସୃଜନକୁ ଅନୁସନ୍ଧାନ କରିପାରିବେ ।

## ଦୋକାନୀଙ୍କ ମଧ୍ୟରେ ମାର୍‌ପିଟ

କଟକ,(ସବ୍ୟୁ): ଦରଘାବଜାର ଥାନା ଅଞ୍ଚଳରେ ସାମାନ୍ୟ କଥାକୁ କେନ୍ଦ୍ର କରି ୨ ଦୋକାନୀଙ୍କ ଭିତରେ ମାର୍‌ପିଟ ହୋଇଛି । ଏଥିରେ ଜଣେ ଆହତ ହୋଇଛନ୍ତି । ଘଟଣା ନେଇ ଥାନାରେ ଏତଲା ହୋଇଛି । ସୂଚନା ଅନୁସାରେ, ଦରଘାବଜାର ଥାନା ନିକଟ ମାର୍କେଟରେ ରାଜରାଜ ବେହେରା ଏକ ଚାହା ଦୋକାନ କରିଛନ୍ତି । ତାଙ୍କ ଦୋକାନ ପାଖକୁ ଏକ ଫୁଲ ଦୋକାନ ରହିଛି । ରବିବାର ରାତି ପ୍ରାୟ ୯ ଟା ବେଳେ ଉଭୟ ଦୋକାନୀଙ୍କ ମଧ୍ୟରେ କୌଣସି ଏକ କଥାକୁ ନେଇ ବଚସା ହୋଇଥିଲା । ଯୁକ୍ତିତର୍କ ବଢିବା ପରେ ଉଭୟ ହାତାହାତି ହୋଇଥିଲେ । ଏହି ସମୟରେ ଫୁଲ ଦୋକାନୀ ଓ ତାଙ୍କର ଭାଇମାନେ ମିଶି ରାଜଙ୍କୁ ମାଡ ମାରିଥିଲେ । ଏଥିରେ ରାଜଙ୍କ ମୁଣ୍ଡରେ ଆଘାତ ଲାଗିଛି । ଘଟଣା ପରେ ତାଙ୍କୁ ସଂଗେ ସଂଗେ ମେଡିକାଲ ପଠାଯାଇଥିଲା । ଏନେଇ ରାଜଙ୍କ ପକ୍ଷରୁ ତାଙ୍କ ମାଆ ନମିତା ବେହେରା ଥାନାରେ ଏତଲା ଦେଇଛନ୍ତି । ଅଭିଯୋଗ ଆଧାରରେ ପୁଲିସ ରାକେଶ ବେହେରା, ରାଜେଶ ବେହେରା, ରମେଶ ବେହେରା ଓ ପବନ ବେହେରାଙ୍କ ବିରୋଧରେ ଏକ ମାମଲା ରୁଜୁ କରିଛି । ଘଟଣାର ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ରାକେଶ ବେହେରା ସୂଚନା ଦେଇଛନ୍ତି ।

## ୧୧ ହଜାରରୁ ଅଧିକ ଲୋକଙ୍କ ଜୀବନ ପରିବର୍ତ୍ତନ କରିଛି ଦି ସିକଅର

ଭୁବନେଶ୍ୱର, (ସବ୍ୟୁ): ଅକ୍ଷିତା ପାଟୌରିଙ୍କ ଦ୍ୱାରା ସ୍ଥାପିତ ଏକ ସାମଗ୍ରିକ ଚିକିତ୍ସା ଓ ଆଧାତ୍ମିକ ସଶକ୍ତିକରଣ ପ୍ଲାଟଫର୍ମ ଦି ସିକଅର୍ ପରିବର୍ତନ ଓ ପ୍ରଭାବର ୮ ବର୍ଷ ପୂର୍ତ୍ତି ପାଳନ କରିଛି । ଏହି ପ୍ଲାଟଫର୍ମ ବିଶ୍ୱବ୍ୟାପୀ ୧୧,୦୦୦ରୁ ଅଧିକ ଲୋକଙ୍କ ଜୀବନରେ ପରିବର୍ତନ ଆଣିଛି । ଦି ସିକଅର ଲୋକମାନଙ୍କୁ ପ୍ରତିବନ୍ଧକକୁ ଭାଙ୍ଗିବା, ଭାବନାତ୍ମକ ଓ ଆର୍ଥିକ ବାଧାରୁ ମୁକ୍ତ ହେବା ଏବଂ ସନ୍ତୁଳନ ଓ ପରିପୂର୍ଣ୍ଣ ଜୀବନକୁ ଗ୍ରହଣ କରିବାରେ ସାହାଯ୍ୟ କରିବା ଲାଗି ଜ୍ୟୋତିଷ ଶାସ୍ତ୍ର, ସଂଖ୍ୟା ଜ୍ଞାନ, ଲାଇଫ କୋଚିଙ୍ଗ ଓ ଚିକିତ୍ସା ପଦ୍ଧତିଗୁଡିକୁ ଏକତ୍ରିତ କରିଆସୁଛି ।

ଏସମ୍ପର୍କରେ ଦି ସିକଅରର ପ୍ରତିଷ୍ଠାତା ଅକ୍ଷିତା ପାଟୌରି କହିଛନ୍ତି, "୮ ବର୍ଷ ପୂର୍ବେ ମୁଁ ଲୋକମାନଙ୍କୁ ସେମାନଙ୍କର ଅତୀତରୁ ମୁକ୍ତ ହେବା



ଏବଂ ନିଜର ପ୍ରକୃତ ମୂଲ୍ୟବୋଧ ସହ ଜଡିତ ହେବାରେ ସାହାଯ୍ୟ କରିବା ପାଇଁ ଏକ ସରଳ ଲକ୍ଷ୍ୟ ସହ ଦ ସିକଅର୍‌ର ଆରମ୍ଭ କରିଥିଲି । ଆଜି ମୁଁ ଯେଉଁ ୧୧୦୦୦ରୁ ଅଧିକ ଲୋକଙ୍କ ଜୀବନର ଅଂଶ ହୋଇପାରିଛି ସେଥିପାଇଁ ମୁଁ ଗଭୀର ଭାବେ କୃତଜ୍ଞ । ଆରୋଗ୍ୟ କେବଳ ଆପଣଙ୍କ ବ୍ୟକ୍ତିତ୍ୱକୁ ପରିବର୍ତନ କରିବା ସମ୍ପର୍କିତ ନୁହେଁ, ବରଂ ନିଜର ଆଭ୍ୟନ୍ତରୀଣ ଶକ୍ତିକୁ ପୁନଃଆବିଷ୍କାର କରିବା । ଏହି ସେଲିବ୍ରେଶନ କେବଳ ମୋର ନୁହେଁ, ଏହା ନିଜର ପରିବର୍ତନ ସହ ମୋତେ ବିଶ୍ୱାସ କରିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କର ଅଟେ ।

୧୧,୦୦୦ରୁ ଅଧିକ ଲୋକଙ୍କ ଜୀବନକୁ ସକାରାତ୍ମକ ଭାବେ ପ୍ରଭାବିତ କରି ଅକ୍ଷିତା ପାଟୌରି ଆଧାତ୍ମିକ ସଶକ୍ତିକରଣ ଓ ଆଧୁନିକ ଆରୋଗ୍ୟ ପଦ୍ଧତିରେ ଜଣେ ଉଦୀୟମାନ ସ୍ୱର ଭାବେ ନିଜକୁ ସ୍ଥାପିତ କରିଛନ୍ତି ।

## ଟାଇମ୍ସ ବିଜନେସ୍ ଆୱାର୍ଡ ବିହାରରେ ସୋଆ ଏବଂ ଆଇଟିଇଆର ସମ୍ମାନିତ

ଭୁବନେଶ୍ୱର, (ସବ୍ୟୁ): ଗବେଷଣା କ୍ଷେତ୍ରରେ ଉତ୍କର୍ଷତା ଏବଂ ଶିଳ୍ପ କ୍ଷେତ୍ର ନିମନ୍ତେ ପ୍ରସ୍ତୁତିକୁ ନେଇ 'ପୂର୍ବ ଭାରତର ପ୍ରମୁଖ ବିଶ୍ୱବିଦ୍ୟାଳୟ' ଭାବେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟକୁ ନିକଟରେ ପାଟନା ଠାରେ ଆୟୋଜିତ ଟାଇମ୍ସ ବିଜନେସ୍ ଆୱାର୍ଡ୍ସ ୨୦୨୫ କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଛି । ସୋଆକୁ 'ଇଷ୍ଟର୍ଣ୍ଣ ଇଣ୍ଡିଆଜ୍ ପ୍ରିମିୟର ୟୁନିଭର୍ସିଟି ଫର ରିସର୍ଚ୍ଚ ଏକ୍ସିଲେନ୍ସ ଆଣ୍ଡ ଇଣ୍ଡଷ୍ଟ୍ରୀ ରେଡିନେସ୍' ଭାବେ ସମ୍ମାନିତ କରାଯାଇଥିଲା ।

ଉଦ୍‌ଭାବନ, ଶୈକ୍ଷିକ ଉତ୍କର୍ଷତା ଏବଂ ଶିଳ୍ପ ଭିତିକ ଶିକ୍ଷାକୁ ନେଇ ସୋଆର କାର୍ଯ୍ୟଧାରା ନିମନ୍ତେ ଏହି ସମ୍ମାନ ପ୍ରଦାନ କରାଯାଇଛି ବୋଲି ଟାଇମ୍ସ ବିଜିନେସ୍ ଆୱାର୍ଡ ପକ୍ଷରୁ ସୂଚନା ଦିଆଯାଇଛି । ଏଥି ସହିତ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)କୁ ମଧ





ଏହି କାର୍ଯ୍ୟକ୍ରମରେ ପୂର୍ବ ଭାରତର ୧ ନମ୍ବର ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନ ଭାବେ ସମ୍ମାନିତ କରାଯାଇଛି । ଯୁବପିଢ଼ିଙ୍କ ଦକ୍ଷତାକୁ ପ୍ରତିପାଦିତ କରିବା, ଗବେଷଣାକୁ ଗୁରୁତ୍ୱ ଦେବା ସହ ଶିଳ୍ପ କ୍ଷେତ୍ର ନିମନ୍ତେ ଇଞ୍ଜିନିୟରମାନଙ୍କୁ ପ୍ରସ୍ତୁତ କରୁଥିବା ବେଳେ ଜାତୀୟ ଏବଂ ଆନ୍ତର୍ଜାତିକ ସ୍ତରରେ ଆଇଟିଇଆରର ଛାତ୍ରଛାତ୍ରୀମାନେ ନିଜର ଦକ୍ଷତା ପ୍ରତିପାଦନ କରିପାରିଥିବା ପରିପ୍ରେକ୍ଷୀରେ ଏହି ସମ୍ମାନ ପ୍ରଦାନ କରାଯାଇଛି । ସୋଆ ପକ୍ଷରୁ ଉପକୁଳପତି ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର ବଲିଉଡ୍ ଅଭିନେତା ସୁନୀଲ ସେଟ୍ଟୀଙ୍କ ଠାରୁ ଏହି ଦୁଇଟି ସମ୍ମାନ ଗ୍ରହଣ କରିଥିଲେ ।

## ସରକାର ଆଉ କେତେଦିନ ନେତୃତ୍ୱର ଭ୍ରୂଣହତ୍ୟା କରୁଥିବେ: ଭକ୍ତ

## ତୁରନ୍ତ ଛାତ୍ର ସଂସଦ ନିର୍ବାଚନ କରାଯାଉ

ଭୁବନେଶ୍ୱର,(ସବ୍ୟୁ): ଦେଶର ଛାତ୍ର ସମାଜକୁ ଭବିଷ୍ୟତର ନେତୃତ୍ୱ ପାଇଁ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ରାଜୀବ ଗାନ୍ଧି ମତଦାନ ଅଧିକାରକୁ ୧୮ ବର୍ଷକୁ ଖସାଇଥିଲେ । କିନ୍ତୁ ୨୦୧୭-୧୮ ମସିହାରୁ ଛାତ୍ର ସଂସଦ ନିର୍ବାଚନକୁ ତତ୍କାଳୀନ ସରକାର ବନ୍ଦ କରିଦେଲେ । ବର୍ତ୍ତମାନର ସରକାର ମଧ୍ୟ ନିର୍ବାଚନ କରିବା ଦିଗରେ ଉଦ୍ୟମ କରୁନାହାନ୍ତି । ଛାତ୍ର ନିର୍ବାଚନ ବନ୍ଦ କରିବା ଅର୍ଥ ହେଲା ରାଜନୈତିକ ଦଳମାନେ ଦେଶ ନିର୍ମାଣ କାର୍ଯ୍ୟକୁ ମଧ୍ୟ ବନ୍ଦ କରି ଦେଇଛନ୍ତି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ଅଭିଯୋଗ କରିଛନ୍ତି । ସୋମବାର କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସ କହିଥିଲେ ଯେ , ଛାତ୍ର ଜୀବନରୁ ଯିଏ ରାଜନୀତି କରି ପରବର୍ତ୍ତୀ ସମୟରେ ନେତା ହୁଏ ସେ ହିଁ ପ୍ରକୃତ ରାଷ୍ଟ୍ର ନିର୍ମାଣକାରୀ ।

ଯେଉଁ ଛାତ୍ରମାନେ ରାହୁଲ ଗାନ୍ଧୀଙ୍କ ବିଚାରଧାରା, କଂଗ୍ରେସର ସ୍ୱାଧୀନଚେତା ମନୋଭାବ, ଯେଉଁମାନେ ସ୍ୱାଧୀନତା ସଂଗ୍ରାମୀଙ୍କ



ଦ୍ୱାରା ଅନୁପ୍ରାଣିତ ହେଇଛନ୍ତି, ଯେଉଁମାନେ ଓଡିଶା ଏବଂ ନିଜ ଜିଲ୍ଲାର ଭାଗ୍ୟ ନିର୍ମାଣ କରିବାକୁ ଚାହୁଁଛନ୍ତି ସେମାନଙ୍କୁ ପ୍ରଦେଶ କଂଗ୍ରେସ କମିଟି ସମସ୍ତ ପ୍ରକାର ସହଯୋଗ କରିବ । ଛାତ୍ର ସଂସଦ ନିର୍ବାଚନ ଅତିଶୀଘ୍ର ଘୋଷଣା କରି ଏକ ସୁସ୍ଥ ଶିକ୍ଷାନୁଷ୍ଠାନ ବାତାବରଣ ସହିତ ଭାଇଚାରାର ପୁନଃପ୍ରତିଷ୍ଠା କରୁ ବୋଲି ପ୍ରଦେଶ କଂଗ୍ରେସ କମିଟି ଦାବୀ କରୁଛି । ପିସିସିର ମୁଖ୍ୟ ମୁଖପାତ୍ର ଅରବିନ୍ଦ ଦାସ ପ୍ରାରମ୍ଭିକ ସୂଚନା ଦେଇ କହିଥିଲେ, କଲେଜ ଓ ବିଶ୍ୱବିଦ୍ୟାଳୟ ନିର୍ବାଚନ ଭାରତୀୟ ଗଣତନ୍ତ୍ରର ଅନ୍ତୁଡ଼ିଶାଳ । ଜାନକୀ ପଟ୍ଟନାୟକ ରେଭେନ୍ସା କଲେଜ ଛାତ୍ର ଥିବାବେଳେ ୟୁନିୟନ ଜ୍ୟାକ୍ ପତାକା ଓହ୍ଲେଇ ଦେଇଥିଲେ । ପଞ୍ଚାନନ କାନୁନଗୋ ଓ ପ୍ରସାଦ ହରିଚନ୍ଦନ କ୍ୟାମ୍ପସ ରାଜନୀତିରୁ ଆସିଥିଲେ । ପିସିସି ଉପସଭାପତି ଦେବାଶିଷ ପଟ୍ଟନାୟକ ମଧ୍ୟ ଅତୀତରେ ଛାତ୍ରନେତା ଥିଲେ । ଏବର ପିସିସି ସଭାପତି ଭକ୍ତ ଚରଣ ଦାସ ଭବାନୀପାଟଣା ସରକାରୀ ମହାବିଦ୍ୟାଳୟ ଛାତ୍ରସଂସଦ ସଭାପତି ନିର୍ବାଚିତ ହେବା ପରଠାରୁ ରାଜନୀତିରେ ପ୍ରତିଷ୍ଠିତ ହୋଇଥିଲେ । ଯୁବଛାତ୍ର ସଂଘର୍ଷ ବାହିନୀର ପ୍ରଥମେ ରାଜ୍ୟ ଓ ପରେ ସର୍ବଭାରତୀୟ ସଭାପତି ହେବା ସହ କଳାହାଣ୍ଡି ଓ ଅନ୍ୟାନ୍ୟ ସ୍ଥାନରେ ବହୁ ଆନ୍ଦୋଳନ କରିଥିଲେ । ମିଡ଼ି ସେଲ ମୁଖ୍ୟ ଅରବିନ୍ଦ ଦାସ ମଧ୍ୟ ରାଜେନ୍ଦ୍ର କଲେଜ ଛାତ୍ର ସଂସଦର ସାଧାରଣ ସମ୍ପାଦକ ଭାବେ ବିଜୟୀ ହୋଇ ଜଣେ ସଫଳ ଛାତ୍ରନେତାର ପରିଚୟ ଦେଇଥିଲେ ।

ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ଦେବାଶିଷ ପଟ୍ଟନାୟକ, ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ରସଂସଦର ପୂର୍ବତନ ସଭାପତି ମନୋଜ ବିଶ୍ୱାଳ, ପିସିସି ମୁଖପାତ୍ର ଡ.ମନିଷା ଦାସପଟ୍ଟନାୟକ, ମୁଖପାତ୍ର ଅଶୋକ ସ୍ୱାଇଁ, ମୁଖପାତ୍ର ଓ ଛାତ୍ରନେତା ବିଭୂତି ମହାପାତ୍ର ଓ ଛାତ୍ରନେତା ଆଦିତ୍ୟ ପ୍ରିତମ ଦାସ ପ୍ରମୁଖ ଉପସ୍ଥିତ ରହି ଶିଘ୍ର ଛାତ୍ରସଂସଦ ନିର୍ବାଚନ କରିବାକୁ ଦାବି କରିଥିଲେ । ଦିବଂଗତ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକରେ ପିସିସି ସଭାପତି ଶ୍ରୀ ଦାସଙ୍କ ଆହ୍ୱାନ କ୍ରମେ ନିରବ ପ୍ରାର୍ଥନା କରାଯାଇ ଶୋକ ବ୍ୟକ୍ତ କରାଯାଇଥିଲା ।

# ଭାରତ-ଇସ୍ରାଏଲ ଦ୍ୱିପାକ୍ଷିକ ନିବେଶ ଚୁକ୍ତିନାମା ସ୍ୱାକ୍ଷରିତ

ନୂଆଦିଲ୍ଲୀ: ଭାରତ ସରକାର ଏବଂ ଇସ୍ରାଏଲ ସରକାର ଆଜି ନୂଆଦିଲ୍ଲୀରେ ଏକ ଦ୍ୱିପାକ୍ଷିକ ନିବେଶ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। ଏହି ଚୁକ୍ତିନାମାରେ କେନ୍ଦ୍ର ଅର୍ଥ ଏବଂ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ ଏବଂ ଇସ୍ରାଏଲର ଅର୍ଥମନ୍ତ୍ରୀ ଶ୍ରୀ ବେଜାଲେଲ୍ ସ୍ମୋଟ୍ରିଚ୍ ସ୍ୱାକ୍ଷର କରିଥିଲେ। ଇସ୍ରାଏଲ ଏବଂ ଭାରତ ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଗଠିତ ଏକ ଇସ୍ରାଏଲୀ ପ୍ରତିନିଧିମଣ୍ଡଳଙ୍କ ଉପସ୍ଥିତିରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା।

ଏହି ଚୁକ୍ତିନାମା ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଏକ ଐତିହାସିକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଏହି ଚୁକ୍ତିନାମା ନିବେଶକୁ ବୃଦ୍ଧି କରିବ, ନିବେଶକମାନଙ୍କୁ ଅଧିକ ନିଶ୍ଚିତତା ଏବଂ ସୁରକ୍ଷା ପ୍ରଦାନ କରିବ, ଆଚରଣର ସର୍ବନିମ୍ନ ମାନଦଣ୍ଡ ସୁନିଶ୍ଚିତ କରି ବାଣିଜ୍ୟ ଏବଂ ପାରସ୍ପରିକ ନିବେଶକୁ ପ୍ରୋତ୍ସାହିତ କରିବ ଏବଂ ମଧ୍ୟସ୍ଥତା ମାଧ୍ୟମରେ ଏକ ନିରପେକ୍ଷ ବିବାଦ ସମାଧାନ ବ୍ୟବସ୍ଥା ପ୍ରତିଷ୍ଠା କରିବା ଆଶା କରାଯାଉଛି। ଏହି ଚୁକ୍ତିନାମାରେ ନିବେଶକୁ ବ୍ୟାଜ୍ୟାପ୍ତ ହେବାରୁ ସୁରକ୍ଷା ଦେବ, ସ୍ୱଚ୍ଛତା ଏବଂ ସୁଗମ ହସ୍ତାନ୍ତର ଏବଂ କ୍ଷତି ପାଇଁ କ୍ଷତିପୂରଣ ସୁନିଶ୍ଚିତ କରିବା ପାଇଁ ବ୍ୟବସ୍ଥା ମଧ୍ୟ ଅନ୍ତର୍ଭୁକ୍ତ। ସେହି ସମୟରେ, ଏହା ନିବେଶକ ସୁରକ୍ଷାକୁ ନିୟାମକ ଅଧିକାର ସହିତ ସତର୍କତାର ସହିତ ସନ୍ତୁଳିତ କରେ, ଯାହା ଦ୍ୱାରା ସାର୍ବଭୌମ ଶାସନ ପାଇଁ ପର୍ଯ୍ୟାପ୍ତ ନୀତିଗତ ସ୍ଥାନ ବଜାୟ ରଖେ।



ଏହି ଚୁକ୍ତିନାମା ସ୍ୱାକ୍ଷର ଅର୍ଥନୈତିକ ସହଯୋଗ ବୃଦ୍ଧି କରିବା ଏବଂ ଅଧିକ ଦୃଢ଼ ଏବଂ ସ୍ଥିର ନିବେଶ ପରିବେଶ ନିର୍ମାଣ କରିବା ପାଇଁ ଦୁଇ ଦେଶର ସହଭାଗୀ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଏହି ଚୁକ୍ତିନାମା ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ନିବେଶ ବୃଦ୍ଧି ପାଇଁ ପଥ ପ୍ରଶସ୍ତ କରିବ ବୋଲି ଆଶା କରାଯାଉଛି, ଯାହା ବର୍ତ୍ତମାନ ମୋଟ ୮୦୦ ନିୟୁତ ଆମେରିକୀୟ ଡଲାର ରହିଛି । ଏହା ଉଭୟ ଦେଶର ବ୍ୟବସାୟ ଏବଂ ଅର୍ଥନୀତିକୁ ଲାଭଦାୟକ କରିବ। ଏହି ପରିପ୍ରେକ୍ଷୀରେ, ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ କହିଥିଲେ ଯେ ଉଭୟ ପକ୍ଷ ନିବେଶ ସୁଯୋଗ ଅନୁସନ୍ଧାନ କରିବା ଏବଂ ଚୁକ୍ତିନାମାରୁ ଲାଭ ପାଇବା ପାଇଁ ଅଧିକ ବ୍ୟବସାୟିକ ସମ୍ପର୍କ ସ୍ଥାପନ କରିବା ଉଚିତ।

ସେ ଗତ ୧୦ ବର୍ଷ ମଧ୍ୟରେ ଭାରତ ଦ୍ୱାରା କରାଯାଇଥିବା ବିଭିନ୍ନ ସଂସ୍କାର ବିଷୟରେ ସୂଚନା ଦେଇଥିଲେ ଯାହା ଭାରତକୁ ବିଶ୍ୱର ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତିରେ ପରିଣତ କରିଛି ଏବଂ ଦେଶରେ ନିବେଶ ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିଛି।

ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ ଇସ୍ରାଏଲରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ଜୀବନ ହରାଇଥିବା ନିର୍ଦ୍ଦୋଷ ଲୋକମାନଙ୍କ ପାଇଁ ଶୋକ ପ୍ରକାଶ କରିଥିଲେ। ଉଭୟ ବିଶ୍ୱ ଶାନ୍ତି ପାଇଁ ଦୁଇ ଦେଶର ସହଭାଗୀ ସଭ୍ୟତା ମୂଲ୍ୟବୋଧକୁ ମଧ୍ୟ ଉଲ୍ଲେଖ କରିଥିଲେ। ଦୁଇ ମନ୍ତ୍ରୀ ଉଭୟ ଦେଶ ପ୍ରତି ଆତଙ୍କବାଦ ଦ୍ୱାରା ସୃଷ୍ଟି ହୋଇଥିବା ବିପଦକୁ ସ୍ୱୀକାର କରିଥିଲେ ଏବଂ ପରସ୍ପର ସହିତ ଏକାତ୍ମକତା ପ୍ରକାଶ କରିଥିଲେ।

ସୁରକ୍ଷା ଚ୍ୟାଲେଞ୍ଜ ସତ୍ତ୍ୱେ ଉଚ୍ଚ ଅର୍ଥନୈତିକ ଅଭିବୃଦ୍ଧି ହାସଲ କରିବାରେ ଇସ୍ରାଏଲର ଅର୍ଥମନ୍ତ୍ରୀ ଦୁଇ ଦେଶର ଦୃଢ଼ ସହଭାଗୀ ପୃଷ୍ଠଭୂମି ଉଲ୍ଲେଖ କରିଥିଲେ। ଇସ୍ରାଏଲର ଅର୍ଥମନ୍ତ୍ରୀ ସାଇବର ସୁରକ୍ଷା, ପ୍ରତିରକ୍ଷା, ନବସୃଜନ ଏବଂ ଉଚ୍ଚ-ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ବର୍ଦ୍ଧିତ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

ଆର୍ଥିକ ପ୍ରଯୁକ୍ତିବିଦ୍ୟା ନବସୃଜନ, ଭିତ୍ତିଭୂମି ବିକାଶ, ଆର୍ଥିକ ନିୟନ୍ତ୍ରଣ ଏବଂ ଡିଜିଟାଲ୍ ପେମେଣ୍ଟ ସଂଯୋଗ କ୍ଷେତ୍ରରେ ଆର୍ଥିକ ସହଯୋଗକୁ ଆହୁରି ବୃଦ୍ଧି କରିବା ପାଇଁ ସେମାନଙ୍କର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେମାନେ ଦୁଇ ଦେଶ ମଧ୍ୟରେ ଅର୍ଥନୈତିକ ଏବଂ ଆର୍ଥିକ ସହଯୋଗ ବୃଦ୍ଧି କରିବାକୁ ଏବଂ ପାରସ୍ପରିକ ଆଧାରରେ ନିବେଶକୁ ପ୍ରୋତ୍ସାହିତ ଏବଂ ସୁରକ୍ଷା କରିବାକୁ ସହମତ ହୋଇଥିଲେ। ଇସ୍ରାଏଲ ଅର୍ଥମନ୍ତ୍ରୀ ମଧ୍ୟ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଇସ୍ରାଏଲ ଗସ୍ତ ପାଇଁ ନିମନ୍ତ୍ରଣ କରିଥିଲେ।

## ହିମାଚଳ ପ୍ରଦେଶ ଦେଶର ପଞ୍ଚମ ପୂର୍ଣ୍ଣ ସ୍ୱାକ୍ଷର ରାଜ୍ୟ



ନୂଆଦିଲ୍ଲୀ: ଶିକ୍ଷାମନ୍ତ୍ରାଳୟ ଜାତୀୟ ରାଜଧାନୀରେ ଅନ୍ତର୍ଜାତୀୟ ସାକ୍ଷରତା ଦିବସ-୨୦୨୫ ପାଳନ କରିଛି। ଏହି ଅବସରରେ 'ଡିଜିଟାଲ ଯୁଗରେ ସାକ୍ଷରତାକୁ ପ୍ରୋତ୍ସାହିତ କରିବା' ଶୀର୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ହିମାଚଳ ପ୍ରଦେଶକୁ ଦେଶର ପୂର୍ଣ୍ଣ ସାକ୍ଷର ରାଜ୍ୟ ଘୋଷଣା କରାଯାଇଛି। ଏହା ପୂର୍ବରୁ ତ୍ରିପୁରା, ମିଜୋରାମ, ଗୋଆ ଓ କେନ୍ଦ୍ର ଶାସିତ ପ୍ରଦେଶ ଲଦାଖ ଏହି ଉପଲବ୍ଧି ହାସଲ କରିଛନ୍ତି।

ଡ.ଆମ୍ବେଦକର ଅନ୍ତରାଷ୍ଟ୍ରୀୟ କେନ୍ଦ୍ରରେ ଶିକ୍ଷାମନ୍ତ୍ରାଳୟଙ୍କ ସ୍କୁଲ ଶିକ୍ଷା ଏବଂ ସାକ୍ଷରତା ବିଭାଗ ଦ୍ୱାରା ଆୟୋଜିତ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ଉତ୍ସବରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭର୍ଚୁଆଲ ବାର୍ତ୍ତା ଦେଇ ସାକ୍ଷରତାକୁ ଆତ୍ମନିର୍ଭରତା ଓ ଶସକ୍ତିକରଣର ମାଧ୍ୟମ ବୋଲି କହିଛନ୍ତି। ସେ କହିଛନ୍ତି ଦେଶର ସାକ୍ଷରତା ହାର ୨୦୧୧ର ୭୪%ରୁ ବଢି ୨୦୨୩-୨୪ରେ ୮୦.୯% ହୋଇଯାଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଉଲ୍ଲାସ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମର ପ୍ରଗତିକୁ ଉଲ୍ଲେଖ କରି କହିଛନ୍ତି ଯେ ଏଥିରେ ଏ ପର୍ଯ୍ୟନ୍ତ ୩ କୋଟିରୁ ଅଧିକ ଶିକ୍ଷାର୍ଥୀ ଓ ୪୨ଲକ୍ଷ ସ୍ୱୟଂ ସେବକଙ୍କ ପଞ୍ଜିକୃତ ହୋଇଛନ୍ତି। ସେହିପରି ୧.୮୩ କୋଟି ଶିକ୍ଷାର୍ଥୀ ଆକଳନ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୯୦% ସଫଳ ହୋଇଛନ୍ତି। ସେ ଯୁବ ଓ ଛାତ୍ରଙ୍କୁ ଆହ୍ୱାନ ଦେଇ କହିଛନ୍ତି ଯେ ସାକ୍ଷାରତା ଅଭିଯାନକୁ ଦେଶରେ ଜନ ଆନ୍ଦୋଳନରେ ରୂପାନ୍ତରିତ କରନ୍ତୁ। ଏହି ଅବସରରେ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି କହିଛନ୍ତି ଯେ କଠିନ ଭୌଗଳିକ ପରିସ୍ଥିତିର ରାଜ୍ୟମାନେ ପୂର୍ଣ୍ଣ ସାକ୍ଷରତା ହାସଲ କରିବା ବାସ୍ତବିକ ଉଲ୍ଲେଖନୀୟ। ଚୌଧୁରୀ କହିଛନ୍ତି ଯେ ଭାରତ ଡିଜିଟାଲ ପବ୍ଲିକ ଇନଫ୍ରାଷ୍ଟ୍ରକଚର ମାଧ୍ୟମରେ ଏହି ଉପଲବ୍ଧି ହାସଲ କରିଛି। ଯାହା ଅନ୍ୟ ଦେଶଙ୍କୁ କେତେ ଦଶନ୍ଧୀ ଲାଗି ଯାଇଥାନ୍ତା।

## ଜୈନ ସମ୍ମିଳନୀରୁ ଚୋରି ସ୍ୱର୍ଣ୍ଣକଳସକୁ ତରଳାଇ ଦେଇଛନ୍ତି ତସ୍କର

ହାପୁଡ: ଦିଲ୍ଲୀ ଲାଲକିଲ୍ଲାରୁ ଚୋରି ହୋଇଥିବା ସ୍ୱର୍ଣ୍ଣକଳସକୁ ନେଇ ନୂଆ ତଥ୍ୟ ଏବେ ସାମ୍ନାକୁ ଆସୁଛି। ଏହି କଳସକୁ ଚୋରି କରିଥିବା ଭୂଷଣ ବର୍ମା ଏହାକୁ ହାପୁଡର ସ୍ୱର୍ଣ୍ଣାଳଙ୍କାର ବଜାରକୁ ନେଇ ଯାଇଥିଲା। ସେଠାରେ ତାକୁ ତରଳାଇ ଦିଆଯାଇଛି। ଏଥିରୁ ସୁନା ବ୍ୟତୀତ ଲାଗିଥିବା ୨୫୦ ଗ୍ରାମ ଓଜନର ଅନ୍ୟ ମହଙ୍ଗା ରତ୍ନକୁ ବାହାର କରି ନିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ ଏହି ସ୍ୱର୍ଣ୍ଣକଳସଟି ଜୈନ ସମାଜର ଆସ୍ଥା ସହିତ ସମ୍ବନ୍ଧିତ ଥିଲା। ଏହି କଳସକୁ ଜୈନ ଧର୍ମର ଲୋକେ ବିଶେଷ ପୂଜାରେ ଜଳାଭିଷେକ ପାଇଁ ବ୍ୟବହାର କରିଥାନ୍ତି। ଅଭିଯୁକ୍ତ ଭୂଷଣ ବର୍ମା ତା କାରରେ ଜୈନ ସମାଜ ଲୋକଙ୍କୁ ନେଇ ଦିଲ୍ଲୀରେ ଆୟୋଜିତ ଧାର୍ମିକ ଆୟୋଜନକୁ ଯାଇଥିଲା। ସେଠାରେ ସ୍ୱର୍ଣ୍ଣକଳସକୁ




ଦେଖି ଏହାକୁ ଚୋରାଇବାର ଯୋଜନା କରିଥିଲା। ସେ କଳସକୁ ତୁରନ୍ତ ଉଠାଇ ନେଇ ସେଠାରୁ ଫେରାର ହୋଇଯାଇଥିବା ବେଳେ ପରେ ହାପୁଡ ସ୍ୱର୍ଣ୍ଣାଳଙ୍କାର ବଜାରକୁ ଯାଇଥିଲା। ଚୋରି ସୁନା ତରଳାଇବାରେ ହାପୁଡ ସ୍ୱର୍ଣ୍ଣାଳଙ୍କର ବଜାର ଦେଶରେ କୁଖ୍ୟାତ। ଏଣୁ ଦେଶରେ କେଉଁଠୁ ବି ଚୋରି ହେଲେ ପୋଲିସ ହାପୁଡ ସ୍ୱର୍ଣ୍ଣାଳଙ୍କର ବଜାରରେ ଚଢଉ କରିଥାଏ। ମାମଲାରେ ପୋଲିସ ହାପୁଡ ମହଲ୍ଲାର ବ୍ରହ୍ମାନନ୍ଦ କେ.ସର୍ରାଫ, ଗୌରବ ବର୍ମା ଓ ଜବାହାର ଗଞ୍ଜ ମହଲ୍ଲାର ଅଙ୍କିତ ପାଟିଲଙ୍କୁ ଅଟକ ରଖି ପଚରା ଉଚରା କରୁଛି। ଏମାନଙ୍କୁ ଦିଲ୍ଲୀ ପୋଲିସ ନିଜ ସାଙ୍ଗରେ ନେଇ ଯାଇଛି। ଗୌରବ ବର୍ମା ସୁନା ତରଳାଇବା କାମ କରେ। ଆକଳନ କରାଯାଉଛି ଚୋରି କଳସ ଅଙ୍କିତ ପାଟିଲ ସହାୟତାରେ ଗୌରବ ବର୍ମା ନିକଟକୁ ପହଞ୍ଚିଥିଲା। ଏଣୁ ମୁଖ୍ୟ ଅଭିଯୁକ୍ତ ଭୂଷଣ ବର୍ମା ପୋଲିସକୁ ହାପୁଡ ସ୍ୱର୍ଣ୍ଣାଳଙ୍କର ବଜାର ନେଇଯିବା ବେଳେ ସୁନା କଳସ ତରଳାଯାଇ ସାରିଥିବ ବୋଲି ଅନୁମାନ କରାଯାଇଥିଲା। ଏହା ଏବେ ସତ୍ୟ ପ୍ରମାଣିତ ହୋଇଛି।



ନୂଆଦିଲ୍ଲୀଠାରେ ଅନୁଷ୍ଠିତ ବିଜେପି ସାଂସଦଙ୍କ କାର୍ଯ୍ୟଶାଳା ବୈଠକରେ ସବା ପଛ ଧାଡିରେ ବସିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ।

## ଭାରତକୁ ଫେରିବ କି ଟିକ୍‌ଟକ୍ ?

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଚୀନ ଗସ୍ତ ପରେ ନୂଆଦିଲ୍ଲୀ ଓ ବେଜିଂ ସମ୍ପର୍କରେ ନୂଆ ମୋଡ ଆସିବ ବୋଲି ଅନୁମାନ କରାଯାଉଛି । ପ୍ରତିବନ୍ଧିତ ଚୀନ ଆପ୍ ଉପରୁ ସରକାର କଟକଣା ହଟାଇବା ସମ୍ଭାବନାକୁ ନେଇ ଅନେକ ରିପୋର୍ଟ ମଧ୍ୟ ପ୍ରକାଶ ପାଇଥିଲା । ଭାରତରେ ପୁଣି ଥରେ ଚୀନ ଆପ୍ ଟିକ୍ଟକ୍ ଆରମ୍ଭ ଚର୍ଚ୍ଚା ଭିତରେ କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବଡ଼ ସୂଚନା ଦେଇଛନ୍ତି । କେନ୍ଦ୍ର ସୂଚନା ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସରକାରଙ୍କ ଅଭିମୁଖ୍ୟକୁ ସ୍ପଷ୍ଟ କରି କହିଛନ୍ତି, ଚୀନ ଆପ୍ ଟିକ୍ଟକ୍ ଉପରୁ ବ୍ୟାନ୍ ହଟାଇବା ନେଇ ସରକାରଙ୍କ କୌଣସି ଯୋଜନା




ନାହିଁ।

ମନି କଣ୍ଟ୍ରୋଲକୁ ଦେଇଥିବା ସାକ୍ଷାତକାରରେ କେନ୍ଦ୍ରମନ୍ତ୍ରୀ ଏହି ଚର୍ଚ୍ଚା ଉପରେ ଜବାବ ଦେଇ କହିଛନ୍ତି, ଏହି ପ୍ରସଙ୍ଗ ଉପରେ ସରକାର ଭିତରେ ଏବେ ସୁଦ୍ଧା କୌଣସି ଚର୍ଚ୍ଚା ହୋଇ ନାହିଁ। ଏହା ପୂର୍ବରୁ ଟିକ୍ଟକ୍ର ମୂଳ କମ୍ପାନି ବାଇଟ୍ ଡାନ୍ସ ଏଲ୍ଟିଡି ପ୍ରତିକ୍ରିୟା ଦେଇ କହିଥିଲା ଯେ, ବର୍ତ୍ତମାନ ସୁଦ୍ଧା ସେବା ଆରମ୍ଭ ପାଇଁ କୌଣସି ପ୍ରକାର ପ୍ରସ୍ତାବ ନାହିଁ।

ଉଲ୍ଲେଖଯୋଗ୍ୟ ଯେ ୨୦୨୦ରେ ଗଲୱାନ ସଂଘର୍ଷ ପରେ ଭାରତ ଓ ଚୀନ ମଧ୍ୟରେ ତିକ୍ତତା ଚରମରେ ପହଞ୍ଚିଥିଲା । ଜୁନ୍ ୨୦୨୦ରେ କେନ୍ଦ୍ର ସରକାର ୫୯ଟି ଚୀନ୍ ଆପ୍ ବ୍ୟାନ୍ କରିବା ପରେ ଭାରତରେ ଟିକ୍ଟକ୍ ଉପରେ ପ୍ରତିବନ୍ଧକ ଲଗାଇଥିଲା । ଜାତୀୟ ସୁରକ୍ଷା ଏବଂ ଡାଟା ଗୋପନୀୟତାକୁ କାରଣ ଦର୍ଶାଇ ସରକାର ଆପ୍ଗୁଡ଼ିକୁ ନିଷେଧ କରିଥିଲେ । ଏହି ପ୍ରତିବନ୍ଧକ ପରେ, ଆପଲ୍ ଏବଂ ଗୁଗଲ ଭାରତୀୟ ସର୍ଭରରୁ ଏହି ଆପ୍ଗୁଡ଼ିକୁ ହଟାଇ ଦେଇଥିଲେ ।

ଭାରତ ସରକାର ୨୦୨୦ ଜୁନରେ କହିଥିଲେ ଯେ ଟିକ୍ଟକ୍ ସମେତ ୫୯ଟି ଚୀନ୍ ଆପ୍ ଚୀନ୍ର ସର୍ଭରକୁ ଉପଭୋକ୍ତାଙ୍କ ତଥ୍ୟ ପଠାଉଛନ୍ତି । ଏପରି ପରିସ୍ଥିତିରେ, ଲକ୍ଷ ଲକ୍ଷ ଉପଭୋକ୍ତାଙ୍କ ଗୋପନୀୟତା ଏବଂ ତଥ୍ୟ ସୁରକ୍ଷା ଉପରେ ପ୍ରଶ୍ନ ଉଠିଥିଲା । ଭାରତ ସରକାର ସ୍ପଷ୍ଟ କରିଥିଲେ ଯେ ଭାରତରେ କାମ କରୁଥିବା ଯେକୌଣସି କମ୍ପାନି ଭାରତୀୟ ଉପଭୋକ୍ତାଙ୍କ ତଥ୍ୟ ଭାରତରେ ହିଁ ରଖିବା ଦରକାର । ଟିକ୍ଟକ୍ ଏହି ସର୍ତ୍ତ ପୂରଣ କରିନଥିଲା । ଏହା ପରେ ସରକାର ଆପ୍ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା ।

## ଦୁର୍ଘଟଣାରେ ପିଲା ଦିବ୍ୟାଙ୍ଗ ହେଲେ ଦିଆଯିବ ନ୍ୟୁନତମ ମଜୁରି ହିସାବରେ କ୍ଷତିପୂରଣ

ନୂଆଦିଲ୍ଲୀ ୮।୯: ସୁପ୍ରିମକୋର୍ଟ ମଧ୍ୟପ୍ରଦେଶର ଏକ ମୋଟର ଏକ୍ସିଡେଣ୍ଟ କ୍ଲେମ ମାମଲାରେ ସୋମବାର ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ ଦୁର୍ଘଟଣାରେ ପିଲାର ମୃତ୍ୟୁ ଅଥବା ସ୍ଥାୟୀ ରୂପେ ଦିବ୍ୟାଙ୍ଗତା କ୍ଷେତ୍ରରେ ତାକୁ ଜଣେ କୁଶଳ ଶ୍ରମିକ ମାନି କ୍ଷତିପୂରଣର ଆକଳନ କରାଯିବ। ରାଜ୍ୟରେ ଦୁର୍ଘଟଣା ସମୟରେ କୁଶଳ ଶ୍ରମିକର ଯାହା ସର୍ବନିମ୍ନ ବେତନ ଥିବ ତାକୁ ହିଁ ପିଲାର ଆୟ ମାନି କ୍ଷତିପୂରଣ ଆକଳନ ହେବ। ଏଣୁ ଦାବିଦାର ବ୍ୟକ୍ତିକୁ ନ୍ୟାୟାଧିକରଣରେ ନ୍ୟୁନତମ ବେତନ ସମ୍ପର୍କିତ କାଗଜପତ୍ର ଜମା କରିବେ।

ସୁପ୍ରିମକୋର୍ଟ କହିଛନ୍ତି ଯେ 'ଯଦି ପିଲା କାଗଜପତ୍ର ଦାଖଲ କରି ନପାରେ ତେବେ କାଗଜପତ୍ର ଜମା କରିବା ବୀମା କମ୍ପାନୀର ଦାୟିତ୍ୱ ହେବ। କୋର୍ଟ ତାଙ୍କ ରାୟର କପିକୁ ଦେଶର ସବୁ ମୋଟର ଆକ୍ସିଡେଣ୍ଟ କ୍ଲେମ ଟ୍ରିବ୍ୟୁନାଲକୁ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି, ଯାହା ଦ୍ୱାରା ନିର୍ଦ୍ଦେଶର କଡ଼ାକଡ଼ି ପାଳନ ସୁନିଶ୍ଚିତ ହୋଇ ପାରିବ' ବୋଲି କହିଛନ୍ତି।

**ସୁପ୍ରିମକୋର୍ଟଙ୍କ ଆଦେଶରେ ରହିଛି କ'ଣ?**

ଉଲ୍ଲେଖଯୋଗ୍ୟ ଯେ ଏପର୍ଯ୍ୟନ୍ତ ଦୁର୍ଘଟଣାରେ ପିଲାଙ୍କ ମୃତ୍ୟୁ ଅଥବା ସ୍ଥାୟୀ ଦିବ୍ୟାଙ୍ଗତା କ୍ଷେତ୍ରରେ କ୍ଷତିପୂରଣ ଆକଳନ ନୋସନ ଇନକମ୍ (କାଳ୍ପନିକ ଆୟ, ବର୍ତ୍ତମାନ ହାରରେ ବାର୍ଷିକ ୩୦ ହଜାର ଟଙ୍କା) ହିସାବରେ କରାଯାଉଛି। ହେଲେ ଏବେ ସୁପ୍ରିମକୋର୍ଟଙ୍କ ରାୟ ପରେ ଏହି କ୍ଷତିପୂରଣ କୁଶଳୀ ଶ୍ରମିକଙ୍କ ନ୍ୟୁନତମ ବେତନ ହିସାବରେ ମିଳିବ। ବର୍ତ୍ତମାନ ମଧ୍ୟପ୍ରଦେଶରେ କୁଶଳ ଶ୍ରମିକଙ୍କ ସର୍ବନିମ୍ନ ମାସିକ ଆୟ ୧୪,୮୪୪ ଟଙ୍କା। ଅର୍ଥାତ ଦୈନିକ ୪୯୫ ଟଙ୍କା ହାରରେ ନିର୍ଦ୍ଧାରିତ ହେବ।

**ଜାଣନ୍ତୁ କିପରି ସୁପ୍ରିମକୋର୍ଟଙ୍କୁ ପହଞ୍ଚିଲା ମାମଲା**

୧୪ ଅକ୍ଟୋବର ୨୦୧୨ରେ ଇନ୍ଦୋର ନିବାସୀ ୮ବର୍ଷ ବୟସ୍କ ହିତେଶ ପଟେଲ ପିତାଙ୍କ ସହିତ ସଡକରେ ଛିଡା ହୋଇଥିଲେ। ସେତିକି ବେଳେ ଏକ ବାହନ ହିତେଶକୁ ଧକ୍କା ଦେଇଥିଲା। ଏଥିରେ ହିତେଶର ଜୀବନ ବଞ୍ଚି ଯାଇଥିଲେ ବି ସେ ଗୁରୁତର ଆହତ ହୋଇଥିଲା। ଏହା ଦ୍ୱାରା ସେ ସ୍ଥାୟୀ ଦିବ୍ୟାଙ୍ଗତାର ଶିକାର ହୋଇଥିବା ବେଳେ ମୋଟର ଆକ୍ସିଡେଣ୍ଟ କ୍ଲେମସ୍ ଟ୍ରିବ୍ୟୁନାଲରେ ୧୦ଲକ୍ଷ ଟଙ୍କାର କ୍ଷତିପୂରଣ ଦାବି ଉପସ୍ଥାପନା କରିଥିଲେ।

ଏହି ଦୁର୍ଘଟଣା ଯୋଗୁ ହିତେଶର ୩୦% ଦିବ୍ୟାଙ୍ଗତା ଆସିଥିବାରୁ ତାକୁ କ୍ଷତିପୂରଣ ବାବଦେ ୩ଲକ୍ଷ ୯୦ ହଜାର ଟଙ୍କା ଦେବାକୁ ଟ୍ରିବ୍ୟୁନାଲ ବୀମା କମ୍ପାନୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ହିତେଶଙ୍କ ପରିବାର ଟ୍ରିବ୍ୟୁନାଲଙ୍କ ଏହି ନିଷ୍ପତ୍ତିକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିବା ବେଳେ ହାଇକୋର୍ଟ ଯେହେତୁ ହିତେଶ ମାତ୍ର ୮ ବର୍ଷର ଏଣୁ ତାଙ୍କ କ୍ଷତିପୂରଣ ରାଶିକୁ ବଢାଇ ୮ଲକ୍ଷ ୬୫ ହଜାର କରିଦେଇଥିଲେ। ଏଥିରେ ଏବେ ସୁପ୍ରିମକୋର୍ଟ ଐତିହାସିକ ରାୟ ଦେଇଛନ୍ତି। ଏହାର ପ୍ରଭାବ ଏବେ ପୂରା ଦେଶରେ ଚାଲିଥିବା କ୍ଲେମ କେସ୍ ଉପରେ ପଡିବ। ସୁପ୍ରିମକୋର୍ଟ ହିତେଶର କ୍ଷତିପୂରଣ ରାଶିକୁ ୩୫ଲକ୍ଷ ୯୦ ହଜାର କରିଦେଇଛନ୍ତି। ଯାହା ହିତେଶ ଓ ତା ପରିବାରକୁ ଆଶ୍ୱସ୍ତ କରିଛି।

## କିଛି ଦେଶରେ ବାମ, ଆଉ କିଛିରେ ଡାହାଣ ପଟେ ଡ୍ରାଇଭିଂ?

ନୂଆଦିଲ୍ଲୀ : ଆପଣ ଗାଡ଼ି କିମ୍ବା ପବ୍ଲିକ୍ ଟ୍ରାନ୍ସପୋର୍ଟ୍ରେ ଯାତ୍ରା କରିବାର ନିଶ୍ଚିତ ଅନୁଭବ ରହିଥିବ। ସେହି ସମୟରେ ଆପଣ ଦେଖିଥିବେ ଯେ ଗାଡ଼ିଗୁଡ଼ିକ ଯେଉଁ ସାଇଡ୍'ରେ ଚଳାଉଛନ୍ତି, ଡ୍ରାଇଭର୍'ର ସିଟ୍ ତାହାର ବିପରୀତ ପଟେ ରହିଛି। ଯେମିତି ଭାରତରେ ଗାଡ଼ିଗୁଡ଼ିକ ସଡ଼କର ଲେଫ୍ଟ ସାଇଡ୍'ରେ ଯାଇଥାଏ, ତେଣୁ ଡ୍ରାଇଭର୍'ର ସିଟ୍ ରାଇଟ୍ ସାଇଡ୍'ରେ ରହିଛି। ତେବେ, ଆମେରିକା ଏବଂ ୟୁରୋପ ପରି ଦେଶଗୁଡ଼ିକରେ ଗାଡ଼ିଗୁଡ଼ିକ ରାଇଟ୍ ସାଇଡ୍'ରେ ଚାଲିଥାଏ ଏବଂ ସେଠାରେ ଡ୍ରାଇଭର୍'ର ସିଟ୍ ଲେଫ୍ଟ ସାଇଡ୍'ରେ ରହିଥାଏ। ଏବେ ପ୍ରଶ୍ନ ଉଠୁଛି ଯେ ଏହା କାହିଁକି ଏପରି ହୋଇଛି ଏବଂ ଏହି ଦୁଇ ପଦ୍ଧତିରେ କେଉଁ ଗୋଟିଏ ଅଧିକ ସୁରକ୍ଷିତ? ଯଦି ଆପଣ ଏହା ବିଷୟରେ ଜାଣନ୍ତି ନାହିଁ, ତେବେ ଆଜି ଆମେ ଆପଣଙ୍କୁ ଏହା ବିଷୟରେ ବିସ୍ତୃତ ଭାବେ କହିବୁ। ଲେଫ୍ଟ ସାଇଡ୍'ରେ ଚଳିବାର ପରମ୍ପରା ଶତାବ୍ଦୀ ପୂର୍ବର ଅଟେ। ପୁରୁଣା ଯୁଗରେ ଲୋକେ ଘୋଡ଼ା କିମ୍ବା ଗରୁଗାଡ଼ି ସହିତ ଯାତ୍ରା କରୁଥିଲେ। ସେହି ସମୟରେ ଅନେତ ଲୋକ ସଡ଼କର ଲେଫ୍ଟ ସାଇଡ୍'ରେ ଚଳୁଥିଲେ। ଏହାର କାରଣ ଏହା ଥିଲା



ଯେ ଦୁନିଆରେ ଅନେତ ଲୋକ ରାଇଟ୍-ହ୍ୟାଣ୍ଡେଡ୍ ହୋଇଥାନ୍ତି। ଏପରି ସ୍ଥିତିରେ ଆବଶ୍ୟକତା ପଡ଼ିଲେ ସେମାନେ ସିଧାସଳଖ ହାତରେ ଅସ୍ତ୍ର ଧରି ନିଜକୁ ସୁରକ୍ଷା କରିବାରେ ସହଜରେ ସକ୍ଷମ ହୋଇଥିଲେ। ଏହି ଅଭ୍ୟାସ ଆଗକୁ ମଧ୍ୟ ଜାରି ରହିଲା। ୧୯ ଶତାବ୍ଦୀର ଶେଷ ବେଳକୁ ଯେତେବେଳେ କାରର ପ୍ରଚଳନ ଆରମ୍ଭ ହୋଇଥିଲା, ସେତେବେଳେ ମଧ୍ୟ ଅନେକ ଦେଶ ଲେଫ୍ଟ ସାଇଡ୍'ରେ ହିଁ ଗାଡ଼ି ଚଳାଇବାକୁ ଜାରି ରଖିଥିଲେ। ଭାରତ ମଧ୍ୟ ସେହି ଦେଶଗୁଡ଼ିକର ମଧ୍ୟରେ ରହିଛି। ଅନେକ ଦେଶ ଧୀରେ-ଧୀରେ ରାଇଟ୍ ସାଇଡ୍ ଡ୍ରାଇଭିଂର ପଦ୍ଧତି ଆପଣାଇଛନ୍ତି। ଏହାର ପଛରେ ବଡ଼ କାରଣ ହେଉଛି ୧୭୯୨ରେ ଘଟିଥିବା ଫ୍ରାନ୍ସର କ୍ରାନ୍ତି (French Revolution)। ସେହି ସମୟରେ ଫ୍ରାନ୍ସରେ ଗାଡ଼ିଗୁଡ଼ିକ ସଡ଼କର ଦକ୍ଷିଣ ଭାଗରୁ ଚଳିବା ଆରମ୍ଭ କରିଥିଲେ ଏବଂ ସେବେଠାରି ଅନେକ ଦେଶ ରାଇଟ୍ ସାଇଡ୍ରେ ଗାଡ଼ି ଚଳାଇବା ଆରମ୍ଭ କରିଛନ୍ତି

## ଭୂକମ୍ପ ଜୋନରେ ଆମେରିକାର ଅଜ୍ଞାତ ଅଞ୍ଚଳ

ନୂଆଦିଲ୍ଲୀ : ନ୍ୟୁ ମାଡ୍ରିଡ୍ ସେସ୍ମିକ ଜୋନ୍ (NMSZ) ହେଉଛି ମଧ୍ୟପଶ୍ଚିମ ଯୁକ୍ତରାଷ୍ଟ୍ରର ଏକ ଅଜ୍ଞାତ ଭୂକମ୍ପ ହଟସ୍ପଟ, ଯାହା ପ୍ରତିବର୍ଷ ଶହ ଶହ ଛୋଟ ଭୂକମ୍ପର ସମ୍ମୁଖୀନ ହୋଇଥାଏ। ଉକ୍ତ ଅଞ୍ଚଳ ଉତ୍ତର-ପୂର୍ବ ଆର୍କାନ୍ସାସ, ଦକ୍ଷିଣ-ପୂର୍ବ ମିସୌରୀ, ପଶ୍ଚିମ ଟେନେସି, ପଶ୍ଚିମ କେଣ୍ଟୁକି ଏବଂ ଦକ୍ଷିଣ ଇଲିନୋଇସକୁ ବ୍ୟାପି ରହିଛି। ମେଲ୍ ଅନଲାଇନର ରିପୋର୍ଟ ଅନୁସାରେ , ଏହି ଅଞ୍ଚଳ ଏକ ବଡ଼ ଭୂକମ୍ପର ସମ୍ମୁଖୀନ ହେବ, ହଜାର ହଜାର ଲୋକଙ୍କ ଜୀବନ ନେବ ବୋଲି ବୈଜ୍ଞାନିକମାନେ ସତର୍କ କରାଇ ଦେଇଛନ୍ତି ଏବଂ ୪୩ ବିଲିୟନ ଡଲାର ମୂଲ୍ୟର କ୍ଷତି କରିବ। ଆମେରିକାର ଜିଓଲୋଜିକାଲ୍ ସୋସାଇଟି ଦ୍ୱାରା ଚଳିତ ବର୍ଷ ପ୍ରକାଶିତ ଏହି ଅଞ୍ଚଳ ଉପରେ ଏକ ରିପୋର୍ଟରେ ସତର୍କ କରାଯାଇଛି ଯେ, ଯଦି ଏହି ଅଞ୍ଚଳରେ ୭.୬ ତୀବ୍ରତାର ଭୂକମ୍ପ ଝଟକା ପାଏ, ତେବେ ୪୩ ବିଲିୟନ ଡଲାର କ୍ଷତି ହୋଇ ପାରେ। ଅନ୍ୟ ଏକ ଅଧ୍ୟୟନର ଆକଳନ ଅନୁଯାୟୀ – ୮୦ ହଜାରରୁ ଅଧିକ ଲୋକଙ୍କର ଜୀବନ ଯାଇପାରେ। ବୈଜ୍ଞାନିକମାନେ ଚିହ୍ନଟ କରିଛନ୍ତି ଯେ, NMSZ ପ୍ରତି ୨୦୦ ରୁ ୮୦୦ ବର୍ଷରେ ଏକ ବଡ଼ ଭୂକମ୍ପର ସମ୍ମୁଖୀନ ହୁଏ। ଶେଷ ଥର ପାଇଁ ଏହା ଡିସେମ୍ବର ୧୮୧୧ ରୁ ଫେବୃଆରୀ ୧୮୧୨ ମଧ୍ୟରେ ଘଟିଥିଲା। ରେକର୍ଡ ଦର୍ଶାଉଛି ଯେ, ଏହି ଅଞ୍ଚଳରେ ୭.୦ ତୀବ୍ରତାରୁ ଅଧିକ ତିନୋଟି ଭୂମିକମ୍ପ ଆସି ଥିଲା। ତେଣୁ ଶେଷ ବିଧ୍ୱଂସକାରୀ ଭୂକମ୍ପକୁ ୨୧୪ ବର୍ଷ ବିତି ଗଲାଣି, ଏବଂ ଏହା ମଧ୍ୟପଶ୍ଚିମ ପାଇଁ ବିପଦକୁ ବୃଦ୍ଧି କରୁଛି, ଯାହା ଖୁବ୍ ଶୀଘ୍ର ଆଉ ଏକ ବଡ଼ ଭୂକମ୍ପର ସମ୍ମୁଖୀନ ହୋଇ ପାରେ।

## ଏମ୍ସରେ ପ୍ରଥମ ଥର ହେଲା ଭ୍ରୁଣ ଦାନ

ନୂଆଦିଲ୍ଲୀ : ଦିଲ୍ଲୀରେ ଏକ ଐତିହାସିକ ପ୍ରୟାସ କରାଯାଇଛି। ଏମ୍ସକୁ ପ୍ରଥମ ଥର ଭ୍ରୁଣ ଦାନ ମିଳିଛି। ଏହି ପଦକ୍ଷେପ ଏକ ପରିବାରର ଯନ୍ତ୍ରଣାକୁ ସମାଜ ଓ ବିଜ୍ଞାନର ଶକ୍ତିରେ ବଦଳାଇବାର ଉଦାହରଣ । ୩୨ ବର୍ଷୀୟା ବନ୍ଦନା ଜୈନଙ୍କ ପାଞ୍ଚ ମାସରେ ଗର୍ଭପାତ ହୋଇ ଯାଇଥିଲା। ଏହି ମୁସ୍କିଲ ସମୟରେ ପରିବାର ଭ୍ରୁଣକୁ ଗବେଷଣା ଓ ଶିକ୍ଷା ପାଇଁ ଏମ୍ସକୁ ଦାନ କରିବାକୁ ନିଷ୍ପତ୍ତି ନେଲେ।

ବନ୍ଦନା ଜୈନଙ୍କ ପରିବାରର ସକାଳ ୮ଟା ସମୟରେ ଦଧୀଚି ଦେହଦାନ ସମିତି ସହ ସଂପର୍କ ହୋଇଥିଲା। ସମିତିର ସଂରକ୍ଷକ ସୁଧୀର ଗୁପ୍ତା ଓ ସମନ୍ୱୟକ ଜି.ପି ତାୟଲ ତୁରନ୍ତ ପ୍ରୟାସ ପୂର୍ବକ ଏମ୍ସର ଆନାଟମି ବିଭାଗର ପ୍ରମୁଖ ଡାକ୍ତର ଏମ.ବି. ରାୟ ଓ ତାଙ୍କ ଟିମ୍ ସହ କଥାବାର୍ତ୍ତା ହୋଇଥିଲେ। ଟିମ୍‌ର ସହଯୋଗରେ ସାରାଦିନ କାଗଜପତ୍ର ଆଦି ଔପଚାରିକତା ପୂରା କରିବା ପରେ ସନ୍ଧ୍ୟା ୭ ଟା ସମୟରେ ଏମ୍ସ ନିଜର ପ୍ରଥମ ଭ୍ରୁଣ ଦାନ ପ୍ରାପ୍ତ କରିଥିଲା।

**ଭ୍ରୁଣ ଦାନରେ କଣ ହେବ ଲାଭ –**

ଭ୍ରୁଣ ଦାନ କେବଳ ଏକ ମେଡିକାଲ ପ୍ରୋସେସ୍ ନୁହେଁ ,ବରଂ ଏହା ଆଗାମୀ ସମୟ ପାଇଁ ଗବେଷଣା ଓ ଶିକ୍ଷାର ଏକ ବଡ଼ ଆଧାର ହେବ। ଏମ୍ସରେ ଆନାଟମି ବିଭାଗର ପ୍ରଫେସର ଡାକ୍ତର ସୁବ୍ରତ ବାସୁ ଆଜତକ୍ ଡଟ୍ ଇନ୍‌କୁ କହିଛନ୍ତି ଯେ, ମାନବ ଶରୀରର ବିକାଶକୁ



ବୁଝିବା ପାଇଁ ଭ୍ରୁଣ ଅଧ୍ୟୟନ ନିହାତି ଜରୁରୀ।ରିସର୍ଚ୍ଚ ଓ ଟିଚିଂରେ ଆମକୁ ଏହା ଦେଖିବାକୁ ସୁଯୋଗ ମିଳିଥାଏ ଯେ , କେଉଁ ଭଳି ଶରୀରର ଭିନ୍ନ ଭିନ୍ନ ଅଙ୍ଗ ଭିନ୍ନ ଭିନ୍ନ ସମୟରେ ବିକଶିତ ହୋଇଥାଏ। ଯେପରି ଶିଶୁଟିଏ ଯେବେ ଜନ୍ମ ହୁଏ , ସ୍ନାୟୁ ପ୍ରଣାଳୀ( ନର୍ଭ ସିଷ୍ଟମ) ସଂପୂର୍ଣ୍ଣ ବିକଶିତ ହୋଇ ନଥାଏ। ସେ ଧିରେ ଧିରେ ଦୁଇ ବର୍ଷ ପରେ ବିକଶିତ ହୋଇଥାଏ । ଏମିତି ମାମଲାରେ ଅଧ୍ୟୟନ ମେଡିକାଲ ଛାତ୍ରଛାତ୍ରୀ ଓ ବୈଜ୍ଞାନିକଙ୍କୁ ଗଭୀର ଭାବେ ବୁଝିବାକୁ ସୁଯୋଗ ଦେଇଥାଏ।

ଡାକ୍ତର ବାସୁଙ୍କ କହିବାନୁସାରେ , ଏହି ଗବେଷଣା ବୟସ ବୃଦ୍ଧି (ଏଜିଂ) ପ୍ରକ୍ରିୟାକୁ ବୁଝିବାରେ ମଧ୍ୟ ସାହାଯ୍ୟ କରିବ। ଭ୍ରୁଣରେ ଟିସୁ ଲଗାତାର ବଢି ଥାଏ , ଅନ୍ୟପଟେ ବୃଦ୍ଧାବସ୍ଥାରେ ଟିସୁ ନଷ୍ଟ ହେବାକୁ ଲାଗେ। ଯଦି ଆମେ ଏହା ବୁଝି ପାରିବା ଯେ କେଉଁ ଫ୍ୟାକ୍ଟର ଟିସୁକୁ ବଢାଇ ଥାଏ ଏବଂ କେଉଁଥିରୁ ଏହାକୁ ନଷ୍ଟ କରେ , ତ ଭବିଷ୍ୟତରେ ବୟସ ଜଡ଼ିତ ଅନେକ ରୋଗକୁ ସମାଧାନ କରିବାରେ ସାହାଯ୍ୟ ମିଳିବ।

ସେ ଆଉ ଏକ ପ୍ରମୁଖ କଥା କହିଛନ୍ତି ଯେ, ଶିଶୁ ଠାରେ ଏନେସ୍ଥିସିଆର ବ୍ୟବହାର ଏକ ବଡ଼ ଚ୍ୟାଲେଞ୍ଜ। ଛୋଟ ଶିଶୁ କହି ପାରନ୍ତି ନାହିଁ , ତାଙ୍କୁ କେତେ ଡୋଜ୍ ଦେବାର ଅଛି ଏହା ସଠିକ୍ ଭାବେ ଜାଣିବା ଜରୁରୀ ହୋଇଥାଏ। ଭ୍ରୁଣ ଅଧ୍ୟୟନରେ ଆମକୁ ଏହା ବୁଝିବାରେ ସାହାଯ୍ୟ ମିଳିବ ଯେ, କେଉଁ ଅବସ୍ଥାରେ ଶିଶୁର କେଉଁ କେଉଁ ଅଙ୍ଗ କେତେ ବିକଶିତ ହୁଏ ଏବଂ ତାକୁ କେଉଁ ପ୍ରକାରରେ ସୁରକ୍ଷିତ ଉପାୟରେ ଟ୍ରିଟ୍ କରାଯାଇ ପାରିବ।

ଜୈନ ପରିବାରର ଏହି ପ୍ରୟାସ ସମାଜରେ ଏକ ଅନନ୍ୟ ଉଦାହରଣ ପାଲଟିଛି। ସେ ନିଜର ବ୍ୟକ୍ତିଗତ ଦୁଃଖକୁ ମାନବତା ଓ ବିଜ୍ଞାନ ପାଇଁ ଅମୂଲ୍ୟ ଯୋଗଦାନରେ ବଦଳାଇ ଦେଇଛନ୍ତି।

ସମୟ




# ଆଜିଠୁ ଏସିଆ କପ୍ ଟି -୨୦

ନୂଆଦିଲ୍ଲୀ, ୮।୯(ଏଜେନ୍ସି) : ୨୦୨୬ ଟି -୨୦ ବିଶ୍ୱ କପ୍‌କୁ ନଜରରେ ରଖି ଏଥର ଏସିଆ କପ୍ ଟି -୨୦ ଫର୍ମାଟରେ ଖେଳାଯାଉଛି । ଆୟୋଜନ ଅଧିକାର ଭାରତକୁ ମିଳିଥିଲେ ବି ପାକିସ୍ତାନର ଅନାଗ୍ରହ ଯୋଗୁଁ ୟୁଏଇରେ ଏସିଆ କପ୍ ଆୟୋଜନ ହେଉଛି । ୟୁଏଇରେ ଦୁଇଟି ପ୍ରମୁଖ ସହର ଦୁବାଇ ଓ ଆବୁଧାବିରେ ଏସିଆ କପ୍‌ର ସମସ୍ତ ମ୍ୟାଚ ଖେଳାଯିବ । ପ୍ରସ୍ତୁତି ସରିଛି, ମଙ୍ଗଳବାରଠୁ ମହାସମର । ଏହି ପ୍ରତିଯୋଗିତାରେ ଏସିଆ ମହାଦେଶର ଦଳଗୁଡିକ ଯଥା ଭାରତ, ପାକିସ୍ତାନ, ବାଂଲାଦେଶ, ଆଫଗାନିସ୍ତାନ, ଶ୍ରୀଲଙ୍କା, ୟୁଏଇ, ଓମାନ୍ ଏବଂ ହଙ୍ଗକଙ୍ଗ୍ ଅଂଶଗ୍ରହଣ କରିଛନ୍ତି । ଏସିଆନ୍ କ୍ରିକେଟ୍ କାଉନସିଲ୍‌ର ଦଳ ବ୍ୟତୀତ ୟୁଏଇ, ଓମାନ ଓ ହଙ୍ଗକଙ୍ଗ୍ ଯୋଗ୍ୟତା ପର୍ଯ୍ୟାୟ ଦେଇ ଏସିଆ କପ୍‌ରେ ପ୍ରବେଶ କରିଛନ୍ତି । ହଙ୍ଗକଙ୍ଗ ଓ ଆଫଗାନିସ୍ତାନ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଖେଳାଯିବ । ଏହାର ପରଦିନ ଅର୍ଥାତ ବୁଧବାର ଭାରତୀୟ ଦଳ ମଇଦାନକୁ ଓହ୍ଲାଇବ । ସୂର୍ଯ୍ୟ କୁମାର ଯାଦବଙ୍କ ନେତୃତ୍ୱରେ ଯୁବ ବାହିନୀ ତାର ପ୍ରଥମ ମ୍ୟାଚ ଘରୋଇ ୟୁଏଇ ସହ ଖେଳିବ । ତେବେ ୧୪ ତାରିଖରେ ଏହି ଟୁର୍ଣ୍ଣାମେଣ୍ଟର ସବୁଠୁ ବଡ ଲଢେଇ ଭାରତ ଓ ପାକିସ୍ତାନ ମଧ୍ୟରେ ହେବ । ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦୀଙ୍କ ମଧ୍ୟରେ ଏହି ମହା ଟକ୍କରକୁ ନେଇ ଭାରତ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତି କରିଛି । ଶୁଭମନ ଗିଲ୍ ଉପଅଧିନାୟକ ହେବା ପରେ ଭାରତୀୟ ଚୂଡାନ୍ତ ଏକାଦେଶ ରୂପରେଖ କିପରି ରହିବ ତାକୁ ନେଇ ବିତର୍କ ଜାରି ରହିଛି ।

ନଜରରେ ବୁମରା :- ଏଥର ଏସିଆ କପ୍‌ରେ ଭାରତୀୟ ଦଳର ପ୍ରମୁଖ ଅସ୍ତ୍ର ସାଜିବେ ଯଶପ୍ରୀତ ବୁମରା । ଗତ ଇଂଲଣ୍ଡ ଗସ୍ତରେ ବୁମରା ମାତ୍ର ୩ ଟି ମ୍ୟାଚ ଖେଳି ଫେରିଆସିବା ପରେ ତାଙ୍କୁ ତୀବ୍ର ସମାଲୋଚନା କରାଯାଇଥିଲା । ଏପରିକି ଯଦି ସେ ଫିଟ୍ ନାହାଁନ୍ତି ତେବେ ଅବସର ନେଇଯାଆନ୍ତୁ ବୋଲି ସମାଲୋଚନାର ସମ୍ମୁଖୀନ ହୋଇଥିଲେ । ଏହା ପରେ ଏସିଆ କପରେ ବୁମରା ଉପଲବ୍ଧ ରହିବେ ବୋଲି ଚୟନକର୍ତ୍ତାଙ୍କୁ କହିଥିଲେ । ବୁମରା ଭାରତୀୟ ଦଳର ବୋଲିଂ ଦମ୍ଭ । ତାଙ୍କର ଘାତକ ବୋଲିଂକୁ ଏଥର ସାମ୍ନା କରିବେ ପ୍ରତିପକ୍ଷ । ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ଉପଅଧିନାୟକ ଗିଲ୍ ଅଭ୍ୟାସ ସେସନ୍‌ରେ ଯୋଗ ଦେଇ ବୁମରାଙ୍କ ବଲର ସମ୍ମୁଖୀନ ହୋଇଥିଲେ । ଏହା ପରେ ଦୁଇ ୱିକେଟ୍ ରକ୍ଷକ ସଞ୍ଜୁ ସାମସନ୍ ଓ ଜିତେଶ ଶର୍ମା ବ୍ୟାଟିଂ ଅଭ୍ୟାସ କରିଥିଲେ । ଅଥର ଏସି୍ଆ କପ ପାଇଁ ଭାରତୀୟ ଦଳରେ ୩ ଜଣ ଓପନର ଥିବାରୁ ବାସ୍ତବରେ କିଏ ଇନିଂସ ଆରମ୍ଭ କରିବ ତାକୁ ନେଇ ଦ୍ୱନ୍ଦ୍ୱ ଲାଗି ରହିଛି ।

ପୂର୍ବରୁ ଟି -୨୦ରେ ସଞ୍ଜୁ ସାମସନ୍ ଓ ଅଭିଶେକ ଶର୍ମା ପାଳି ଆରମ୍ଭ କରିଥିଲେ । ଗିଲ ଦଳକୁ ଫେରିବା ଯୋଗୁଁ ସାମସନଙ୍କ ପାଇଁ ଶତକ ଘଣ୍ଟି ବୋଲି କୁହାଯାଉଛି । ଅଭିଶେକଙ୍କ ସହ ଗିଲ ପାଳି ଆରମ୍ଭ କରିପାରନ୍ତି । ଶେଷ ଭାଗରେ ହାର୍ଦ୍ଦିକ ପାଣ୍ଡ୍ୟା ଓ ଅକ୍ଷୟ ପଟେଲ ବଡ ସଟ୍ ଖେଳି ଦଳ ପାଇଁ ଉପଯୋଗୀ ସାବ୍ୟସ୍ତ ହେବେ ।

## ୧୯୮୩ ବିଶ୍ୱ କପ୍ ଯୋଗୁ ଏସିଆ କପର ଜନ୍ମ :-



ସେ ସମୟର ବିସିସିଆଇ ସଭାପତି ଫାଇନାଲର ଦୁଇଟି ଟିକେଟ୍ ମିଳିନଥିଲା । ଏହା ପରେ ହିଁ ବିଶ୍ୱ କପକୁ ଟକ୍କର ଦେବା ଭଳି ଏସିଆ କପ୍‌ର ଜନ୍ମ ହୋଇଥିଲା । ୧୯୮୪ରେ ଆରମ୍ଭ ହୋଇଥିଲା ଏସିଆ କପ୍ ।ଏବେ ଟୁର୍ଣ୍ଣାମେଣ୍ଟର ୧୭ ତମ ସଂସ୍କରଣ ଖେଳାଯିବ । ୧୯୮୩ ବିଶ୍ୱ କପ୍ ଫାଇନାଲରେ ବିସିସିଆଇ ସଭାପତିଙ୍କ ଯେଉଁଭଳି ବ୍ୟବହାର କରାଗଲା ଏହି କାରଣରୁ ହିଁ ଏସିଆ କପ୍ ଟୁର୍ଣ୍ଣାମେଣ୍ଟର ଜନ୍ମ ହୋଇଥିଲା । ଏହା ବିଶ୍ୱ କ୍ରିକେଟ୍‌ର ଏକମାତ୍ର ଅଣଆଇସିସି ଟୁର୍ଣ୍ଣାମେଣ୍ଟ । ଏସିଆ କପ୍ ଆରମ୍ଭ ହେବା ପଛରେ ଥିଲେ ବିସିସିଆଇର ତତ୍କାଳୀନ ଅଧ୍ୟକ୍ଷ ଏନ୍‌କେପି ସାଲଭେ । ସେ ଇଂଲଣ୍ଡ କ୍ରିକେଟ୍ ବୋର୍ଡର ପ୍ରାଧାନ୍ୟକୁ ଶେଷ କରିବାକୁ ଅଣ୍ଟା ଭିଡି ଥିଲେ । ବିଶ୍ୱ କପ୍ ୧୯୮୩ ଫାଇନାଲ ପାଇଁ ସାଲଭେ ଇସିବି ନିକଟରେ ଅତିରିକ୍ତ ଦୁଇଟି ଟିକେଟ୍ ଦେବାକୁ ଅନୁରୋଧ କରିଥିଲେ । କିନ୍ତୁ ଇସିବି ଏହି ଅନୁରୋଧକୁ ରକ୍ଷା କରିନଥିଲା । ଏସିଆ ଦେଶ ଗୁଡିକର କ୍ରିକେଟ୍‌ର ବୋର୍ଡ ସେହି ସମୟରେ ଶକ୍ତିଶାଳୀ ନଥିଲେ । ତେଣୁ ପ୍ରଥମ ୩ ଟି ବିଶ୍ୱ କପ୍ ଇଂଲଣ୍ଡରେ ଆୟୋଜିତ ହୋଇଥିଲା । ମାତ୍ର ଏନ୍‌କେ ପି ସାଲଭେ କେବଳ ବିଶ୍ୱ କପକୁ ଇଂଲଣ୍ଡ ବାହାରକୁ ନେଇଯାଇନଥିଲେ । ବରଂ ଏସଆ କପର ମୂଳଦୁଆ ପକାଇଥିଲେ । ସାଲଭେ ପାକିସ୍ତାନ କ୍ରିକେଟ୍ ବୋର୍ଡ ସହ ମିଶି ଏସିଆରେ କ୍ରିକେଟ୍ ଖେଳୁଥିବା ଅନ୍ୟଦେଶ ସହ ମିଶି ଏକ କ୍ରିକେଟ୍ ପରିସର ଗଠନ କରିଥିଲେ । ଯାହାର ନାଁ ଏସିଆନ କ୍ରିକେଟ୍ କାଉନସିଲ୍ ଦିଆଗଲା । ଏହାର ପ୍ରଥମ ଚେୟାରମ୍ୟାନ୍ ଥିଲେ ଏନ କେ ପି ସାଲଭେ । ସଂଘର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଏସିଆରେ କ୍ରିକେଟ୍‌ର ପ୍ରସାର କରିବା । ବିସିସିଆଇର ସଭାପତି ସାଲଭେ, ପିସିବି ସଭାପତ ନୁର ଖାନ୍ ଏବଂ କ୍ରିକେଟ୍ ଶ୍ରୀଲଙ୍କାର ସଭାପତି ଗାମିନୀ ଦିଶାନାୟକେ ମିଳିତ ଭାବେ ୧୯୮୩ ସେପ୍ଟେମ୍ବର ୧୯ରେ ଦିଲ୍ଲୀରେ ଏସିଆନ୍ କ୍ରିକେଟ୍ କନଫରେନ୍ସ ଗଠନ କରିଥିଲେ । ଏହାର ଉଦ୍ଦେଶ୍ୟ ଥିଲା ଏସିଆ କପ୍ ଆୟୋଜନ କରିବା । କିନ୍ତୁ ଭାରତ ପାକିସ୍ତାନ ଓ ଶ୍ରୀଲଙ୍କା ପାଖରେ ଏସିଆ କପ୍ ଆୟୋଜନ ପାଇଁ ସେତେ ଅର୍ଥ ଓ ଷ୍ଟାଡିୟମ୍ ବି ନଥିଲା । ଏମିତି ସ୍ଥିତିରେ ସହାୟତର ହାତ ବଢାଇଥିଲେ ୟୁଏଇ ସରକାର । ୟୁଏଇ ସରକାରଙ୍କ ସହ ମିଶି ଏସିସି ଆଗକୁ ବଢିଥିଲା । ସାରଜାରେ ୧୯୮୪ରେ ଏସିଆ କପ୍‌ର ପ୍ରଥମ ସଂସ୍କରଣ ଆରମ୍ଭ ହୋଇଥିଲା । ଏହି ସଂସ୍କରଣରେ ଭାରତ, ଶ୍ରୀଲଙ୍କା ଓ ପାକିସ୍ତାନ ଭାଗ ନେଇଥିଲେ । ଏଥିରେ ଭାରତ ଚାମ୍ପିଅନ ହୋଇଥିଲା । ଗୋଟିଏ ପରେ ଗୋଟିଏ ଦଳ ଏସିସିରେ ଯୋଡି ହୋଇଥିଲା । ଏବେ ଦଳ ସଂଖ୍ୟା ୮ ରେ ପହଞ୍ଚିଲାଣି । ଏସିଆନ୍ କ୍ରିକେଟ୍ କାଉନସିଲରେ ଏସିଆନ ଦେଶ ୩୦ ଟି ସଦସ୍ୟ ଅଛନ୍ତି ।

ସାଲଭେ କେବଳ ଏତିକିରେ ଅଟକି ନଥିଲେ । ସେ ବିଶ୍ୱ କପକୁ ଇଂଲଣ୍ଡ ବାହାରକୁ ନେବାରେ ପଣ କରିଥିଲେ । ଏସିଆରେ ମଧ ବଡ ମ୍ୟାଚ ଆୟୋଜନ ହୋଇପାରିବ ବୋଲି ଭରସ ବଢିଥିଲା । ଏସିଆ କ୍ରିକେଟ୍‌ର ଅକଜୁଟ ଦୁନିଆକୁ ଦେଖାଇଦେଇଥିଲା ଯେ ଖେଳର ବିସ୍ତାର ହେବା ଉଚିତ । ଏହି କାରଣରୁ ଆଇସିସି କାର୍ଯ୍ୟାଳୟ ପ୍ରଥମେ ଲଣ୍ଡନ ଲର୍ଡ୍ସରେ ଥିଲା । ପରେ ଦୁବାଇକୁ ସ୍ଥାନାନ୍ତର ହୋଇଥିଲା । ଏପରିକି ୧୯୮୭ ବିଶ୍ୱ କପକୁ ଭାରତ ଓ ପାକିସ୍ତାନ ମିଳିତ ଭାବେ ଆୟୋଜନ କରିଥିଲେ । ଏସିଆ କପ୍ ଆରମ୍ଭ ହେବା ପୂର୍ବରୁ ସମସ୍ତେ ଏନ୍ କେ ପି ସାଲଭେଙ୍କ ଅବଦାନକୁ ମନେ ପକାଇଥାନ୍ତି ।

# କ୍ଲବ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଉଦ୍‌ଯାପିତ

## ଅନୁପମା, ଆଶିଷ ବିଜେତା




ଭୁବନେଶ୍ୱର, ୮।୯ (ସବ୍ୟୁ) : ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ଠାରେ ୩ୟ କ୍ଲବ ଶକ୍ତିଉତ୍ତୋଳନ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ବରିଷ୍ଠ ମହିଳା ବିଭାଗରେ ଅନୁପମା ସ୍ୱାଇଁ ଏବଂ ପୁରୁଷ ବିଭାଗରେ ଆଶିଷ କୁମାର ଶକ୍ତିଶାଳୀ ବିବେଚିତ ହୋଇଛନ୍ତି । ଓଡିଶା ଅଲିମ୍ପିକ୍ ସଂଘର ସଭାପତି ସମୀର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରିଥିଲେ । ୱାର୍ଲ୍ଡ ଅଫ୍ ନ୍ୟୁଟ୍ରିସନ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ କୁମାର ମିଶ୍ର, ଆଡଭୋକେଟ୍ କାଳି ପ୍ରସାଦ ନନ୍ଦ ଓ ସନ୍ନତ ନାୟକ ଯୋଗ ଦେଇଥିଲେ । ୮୦ ହଜାର ଟଙ୍କାର ଅର୍ଥ ପୁରସ୍କାର ସହ ୧.୫୦ ଲକ୍ଷ ଟଙ୍କାର କ୍ରୀଡା ଉପକରଣ ଶ୍ରେଷ୍ଠ କ୍ରୀଡାବିତ୍‌ଙ୍କୁ ପ୍ରଦାନ କରାଯାଇଥିଲା । ରାଜ୍ୟ ଓ ରାଜ୍ୟ ବାହାରୁ ଅନେକ କ୍ଲବମାନଙ୍କରୁ ୨୦୦ ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ । ଓଡିଶା ଶକ୍ତିଉତ୍ତୋଳନ ସଂଘ ଓ ଉତ୍କଳ କରାଟେ ସ୍କୁଲର ମିଳିତ ଉଦ୍ୟମରେ ୩ ଦିନ ଧରି ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ଉତ୍କଳ କରାଟେ ସ୍କୁଲ ୧୯ ଟି ସ୍ୱର୍ଣ୍ଣ ପଦକ ସହ ପ୍ରଥମ, ଫିଟନେସ୍ ମନ୍ତ୍ର ୫ ଟି ସ୍ୱର୍ଣ୍ଣ ସହ ଦ୍ୱିତୀୟ ଏବଂ ଡିଜିମ୍ ୩ ଟି ସ୍ୱର୍ଣ୍ଣ ପଦକ ସହ ତୃତୀୟ ସ୍ଥାନ ହାସଲ କରିଛନ୍ତି ।

ଉପକନିଷ୍ଠ ବାଳିକା ବିଭାଗରେ ଶ୍ରେଷ୍ଠ ଲିଫଟର କ୍ଷୀରୋଦ ସିଂ ଖୁଣ୍ଟିଆ, ଜ୍ଞାନଦକ୍ଷା ସାହୁ ଦ୍ୱିତୀୟ । ଜୁନିୟର ବାଳିକାରେ ଆକାଂକ୍ଷା ପରିଡା ପ୍ରଥମ, ଅନନ୍ୟା ଅନନ୍ଦିକା ଗିରି ୨ୟ, ବଶ୍ୱ ରୂପା ନାୟକ ୩ୟ । ସିନିୟର ମହିଳାରେ ଅନୁପମା ସ୍ୱାଇଁ, ତନୟା ପଣ୍ଡା, ଦିବ୍ୟଲେଖା ମିଶ୍ର । ମାଷ୍ଟର ୪୦ ବର୍ଷରୁ ଉର୍ଦ୍ଧ୍ୱ ମହିଳା ବିଭାଗରେ ସର୍ମିଷ୍ଠା ସେନାପତି, ଜମ୍ମୁବାୟୀ ନାୟକ, ଗୀତାଞ୍ଜଳୀ ନାୟକ । ସର୍ବାଧିକ ସ୍କ୍ୱାଟ ମହିଳା ବିଭାଗରେ ଆକାଂକ୍ଷା ପରିଡା, ୨୦୦ କେଜି ବେଞ୍ଚ ପ୍ରେସରେ ଆକାଂକ୍ଷା ପରିଡା ୯୦ କେଜି ଓ ଡେଡ୍‌ଲିଫ୍ଟରେ ଦିବ୍ୟାଲେଖା ମିଶ୍ର ୧୮୦ କେଜି ସହ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ପୁରୁଷ ଉପକନିଷ୍ଠରେ ଧୀରେନ୍ଦ୍ର ସ୍ୱାଇଁ ଶ୍ରେଷ୍ଠ ଲିଫ୍ଟର, କ୍ରୀଷ୍ଟା ସାହୁ ୨ୟ ଓ ରାଜରଞ୍ଜନ ପାତ୍ର ୩ୟ । କନିଷ୍ଠ ପୁରୁଷରେ ସୋମେନ ସେନାପତି ପ୍ରଥମ, ଅକିଲ ନାଗ ଦ୍ୱିତୀୟ ଏବଂ ସନ୍ତୋଷ ସ୍ୱାଇଁ ତୃତୀୟ ସ୍ଥାନ । ମାଷ୍ଟର ୪୦ ବର୍ଷରୁ ଉର୍ଦ୍ଧ୍ୱରେ ଉମାକାନ୍ତ ବେହେରା ପ୍ରଥମ, ମୋହନ ନାଗ ଦ୍ୱିତୀୟ ଏବଂ ହୃଦାନନ୍ଦ ନାୟକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ପୁରୁଷ ମାଷ୍ଟର ୫୦ ବର୍ଷରୁ ଉର୍ଦ୍ଧ୍ୱ ବର୍ଗରେ କୃଷ୍ଣଚନ୍ଦ୍ର ସାହୁ ପ୍ରଥମ, ନିରଞ୍ଜନ ପଟ୍ଟନାୟକ ଦ୍ୱିତୀୟ ଏବଂ ଗୋପାଳ ଚନ୍ଦ୍ର ଦାସ ତୃତୀୟ ସ୍ଥାନ ଅଧିକାର କରିଥିଲେ । ହାଇଏଷ୍ଟ ସ୍କ୍ୱାଟ ପୁରୁଷ ବିଭାଗରେ ରାକେଶ ଗୁପ୍ତା ୨୮୫ କେଜି, ବେଞ୍ଚ୍ ପ୍ରେସରେ ଜଙ୍ଗଦତ୍ତ ଗୁପ୍ତା ୧୭୦ କେଜି ଓ ଡେଡ୍‌ଲିଫ୍ଟରେ ରାକେଶ ଗୁପ୍ତା ୨୮୦ କେଜି ଭାର ଉଠାଇଛନ୍ତି । ପ୍ରତିଯୋଗୀଙ୍କୁ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ, ବିପି ବେହେରା, ଜାଭେଦ ଅର୍ସଦ, ରାକେଶ ଶତପଥୀ, ଲକିରାଣୀ ପାତ୍ର, ସ୍ୱାଗତିକା ସାହୁ, ରାଜସ୍ମିତା, ପ୍ରଦୀପ ପାତ୍ର, ରମଣମୋତୀ, ଶକ୍ତି ବାରିକ୍, ସୁଶମିନୀ ପାଲଟାସିଂ, ଅଭିନାଶ ପୁନ୍ଦିର, ସନ୍ଦିପ ଦାସ, ସୁଜିତ ଗିରି, ଲଳିତ ସାହୁ, ଶ୍ରୀଜିତା ବରାଳ, ନ୍ୟାସା କୁମାରୀ, ରଜନୀ, ସଞ୍ଜୀବ ପଟ୍ଟେଲ, ବିଜୟ କୁମାର ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ ।

# ମହିଳା ଏସିଆ କପ୍ ହକି



## ନଭନୀତ, ମମତାଜଙ୍କ ହାଟ୍ରିକ୍ : ସୁପର ୪ରେ ଭାରତ

ହାଙ୍ଗଝୌ, ୮।୯(ଏଜେନ୍ସି) : ଚୀନର ହାଙ୍ଗଝୌରେ ଚାଲିଥିବା ମହିଳା ଏସିଆ କପ୍ ହକିରେ ଭାରତର ଜମାଣିଆ ପ୍ରଦର୍ଶନ ଜାରି ରହିଛି । ସୋମବାର ସିଙ୍ଗାପୁର ବିପକ୍ଷ ମ୍ୟାଚରେ ଭାରତୀୟ ମହିଳା ଦଳ ୧୨-୦ ଗୋଲରେ ବଡ ବିଜୟ ହାସଲ କରି ସୁପର ୪ ରେ ପ୍ରବେଶ କରିଛି । ଭାରତ ପକ୍ଷରୁ ନଭନୀତ ଓ ମମତାଜ ହାଟ୍ରିକ୍ ଗୋଲ କରିଥିଲେ । ନଭନୀତ ମ୍ୟାଚର ୧୪, ୨୦ ଓ ୨୮ ତମ ମିନିଟରେ ହାଟ୍ରିକ ଗୋଲ ଦେଇଥିଲେ । ସେହିଭଳି ମମତାଜ ୨, ୩୨ ଓ ୩୯ତମ ମିନିଟରେ ୩ ଟି ଗୋଲ କରିଥିଲେ । ଏହି ୨ ତାରକା ଖେଳାଳିଙ୍କ ବ୍ୟତୀୟ ନେହା ୧୧ ଓ ୩୮ ତମ ମିନିଟରେ ଦୁଇଟି ଲାଲରେସିଆମି ୧୩ ମିନିଟ୍, ଉଦିତା ୧୯ ମିନିଟ୍ ଶର୍ମିଳା ୪୫ ମିନିଟ୍ ଓ ଋତୁଜା ପିଶାଲ ୫୩ ମିନିଟ୍‌ରେ ଗୋଲ ଦେଇଥିଲେ । ମ୍ୟାଚର ସମସ୍ତ ୪ ଟି ଯାକ କ୍ୱାର୍ଟରରେ ଭାରତର ପ୍ରାଧାନ୍ୟ ଜାରି ରହିଥିଲା । ସିଙ୍ଗାପୁର ଦଳ ଆଦୌ ଗୋଟିଏ ଗୋଲ କରିବାକୁ ମଧ୍ୟ ସକ୍ଷମ ହୋଇନଥିଲା । ୧୦ ତାରିଖରେ ଭାରତ ତାର ପରବର୍ତ୍ତୀ ମ୍ୟାଚରେ ପୁଲ ଏ ର ଦ୍ୱିତୀୟ ଦଳକୁ ସୁପର ୪ ମୁକାବିଲାରେ ଭେଟିବ ।

# ଅସ୍ମିତା ଖେଲୋ ଇଣ୍ଡିଆ ଉଷୁ : ଅନୁଗୁଳ ପ୍ରତିଯୋଗୀଙ୍କ ସଫଳତା

ଅନୁଗୋଳ, ୮।୯(ସବ୍ୟୁ) : ଅସ୍ମିତା ଖେଲୋ ଇଣ୍ଡିଆ, ରାଜ୍ୟ ଲିଗ୍ ରେ ମହିଳା ଉଷୁ ଖେଳରେ ସ୍ୱର୍ଣ୍ଣ ବିଜେତା ସୁରୀୟକାନ୍ତି ଶତପଥୀ, ଓ ଅର୍ଚ୍ଚିତା ସାହୁ, ରୁପ୍ୟରେ ଆଶା ବେହେରା, ପଲବି ନାଏକ, ପ୍ରିୟଙ୍କା ବେହେରା, ସ୍ମିତାମନସ୍ୱିନୀ, କାଂସ୍ୟରେ ଯୋଷମନ୍ତି ସାହୁ, ବିଷ୍ଣୁପ୍ରିୟା ସାହୁ,ଇଶ୍ରାଇ ନିଶା, ସମୁଦାୟ ୯ ଜଣ ପ୍ରତିଯୋଗୀ ଗ୍ରହଣ କରିଥିଲେ । ଅନୁଗୋଳ ଜିଲ୍ଲା ର ଉଷୁ ଏସୋସିସନ ଅନୁଗୋଳ ତରଫରୁ ବାରିପଦା ଡିଗ୍ରୀ କଲେଜ୍ରେ ଆୟୋଜିତ କରାଯାଇଥିବା ଅସ୍ମିତା ଖେଲୋ ଇଣ୍ଡିଆ, ମହିଳା ଉସୁ ଖେଳରେ ସେପ୍ଟବର ୬ ରୁ ୭ସେପ୍ଟବର ୨୦୦୫ ରେ ଅନୁଗୋଳ ଜିଲ୍ଲାର ୯ଜଣ ପ୍ରତିଯୋଗି ଭାଗ ନେଇ ଥିଲେ । ଏଥିରେ ସ୍ୱର୍ଣ୍ଣ ରେ ୨ଜଣ, ସିଲ୍ଭର୍ ରେ ୪ ଜଣ, ବ୍ରୋଞ୍ଜ ରେ ୩ ଜଣ କୃତିତ୍ୱ ଅର୍ଜନ କରିଛନ୍ତି । ଏହା ସହିତ ଆଗାମୀ ଦିନରେ ଜାତୀୟ ସ୍ଥର ରେ ମଧ କୃତୀ ପ୍ରତିଯୋଗୀ ମାନେ ଓଡ଼ିଶା ବାହାରେ ହେବାକୁ ଯାଉଥିବା ଖେଳ ରେ ଭାଗ ନେବେ ।ଏଥିରେ କୃତୀ ପ୍ରତିଯୋଗୀ ହୋଇଥିବା ଉଷୁ ଖେଳାଳି ମାନକୁ ଜିଲ୍ଲା ପ୍ରଶାସନ,ଜିଲ୍ଲା କ୍ରୀଡ଼ା ଅଧିକାରୀ ଜିଲ୍ଲା (ଡି. ପି.ଓ.) ଓ ରାଜ୍ୟ ଉଶୁ ସଂଘର ଚେୟାରମେନ ଆଣ୍ଡ ରାଜ୍ୟ ର ମୁଖ୍ୟ



ପ୍ରତିଷ୍ଠାତା ଏସ ଏସ ହରିଚନ୍ଦନ ସହିତ ଟେକ୍ନିକାଲ ଡାଇରେକ୍ଟର ପ୍ରଦ୍ୟୁମ୍ନ ବେହେରା ସୁବେଚ୍ୟା ସହିତ ଉସୁ ଅସୋସିସନ ଅନୁଗୋଳ ର ଜିଲ୍ଲା ସଭାପତି ଓ ଅନୁଗୋଳ ବିଧାୟକ ଶ୍ରୀ ପ୍ରତାପ ଚନ୍ଦ୍ର ପ୍ରଧାନ , କାର୍ଯ୍ୟକାରୀ ସଭାପତି ଦିନେଶ ପ୍ରଧାନ ଓ ଅନ୍ତରଜାତୀୟ ଜଜ୍ ଓ ଜିଲ୍ଲା ଉସୁ ସଂଘ ର ସାଧାରଣ ସମ୍ପାଦକ ଶ୍ରୀ ସୁସାନ୍ତ ନାଏକ, ଜିଲ୍ଲା କୋଚ୍ ବିନୋଦ କୁମାର ନାଏକ,ଦୋଲଗୋବିନ୍ଦ ଦଳେଇ,ତପନ କୁମାର ସାମଲ, ଅରୁଣ କୁମାର ନାଏକ, ରା ଜେଶ ମିଶ୍ର ଚିତ୍ତରଞ୍ଜନ ମହାନ୍ତ, ଅମରଜିତ୍ ଗଡନାୟକ ଓ ସମସ୍ଥ ମେମ୍ବର ଶୁଭେଚ୍ଛା ଜଣାଇଛନ୍ତି ।

# ହାପି ବର୍ଥ ଡେ ଗିଲ୍



ନୂଆଦିଲ୍ଲୀ, ୮।୯ (ଏଜେନ୍ସି) : ୨୬ ବର୍ଷରେ ପାଦ ଥାପିଛନ୍ତି ଭାରତୀୟ ଟେଷ୍ଟ ଦଳର ଅଧିନାୟକ ଶୁଭମନ୍ ଗିଲ୍ । ୫୦ କୋଟି ଟଙ୍କାର ମାଲିକ ଗିଲ୍ ଦୁବାଇରେ ଏବେ ଦଳ ସହ ୨୬ ତମ ଜନ୍ମ ଦିନ ପାଳିଛନ୍ତି । କାରଣ ମଙ୍ଗଳବାର ଠାରୁ ଦୁବାଇରେ ଏସିଆ କପ୍ ଟି -୨୦ ଆରମ୍ଭ ହେବାକୁ ଯାଉଛି । ସେ ଭାରତୀୟ ଦଳର ଉପଅଧିନାୟକ ଅଛନ୍ତି । ୧୦ ତାରିଖରେ ଭାରତ ଏସିଆ କପ୍ ଅଭିଯାନ ଆରମ୍ଭ କରିବ । ଏହା ପୂର୍ବରୁ ଗିଲଙ୍କ ଜନ୍ମ ଦିନ ଧୁମଧାମରେ ପାଳନ କରାଯାଇଛି । ଗିଲଙ୍କ କୋଟିପତି କ୍ରିକେଟର ଯାତ୍ରା କେବଳ ୧୦୦ ଟଙ୍କାରୁ ଆରମ୍ଭ ହୋଇଥିଲା । ଏହା ସମସ୍ତଙ୍କୁ ନିଶ୍ଚିତ ଭାବେ ଆଶ୍ଚର୍ଯ୍ୟ ଚକିତ କରିବ ।

ଶୁଭମନ୍ ଗିଲ୍ କ୍ରିକେଟ୍ ପ୍ରତି ଆଗ୍ରହୀ ଥିଲେ ।ତାଙ୍କ ବାପା ଲକ୍ଷ୍ମୀଧର ସିଂ ପୁଅର ଆଗ୍ରହକୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇବାରେ ବଡ ଭୂମିକା ଗ୍ରହଣ କରିଥିଲେ । ପରେ ଶୁଭମନ୍‌ଙ୍କ ବାପା ତାଙ୍କୁ ଉନ୍ନତ୍ତ କ୍ରିକେଟ୍ ତାଲିମ ପାଇଁ ସହରକୁ ଆଣିଥିଲେ । ଏହା ପୂର୍ବରୁ ସେ ଗାଁରେ ନିଜେ ତିଆରି କରିଥିବା ପିଚ୍‌ରେ ଶୁଭମନ୍‌ଙ୍କୁ ଅଭ୍ୟାସ କରାଇଥିଲେ । ଗାଁର ପିଲାଙ୍କୁ ଶୁଭମନଙ୍କୁ ବୋଲିଂ କରିବାକୁ କହୁଥିଲେ । ଏହା ସହିତ ସର୍ତ୍ତ ରହିଥିଲା ଯେ ଯିଏ ଗିଲଙ୍କ ୱିକେଟ୍ ନେବ ତାଙ୍କୁ ୧୦୦ ଟଙ୍କା ଦିଆଯିବ । ୧୦୦ ଟଙ୍କାରୁ ଶୁଭମନଙ୍କ କ୍ୟାରିୟର ଏବେ ୫୦ କୋଟିରେ ପହଞ୍ଚିଛି । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଏହି ୫୦ କୋଟି ଭବିଷ୍ୟତରେ ଆହୁରୀ ୫୦ ଗୁଣା ବଢିଯିବ ।

ତେବେ ପ୍ରଶ୍ନ ଗିଲ୍ ଏତେ ଟଙ୍କା କେଉଁଠୁ ରୋଜଗାର କରୁଛନ୍ତି । କ୍ରିକେଟ୍ ହେଉଛି ତାଙ୍କ ଆୟର ବଡ ଉତ୍ସ । ଏହା ପୂର୍ବରୁ ଆହୁରୀ ୨୦ ଟି ସଂସ୍ଥା ସହ ସେ ଜଡିତ । ଗିଲ୍ ୨୦ ଟି ସଂସ୍ଥାର ବ୍ରାଣ୍ଡ ଆମ୍ବାସାଡର ଅଛନ୍ତି । ନାଇକ, ଜିଲେଟ୍, ସିଏଟ୍, କାସିଓ, ବଜାଜ୍ ଆଲିଆଞ୍ଜ ଲାଇଫ୍, କୋକାକୋଲା, ମାଇ ସର୍କଲ, ବିଟ୍ସ ବାଏ ଡ୍ରି, ଓକଲି, ଦ ସ୍ଲିପ୍ କମ୍ପାନୀ, ମସଲ ଗ୍ଲେଜ୍, ଆଇଟିସି ଏନ୍‌ଗେଜ୍, ଟିଭିଏସ୍, ଜେବିଏଲ୍, ଟାଟା କ୍ୟାପିଟାଲ, ସିନ୍ଥଲ, ଫିଆମା ମେନ୍, ୱିଙ୍ଗସ, କାପ୍ରି ଲୋନ୍ସ, ଗେମ୍ ୨୪ ଗୁଣା ୭ । ବିସିସିଆଇ ସହିତ ବାର୍ଷିକ ଚୁକ୍ତି ଅନୁଯାୟୀ ଗିଲ୍ ଗ୍ରେଡ୍ ଏ ରେ ଖେଳାଳି ଭାବେ ୫ କୋଟି ଟଙ୍କା ପାଆନ୍ତି । ଆଇପିଏଲ୍‌ରେ ସେ ଗୁଜରାଟର ଟାଇଟାନ୍ସରୁ ୨୬.୫୦ କୋଟି ଟଙ୍କା ପାଆନ୍ତି । ଏହା ବ୍ୟତୀତ ମ୍ୟାଚ ଫି ଏବଂ ମ୍ୟାଚ ସମୟରେ ପ୍ରଦର୍ଶନ ପାଇଁ ଅଲଗା ରୋଜଗାର କରିଥାନ୍ତି ।ଏହା ବ୍ୟତୀତ ଗିଲଙ୍କ ସମସ୍ତ ରୋଜଗାର ସେହି ୨୦ ଟି ବ୍ରାଣ୍ଡରୁ ଆସିଥାଏ ।

# ଜର୍ଜିଆଡି କ୍ଲବ୍ ସେଭେନ୍ସ କପ୍

## ମୟୂରଭଞ୍ଜର ଫ୍ୟୁଚର ଷ୍ଟାର୍ ଚାମ୍ପିଅନ୍

ବାରିପଦା, ୮।୯ (ସବ୍ୟୁ): ଚଳିତ ମାସ ୬ ଓ ୭ତାରିଖ କୋଲକାତା ଠାରେ କୋଲକାତା କ୍ରିକେଟ ଓ ଫୁଟବଲ କ୍ଲବ ଓ ବେଙ୍ଗଲ ରଗବୀ ସଂଘର ମିଳିତ ଉଦ୍ୟମରେ ଆୟୋଜିତ ହୋଇଥିବା ଜର୍ଜିଆଡି କ୍ଲବ୍ ସେଭେନ୍ସ କପ୍ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାର ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ମହିଳା ଦଳ ଚମ୍ପିୟାନ ହୋଇ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ବହୁ ପୁରାତନ ଜର୍ଜିଆଡି କ୍ଲବ୍ ସେଭେନ୍ସ କପ୍ ପ୍ରତିଯୋଗିତାରେ ପ୍ରଥମଥର ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀ ଅଂଶଗ୍ରହଣ କରିଥିଲା । ପ୍ରଥମ ମ୍ୟାଚରୁ ଅପରାଜୟ ରହି ସେମି ଫାଇନାଲରେ ଆୟୋଜକ କଲିକତା କ୍ରିକେଟ ଓ ଫୁଟବଲ କ୍ଲବ୍ କୁ ୧୯-୦୦ ରେ ପରାଜିତ କରି ଫାଇନାଲରେ ପ୍ରବେଶ କରିଥିବାବେଳେ ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ ସିଲିଗୁଡ଼ିର ସରସ୍ୱତୀପୁରକୁ ୨୪-୧୨ ସ୍କୋରରେ ପରାଜିତ କରି ପ୍ରଥମଥର ପାଇଁ ଚମ୍ପିୟାନ ହୋଇଛନ୍ତି ବୋଲି ଅନୁଷ୍ଠାନର ପ୍ରତିଷ୍ଠାତା ଦିବଯ ରଞ୍ଜନ ଦାସ ଜଣାଇଛନ୍ତି। ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀର ଏହି ସଫଳତା ପାଇଁ ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜଯଲକ୍ଷ୍ମୀ ଭଞ୍ଜଦେଓ, ବାରିପଦା ପୌର ପରିଷଦ ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଜିଲ୍ଲା ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଜିଲ୍ଲା କ୍ରୀଡ଼ା ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶୁବାଶିଷ ନାୟକ, ଡିଭାଇନ୍ ଅନୁଷ୍ଠାନର ନିର୍ଦ୍ଦେଶକ ବିପ୍ଳବ ଭଞ୍ଜନ ଭୁଗୁଡେଇ, ଏକାଡେମୀର ନିର୍ଦ୍ଦେଶକ ଅମର କୁମାର ସେଠୀ, ଉପଦେଷ୍ଟା ସୋମନାଥ ସିଂହ ଓ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ପ୍ରମୁଖ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

ସୂଚନା

ସମୟ
BHIM
BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି